DIGITAL EDITION

ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୫ Vol. 22 No-25 25 APRIL 2025 FRIDAY BHUBANESWAR ଶୁକ୍ରବାର, ୨୫ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


# Odisha Bhaskar Live
## Presents

# THE VOICE
## CONCLAVE OF IDEAS
27th April, 2025

## When voices unite, ideas find wings and the world begins to change


Explore Bold Insights on Business, Health, Education, Media, Real Estate & Spiritualism

### The Conclave will be Enlighten by



**Shri Dharmendra Pradhan**
(Hon'ble Union Minister for Education)

### Valedictory Session



Chief Guest
**Shri Jitan Ram Manjhi**
(Hon'ble Union Minister for MSME)



Guest of Honour
**Smt. Pravati Parida**
(Hon'ble Deputy Chief Minister of Odisha)

### Along with Inspiring presence of



**Shri Suryabanshi Suraj**
Hon'ble Minister of Higher Education, Sports & Youth Services, Odia Language, Literature & Culture




**Dr. Mukesh Mahaling**
Hon'ble Minister of Health and Family Welfare, Parliamentary Affairs, Electronic and Information Technology




**Shri Prithviraj Harichandan**
Hon'ble Minister of Law, Works and Excise


### Eminent Minds to Contribute




**Tilak Raj Mohanty**
(Founder, TK Digital)




**Ms. Tisca Chopra**
(Bollywood Actress)




**Mr. Aman Gupta**
(Co-Founder Boat, Investor in Sony TV's business reality show Shark Tank India)




**Mr. Rohit Kapoor**
(Co-Founder Swiggy)




**Shri Aniruddhacharya Ji**
(Spiritual leader and Story-Teller, & Founder of Gouri Gopal Ashram)




**Shri Rahul Dev Ji**
(Pandit Hari Dutt Sharma Awardee and Honorary Advisor to the Speaker's Research Initiative, Parliament of India & Managing Trusteeof the Samyak Foundation)




**Padma Shri Alok Mehta**
(Sr Journalist and Author)




**Dr. Vertika Nanda**
(President awardee for Stree Shakti Puraskar and Sr. Journalist)




**Shri Ruben Banerjee**
(Sr Journalist and Author)



**Shri Aakash Ohri**
(Joint Managing Director, DLF)



**Ms Ruby Sinha**
(President of BRICS CCI WE Women's Vertical)



**Binny Advani**
(Moderator)

For Registration, Scan



ଆକ୍ସନ ନେଲେ ଆମେ ସପୋର୍ଟ କରିବୁ | ୬


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଚର୍ଚ୍ଚାରେ ସାରା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୫ Vol. 22 No-25 25 APRIL 2025 FRIDAY BHUBANESWAR ଶୁକ୍ରବାର, ୨୫ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବିହାରର ମଧୁବନୀରୁ ମୋଦୀଙ୍କ ରଣହୁଙ୍କାର

# ଆତଙ୍କୀଙ୍କୁ ମାଟିରେ ମିଶାଇବୁ



- ଭାରତର ଆତ୍ମା ଉପରେ ହୋଇଛି ହମ୍‌ଲା
- କାହାରିକୁ ଛାଡ଼ିବାର ପ୍ରଶ୍ନ ଉଠୁନି
- ଧ୍ୱଂସ ହେବ ଆତଙ୍କୀଙ୍କ ଭୂଖଣ୍ଡ
- ମିଳିବ କଳ୍ପନାଠୁ ବଡ଼ଦଣ୍ଡ

ପାଟନା/ନୂଆଦିଲ୍ଲୀ, ୨୪।୪: ଆତଙ୍କବାଦୀମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିଛନ୍ତି। ରକ୍ତରଞ୍ଜିତ ହୋଇଯାଇଛି ଜାମ୍ମୁକାଶ୍ମୀରର ପହଲଗାମ। ଏହି ଆକ୍ରମଣର ପ୍ରତିଶୋଧ ନେବ ଭାରତ। ଆତଙ୍କୀଙ୍କୁ ମିଳିବ କଳ୍ପନାଠୁ ଆହୁରି ବଡ଼ ଦଣ୍ଡ। ଧ୍ୱଂସ କରାଯିବ ଆତଙ୍କୀଙ୍କ ଭୂଖଣ୍ଡ। କାହାରିକୁ ଛାଡ଼ିବୁନି। ଆତଙ୍କୀଙ୍କୁ ମାରି ମାଟିରେ ମିଶାଇଦେବୁ ବୋଲି ଦୃଢୋକ୍ତି ବାଢିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗୁରୁବାର ପଞ୍ଚାୟତିରାଜ ଦିବସ ଅବସରରେ ବିହାରର ମଧୁବନୀରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମୋଦୀ ଏହା କହିବା ସହ କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ରାଷ୍ଟ୍ରକୁ ଧ୍ୱଂସ କରିବାର ସମୟ ଉପନୀତ। ମୋଦୀ ପ୍ରଥମେ ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ଗତ ୨୨ ତାରିଖରେ ନିର୍ଦ୍ଦୋଷ ଓ ନିରସ୍ତ୍ର ଲୋକମାନଙ୍କୁ ଆତଙ୍କବାଦୀମାନେ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଏଥିପାଇଁ ସାରା ଦେଶ ସ୍ତବ୍ଧ ହେବା ସହ ଦୁଃଖିତ। ସମଗ୍ର ଦେଶ ମୃତକଙ୍କ ପରିବାର ସହ ଛିଡ଼ା ହୋଇଛି। ଆହତମାନଙ୍କ ଚିକିତ୍ସା ଚାଲୁ ରହିଛି। କେନ୍ଦ୍ର ସରକାର ସେମାନଙ୍କର ପୁରା ଯତ୍ନ ନେଉଛନ୍ତି। ଏହି ଆକ୍ରମଣରେ କେହି ତାଙ୍କ ପୁଅକୁ ହରାଇଛନ୍ତି ତ ଆଉ କିଏ ଭାଇକୁ, ପୁଣି କିଏ ଜୀବନସାଥୀଙ୍କୁ ହରାଇଛନ୍ତି। ଏହି ଆକ୍ରମଣ ପର୍ଯ୍ୟଟକମାନଙ୍କ ଉପରେ ନୁହେଁ, ଭାରତର ଆତ୍ମା ଉପରେ ଆକ୍ରମଣ ବୋଲି କହିବା ସହ ଆତଙ୍କବାଦୀଙ୍କୁ ସଂପୂର୍ଣ୍ଣ ନିପାତ କରିବାର ସମୟ ଆସିଯାଇଛି ବୋଲି କହିଥିଲେ। ୧୪୦କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଆତଙ୍କବାଦୀଙ୍କ ମେରୁଦଣ୍ଡକୁ ଭାଙ୍ଗିଦେବାରେ ସମର୍ଥ ହୋଇପାରିବ। ସେମାନଙ୍କୁ ପୁରା ମାଟିରେ ମିଶାଇଦେବୁ ବୋଲି ମୋଦୀ କହିବା ସହ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପରିବାରକୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ ବୋଲି କହିଛନ୍ତି। ସାରା ଦେଶ ଏହି ସଂକଳ୍ପ ଉପରେ ଦୃଢ ରହିଛି। ଭାରତ ପ୍ରତ୍ୟେକ ଆତଙ୍କବାଦୀ ଏବଂ ସେମାନଙ୍କ • ପୃଷ୍ଠା ୫ ଦେଖନ୍ତୁ

### ସର୍ବଦଳୀୟ ବୈଠକ ଶେଷ

## ପ୍ରତିଶୋଧ ପାଇଁ ବଡ଼ ପ୍ରସ୍ତୁତି !



ନୂଆଦିଲ୍ଲୀ, ୨୪।୪: ଗତ ୨୨ ତାରିଖ ଦିନ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କୀଙ୍କ ଗୁଳିରେ ୨୬ଜଣଙ୍କ ଜୀବନ ଯିବା ଘଟଣାକୁ ଭାରତ ସରକାର ଗମ୍ଭୀରତାର ସହ ନେଇଛନ୍ତି। ଏହି କ୍ରମରେ ଗୁରୁବାର ସଂସଦ ଭବନରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ଗୃହସଚିବ, ଆଇବି ମୁଖ୍ୟ ପ୍ରମୁଖ ସାମିଲ ହୋଇଥିଲେ। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବୈଠକ ଚାଲୁ ରହିଥିଲା। ବୈଠକରେ ପାକିସ୍ତାନ ଉପରେ ବଡ଼ ଧରଣର ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଏହି କ୍ରମରେ ବାୟୁସେନା ପକ୍ଷରୁ ସମରାଭ୍ୟାସ ଆରମ୍ଭ ହୋଇଯାଇଛି। ଅମ୍ବାଲା ଓ ହସିମରା ଏୟାରବେସ୍‌ରୁ ଘନଘଡ଼ ଅଭ୍ୟାସ ଚାଲୁ ରଖିଛନ୍ତି • ପୃଷ୍ଠା ୫ ଦେଖନ୍ତୁ

### ପ୍ରଶାନ୍ତଙ୍କୁ ଲୁହ-କୋହରେ ଅନ୍ତିମ ବିଦାୟ

# ପଞ୍ଚଭୂତରେ ବିଲୀନ ପାର୍ଥିବ ଶରୀର



- ସାରା ଗାଁରେ ଶୋକାକୁଳ ପରିବେଶ
- ଶେଷକୃତ୍ୟରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ
- ୨୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା
- ପତ୍ନୀଙ୍କୁ ମିଳିବ ସରକାରୀ ଚାକିରି
- ପୁଅର ପାଠପଢା ଦାୟିତ୍ୱ ନେବେ ସରକାର

ବାଲେଶ୍ୱର/ଭୁବନେଶ୍ୱର, ୨୪।୪ (ଭାସ୍କର ନ୍ୟୁଜ): ଲୁହ ଆଉ କୋହରେ ଭିଜୁଛି ଜନ୍ମମାଟି। ସାରା ଗାଁବାସୀଙ୍କ ଆଖିରେ ଲୁହର ବନ୍ୟା। କୋହ ଆଉ ଶୋକରେ ଶେଷ ହେଲା ଅନ୍ତିମ ସଂସ୍କାର। ପଞ୍ଚଭୂତରେ ବିଲୀନ ହେଲା ପ୍ରଶାନ୍ତଙ୍କ ପାର୍ଥିବ ଶରୀର। ଜାମ୍ମୁକାଶ୍ମୀର ପହଲଗାମର ଆତଙ୍କୀ ଆକ୍ରମଣକୁ ନେଇ ସାରା ଦେଶ ସ୍ତବ୍ଧ ହୋଇଥିବାବେଳେ ଆତଙ୍କୀଙ୍କ ଗୁଳିରେ ଜୀବନ ବଳି ଦେଇଥିବା ବାଲେଶ୍ୱର ଇଶାଣି ଗାଁର ପ୍ରଶାନ୍ତ ଶତପଥୀଙ୍କ ଶେଷକୃତ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ବୁଧବାର ରାତିରେ ତାଙ୍କ ମରଶରୀର ଜାମ୍ମୁକାଶ୍ମୀରରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ପରେ ତାଙ୍କ ଗାଁରେ ମୃତ ଶରୀର ପହଞ୍ଚିବା ପରେ ଶହଶହ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଶାଣି ଗାଁରେ ପହଞ୍ଚି ସ୍ୱର୍ଗତଃ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପାର୍ଥିବ • ପୃଷ୍ଠା ୫ ଦେଖନ୍ତୁ









ବୋଲଗଡ଼(ଭାସ୍କର ନ୍ୟୁଜ୍):ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ନୂଆସାହି ସାଧନ କେନ୍ଦ୍ର ଅନ୍ତର୍ଗତ ନଅଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସଂଯୋଜକ ଚନ୍ଦ୍ର ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ପ୍ରଗତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅମିତା ମିଶ୍ର ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟବକ୍ତା, ଧ୍ରୁବାନନ୍ଦ ନାୟକ, ରଂଜିତା କୁମାରୀ ସାହୁ, ସେକ ଉମର ଫାରୁକ, ରମେଶ ଚନ୍ଦ୍ର ସେଠୀ, ମଞ୍ଜୁବାଳା ବଳିୟାରସିଂହ, ଏଷ୍ଟାବ୍ଲିସମେଣ୍ଟ ଅଧିକାରିଣୀ କେ. ଭି. ଲକ୍ଷ୍ମୀ, ସବିତା ସୁବୁଦ୍ଧି ଓ ପ୍ରକାଶ କୁମାର ସେଠୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶ୍ରେଣୀ ୱାରି ହ୍ୱାଟ୍ସ୍ ଆପ୍ ଗ୍ରୁପ ଗଠନ କରି ଗ୍ରୀଷ୍ମ ଅବକାଶରେ ପିଲାମାନଙ୍କ ନିକଟକୁ ପାଠ ଛାଡିବା, ପ୍ରଦତ୍ତ ପ୍ରଶ୍ନର ଉତ୍ତର ଫର୍ଦ୍ଦକୁ ମୂଲ୍ୟାଙ୍କନ କରିବା, ସେମାନଙ୍କ ସନ୍ଦେହ ମୋଚନ କରିବା, ଶ୍ରେଣୀ ଗୃହରେ ଶିକ୍ଷାଦାନ ବେଳେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା, ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ହାର ବୃଦ୍ଧି ଏବଂ ସମସ୍ତ ସରକାରୀ ସହାୟତା ପହଞ୍ଚାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ । ନିକଟ ଅତୀତରେ ସିଆରସିସି ପଦବୀରୁ ଅବ୍ୟାହତି ନେଇଥିବା ବିଶ୍ୱରଞ୍ଜନ ସେଠୀଙ୍କୁ ମାନପତ୍ର, ଉପହାର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶାନ୍ତନୁ ଶ୍ରୀଚନ୍ଦନ , ଅପର୍ଣ୍ଣ ଅଙ୍ଗ, ଗୌର ଚରଣ ସୁବୁଦ୍ଧି, ବିଶ୍ୱଜିତ ସରୋଜ କୁମାର, ।ଚିତ୍ତରଞ୍ଜନ ସାହୁ ଏବଂ ଶିକ୍ଷୟିତ୍ରୀ ଅନିତା ପ୍ରିୟଦର୍ଶିନୀ, ଶୈବାଳିକା ମଲ୍ଲିକ,ରିତାଞ୍ଜଳି ସାହୁ ଓ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପିଚୁକୁଳି ଲୋକ ଉତ୍ସବ ପ୍ରସ୍ତୁତି ବୈଠକ

ବୋଲଗଡ(ଭାସ୍କର ନ୍ୟୁଜ): ମେ ୯ରୁ ୧୨ ବୋଲଗଡ ବ୍ଲକ ପିଚୁକୁଳି ନୀଳକଣ୍ଠେଶ୍ୱର ଲୋକଉତ୍ସବ ଅନୁଷ୍ଠିତ ହେବ । ଏନେଇ ପ୍ରସ୍ତୁତି ବୈଠକ ନୀଳକଣ୍ଠେଶ୍ୱର ବଣିକ ସଂଘର ସଭାପତି ତଥା ଜିଲା ସମବାୟ ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀଙ୍କ ଆବାହକତ୍ୱରେ ଶିକ୍ଷାବିତ୍ ଗଙ୍ଗାଧର ଜେନାଙ୍କ ଅଧକ୍ଷତାରେ ନିକଟସ୍ଥ ୫ଟି ପଞ୍ଚାୟତର ବୁଦ୍ଧିଜୀବୀ ଓ ଲୋକପ୍ରତିନିଧି ମାନଙ୍କୁ ନେଇ ଅନୁଷ୍ଠିତ ହୋଇଛି। ମହୋତ୍ସବର ବିଭିନ୍ନ କମିଟି ଚୟନ ହୋଇଛି। ଏଥିରେ ଶିକ୍ଷାବିତ୍ ମନୋଜ କୁମାର ଗୁମାନସିଂହ, ଡ. ବିଭୂତି ଭୂଷଣ ଦଳେଇ, ଭାସ୍କର ରାଉତରାୟ,ସୁନିଲ ମହାଖୁଡ, ପ୍ରଫୁଲ୍ଲ କରଣ, ସୁକାନ୍ତ ବ୍ରହ୍ମା,ଫକିର ଚରଣ ସ୍ୱାଇଁ, ଅର୍ଜୁନ ପଟ୍ଟନାୟକ, ସଞ୍ଜୟ ଗୁମାନସିଂହ, ପ୍ରଦୀପ କୁମାର ପାଲଟାସିଂହ, ପରୀକ୍ଷିତ ମାଝୀ,ଦିଲ୍ଲୀପ ମହାପାତ୍ର,ବାସୁଦେବ ବରାଡ, ବୈକୁଣ୍ଠ ସ୍ୱାଇଁ, ବୈରାଗୀ ଛୁଆଲସିଂହ, ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଯୋଧନ ସ୍ୱାଇଁ, ପ୍ରମୋଦ ପ୍ରତାପସିଂହ, ଆଶୋକ ପଟ୍ଟନାୟକ, ଫକିର ଚରଣ ସ୍ୱାଇଁ, ବିମ୍ବା ପରିଡା, ଡ.ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରକାଶ ରଥ, ଅକ୍ଷୟ ଖଟେଇ, ବସନ୍ତ ନାୟକ,ସୁବାସ ଚନ୍ଦ୍ର ଦାଶ,ଦିଲ୍ଲୀପ ପାଇକରାୟ, ବିଜୟ ଗୁମାନସିଂହ, ଅରୁଣ କୁମାର ସାହୁ, ଗୌତମ ଜେନା, ମହୋତ୍ସବ ସଂଯୋଜକ ଶ୍ରୀକାନ୍ତ କୁମାର ନାୟକ,ଭରତ ଶ୍ରୀଚନ୍ଦନ ପ୍ରମୁଖ ରହିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ମହୋତ୍ସବ ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହାକୁ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ ଦଳ ଭାଗ ନେବା ସହ ସ୍ଥାନୀୟ ଅଞ୍ଚଳ କଳା ସଂସ୍କୃତି ପ୍ରଚାର ପ୍ରସାର କରାଯିବ। ଏଥିରେ 'ସ୍ମରଣିକା' ପ୍ରକାଶିତ ହେବ ଏଥିରେ ଆଲେଖ୍ୟ ପଠାଇବା ପାଇଁ ଅନୁରୋଧ କରଯାଇଛି। ସଂପାଦକ ଚିତ୍ତ ରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ସାଇକେଲ ରଖିବାକୁ ନେଇ ମରଣାନ୍ତକ ଆକ୍ରମଣ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅଧିନ ତାରପୁର ଗ୍ରାମର ସୁକାଦୁଲ୍ଲଭ ବାରିକ ମଙ୍ଗଳବାର ନିଜ ସାଇକେଲକୁ ଘର ସାମ୍ନା ଡ୍ରେନ ପାଖରେ ରଖିଥିଲେ। ସେହି ଗ୍ରାମର ସୁଶା ପରିଡା ସେହି ବାଟରେ ଯାଉଥିବା ସମୟରେ ଉକ୍ତ ସାଇକେଲଟିକୁ ଫୋପାଡି ଦେଇଥିଲେ। ଏହାକୁ ନେଇ ଦୁଲ୍ଲଭ ସୁଶାକୁ ପଚାରିବାରୁ ସେ ରାଗି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୋବାଇଲରେ ତା' ସାଥିମାନଙ୍କୁ ଡାକିଥିଲା। ମୋବାଇଲ କଲ ପାଇ ଧରଣୀଧର ମୁଦୁଲି, ଚନ୍ଦନ ଦଳେଇ, ସୁମନ ଦଳେଇ, ପ୍ରତାପ ରାଉତ, ଅକ୍ଷୟ ଦଳେଇ, ତାପନ ରାଉତ, ଦିନା ବାରିକ, ବବ ବାରିକ, ଦୁନା ପରିଡା, କାହ୍ନୁ ସାହୁ ପ୍ରାୟ ୧୦/୧୧ଜଣ ଯୁବକ ଦୁଲ୍ଲଭଙ୍କ ଘର ସମ୍ମୁଖରେ ପହଞ୍ଚି ଭିତରକୁ ପଶିବା ସମୟରେ ତାଙ୍କ ପତ୍ନୀ ମଞ୍ଜୁଲତା ବାରିକ ଅବରୋଧ କରିଥିଲେ। ଉକ୍ତ ଯୁବକମାନେ ମଞ୍ଜୁଲତାଙ୍କୁ ଠେଲି ଘରଭିତରକୁ ପଶି ସାଙ୍ଗରେ ଆଣିଥିବା ଠେଙ୍ଗାରେ



## ଥାନାରେ ଏତଲା ଦେଲେ ପତ୍ନୀ

ଦୁଲ୍ଲଭଙ୍କୁ ପିଟିଥିଲେ ଏବଂ ଭୁଜାଲିରେ ତାଙ୍କ ବେକକୁ ହାଣିଥିଲେ।ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ସେ ତଳେ ପଡିଯାଇଥିଲେ। ମଞ୍ଜୁଲତା ପାଟି କରିବାରୁ ଉକ୍ତଯୁବକ ମାନେ ସେଠାରୁ ପଳାଇବା ସହ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦିଆଯିବ ବୋଲି ଧମକ ଦେଇଥିଲେ। ଦୁଲ୍ଲଭଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ରଘୁନାଥପୁର ମେଡିକାଲକୁ ଅଣାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଅପର ପକ୍ଷରେ ଘଟଣା ସମ୍ପର୍କରେ ବୁଧବାର ମଞ୍ଜୁଲତା ରଘୁନାଥନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି। ଅଭିଯୋଗ ପାଇ ରଘୁନାଥପୁର ପୋଲିସ ତଦନ୍ତକରି ୭୨/୨୫ରେ ଏକମାମଲା ରୁଜକରି ତଦନ୍ତ ଜାରି ରଖିବାସହ ଚନ୍ଦ ଦଳେଇ କୁ ଗିରଫ କରି କୋଟଚାଲାଣ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ପଥର ବୋଝେଇ ଟ୍ରାକ୍ଟର ସହ କମ୍ପ୍ରେସର ଜବତ କଲେ ତହସିଲଦାର

ଚିକିଟି (ଭାସ୍କର ନ୍ୟୁଜ୍): ଏହି ତହସିଲରେ ଚାଲିଥିବା ନିରନ୍ତର ପଥର ଖନନକୁ ଖଣିଜ ବିଭାଗ ଦେଖି ନଦେଖିଲା ଭଳି ଅଭିନୟ କରିଆସୁଥିବା ବେଳେ ଉକ୍ତ ଇଲାକାରୁ କିଛି ନିର୍ଦ୍ଦିଷ୍ଟ ପଥର ମାଫିଆ ପ୍ରତିଦିନ ଶହ ଶହ ଗାଡି ପଥର ଯୋଗାଇ ବେଶ ଲାଭବାନ ହୋଇ ଆସୁଛନ୍ତି। ଇତି ମଧ୍ୟରେ କିଛି ଅଂଚଳରେ ପଥର ମାଫିଆ ମାନେ ଅଳ୍ପକିଛି ଜମିର ପଟା ଦେଖାଇ ଡିପ ଅଂଚଳକୁ ଖାଲ କରି ଚାଷଜମିକୁ ପୁନଃଉଦ୍ଧାର କରିବା ଆଳରେ କେରାଣ୍ଡିମାଳ ପର୍ବତକୁ ପୋଖରୀ କରିସାରିଲେଣି । ଆହୁରି ମଧ୍ୟ କିଛି ଅଂଚଳରେ ଅହରହ ପଥର ଫୁଟାଉ ଥିବା ବେଳେ କୃତ୍ରିମ ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇ ଜନ ବସତିରେ ନିର୍ମିତ ହୋଇଥିବା ପକାଘରରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ସେଭଳି ସ୍ଥିତିରେ ଏହି ମାଫିଆ ମାନେ ଗତ କିଛିବର୍ଷ ହେଲା ରାଜନୈତିକ ଛତ୍ରଛାୟା ତଳେ ରହି ଇନ୍ଦ୍ରଚନ୍ଦ୍ର ନମାନି ନିଜର କାୟା ବିସ୍ତାର କରି ସମସ୍ତ ପାହାଡ଼ ନିଜର ଲୋଲୁପ ଦୃଷ୍ଟିରେ ଧ୍ୱଂସ କରି ସାରିଲେଣି । ଏଭଳି ସ୍ଥିତିରେ କିଛି ଦିନ ହେଲା ସମସ୍ତ ଲଘୁ ଖଣିଜ ପଦାର୍ଥ ଖଣିଜ ବିଭାଗ ଅଧିନସ୍ଥକୁ ହସ୍ତାନ୍ତର ହୋଇ ଯାଇଥିବାବେଳେ ଉକ୍ତ ବିଭାଗ ବ୍ରହ୍ମପୁର ଠାରେ ବସି ନିଜର ସହଯୋଗୀ ମାଫିଆମାନଙ୍କୁ ସୁହାଇଲା ଭଳି ଚଢ଼ାଉ କରିଆସୁଥିବା ବେଳେ ଅନ୍ୟ କିଛି ହାତ ଗଣତି ମାଫିଆଙ୍କୁ ମାଫ କଲାଭଳି ଚଢ଼ାଉ ଜାରି ରଖିଥିବା ଚର୍ଚ୍ଚା ଜୋର ଧରିଛି।



ଏଭଳି ସ୍ଥିତିରେ କିଛି ଦିନ ହେଲା କିଛି ରାଜନୈତିକ ନେତା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଆକ୍ରୋଶ ରେ ବୟାନ ବାଜି କରିଥିବା ପରେ କିଛି ଦିନ ଧରପଗଡ଼ ହୋଇଥିଲା, କିନ୍ତୁ ଏହି ଧରପଗଡ଼ ସମୟରେ ବଡ଼ ବଡ଼ ପଥର ମାଫିଆମାନେ କିଛି ଭିତିରି ରହସ୍ୟ ରଖି ଫୁଲ ପୁଷ୍ପ ଦେଇ ନିଜର ପଥର ଉପରେ ଦାମ ବଢ଼ାଇ ବ୍ୟବସାୟ ଚଳାଇଥିଲେ। ଗତ ଦୁଇଦିନ ତଳେ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁର ସଦଳବଳେ ଗତ ଦୁଇ ଦିନ ତଳେ ପଥର ଚୁରା ଚଲାଲାଣ ହେଉଥିବା ଖବର ଶୁଣି ଚଢ଼ାଉ କରିବା ବେଳେ ଦୁଇ ଟ୍ରାକ୍ଟର ପଥର ସହ ଗୋଟିଏ କମ୍ପ୍ରେସର ଜବତ କରିଛନ୍ତି । ଅନେକ ଦିନ ହେଲା ସ୍ଥାନୀୟ ତହସିଲଦାର ନିଜର ଏନଫୋର୍ସ ଦାୟିତ୍ୱ ତୁଲାଇ ଜବତ କରିଥିବା ପଥର ଗାଡିକୁ ଖଣିଜ ବିଭାଗକୁ ହସ୍ତାନ୍ତର କରିସାରିବା ପରେ ପଥର ମାଫିଆମାନଙ୍କୁ ସୁହାଇଲା ଭଳି ଫାଇନ ପକାଇ ହାତ ଝାଡ଼ି ବସୁଥିବା ବେଳେ ପଥର ମାଫିଆମାନେ ନିଜର ହାତଖର୍ଚ୍ଚ ହିସାବରେ ଫାଇନ ଦେଇ ପୁର୍ନବାର ନିଜର ବ୍ୟବସାୟ ଚଳାଉଥିବା ମଧ୍ୟ ଦେଖିବାକୁ ମିଳୁଛି । ଏ ପୁରା ପ୍ରକରଣକୁ ଦେଖିଲେ ଅଂଚଳରେ ହେଉଥିବା ପଥର ବ୍ଲାଷ୍ଟିଙ୍ଗ, ପଥର ଚୋରା ଚାଲାଣ ସବୁ ଖଣିଜ ବିଭାଗର ଜାଣତରେ ଘଟୁଛି ବୋଲି କେତେକାଂଶରେ ଚର୍ଚ୍ଚା ଜୋର ଧରୁଛି ।

# ଶ୍ରୀଶ୍ରୀ ଲକ୍ଷେଶ୍ୱର ପୀଠରେ ରାମଲୀଳା

ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥ ଫୁଲନଖରା ନିକଟସ୍ଥ ନଖରା ମୌଜାରେ ଥିବା ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ୧୯ ତାରିଖ ଠାରୁ ରାମଚରିତ ମାନସ ଓ ନବାହ୍ନ ପରାୟଣ ୨୭ତାରିଖ ଯାଏଁ ଚାଲୁ ରହିଥିବାବେଳେ ୨୩ତାରିଖ ସନ୍ଧ୍ୟାରେ ରାମଲୀଳା ଆରମ୍ଭ ହୋଇ ଏହା ୫ଦିନ ବ୍ୟାପି ଦୈନନ୍ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରାମଲୀଳା ପରିଚାଳନା ସମିତିର ସଭାପତି ବଂଶୀଧର ଭୋଳଙ୍କ ଅଧକ୍ଷତାରେ ଉଦ୍ଘାଟନୀ ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ପାହାଳ ଥାନା ଆଇ.ଆଇସି ଅଶ୍ୱିନୀକୁମାର ଜେନା ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ଼ର ସଭାପତି ଗୁଣନିଧି ପଟ୍ଟନାୟକ, ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ଯୋଗଦେଇ ଶ୍ରୀରାମ ଲୀଳାରୁ ଅନେକ କଥା ଶିଖିବାର ଅଛି ବୋଲି କହିଥିଲେ । କାନନ ବିହାରୀ ନାୟକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ସମ୍ପାଦକ ପ୍ରଶାନ୍ତକୁମାର ମହାନ୍ତି, ଶଶିଭୂଷଣ ମହାନ୍ତି, କିଶୋରପଟ୍ଟନାୟକ , ବିଚିତ୍ରାନନ୍ଦ ଦଳାଇ,ସୁଧୀର କୁମାର ପଟ୍ଟନାୟକ, ଗୋଲେଖ ଚନ୍ଦ୍ରଜେନା, ଅନିଲ କୁମାର ମହାନ୍ତି, ବଳରାମ ସାହୁ, ଗଗନଚନ୍ଦ୍ର ଭୂୟାଁ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନ ପକ୍ଷରୁ ପୂଜକ ବାଇଧର ପାଢ଼ୀ ଶ୍ରୀରାମ,ଲକ୍ଷ୍ମଣ ଓ ହନୁମାନଙ୍କୁ ପ୍ରଥମେ ଫୁଲଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିବା ପରେ ପରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀକୁମାର ଜେନା, ନୀଳାମ୍ବର ସାହୁଙ୍କ ସମେତ ଫୁଲନଖରା ଓ ବାଲିଅନ୍ତା ଅଂଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାତ୍ର ୧୦ଟା ସମୟରେ ପୁରୁଣା କାଚରାମାଳ ଚନ୍ଦନ ରାମଲୀଳା ସମିତିର କଳାକାରମାନେ ଶ୍ରୀରାମଜନ୍ମ, ବନବାସଲୀଳା ପରିବେଷଣ କରିଥିଲେ। ଏହି ଲୀଳା ଦେଖିବାପାଇଁ ୬୦୦ଲୋକଙ୍କ ସମାଗମ ହୋଇଥିଲା।



# ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ




ରଘୁନାଥପୁର(ଭାସ୍କର ନ୍ୟୁଜ୍): ଗୁରୁବାର ଜାତୀୟ ପଞ୍ଚାୟତରାଜ ଦିବସ ଅବସରରେ ରଘୁନାଥପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟ ପରିସରେ ପଞ୍ଚାୟତ ରାଜଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ,ବିଡିଓ ବିରଞ୍ଚି ନାରାୟଣ ବେହେରା,ଜିପିଓ ସ୍ମାରକ ରଂଜନ ମହାନ୍ତି,ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ ଯୋଗଦେଇ ଜାତୀୟ ପଞ୍ଚାୟତ ରାଜଦିବସ ଉପରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମରେ ସାଦେପୁର ପଞ୍ଚାୟତର ପ୍ରତିମା ବେହେରା, ପୁରଣଓଡପଡାର ପ୍ରଦିପ୍ତ କୁମାର ପଲେଇ, ରେଢୁଆ ପଞ୍ଚାୟତର ଜ୍ୟୋତିରେଖା ଦାସ, ଅଢେଇକୂଳର ରଚନା ଭୋଇଙ୍କୁ ନୂଆ ରାସନକାର୍ଡ ବଣ୍ଟନ ସହିତ ପୁରଣଓଡପଡା, ଜଇଶୋଳ, ରଘୁନାଥପୁର, ରାଢଙ୍ଗ ପଞ୍ଚାୟତ ର ଜିପିଏଲଏଫ୍‌ଙ୍କୁ ମିଶନଶକ୍ତି ବିଭାଗ ଓୟଏଲଏମ୍ ପକ୍ଷରୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ୩ ର ୩୫ଲକ୍ଷ କରି ଟଙ୍କା ପ୍ରଦାନ କରାଯାଇଛି।ଗୋଟିଏ ଜିପିଏଲଫ୍ ପିଛା ୬୦ଲକ୍ଷରୁ ୨୫ ଲକ୍ଷ କରି ଟଙ୍କା ଏମାନଙ୍କୁ ପୂର୍ବରୁ ବଣ୍ଟନ କରାଯାଇ ସାରିଛି। ଏଥିରେ ବ୍ଲକ ଯୋଗାଣ ଅଧିକାରିଣୀ ସନ୍ଦିପା ଦାସ, କ୍ୟାସିୟର ଭବେଶ ଚନ୍ଦ୍ର ବେହେରା, ବିପିସି ଶସାଙ୍କ ଶେଖର ସ୍ୱାଇଁ, ବିପିଏମ୍ ଲିପିକା ଶଡଙ୍ଗୀ, ବିଏଲସି ମିନାରାଣୀ ଦାସ, ତ୍ରିନାଥ ଦାସଙ୍କ ସମେତ ବ୍ଲକ କର୍ମଚାରୀମାନେ ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ମହିଳା ଯୋଗଦେଇ ପୁରୀ ତାଳବଣିଆ ଠାରେ ଆୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜନହିତକର ଯୋଜନା ଗୁଡିକୁ ଆଭାସୀ ମାଧ୍ୟମରେ ଦେଖିଥିଲେ। ସମସ୍ତଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟପେୟ ବ୍ୟବସ୍ଥା ଏଠାରେ କରଯାଇଥିଲା।

# ପଞ୍ଚାୟତିରାଜ ଦିବସ ପାଳିତ

ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଏହି ବ୍ଲକରେ ଆଜି ପଂଚାୟତରାଜ ଦିବସ ପାଳିତ ହୋଇଯାଇଛି । ଏଠାରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦାନ କରିବା ସହ, ତହସିଲଦାର ବିଶ୍ୱରଂଜନ କହଁର,ବିଡିଓ ପ୍ରମୋଦ କୁମାର ନାୟକ,ସହାୟକ ଯନ୍ତ୍ରୀ ଉଦୟନାଥ ପ୍ରଧାନ, ଗୋଷ୍ଠୀ ସହାୟକ ଶିକ୍ଷଧିକାରୀ ନିଗମାନନ୍ଦ ପଣ୍ଡା,ସମ୍ମନିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, ଭାରପ୍ରାପ୍ତ ବ୍ଲକଶିକ୍ଷାଧିକାରୀ ମଧୁସ୍ମିତା ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୁଖ ମଂଚାସୀନ ହୋଇ ଆଭାସୀ ମାଧ୍ୟମରେ ପ୍ରସାର ହେଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦେଖିଥିଲେ। ପରେ ପରେ ଏଠାରେ ଯୋଗାଣ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ରାସନ କାର୍ଡ ବଣ୍ଟନ କରାଯାଇଥିଲା । ଏଥିସହ ଉକ୍ତ ବ୍ଲକର କିଛି ପାରଙ୍ଗମ ଅଧିକାରୀଙ୍କୁ ମୁଖ୍ୟ ଅତିଥି ତଥା ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ସକାଶେ ବହୁ ବ୍ଲକ କର୍ମଚାରୀ ଯୋଗଦାନ କରିଥିଲେ।



# ସାମାଜିକ କଲ୍ୟାଣ ଅଧିକାରୀଙ୍କ ଶୁକ୍ଳି ଛତୁଆ କେନ୍ଦ୍ର ପରିଦର୍ଶନ

କରଞ୍ଜିଆ (ଭାସ୍କର ନ୍ୟୁଜ୍): ଶୁକ୍ଳି ବ୍ଲକ ଅନ୍ତର୍ଗତ ଗମ୍ଭାରିଆପାଳ ଗ୍ରାମରେ ଥିବା ଦ୍ରୁତଗତି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଛତୁଆ ଉତ୍ପାଦନ କେନ୍ଦ୍ର ରହିଛି। ଛତୁଆ ମିଶ୍ରଣ ପ୍ରକ୍ରିୟାକୁ ତନଖି କରିବା ସହ ପରିଦର୍ଶନ କରିଛନ୍ତି ଡିଏସଡବ୍ଲ୍ୟୁ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀଣୀ ଜ୍ୟୋସ୍ନା ମହାନ୍ତି, ଶୁକ୍ଳି ସିଡିପିଓ ରାଜଶ୍ରୀ ମହାପାତ୍ର। ମିଶ୍ରଣ ପ୍ରକ୍ରିୟା ଅତ୍ୟନ୍ତ ଗୁଣାତ୍ମକମାନ ଥିବା ପ୍ରକାଶ କରିଛନ୍ତି ଜ୍ୟୋସ୍ନା ମହାନ୍ତି। ୨୦୧୧ ମସିହା ଠାରୁ ଦ୍ରୁତଗତି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗୁଣାତ୍ମକ ମାନର ଛତୁଆ ଉତ୍ପାଦନ କରାଯାଉଥିବା ଯୋଗୁଁ ଅଞ୍ଚଳରେ ପ୍ରିୟପାତ୍ର ହେଇଥିବା ନେଇ ସାଧାରଣରେ ପ୍ରକାଶ ପାଇଛି। ପ୍ରକାଶ ଥାଉ କି ପୂର୍ବରୁ ଶୁକ୍ଳି ବ୍ଲକ୍ ଦୁଇଗୋଟି ଛତୁଆ ଉତ୍ପାଦନ କେନ୍ଦ୍ରରେ ଛତୁଆ ପ୍ରସ୍ତୁତ ହେଉଥିଲା, କିନ୍ତୁ ପିଏଆଇଟିଡିଏ ଓ ଉପଜିଲ୍ଲାପାଳ ତଦନ୍ତ କରି ମା' ଅମ୍ବିକା ଛତୁଆ କେନ୍ଦ୍ର କୁ ନିମ୍ନମାନର ଛତୁଆ ବଣ୍ଟନ ପାଇଁ ବନ୍ଦ କରିଥିଲେ ଏବଂ ଚାରି ମାସ ହେଲା ସାରା ବ୍ଲକ୍ ଛତୁଆ ଉତ୍ପାଦନ ପାଇଁ ଦ୍ରୁତଗତି ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିଥିଲା ଏବଂ ଚାରିମାସ ହେଲା ସଫଳତାର ସହିତ ଛତୁଆ ଯୋଗାଇ ଆସୁଥିଲା । ପ୍ରତ୍ୟେକ ମାସ ୨୩ ତାରିଖ ଦିନ ଛତୁଆ ପ୍ରସ୍ତୁତ ପାଇଁ ଆବଶ୍ୟକୀୟ ସାମଗ୍ରୀ ମିଶ୍ରଣ ହୋଇଥାଏ । ମିଶ୍ରଣ ଭାଗ ମାପ ଏବଂ ସାମଗ୍ରୀର ମାନ ଠିକ୍ ଅଛି କି ନାହିଁ ତାହାର ତଦାରଖ କରିଥିଲେ ଅଧିକାରୀ ମାନେ । ଦ୍ରୁତଗତି ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି ଏବଂ ପରିବେଶ ଭଲ ଥିବା କହିଛନ୍ତି । ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଣି ଥରେ ମା' ଅମ୍ବିକା ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ଛତୁଆ ପ୍ରସ୍ତୁତ ପାଇଁ ଆଦେଶ ଦିଆଯାଇଥିବା କହିଛନ୍ତି ଜିଲ୍ଲା ଅଧିକାରିଣୀ ଜ୍ୟୋସ୍ନାମୟୀ ମହାନ୍ତି ।



# ସରକାରଙ୍କ ଗ୍ରୀଷ୍ମପ୍ରବାହ ନିୟମକୁ ମାନିଲେନି ବିଇଓ

- ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ପାୱାରହାଉସ ବୁଲିଲେ
- ଢୁ ଢୁ ଖରାରେ ବ୍ୟାରେଜରେ ବଣଭୋଜି କଲେ
- ଅନୁମତି ନେଇନାହାନ୍ତି ଜିଲ୍ଲା ଶିକ୍ଷାଧିକାରୀ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ରାଜ୍ୟରେ ବର୍ତ୍ତମାନ ଜାରୀ ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ରିପୋର୍ଟ ଦାଖଲ କରାଯିବା ପରେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ନେଇ ଏପ୍ରିଲ ୨୩ ତାରିଖ ଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ବନ୍ଦ କରିବା ପାଇଁ ଗତ ମଙ୍ଗଳବାର ସନ୍ଧ୍ୟାରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଖାଲି ଏତିକି ନୁହେଁ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ବିସ୍ତୃତ ଭାବେ ଖବର ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। କିନ୍ତୁ ମାଲକାନଗିରି ଜିଲ୍ଲା ଅଧିନସ୍ଥ ମାଲକାନଗିରି ଗୋଷ୍ଠୀ ଶିକ୍ଷା ବିଭାଗର ଅଧିକାରୀମାନେ ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଭାବେ ଉଲଂଘନ କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଆଜି ମାଲକାନଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ନେତୃତ୍ୱରେ ମାଲକାନଗିରି ବ୍ଲକ ଅଧୀନରେ ଥିବା ମାଲକାନଗିରି ପୌରପରିଷଦ ଏବଂ ବିଭିନ୍ନ ପଞ୍ଚାୟତକୁ ମିଶାଇ ମୋଟ ୨୦ ଟି ପଞ୍ଚାୟତ ଅଧୀନରେ ଥିବା ସ୍କୁଲ ଗୁଡିକରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରୀ ଛାତ୍ର ଏବଂ ସେମାନଙ୍କର କିଛି ଅଭିଭାବକ ମାନଙ୍କୁ ଏକ ଓଡି-୦୨-ଡବ୍ଲୁ - ୭୦୦୩ ନମ୍ବର ରେଜିଷ୍ଟ୍ରେସନ୍ ଥିବା ବସରେ ମାଲକାନଗିରି ଜିଲ୍ଲା ସଦରରୁ ବାହାରି ବାଲିମେଳା ସହରରେ ଥିବା ଜଳ ବିଦ୍ୟୁତ କେନ୍ଦ୍ର ପରିଦର୍ଶନ କରିବା ପରେ ସେଠାରୁ ପ୍ରାୟ ୫ କି.ମି ଦୂରରେ ଥିବା ସୋର୍ଲକୋଣ୍ଡା ବ୍ୟରେଜରେ ପହଁଞ୍ଚି ବଣ ଭୋଜି କରିଥିଲେ। ତେବେ ଉକ୍ତ ବସରେ ଲଗାଆଯାଇଥିବା ବ୍ୟନେରରେ ଉଲ୍ଲେଖ ରହିଛି ଜେ ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ନେତୃତ୍ୱରେ ମାଲକାନଗିରି ବ୍ଲକର(ସିଡବ୍ଲୁଏସ୍ଏନ୍) ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରାଇବା ସହିତ ବଣଭୋଜି କରାଯାଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାରଙ୍କ ଏହି ଯୋଜନାରେ ମାଲକାନଗିରି ଜିଲ୍ଲାର ସବୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ଜାନୁୟାରୀ ଠାରୁ ଡିସେମ୍ବର ମାସ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ କରିଦେଇଥିବା ବେଳେ କେଉଁ କାରଣରୁ ମାଲକାନଗିରି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କ ପକ୍ଷରୁ ସ୍କୁଲ ଛୁଟି ଘୋଷଣା ହେବା ପରେ ସରକାରଙ୍କ ନିୟମକୁ ଅମାନ୍ୟ କରି କର୍ତ୍ତୃପକ୍ଷ ବୁଧବାର ଦିନ ଏହାକୁ ତରବରିଆ ଭାବେ ଏହି କାର୍ଯ୍ୟକ୍ରମ କରିବାକୁ କେଉଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ନେଇଥିଲେ,ତାହାକୁ ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସର୍ବଶିକ୍ଷା ଅଭିଯାନ ବିଭାଗ ପକ୍ଷରୁ ଗତ ୨୧-୪-୨୫ ରିଖରେ ହୋଇଥିବା ଚିଠି ନମ୍ବର -୧୮୨୦ ରେ ଉଲ୍ଲେଖ ରହିଛି ଯେ, ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ବିଭାଗ ନିଜ ନିଜ ବ୍ଲକର ୟୁସି ଆସନ୍ତା ଏପ୍ରିଲ ୨୪/୨୫ ତାରିଖ ସୁଧା ଦେବା ପାଇଁ ନିର୍ଦ୍ଦେଶ ରହିଛି। ହଠାତ ସ୍କୁଲ ଛୁଟି ହୋଇଯିବାରୁ ଏହି ଅନୁଦାନର ୟୁସି ଦେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଯୋଗୁ ଏଭଳି କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର, ଏବିଓ ଗୌରାଙ୍ଗ ସଜନ, ଅଶ୍ୱିନୀ ମାଝୀ, ବିଆରଡି ମହାରଣଙ୍କ ସମେତ କିଛି ଶିକ୍ଷକ, ଅଭିଭାବକ ଏବଂ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଇଓ ଶ୍ରୀ ଧରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,୩/୪ ଦିନ ପୂର୍ବରୁ ଚିଠି କରାଯାଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା। ସ୍କୁଲ ଛୁଟି ପାଇଁ ମୋତେ ଚିଠି ଆସିନି ତେଣୁ ଆମେ ଆଜି ଏହି କାର୍ଯ୍ୟକ୍ରମ କଲୁ ବୋଲି ସେ କହିଥିଲେ।ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସରକାର ଛୁଟି ଘୋଷଣା କରିବା ପରେ ସେମାନେ ଏଭଳି କାର୍ଯ୍ୟକ୍ରମ ବାତିଲ କରିଦେବା କଥା। ଯଦି କେହି ନିୟନକୁ ନମାନି ନିଜ ଇଚ୍ଛାରେ କରିବେ ତାହେଲେ ସେମାନେ ଉତ୍ତରଦାୟୀ ହେବେ। ମୋତେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିଇଓ କିମ୍ବା କେହି ଜଣାଇନାହାନ୍ତି। ଏହି ଘଟଣାର ତଦନ୍ତ କରିବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି।






# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାହାଦୁରନଗର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନୀଳମଣି ସାମଲ ୮୧ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ କଟକ ବଡ଼ମେଡ଼ିକାଲରେ ଗତକାଲି ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାମଲ ଜଗତସିଂହପୁର ଜିଲ୍ଲା ସୁଦୁପୁର ପଞ୍ଚାୟତସ୍ଥିତ ଅନନ୍ତ ସଂସ୍କୃତ ମହାବିଦ୍ୟାଳୟରେ ଇଂରାଜୀ ଶିକ୍ଷକ ଭାବେ ୩୦ ଶିକ୍ଷାଦାନ କରି ସେହିଠାରୁ ୨୦୦୫ ମସିହାରେ ଶିକ୍ଷକତା ଜୀବନରୁ ଅବସର ନେଇଥିଲେ। ସେ ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ଛାତ୍ରଛାତ୍ରୀଙ୍କୁ ନିଜ ପାଖରେ ରଖି ମାଗଣା ଶିକ୍ଷାଦାନ କରି ଯୋଗ୍ୟ କରିପାରିଥିଲେ। ଜଣେ ଜଣାଶୁଣା ଆଦର୍ଶ ଶିକ୍ଷକ ଭାବେ ଜଗତସିଂହପୁର ଜିଲ୍ଲା ଓ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଲାଭ କରିଥିଲେ। ସ୍ୱର୍ଗତ ସାମଲ ବାଲିଚନ୍ଦ୍ରପୁର ଅଞ୍ଚଳର ସାମ୍ବାଦିକ ଉତ୍କଳ କେଶରୀ ସାମଲଙ୍କ ପିତା ତଥା ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ଜାମାତା ଅଟନ୍ତି। ତାଙ୍କ ପରଲୋକ ଗତ ଖବର ପାଇ ବଡ଼ଚଣା ବିଧାୟକ ଅମର ନାୟକ, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, କଂଗ୍ରେସ ନେତା ଅଜୟ କୁମାର ସାମଲ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ସେକ୍ ଅବଦୁଲ ଗନି, ସ୍ଥାନୀୟ ସରପଞ୍ଚ ନୁରଜାନ ବେଗମ, ସମିତି ସଭ୍ୟା ଚନ୍ଦ୍ରକଳା ଜେନା, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ମନ୍ମଥ କେଶରୀ ସାହେବ ରାୟ, ସେକ୍ ରିଆସତ ଅଲ୍ଲି, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହମ୍ମଦ, ପ୍ରଫୁଲ ଦାସ, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ, ସେକ୍ ଜ୍ୟାଉଲ୍ଲା, ପୂର୍ବତନ ବିଜେପି ସଭାପତି ଅଶୋକ କୁମାର ସାମଲ, ପ୍ରାକ୍ତନ ଯୁବକଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ସମାଜସେବୀ ସୁମନ୍ତ କୁମାର ସାମଲ, ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ କୁମାର ସାହାଣୀ, ରଞ୍ଜନ କୁମାର ବଳ, ପ୍ରେସ୍କ୍ଲବ ବାଲିଚନ୍ଦ୍ରପୁର ଉପଦେଷ୍ଟା ଅଜୟ ପ୍ରତାପ ସିଂହ, ଅମରେନ୍ଦ୍ର ସିଂହ, ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ପ୍ରବାସ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ କୁମାର ଦାଶ, ପ୍ରକାଶ କୁମାର ସିଂହ, ବାଲିଚନ୍ଦ୍ରପୁର ପ୍ରେସ୍କ୍ଲବ ସଭାପତି ଆଲୋକ ପ୍ରଧାନ, ସାମ୍ବାଦିକ ଏକାଦଶୀ ସେଠୀ, ସଂଜିତ୍ କୁମାର ସାମଲ, ସତ୍ୟାନନ୍ଦ ମଲ୍ଲିକ, ଦୀଲ୍ଲିପ କୁମାର ସାହୁ, ନିବାରଣ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ଶେଷଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଆଜି ସକାଳୁ ତାଙ୍କ ମରଶରୀର ନିଜ ଗ୍ରାମ ବାହାଦୁରନଗରରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ପରଲୋକ ଗତ ଖବର ପାଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ, ମନୋଜ କୁମାର ପରିଡ଼ା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସାମ୍ବାଦିକ ଉତ୍କଳ କେଶରୀ ସାମଲ ମୁଖାଗ୍ନି ଦେଇଥିଲେ।



### ପୋଲିସ କର୍ମଚାରୀଙ୍କ ଏକ୍ସଟ୍ରା ଡ୍ୟୁଟି ପ୍ରୋତ୍ସାହନ ରାଶି ବୃଦ୍ଧି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଲେ କୃତଜ୍ଞତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଲଠାରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି । ଇନ୍ସପେକ୍ଟରଙ୍କ ପୋଷାକ ଭତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏ.ଏସ୍.ଆଇ ମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ ଟଙ୍କାରୁ ୮୪୦୦ ଟଙ୍କା, ହାବିଲଦାର, କନେଷ୍ଟବଲ ଓ ସିପାହୀ ମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ ଟଙ୍କାରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବୀର ସମାନ ରାଙ୍କର କର୍ମଚାରୀ ଓ ଅଧିକାରୀଙ୍କୁ ମଧ୍ୟ ଏହି ପରିମାଣରେ ଭତ୍ତା ମିଳିବ। ସେହିପରି କନେଷ୍ଟବଲ, ସିପାହୀ ଓ ସମାନ ରାଙ୍କର କର୍ମଚାରୀଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହ ହାବିଲଦାର ଓ ସମାନ ରାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନେଷ୍ଟବଲ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାଙ୍କୁ ଦକ୍ଷତାର ସହ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ସମସ୍ତ ପୋଲିସ ସେବା କର୍ମଚାରୀଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡିଶାକୁ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦେବା ଓ ସମସ୍ତ ପୋଲିସ ଷ୍ଟେସନରେ ଋଓଜ ତୁରନ୍ତ ଗ୍ରହଣ ଏବଂ ସେହି ଋଓଜ ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ପୋଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବୀ ଖାଲି ଥିବାବେଳେ, ଆହୁରି ୧୬, ୦୫୯ଟି ନୂଆ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବୀ ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୋଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ଏହାସହ ପୋଲିସ ବାହିନୀକୁ ଅଧିକ ଦକ୍ଷ କରିବା ପାଇଁ ଅଧିକାରୀ ମାନେ ଅନ୍ୟ ରାଜ୍ୟକୁ ଯାଇ, ସେଠାକାର ପରିଚାଳନା ପଦ୍ଧତିକୁ ଅନୁସରଣ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକ ଆରମ୍ଭରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱାଗତ ଭାଷଣ ଦେବା ସହିତ ନିକଟରେ ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । କନଷ୍ଟେବଲ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସଂପାଦକ କିଶୋର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ୧୧୯୧ କୋଟିର ଅକ୍ଷୟଶକ୍ତି ପ୍ରକଳ୍ପକୁ ସିଙ୍ଗଲ୍ ୱିଣ୍ଡୋ କମିଟିର ଅନୁମୋଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି -୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)ର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଛି। ଏହା ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦେଶ୍ୟରେ ରାଜ୍ୟ ସରକାରଙ୍କ ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି ୯୫.୭ ଏମଡବ୍ଲୁ କ୍ଷମତାର ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ଏମଡବ୍ଲୁ କ୍ଷମତାର ୪ଟି ଭୂମି ଆଧାରିତ ସୌର ଶକ୍ତି ପ୍ରକଳ୍ପ ଓ ୦.୬ ଏମଡବ୍ଲୁ ଏଚକ୍ଷମତାର ପ୍ରଥମ ବ୍ୟାଟେରୀ ଷ୍ଟୋରେଜ୍ ପ୍ରକଳ୍ପ। ଏହି ପ୍ରକଳ୍ପଗୁଡିକମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନା ଗୁଡିକର ସଦବ୍ୟବହାର ହୋଇପାରିବ ତା ସଙ୍ଗେ ସଙ୍ଗେ ରାଜ୍ୟ ଅକ୍ଷୟ ଶକ୍ତି ନୀତି–୨୦୨୨ ଅନ୍ତର୍ଗତ ଲକ୍ଷ୍ୟଗୁଡ଼ିକ ପୂରଣ ପାଇଁ ମଧ୍ୟ ଏହା ସହାୟକ ହେବ। ଏହି ଅବସରରେ ବିଶାଲ କୁମାର ଦେବ, ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୁଞ୍ଜି ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପ ଗୁଡିକର ଠିକ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସଂପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରିଡକୋ, ଓପିଟିସିଏଲ୍, ଓଏଚପିସି ତଥା ବିଦ୍ୟୁତ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଏବଂ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ ଏଜେନ୍ସି ଗ୍ରିଡକୋମାଧ୍ୟମରେ, ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢିଛି ଏବଂ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଏଯାଏଁ, ଅକ୍ଷୟଶକ୍ତି କ୍ଷେତ୍ରରେ ମୋଟ ୧,୭୦୭.୫୬ ମେଗାୱାଟ କ୍ଷମତା ସଂପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାରପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।






ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## ସାମ୍ବିଧାନିକ କ୍ଷମତାକୁ ନେଇ ବିତର୍କ

# ନ୍ୟାୟପାଳିକାଙ୍କ ଉପରେ ମନ୍ତବ୍ୟ ଅଗ୍ରହଣୀୟ

ଭାରତରେ ନ୍ୟାୟପାଳିକା, ସଂସଦ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ କ୍ଷମତାକୁ ନେଇ ଗତ କିଛିଦିନ ହେଲା ବିବାଦ ଓ ବିତର୍କ ମୁଣ୍ଡ ଟେକିଛି। ତାମିଲନାଡୁ ବିଧାନସଭାରେ ପାରିତ ଦଶଟି ବିଧେୟକ (ବିଲ୍)କୁ ସେଠାକାର ରାଜ୍ୟପାଳ ଦୀର୍ଘଦିନ ଧରି ମଞ୍ଜୁରୀ ପ୍ରଦାନ ନକରି ଅଟକାଇ ରଖିବା ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଐତିହାସିକ ନିଷ୍ପତ୍ତି ଶୁଣାଇ ଅଟକିଥିବା ସମସ୍ତ ବିଧେୟକକୁ ଆଇନରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ତାମିଲନାଡୁ ରାଜ୍ୟପାଳଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ଯେକୌଣସି ବିଧେୟକ ଉପରେ ନିଷ୍ପତ୍ତି ନେବାକୁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରିଥିଲେ। ନ୍ୟାୟାଳୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତା (ଧାରା – ୧୪୨) ପ୍ରୟୋଗ କରି ଏହି ନିଷ୍ପତ୍ତି ନେଇଥିଲେ ହେଁ ଏହାକୁ କେନ୍ଦ୍ରକରି ବିବାଦ ଆରମ୍ଭ ହୋଇଯାଇଥିଲା। ସଂସଦର ଉପର ସଦନ ରାଜ୍ୟସଭାର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌ଖଡ଼୍‌ଙ୍କ କେତେକ ମନ୍ତବ୍ୟ ହିଁ ଏହି ବିବାଦକୁ ଅଧିକ ତେଜାଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଉପରେ ପ୍ରଶ୍ନ ଉଠାଇ ଉପରାଷ୍ଟ୍ରପତି କହିଥିଲେ ଯେ, ଦେଶର ସାମ୍ବିଧାନିକ ମୁଖ୍ୟ ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ ନାହିଁ। ନ୍ୟାୟପାଳିକା ବା ସୁପ୍ରିମକୋର୍ଟ 'ସୁପର ପାର୍ଲ୍ୟାମେଣ୍ଟ' ଭୂମିକା ଗ୍ରହଣ କରି କାର୍ଯ୍ୟପାଳିକା (ଏକ୍‌ଜିକ୍ୟୁଟିଭ୍) କ୍ଷମତାରେ ପ୍ରବେଶ କରିପାରିବେ ନାହିଁ। କେବଳ ଧନ୍‌ଖଡ଼୍ ନୁହନ୍ତି, ବିଜେପିର ଅନ୍ୟ ଜଣେ ଦୁଇଜଣ ନେତା ମଧ୍ୟ ଆଉ ପାଦେ ଆଗେଇଯାଇ ସୁପ୍ରିମକୋର୍ଟଙ୍କୁ ନେଇ ଅତ୍ୟନ୍ତ ଗର୍ହିତ ଓ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଝାଡ଼ଖଣ୍ଡରୁ ଲୋକସଭାକୁ ନିର୍ବାଚିତ ସାଂସଦ ନିଶିକାନ୍ତ ଦୁବେ ପ୍ରତିକ୍ରିୟା ରଖି କହିଥିଲେ, ଯଦି ସୁପ୍ରିମକୋର୍ଟ ନିଜେ ଆଇନ ପ୍ରଣୟନ ଦାୟିତ୍ୱ ନିଏ, ତେବେ ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ବନ୍ଦ କରିଦିଆଯିବା ଉଚିତ୍। ପ୍ରଧାନ ବିଚାରପତି ସଞ୍ଜିବ୍ ଖାନ୍ନାଙ୍କୁ ବ୍ୟକ୍ତିଗତ ସ୍ତରରେ ସମାଲୋଚନା କରି ଦେଶରେ 'ଗୃହଯୁଦ୍ଧ' ପାଇଁ ସେ ଦାୟୀ ବୋଲି ମନ୍ତବ୍ୟ ଦେଇଥିଲେ। ସେହିପରି ଉତ୍ତରପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା "କେହି ରାଷ୍ଟ୍ରପତିଙ୍କୁ ଚ୍ୟାଲେଞ୍ଜ କରିପାରିବେ ନାହିଁ, କାରଣ ସେ ସର୍ବୋଚ୍ଚ" ବୋଲି ମତ ରଖିଥିଲେ। ଦେଶରେ ନ୍ୟାୟିକ ବ୍ୟବସ୍ଥାର ଶୀର୍ଷ ସ୍ଥାନରେ ଥିବା ସୁପ୍ରିମକୋର୍ଟଙ୍କ ପ୍ରତି ଏଭଳି ପ୍ରତିକୂଳ ମନ୍ତବ୍ୟ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରାଜ୍ୟସଭା ସଦସ୍ୟ ତଥା ଆଇନଜୀବୀ କପିଳ ସିବଲ୍ ସୁପ୍ରିମକୋର୍ଟଙ୍କ ଅଧିକାର ସପକ୍ଷରେ ଯୁକ୍ତି ବାଢ଼ିବାକୁ ଆଗେଇ ଆସିଥିଲେ। ବିଜେପି ଏହାର ଦୁଇନେତାଙ୍କ ବିବାଦୀୟ ମନ୍ତବ୍ୟକୁ ସେମାନଙ୍କ 'ବ୍ୟକ୍ତିଗତ ମତ' ବୋଲି ଉଲ୍ଲେଖ କରିବା ସହିତ ନିଜକୁ ସେଥିରୁ ଦୂରେଇ ରଖିଛି। ମାତ୍ର ଉପରାଷ୍ଟ୍ରପତି ଧନ୍‌ଖଡ଼୍ ମଙ୍ଗଳବାର ଦିନ ଦ୍ୱିତୀୟ ଥର ପାଇଁ ନ୍ୟାୟପାଳିକା ଅଧିକାର ନେଇ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ ସଂସଦ ହିଁ ସବୁଠାରୁ ଉର୍ଦ୍ଧ୍ୱରେ ବୋଲି କହିଛନ୍ତି। ସଂସଦ ଉପରେ ଆଉ କାହାର ଅଧିକାର ନରହିବା ଉଚିତ୍ ବୋଲି ସେ ପୂର୍ବମତର ପୁନରାବୃତ୍ତି କରିଛନ୍ତି। ଏହିସବୁ ବୟାନବାଜିରୁ ସ୍ପଷ୍ଟ ହେଉଛି ଯେ, ରାଷ୍ଟ୍ରପତି, ସଂସଦ ଓ ସୁପ୍ରିମ୍ କୋର୍ଟଙ୍କ କ୍ଷମତାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ନିକଟ ଭବିଷ୍ୟତରେ ଥମିବ ନାହିଁ। ସାମ୍ବିଧାନିକ ବିଧି ବିଧାନକୁ ସମ୍ମାନ ଦେଇ ପ୍ରତ୍ୟେକ ସଂସ୍ଥା ନିଜ ନିଜର ଲକ୍ଷ୍ମଣରେଖା ମଧ୍ୟରେ ରହିବା ଏ କ୍ଷେତ୍ରରେ ବିଜ୍ଞତାର କାର୍ଯ୍ୟ ହେବ।

# ଶକ୍ତି ନାହିଁ ବସ୍ଥ କାହାରି ଜଗତେ...



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ସାରାଦେଶରେ ଗ୍ରୀଷ୍ମର ପ୍ରକୋପ। ସତେଯେମିତି ନିଆଁ ବର୍ଷୁଛି। ଗତ ଫେବୃୟାରୀ ଠାରୁ ଆରମ୍ଭ ହୋଇଯାଇଛି ଗ୍ରୀଷ୍ମ ପ୍ରବାହ। ଘରୁ ପଦାକୁ ବାହାରିଲା ମାତ୍ରେ ମୁଣ୍ଡଫଟା ଖରା ଗ୍ରୀଷ୍ମ ପ୍ରବାହରେ ଜର୍ଜରିତ ହେଉଛି ଜୀବନ। ଅଂଶୁଘାତ ନେଉଛି ଜୀବନ। ଲୋକମାନେ ଭାବିବାକୁ ବାଧ୍ୟ ହେଉଛନ୍ତି ଏହି ଅସ୍ୱାଭାବିକ ପରିବର୍ତ୍ତନ ଦେଖି। ନୂଆଦିଲ୍ଲୀ ଠାରୁ ଆରମ୍ଭ କରି ଅଧିକାଂଶ ରାଜ୍ୟରେ ଅଂଶୁଘାତର ଭୟ ଦିନକୁ ଦିନ ବଢିବାରେ ଲାଗିଛି। ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡିନି। ଅଂଶୁଘାତ ଜନିତ ମୃତ୍ୟୁ ଆମ ରାଜ୍ୟରେ ମଧ୍ୟ ଇତିହାସ ପୁଣି କଡ ଲେଉଟାଇଛି। ୧୯୯୮ର ଅଂଶୁଘାତ ମରଣ ପୁଣି ଫେରିଛି। ହଠାତ୍ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭକ୍ତକବି ମଧୁସୂଦନ ରାଓଙ୍କ ଛଅଋତୁ ଗୀତ ଆଜି ଅତୀତ। ଋତୁ ଚକ୍ରରେ ପରିବର୍ତ୍ତନ ଘଟିଲାଣି। ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ। ଶୀତର ପ୍ରଭାବ ଢେର କମି ଗଲାଣି। ଗରମ ପୋଷାକ ଆଗଭଳି ଦରକାର ପଡୁନି, ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି। ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ। କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ। ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ। ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି। କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା। ସବୁଠି ହା-ହୁତାଶମୟ ପରିବେଶ।

ଅଳ୍ପଦିନ ତଳର କଥା ଆକାଶରୁ ଖରା ତ ନୁହେଁ ସତେ ଯେମିତି ନିଆଁ ହୁଳା ଖସୁଥିଲା। ସତେ ଯେମିତି ଯମଦୂତ ସାଜି ଖରା ଆସିଥିଲା। କାହାକୁ ମରଣ ମୁହଁକୁ ଟାଣିନେଲା ତ ଆଉ କାହାକୁ କଲବଲ କଲା। ଦୁଇମାସ ହେବ ରାଜ୍ୟରେ ପ୍ରଚଣ୍ଡ ଖରା ଯୋଗୁ ଆଉଟ ପାଉଟ ହେଉଛି ଜୀବନ କିଛିଦିନ ତଳେ ଦିଲ୍ଲୀର ସର୍ବୋଚ୍ଚ ତାପମାତ୍ର ୫୨.୯ଡିଗ୍ରୀ ରେକର୍ଡ କରାଯାଇଥିଲା ଯାହା ଦେଶର ସର୍ବୋଚ୍ଚ ତାପମାତ୍ରା। ସେହିପରି ଆମ ଦେଶରେ ଗତବର୍ଷ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ଥିଲା। ଏପରିକି ପଞ୍ଜାବ ହରିୟାଣାରେ ତାପମାତ୍ରା ୪୭ ଡିଗ୍ରୀ ଉପରେ ଥିଲା। ସେହିପରି ଆମ ରାଜ୍ୟର ତାପମାତ୍ରା ମଧ୍ୟ ଅନୁରୂପ ଭାବେ ଅଧିକ ଥିଲା। ଏପରିକି ଦୈତନଗରୀ କଟକ ଓ ଭୁବନେଶ୍ୱର ମଧ୍ୟ ତାତିର ପ୍ରକୋପରୁ ରକ୍ଷା ପାଇପାରିନଥିଲା। ୨୦୨୩ ମସିହା ଥିଲା ଭାରତରେ ଦ୍ୱିତୀୟ ଉଷ୍ଣତମ ବର୍ଷ। କିନ୍ତୁ ଚଳିତ ବର୍ଷ ତାପମାତ୍ରା ବୃଦ୍ଧି ଚିନ୍ତା ବଢାଇ ଦେଇଛି। ତାପମାତ୍ରା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଉପକୂଳ ଓଡ଼ିଶା ଆଭ୍ୟନ୍ତରୀଣ ଓଡିଶାରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି। କମୁନି ତାତିର ପ୍ରଭାବ। ଦେହ ହାତ ପୋଡିଗଲାଭଳି ଲାଗୁଛି। ୧୯୯୮ ମସିହାରେ ଅଂଶୁଘାତ ଜନିତ ମୃତ୍ୟୁ କୋକୁଆ ଭୟ ସୃଷ୍ଟି କରିଥିଲା ପାଖାପାଖି ୨୦୦୦ ଲୋକଙ୍କ ପ୍ରାଣ ନେଇଥିଲା ଅଂଶୁଘାତ। ସେହିପରି ୨୦୦୫ ମସିହାରେ ପୁଣି ଥରେ ଅଂଶୁଘାତ ମୃତ୍ୟୁ ହୋଇଥିଲା। ଏଥର ଓଡିଶାରେ ଅଂଶୁଘାତ ମୃତ୍ୟୁ ୨୪୦ ଥିଲା। ୨୦୦୯ରେ ମଧ୍ୟ ଅଂଶୁଘାତର ଭୟ ଗୋଡାଇଥିଲା ମଧ୍ୟ। ଚଳିତ ବର୍ଷ ମଧ୍ୟ ଅଂଶୁଘାତ ଜନିତ ମୃତ୍ୟୁ ବଢିଚାଲିଛି ଯାହାକି ମୁଣ୍ଡବିନ୍ଧାର କାରଣ ପାଲଟିଛି।

ଏହାକୁ ଦେଖି ପରିବେଶବିତ୍‌ମାନେ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱତାପନ ଏଥିପାଇଁ ଦାୟୀ ବୋଲି କହୁଛନ୍ତି। ସେଥିପାଇଁ ଜଳବାୟୁରେ ଋତୁଚକ୍ରରେ ଅସ୍ୱଭାବିକ ପରିବର୍ତ୍ତନ ଘଟୁଛି। ସେହିପରି ସବୁଜଗୃହ ବାଷ୍ପ ଜୀବାଶ୍ମ ଇନ୍ଧନରୁ ଅଧିକ ପରିମାଣର ନିର୍ଗତ ହୋଇ ବାୟୁମଣ୍ଡଳକୁ ଯାଉଛି। ଯାହା ଉତ୍ତାପକୁ ବୃଦ୍ଧି କରୁଛି ଓ ଜଳବାୟୁରେ ପରିବର୍ତ୍ତନ ଘଟୁଛି। ଏଥରସହିତ ସହରାଞ୍ଚଳରେ କଂକ୍ରିଟ୍ ଜଙ୍ଗଲ, ଯାନବାହନ ଚଳାଚଳ ଓ ଶୀତତାପ ଯନ୍ତ୍ରର ବହୁଳ ବ୍ୟବହାର ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଜଳବାୟୁ ପରିବର୍ତ୍ତନ ଯେଉଁ ହାରରେ ହେଉଛି ସେଥିରୁ ତାପମାତ୍ରା କମିବ ବୋଲି ମନେହେଉନି। ଫଳରେ ଆଗକୁ ହୁଏତ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଅଧିକା ହୋଇପାରେ ବୋଲି ଆଶଙ୍କା କରାଯାଉଛି। ବୈଜ୍ଞାନିକମାନଙ୍କ ମତରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ତାପମାତ୍ରାରେ ଏପରି ଅସ୍ୱଭାବିକ ପରିବର୍ତ୍ତନ ଦେଖାଯାଉଛି। ଭାରତ ଭଳି ଦେଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି ଉପରେ ବି ପଡୁଛି। ଆଗକୁ ଏହି କ୍ଷେତ୍ର ଅଧିକ କ୍ଷତିଗ୍ରସ୍ତ ହେବ। ଏପରିକି ଖାଦ୍ୟଶୃଙ୍ଖଳ ପ୍ରଭାବିତ ହେବା ଆଶଙ୍କୁ ମଧ୍ୟ ଏଡାଇ ହେବନି।

ସକାଳ ୭ଟାରେ ଏବେ ତାତି ୩୦ ଡିଗ୍ରୀ ପାର୍ ମଧ୍ୟାହ୍ନରେ ତାତି ୪୫ ଡିଗ୍ରୀ ଉପରେ ଏପରି ଅବସ୍ଥାରେ ଜୀବଜଗତ କଲବଲ। ପଙ୍ଖା ଖୋଲିଦେଲେ ବାହାରୁଛି ଗରମ ପବନ। ମୌସୁମୀ ଆଗମନରେ ତାପମାତ୍ରା କମିବାର ଆଶା ଥିଲେ ମଧ୍ୟ ଜଳବାୟୁରେ ଆର୍ଦ୍ରତା ଏହାକୁ କେତେ କମାଇ ପାରିବ ତାହା କହିହେବନି। ବଦଳି ଯାଇଛି ଋତୁଚକ୍ର। ସୂର୍ଯ୍ୟଙ୍କ ତାପମାତ୍ରାରେ ମଧ୍ୟ ଅହେତୁକ ବୃଦ୍ଧି ପାଉଛି। ଏହାର କାରଣ ହେଉଛି ବିଶ୍ୱତାପନ। ଯେଉଁଭଳି ଭାବେ ଜଙ୍ଗଲ କ୍ଷୟ ଓ ପ୍ରକୃତିର କ୍ଷତି କରାଯାଉଛି ତାହାର ଫଳ ଆଜି ଆମେ ଭୋଗୁଛେ। ଗୋଟିଏ ପଟେ ଜନସଂଖ୍ୟା ବଢୁଥିବାବେଳେ ଅଣ୍ୟପଟେ ଦ୍ରୁତସହରୀକରଣ ମଧ୍ୟ ବୃଦ୍ଧି ପାଉଛି। ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ କାହିଁ କେଉଁ ଯୁଗରୁ ଠିଆ ହୋଇଥିବା ମହାଦ୍ରୁମକୁ ଆମେ କାଟି ଚାଲିଛେ। କେବଳ ସେତକି ନୁହେଁ ମାଟିକୁ ପୋତି ଚାରିଆଡ଼େ ସୃଷ୍ଟି କରୁଛେ କଂକ୍ରିଟ ଜଙ୍ଗଲ। ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରିବା ପାଇଁ ସ୍ଥିର କରିଥିଲା। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା। ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ। ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ। ଫଳସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି। ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ। କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି। ଏହାର ଜ୍ଞାନ ହୋଇଛି। ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି। କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି। କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ। ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡ଼କ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା। ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ। କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ। ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ। ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ। ସେହିପରି ଅଳ୍ପ କିଛିଦିନ ତଳେ ମାର୍ଚ୍ଚ ୨୮ରେ ମିଆଁମାରରେ ପ୍ରବଳ ଭୂକମ୍ପ ଯୋଗୁ ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମୃତକଙ୍କ ସଂଖ୍ୟା ପ୍ରାୟ ୩୭୫୪ ଥିଲା। ଭୂକମ୍ପ ପ୍ରହାରର ପ୍ରକୋପ ଜନଜୀବନକୁ ଦୋହଲାଇ ଦେଇଥିଲା। ଏଥିରୁ ପ୍ରକୃତିର ପ୍ରକୋପ ଆଗରେ ମଣିଷ ଯେ କେତେ ଅସହାୟ ତାହା ସମସ୍ତେ ଅନୁଭବ କରିଛନ୍ତି। ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ପ୍ରକୃତିର ପ୍ରକୋପ ପାଖରେ ଏହାକୁ ନିଜ ଇଚ୍ଛାରେ ରଖିବା ମଣିଷ ପାଇଁ ଏକ ଦୂରୁହବ୍ୟାପାର।

ଚିକିତ୍ସା ବିଜ୍ଞାନ ଅନୁସାରେ ଅଂଶୁଘାତରେ ଆକ୍ରାନ୍ତ ହେଲେ ସାଧାରଣତଃ ଶରୀରର ତାପମାତ୍ରା ୧୪୦ ଡିଗ୍ରୀ ଫାରେନ୍‌ହାଇଟ୍ ପର୍ଯ୍ୟନ୍ତ ବୃଦ୍ଧିପାଇପାରେ। ପ୍ରବଳ ମୁଣ୍ଡବିନ୍ଧା ସାଙ୍ଗକୁ ଚେତା ହରାଇବାର ଆଶଙ୍କା ଥାଏ। ଏହାର ଆଉ ଏକ ଲକ୍ଷଣ ହେଉଛି ଶରୀରୁ ଜଳୀୟ ଅଂଶ ଶୁଖିଯିବା। ଆଉ କିଛି ଲୋକଙ୍କ ଠାରେ ଶ୍ୱାସକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଅଂଶୁଘାତ ଆକ୍ରାନ୍ତ ଯୋଗୁଁ ହୃଦ୍‌ସ୍ପନ୍ଦନ ହାର ଅଚାନକ ବଢିଯାଇଥାଏ। ତୁରନ୍ତ ଚିକିତ୍ସା କରାନଗଲେ ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିର ମୃତ୍ୟୁର ଆଶଙ୍କା ଥାଏ। ଏଭଳି ପରିସ୍ଥିତିରେ ଆମକୁ ଅଂଶୁଘାତ ଜନିତ ମାର୍ଗଦର୍ଶିକାକୁ ମାନିବାକୁ ପଡିବ। ଜରୁରି କାମ ନଥିଲେ ଘରୁ ପଦାକୁ ବାହାରିବା ମନା। ବାହାରକୁ ଗଲେ ସାଙ୍ଗରେ ପାଣିବୋତଲ, ଛତା, ଓଦାଗାମୁଛା ନେବାକୁ ହେବ। କାରଣ ଆମ ସଚେତନତା ହିଁ ଆମ ପାଇଁ ସତର୍କତା। ଆମ ଜୀବନର ସୁରକ୍ଷା ଆମ ହାତରେ। ଏକଥା ମନେରଖିବାକୁ ହେବ। କବିବର ରାଧାନାଥଙ୍କ ଭାଷାରେ- ଶକ୍ତି ନାହିଁ ବସ୍ଥ କାହାରି ଜଗତେ, ନୟତିକୁ ନେବ ନିଜ ଇଚ୍ଛାମତେ।

# ବିହାର ରାଜନୀତି



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଚଳିତ ବର୍ଷ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକି ଥିବାବେଳେ ବର୍ତ୍ତମାନ ଠାରୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ଉଭୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟ ନିଜ ନିଜ ମଧ୍ୟରେ ବୁଝାମଣା ଆରମ୍ଭ କରିଦେଇଥିବା ଲକ୍ଷ୍ୟ କରାଯାଇଛି। ବିଶେଷ କରି ଗତ ସାଧାରଣ ନିର୍ବାଚନରେ ଶାସକ ବିଜେପି ଆଶାତୀତ ସଫଳତା ପାଇନଥିବା ବେଳେ ମହାରାଷ୍ଟ୍ରରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ସହ କ୍ଷମତାସୀନ ହେବା ଏବଂ ହରିଆନାରେ କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହେବା ପରେ ବିହାର ଦଖଲ ଅଭିଯାନକୁ ଦଳ ଏବେ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦଳର ବହୁ ବରିଷ୍ଠ ନେତା ଇତିମଧ୍ୟରେ ରାଜ୍ୟକୁ ବାରମ୍ବାର ଗସ୍ତ କରି ବହୁ ପ୍ରସ୍ତାବିତ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ବହୁ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା ମଧ୍ୟ କରିଛନ୍ତି। କେବଳ ଏତିକି ନୁହେଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ, ଚିରାଗ ପଶ୍ୱାନଙ୍କ ଏଲ୍‌ଜେପି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମାନଝୀଙ୍କ ଗୋଷ୍ଠୀ ସହ ମେଣ୍ଟ କରି ବିଜେପି ନିର୍ବାଚନ ଲଢିବ ଏବଂ ନୀତିଶ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ନେଇ ସଂକେତ ଦେଇସାରିଲେଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ପୂର୍ବରୁ ମେଣ୍ଟରେ ବିଜେପି ଦୁଇନମ୍ବର ଦଳ ଭାବେ ବିବେଚିତ ହୋଇଥିବା ବେଳେ ଗଲା ବିଧାନସଭା ନିର୍ବାଚନରେ (ଜେଡିୟୁ)କୁ ପଛରେ ପକାଇ ମେଣ୍ଟରେ ଏକ ନମ୍ବର ସ୍ଥାନ ଦଖଲ କରିଛି। ଆସନ୍ତା ନିର୍ବାଚନରେ ଏନଡିଏ ବିଜୟୀ ହେବା ନେଇ ବିଜେପି ଦୃଢ ଆଶାବାଦୀ। ତେବେ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପିର ବହୁ ତୁଙ୍ଗ ନେତା ଆଶାୟୀ ଥିବା ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସଂକେତ ଦେଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ନୀତିଶ କୁମାରଙ୍କ ନାମ ବିଜେପି କେନ୍ଦ୍ରୀୟ ନେତାମାନେ ଘୋଷଣା କରିଥିବା ସତ୍ତ୍ୱେ ନିର୍ବାଚନରେ ଦଳ ଯଦି ମେଣ୍ଟରେ ସର୍ବବୃହତ ଅଂଶୀଦାରର ମର୍ଯ୍ୟାଦା ବଜାୟ ରଖେ, ତେବେ ମହାରାଷ୍ଟ୍ର ଘଟଣାର ପୁନରାବୃତ୍ତି ଘଟିବା କିଛି ଅସମ୍ଭବ ନୁହେଁ। କହିବା ବାହୁଲ୍ୟ ଯେ, ନିର୍ବାଚନ ପୂର୍ବରୁ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଧେଙ୍କ ନାମ ଘୋଷଣା କରିଥିବାବେଳେ ନିର୍ବାଚନ ପରେ ଦଳ ଦେବେନ୍ଦ୍ର ଫଡନାବିଶ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ସିନ୍ଧେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏବେ ବୟସାଧିକ ଓ ସ୍ୱାସ୍ଥ୍ୟଗତ କାରଣରୁ ନୀତିଶଙ୍କ ନେତୃତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆରଜେଡି କ୍ଷମତା ଠାରୁ ଅଳ୍ପ ବ୍ୟବଧାନରେ ରହିଯାଇଥିବା ବେଳେ ଏଥର ସହଯୋଗୀଙ୍କୁ ନେଇ କ୍ଷମତା ଦଖଲ ପାଇଁ ଦଳ ଗୋଟି ଚାଳନା କରୁଥିବା ମନେହୁଏ। ତେଜସ୍ୱୀ ଯୁବଗୋଷ୍ଠୀଙ୍କୁ ଏକତ୍ରିତ କରି ନିର୍ବାଚନ ବୈତରଣୀ ପାର ହେବା ଲାଗି ଯୋଜନାରେ ଲାଗି ପଡିଛି। ତେଜସ୍ୱୀ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ସଭା, ସମିତିରେ ଯୋଗ ଦେଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କହ୍ନେଁୟା କୁମାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମାବେଶ ଓ ପଦଯାତ୍ରା କରିବା ଉଲ୍ଲେଖନୀୟ ଘଟଣା। କହ୍ନେଁୟା କୁମାରଙ୍କୁ କଂଗ୍ରେସ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛି। ମହାମେଣ୍ଟକୁ ସକ୍ରୀୟ କରାଇଥିବା ସତ୍ତ୍ୱେ ଆସନ ବୁଝାମଣା ନେଇ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଏବେ ବି ସଂଶୟ ଲାଗି ରହିଛି। ଶେଷ ମୁହୂର୍ତ୍ତରେ ଆସନ ବଣ୍ଟନ କରି କମ୍ ଆସନ ଆରଜେଡି ଦେଇପାରେ ବୋଲି ଉଭୟ କଂଗ୍ରେସ ଓ ବାମପନ୍ଥୀ ମେଣ୍ଟ ଆଶଙ୍କା ପ୍ରକାଶ କରିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୦ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନ ପାଇଥିବାବେଳେ ବାମପନ୍ଥୀ ଦଳଗୁଡିକ ୧୯ଟି ଆସନରେ ଲଢି ୧୨ଟି ଆସନ ହାତେଇ ଥିଲେ। କଂଗ୍ରେସର ଆସନ ସଂଖ୍ୟା ହ୍ରାସ ପାଇବା ଏବଂ ବାମପନ୍ଥୀ ଦଳଗୁଡିକ ଅଧିକ ଆସନ ଦାବି କରିବା ନେଇ ଚର୍ଚ୍ଚା ହେଉଛି। ତେବେ ନିର୍ବାଚନ ସମୟ ପାଖେଇଲେ, ଏହା ସ୍ପଷ୍ଟ ହୋଇଯିବ। ସେହିପରି ଚିରାଗଙ୍କ ଦାଦା ପଶୁପତି ପାରସଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ଏଥର ଏନଡିଏ ହାତ ଛାଡିଥିବାବେଳେ ପ୍ରଶାନ୍ତ କିଶୋରଙ୍କ 'ଜନସୂରାଜ' ଦଳ କେତେଦୂର ବିଜେପିର ସଫଳତାକୁ ପ୍ରତିହିତ କରିବ, ନିର୍ବାଚନରେ ପ୍ରଭାବ ପକାଇବ, ତାହା ଫଳାଫଳ ହିଁ କହିବ କିନ୍ତୁ ରାଜନୈତିକ ମନ୍ଥନ ଚଳିତ ବିହାର ବିଧାନସଭା ନିର୍ବାଚନକୁ ଯେ ସରଗରମ କରିବ, ଏଥିରେ ସନ୍ଦେହ ନାହିଁ।

# ଓଡ଼ିଆ ପକ୍ଷ ପାଳନ କରିବାର ପ୍ରାସଙ୍ଗିକତା



ପ୍ରଦୀପ୍ତ କୁମାର କର
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ : ୯୮୬୧୦୭୫୪୦୪

ଓଡ଼ିଆ ସ୍ୱାଭିମାନ ଏବଂ ଓଡ଼ିଆ ଜାତୀୟତାବୋଧ ଆମ ଓଡ଼ିଆଙ୍କ ମନରେ ଜାଗ୍ରତ କରିବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ପ୍ରଥମ ଥର ପାଇଁ 'ଓଡ଼ିଆ ପକ୍ଷ' ପାଳନ ଆରମ୍ଭ କରିଛନ୍ତି। ଏହା ଏକ ସୁନ୍ଦର ପ୍ରୟାସ ଓ ଆମ ଓଡ଼ିଶାବାସୀଙ୍କ ମନରେ ଆମେ ପ୍ରତ୍ୟେକ ଓଡ଼ିଆ ଏକ ଡୋରୀରେ ବନ୍ଧା ଓ ଆମର ପ୍ରିୟ ଦେବତା ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ବୋଲି ଏକ ସୁନ୍ଦର ସନ୍ଦେଶ ଯାଉଛି। ଶିଶୁଟି ନିଜ ଜାତିର ସଂସ୍କୃତିକୁ ନିଜ ପରିବାରରୁ ହିଁ ଶିକ୍ଷାଗ୍ରହଣ କରିଥାଏ। ସେହିପରି ଆମର ଜାତୀୟତାବୋଧ, ରାଷ୍ଟ୍ରପ୍ରୀତି, ନିଜ ମାତୃଭାଷା ପ୍ରତି ମମତାକୁ ମଧ୍ୟ ନିଜ ପରିବାରରୁ ହିଁ ଶିଖିଥାନ୍ତି। ଓଡ଼ିଶାର ଶେଷ ରାଜା ମୁକୁନ୍ଦ ଦେବଙ୍କ ପରେ ପରେ ଓଡ଼ିଶାର ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି ହରାଇ ବସିଲା। ଏହା ବିଭିନ୍ନ ଶାସକ ଯଥା ମରାଠା, ମୋଗଲ ଓ ଇଂରାଜୀ ଶାସକ ମାନଙ୍କ ଦ୍ୱାରା ଅନେକ ବର୍ଷ ଧରି ଶାସିତ ହୋଇ ଆଉ ଆଶାନୁରୂପକ ଉଠିପାରିଲା ନାହିଁ। ତେବେ ସେହି ସମୟର କିଛି ଓଡ଼ିଶାର ଯୁଗ ପୁରୁଷଙ୍କ ଆତ୍ମବଳି ହୁ ଦାନରେ ଶେଷରେ ୧୯୩୬ ଏପ୍ରିଲ ପହିଲାରୁ ବଙ୍ଗଳା ପ୍ରୋଭିନ୍ସରୁ ଅଲଗା ହୋଇ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଗଲା ଓ ଏହା ହେଲା ଭାରତର ପ୍ରଥମ ଭାଷା ଭିତ୍ତିକ ପ୍ରଥମ ରାଜ୍ୟ। କିନ୍ତୁ ବଡ ଦୁଃଖର ବିଷୟ ଏହି ଯେ ସ୍ୱାଧୀନତାର ଦୀର୍ଘ ୭୮ବର୍ଷ ପରେ ମଧ୍ୟ ଏହା ଏକ ସ୍ୱତନ୍ତ୍ର ବିକଶିତ ରାଜ୍ୟସ୍ତରରେ ପହଞ୍ଚି ପାରିନାହିଁ। ଆମ ରାଜ୍ୟ ପ୍ରାକୃତିକ ସମ୍ପଦରେ ଭରା, ଖଣିଜ ପଦାର୍ଥରେ ଅଫୁରନ୍ତ ଉତ୍ସ, ବନ୍ୟ ଜାତ ଦ୍ରବ୍ୟର ଅଭାବ ନାହିଁ, ପର୍ଯ୍ୟଟକମାନଙ୍କ ପାଇଁ ପ୍ରଚୁର ଉପଭୋଗ କରିବାର ପର୍ଯ୍ୟଟନ ସ୍ଥଳ, ପରିଶ୍ରମୀ ଚାଷୀକୁଳ ଥାଇ ମଧ୍ୟ ଆମେ ସର୍ବଦା ଦେଶର ଅନ୍ୟ ରାଜ୍ୟ ଠାରୁ ଅନେକ ପଛରେ ଓ ଆମ ରାଜ୍ୟକୁ ଏକ ଦରିଦ୍ର ରାଜ୍ୟ ଭାବରେ ଗଣା ଯାଉଛି। ଆଗକୁ ବର୍ତ୍ତମାନର ସରକାର ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି। ସେତେବେଳେ ଯିଏ କେହି ବି ସରକାରରେ ରହନ୍ତୁ ନା କାହିଁକି କିନ୍ତୁ ସେତେବେଳେ ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ମାନଦଣ୍ଡକୁ ଯଦି ଏବେଠାରୁ ଏକ ଆହ୍ୱାନ ବୋଲି ଚିନ୍ତା କରାନଯାଏ ତେବେ ଅବସ୍ଥା କ'ଣ ହେବ ତାହା କହି ହେବନାହିଁ। ଆମ ଓଡ଼ିଆଙ୍କ ଭାଷା, ଚଳଣି, ରୀତିନୀତି, ଖାଦ୍ୟପେୟକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ହେଉଛି ଆମ ଓଡ଼ିଆ ଜାତୀୟତା ଓ ଓଡ଼ିଆ ଅସ୍ମିତା। ଯାହାକୁ ଆମ ମନରେ ଜାଗ୍ରତ କରିବା ପାଇଁ ବର୍ତ୍ତମାନର ସରକାର ପ୍ରଥମ ଥର ପାଇଁ ଏପ୍ରିଲ ପହିଲାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଗାଁ ଠାରୁ ଆରମ୍ଭ କରି ସହର ସବୁସ୍ତରରେ ରାଜ୍ୟ ବ୍ୟାପି ପାଳନ କରୁଛନ୍ତି। ଏହାକୁ କେତେକ ଭାଗରେ ବିଭକ୍ତ କରି ଯେମିତିକି ଓଡ଼ିଶା ଦିବସ, ଖଡିଛୁଆଁ ଦିବସ, ପାରମ୍ପାରିକ ପୋଷାକ ପରିଧାନ, ଓଡ଼ିଆରେ ନାମଫଳକ ଲେଖା ଅଭିଯାନ, ବର୍ଣ୍ଣବୋଧ ଉତ୍ସବ, ଐତିହ୍ୟ ଗଣଦୌଡ, ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ଆସ ବହିଟିଏ କିଣିବା, ଲୋକକଳା ପାଇଁ ଦିନଟିଏ, ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା, ପାରମ୍ପରିକ ଖାଦ୍ୟ ଦିବସ, ଏହା କରିବାର ଓଡ଼ିଶା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମଗ୍ର ଓଡ଼ିଶା ଓ ପ୍ରବାସୀ ଓଡିଆଙ୍କ ମଧ୍ୟରେ ଓଡ଼ିଆ ଜାତୀୟତା ବୋଧ ଜାଗ୍ରତ କରାଇବା। କିନ୍ତୁ ଆଜିଯାଏଁ ଯେତେ ରାଜନୈତିକ ଦଳର ଲୋକମାନେ ଓଡ଼ିଶାରେ ଶାସନ ଗାଦିରେ ବସିଛନ୍ତି ସେମାନେ କେବେ ବି ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ତଥା ହାଇସ୍କୁଲ ଗୁଡ଼ିକର ଭିତ୍ତିଭୂମିର ଆଧୁନିକ ସମୟକୁ ତାଳ ଦେଇ ନୂତନତା ସୃଷ୍ଟି କରାଇ ପାରିଛନ୍ତି କି? ବିଗତ ସରକାର ସ୍କୁଲ ରୂପାନ୍ତରିତ କରିବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ କିଛି ପରିବର୍ତ୍ତନ ଆଣି ପାରିଲେ ନାହିଁ, କାରଣ ଖାଲି ସ୍କୁଲ ବା କଲେଜକୁ ରଙ୍ଗ କରି ଅତି ସାମାନ୍ୟ ଧରଣର ମରାମତି କାମ କରି, ବିନା ଉତ୍ତମ ଶିକ୍ଷକ, ପରୀକ୍ଷାଗାର, ଉତ୍ତମ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ଉତ୍ତମ ପରିବେଶ ସୃଷ୍ଟି କରିପାରି ନଥିଲେ। ପ୍ରାଥମିକ ସ୍କୁଲ ଯେଉଁଠାରୁ ପିଲାଙ୍କ ପାଠର ମୂଳୁଦୁଆ ପଡ଼ିଥାଏ ସେଗୁଡିକ ରୂପାନ୍ତରିତ କରିବା ପାଇଁ ଭୁଲି ଗଲେ। ଏହାର ପରିଣାମ ସ୍ୱରୂପ ପିଲାମାନେ ସରକାରୀ ସ୍କୁଲ ଛାଡ଼ି ବେସରକାରୀ ସ୍କୁଲକୁ ପଢ଼ିବା ପାଇଁ ଯାଉଛନ୍ତି। କେତେଜଣ ଓଡ଼ିଶାର ବିଧାୟକ, ସାଂସଦ ଓ ଓଡ଼ିଆ ଆଇପିଏସ୍, ଆଇଏଏସ୍ ବା ଓଡ଼ିଶାର ଉଚ୍ଚ ପଦାଧିକାରୀଙ୍କ ସନ୍ତାନମାନେ ଓଡ଼ିଆ ସ୍କୁଲରେ ପାଠ ପଢୁଛନ୍ତି। ନପଢ଼ିବାର କାରଣ ମଧ୍ୟ ସମସ୍ତେ ଜାଣନ୍ତି ଯେହେତୁ ଓଡ଼ିଆ ମାଧ୍ୟମ ସ୍କୁଲଗୁଡ଼ିକ ତଳ ଶ୍ରେଣୀରୁ ଆରମ୍ଭ କରି ଉପର ଶ୍ରେଣୀ ଯାଏଁ ଭିତ୍ତିଭୂମି ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ଓଡ଼ିଶା ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ଦୀର୍ଘ ୭୮ ବର୍ଷ ବିତି ଯାଇଥିଲେ ମଧ୍ୟ କିଛି ହାତ ଗଣତି ଯୁଗ ପୁରୁଷମାନଙ୍କୁ ଛାଡି ଦେଲେ ଆମ ଭିତରେ ଓଡ଼ିଆ ମାତୃଭାଷା ଓ ମାତୃଭୂମି ପ୍ରୀତି ଜାଗ୍ରତ ହୋଇ ରହିନାହିଁ। ଖାଲି ବିଶ୍ୱ ଓଡ଼ିଆ ସମ୍ମିଳନୀ କରିଦେଲେ ବା ବିଭିନ୍ନ ପ୍ରକାରର ଦିବସ ପାଳନ କରିଦେଲେ କିଛି ଫଳ ମିଳିବ ନାହିଁ। ଓଡ଼ିଶାର ବିଭିନ୍ନ ଜାଗାରେ ସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ଅତି ଅବହେଳିତ ଅବସ୍ଥାରେ ରହିଛି, କେବଳ ସେମାନଙ୍କ ଜନ୍ମଦିନ ବା ଶ୍ରାଦ୍ଧ ଦିବସରେ ଫୁଲମାଳ ପିନ୍ଧାଇ ଦିଆଯାଏ ଓ ଏହାକୁ ମଧ୍ୟ ଉକ୍ତ ଦିବସ ଯିବାର ଅନେକ ଦିନ ଯାଏଁ ଶୁଖିଲା ମାଳ ଗୁଡ଼ିକ ସେମିତି ଲାଗି ରହିଥାଏ। ଓଡ଼ିଆ ଭାଷା ସାହିତ୍ୟ ୨୦୦୦ ବର୍ଷର ପ୍ରାଚୀନ ବୋଲି ପ୍ରମାଣିତ ହେବା ପରେ ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ପାଇଲା କିନ୍ତୁ ବର୍ତ୍ତମାନ ଯାଏଁ ସେପରି କିଛି ଆଖି ଦୃଶିଆ ବିକାଶ ହୋଇନାହିଁ। ଆମ ଭାଷାର ଦୁର୍ଗତିର ମୁଖ୍ୟ କାରଣ ହେଉଛନ୍ତି ପ୍ରଶାସକ ଗୋଷ୍ଠୀ ଓ ରାଜନୈତିକ ଦଳ। ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ୧୯୩୬ରୁ ଗଠିତ ହୋଇଥିଲେ ହେଁ ୧୯୫୬ରୁ ୧୯୬୬ ଗଠିତ ରାଜ୍ୟମାନଙ୍କ ଠାରୁ ବହୁ ପଛରେ ପଡ଼ିଛି। ଦାରିଦ୍ର୍ୟର ମାତ୍ରା ବଢି ଚାଲିଛି, କୃଷି ଉତ୍ପାଦନରେ ସ୍ୱାବଲମ୍ବୀ ନହୋଇ ଅନ୍ୟ ରାଜ୍ୟ ଉପରେ ପୁରା ମାତ୍ରାରେ ନିର୍ଭର କରିବାକୁ ପଡୁଛି ଯଦିଓ ଓଡ଼ିଶାରେ ଏକ ପୁରାତନ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ଆଦିବାସୀଙ୍କ ସଂଖ୍ୟା ଶତକଡା ୨୩ ଓ ହରିଜନଙ୍କ ସଂଖ୍ୟା ଶତକଡା ୧୫ ଯାହାକୁ ସର୍ବ ଭାରତୀୟ ସ୍ତରରେ ସବୁଠାରୁ ଅଧିକ କିନ୍ତୁ ସେମାନଙ୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ସେମାନଙ୍କର କୌଣସି ଉନ୍ନତି ପରିଲକ୍ଷିତ ହେଇନାହିଁ ବା ଓଡ଼ିଶାରେ ରହି ମଧ୍ୟ ଓଡ଼ିଆ ଭାଷାର ପ୍ରଭାବ ସେମାନଙ୍କ ଉପରେ ନାହିଁ। ଏପରି କି ମନୁଷ୍ୟର ସାଧାରଣ ମୌଳିକ ସୁବିଧା ଯଥା ରାସ୍ତା, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ପରିବହନ ଇତ୍ୟାଦି ଠାରୁ ଅନେକ ଦୂରରେ। ଓଡ଼ିଆ ସ୍ୱାଭିମାନକୁ ଚିର ଜାଗ୍ରତ କରାଇବା ପାଇଁ ରାଜ୍ୟରୁ ଗରିବୀ, ଦାରିଦ୍ର୍ୟ, ବେକାରୀ ସମସ୍ୟା, କୃଷି ଓ କୃଷକମାନଙ୍କ ଉତ୍ଥାନ, ନିହାତି ଆବଶ୍ୟକ। ଆୟକରଦାତାଙ୍କ ଟ୍ୟାକ୍ସ ପଇସାକୁ ପ୍ରକୃତ ଲୋକଙ୍କ ସେବାରେ ବିନିଯୋଗ ନିଶ୍ଚିତ ଭାବରେ ହେବା ଦରକାର। ଖାଲି ଭାଷଣ ବାଜିରେ କିଛି ହେବନାହିଁ। ବର୍ତ୍ତମାନ ଆମ ଦେଶରେ ଜଣେ ସର୍ବଦୃଷ୍ଟି ସମ୍ପନ୍ନ ପ୍ରଧାନମନ୍ତ୍ରୀଙ୍କୁ ପାଇଛେ ଯିଏକି ପ୍ରତି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଦ୍ୱାରା ହିଁ ସାରା ଦେଶର ଉନ୍ନତି ହିଁ ସମ୍ଭବ ବୋଲି ବାରମ୍ବାର କହୁଛନ୍ତି ଓ ଏଥିପାଇଁ ଆମ ପ୍ରଧାନମନ୍ତ୍ରୀ ସର୍ବଦା ପ୍ରତି ରାଜ୍ୟକୁ ବିଭିନ୍ନ ପ୍ରକାରର ଯୋଜନା ଓ ଆର୍ଥିକ ଅନୁଦାନ ଦେଇ ତୃଣମୂଳସ୍ତରରୁ ହିଁ ପ୍ରତି କ୍ଷେତ୍ରରେ ଉନ୍ନତିର ଶିଖରକୁ ଯିବାକୁ ରାଜ୍ୟ ସରକାରମାନଙ୍କୁ ଉତ୍ସାହିତ କରୁଛନ୍ତି। ସେହି ପରିପ୍ରେକ୍ଷୀରେ ଆମ ରାଜ୍ୟ ସରକାର ମଧ୍ୟ ନିଜର ଯେଉଁ ଯୋଜନା ଦ୍ୱାରା ରାଜ୍ୟର ପ୍ରକୃତ ଉନ୍ନତି ହୋଇପାରିବ ଓ ଦେଶରେ ଆମ ରାଜ୍ୟର ନାମ ଉଚ୍ଚା ହୋଇପାରିବ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ପ୍ରତ୍ୟକ୍ଷ ଭାବରେ ଧ୍ୟାନ ଦେଇ ଆଗେଇ ଯିବା ଦରକାର। ଓଡ଼ିଶାର ସରକାର ଯଦି ଓଡ଼ିଶାର ଓ ଓଡ଼ିଶାବାସୀଙ୍କ ଆନ୍ତରିକତାର ସହ ଉନ୍ନତି ଚାହାନ୍ତି ତେବେ ପ୍ରତି ପଦକ୍ଷେପରେ ଓଡ଼ିଆ ଅସ୍ମିତାକୁ ଅନୁଭବ କରିବା ଉଚିତ୍ ଓ ପ୍ରତି ଓଡ଼ିଆଙ୍କ ମନରେ ଯେପରି ଆମ ଓଡ଼ିଆଣୀ ଭାବ ବହନ କରିବ ତା'ର ପ୍ରତିକାର ସ୍ୱରୂପ ପ୍ରଥମେ ପ୍ରତି ଓଡ଼ିଆ ନିଜ ପିଲାମାନଙ୍କୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବା ପାଇଁ ଚେଷ୍ଟା କରନ୍ତୁ ଓ ପ୍ରାଥମିକ ସ୍କୁଲ ଗୁଡ଼ିକର ଉନ୍ନତି କରାନ୍ତୁ, ସରକାରୀ ସ୍ତରରେ ପ୍ରତି ସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ କାର୍ଯ୍ୟ ହେବା ଆରମ୍ଭ ହେଉ, କୌଣସି ଅନୁଷ୍ଠାନ, ଦୋକାନ, ଚିକିତ୍ସାଳୟ, ବସ୍‌ଷ୍ଟାଣ୍ଡ, ଷ୍ଟେସନ, ଏୟାରପୋର୍ଟରେ ଓଡ଼ିଆ ଓ ପରେ ଇଂରାଜୀ ବା ହିନ୍ଦୀ ଭାଷାରେ ଲେଖାକୁ ବଧ୍ୟତାମୂଳକ ପଦକ୍ଷେପ ନେବାକୁ ହେବ। ଯଦି ଆମ ପ୍ରତି ପ୍ରାଣରେ ଓଡ଼ିଆ ଓ ଓଡ଼ିଶା ପ୍ରତି ଆନ୍ତରିକତା ଜାଗି ଉଠେ ତେବେ ଆମେ ମଧ୍ୟ ସମସ୍ତଙ୍କ ଠାରୁ ଆଗରେ ରହିପାରିବା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ଜଗତସିଂହପୁର(ଭାସ୍କର ନ୍ୟୁଜ): ପ୍ରଖ୍ୟାତ ଅଭିନେତା ତଥା ନିର୍ଦ୍ଦେଶକ ସ୍ୱର୍ଗତଃ ଦୁଃଖୀରାମ ସ୍ୱାଇଁଙ୍କ ୧୦୧ ତମ ଜୟନ୍ତୀ ସ୍ଥାନୀୟ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପରିସରରେ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଅଜୟ କୁମାର ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ଅଭିନେତା, ଲେଖକ, ଗୀତିକାର ସୁଦୀପ୍ତ କୁମାର ସ୍ୱାଇଁ, ଶିକ୍ଷାବିତ ନଗେନ ପଣ୍ଡା, ଉପଦେଷ୍ଟା ଦୁର୍ଗାପ୍ରସାଦ ସ୍ୱାଇଁ, ଶ୍ରାବଣୀ ମହାରଣା, ଜ୍ୟୋତି ରଞ୍ଜନ ନାୟକ, ସ୍ମୃତିରଞ୍ଜନ ଦାସ, ଅଭିଳସା ଦାସ ଓ ଲିକିନା ସାହୁ ପ୍ରମୁଖ ଯୋଗଦେଇ ପ୍ରଖ୍ୟାତ ଅଭିନେତା ସ୍ୱର୍ଗତ ଦୁଃଖୀରାମ ସ୍ୱାଇଁଙ୍କ ଜୀବନାଦର୍ଶ ଓ ଅଭିନୟ ଜୀବନର ସଫଳତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ପରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ସହିତ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଭାବେ ପାଳନ କରିବା ସହ ଜଗତସିଂହପୁର ସଦର ମହକୁମାର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ନିମନ୍ତେ ଦାବି କରାଯାଇଥିଲା । ଶେଷରେ ନିଖିଳ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକ ଓ ଶୁଭେଚ୍ଛୁ ମାନେ ଯୋଗ ଦେଇଥିଲେ ।



### ଇଞ୍ଚାର 'ନୋ ୱାର୍କ ନୋ ପେ' ନୋଟିସ୍

# ଆନ୍ଦୋଳନ କରିବ ଏସ୍‌ଆର୍‌ସିକେଏମ୍‌ଏସ୍

କାଳିଆପାଣି(ଭାସ୍କର ନ୍ୟୁଜ): କାଳିଆପାଣି ଖଣି ଅଞ୍ଚଳରେ କ୍ରୋମ ଉତ୍ତୋଳନ କରୁଥିବା ଇଞ୍ଚା କମ୍ପାନୀରେ ଲୋଡିଂ ଶ୍ରମିକଙ୍କୁ ମାସିକ ୨୬ଦିନ କାମ ଯୋଗାଣ ନିମନ୍ତେ ଚଳିତ ମାସ ୧୭ତାରିଖରୁ ଓଡିଶା ମିନିଙ୍ଗ ୱାର୍କର୍ଷ ୟୁନିଅନ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିବା ବେଳେ କମ୍ପାନି ଦାବି ପୂରଣ କରିବା ପରିବର୍ତ୍ତେ 'ନୋ ୱାର୍କ ନୋ ପେ' ନୋଟିସ ଖଣିରେ ନିୟୋଜିତ ସମସ୍ତ ଶ୍ରମିକଙ୍କ ପାଇଁ ଲାଗୁ କରିଛି । ଫଳରେ କାର୍ଯ୍ୟରତ ୧୪୦୦ ଶ୍ରମିଙ୍କ ଉପରେ ପ୍ରଭାବ ପଡିଛି । ଖଣିରେ ୨୫୦ ଜଣ ଲୋଡିଙ୍ଗ ଶ୍ରମିକ ତାଙ୍କ ଦାବି ପାଇଁ ଆନ୍ଦୋଳନ କରିଥିବା ବେଳେ ଅନ୍ୟ ଶ୍ରମିକମାନେ ଖଣି ମଧ୍ୟରେ ପ୍ରବେଶ ନକରି ପ୍ରତିଦିନ ଫେରିଆସୁଛନ୍ତି ଏବଂ କାଳିଆପାଣି ଥାନା, ଇଞ୍ଚା କର୍ତ୍ତୃପକ୍ଷଙ୍କୁ ୧୭ ଓ ୨୨ତାରିଖରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ନମିଳିବାରୁ ଗୁରୁବାର ଦିନ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଙ୍ଘ ଟାଉନସିପ ସ୍ଥିତ ଶ୍ରମିକ ସଙ୍ଘ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନି କରି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ସରକାର, ଜିଲ୍ଲା ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ତୁରନ୍ତ ସମାଧାନ କରିବା ସହ କମ୍ପାନି ଲଗାଇଥିବା 'ନୋ ୱାର୍କ ନୋ ପେ'କୁ ଉଚ୍ଛେଦ କରି ଶ୍ରମିକମାନଙ୍କୁ ତାଙ୍କ ମଜୁରି ପ୍ରଦାନ କରାଯିବାକୁ ଦାବି କରିଛନ୍ତି । ଯଦି କମ୍ପାନିନମାନେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ସମ୍ମିଳନିରେ ଶ୍ରମିକ ସଙ୍ଘ ସାଧାରଣ ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ଆଶିଷ କୁମାର ଜେନା, ସାନ୍ୟାସି ସାମଲ, ସରୋଜ ମହାନ୍ତ (ଟୁଲୁ), ଦେବରାଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।




# ପାଟପୁର-ଅରିଷଣ୍ଡ ରାସ୍ତା ମରଣଯନ୍ତା, ଘଟୁଛି ଦୁର୍ଘଟଣା


ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସରକାରଙ୍କର ଯୋଜନା ପରେ ଯୋଜନା ଚାଲିଥିବା ବେଳେ ରାସ୍ତା ନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ପ୍ରଶାସନ ନୁହେଁ କି ନେତା ନୁହେଁ ଠିକାଦାରଙ୍କ ମର୍ଜିରେ ଚାଲିଛି କାର୍ଯ୍ୟ । ଯାହାକୁ ନେଇ ରାସ୍ତା ନିର୍ମାଣ ହେବା ଏକ ବର୍ଷ ନପୁରୁଣୁ ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି । ଗୁରୁତର ରୋଗୀ ମଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା କଷ୍ଟକର ହୋଇପଡୁଛି । ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀମାନେ ଯାତାୟତ କରିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପାଟପୁର ଠାରୁ ଅରିଷଣ୍ଡ ପଞ୍ଚାୟତକୁ ସଂଯୋଗ ହୋଇଥିବା ଆରଡ଼ି ରାସ୍ତା ପାଲଟିଛି ମରଣଯନ୍ତା । ଏକ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଠା'କୁ ଠା' ଗର୍ତ୍ତ ସୃଷ୍ଟି ହୋଇ ରାସ୍ତାଟି ମରଣଯନ୍ତା ପାଲଟିଛି । ଲୋକମାନଙ୍କର ଯାତାୟତରେ ବାଧା ସୃଷ୍ଟି ହେଉଛି । ଏହି ରାସ୍ତା ଦେଇ ୫ଟିରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକମାନଙ୍କର ଏହି ରାସ୍ତା ମୁଖ୍ୟ ରାସ୍ତା । ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ କଲେଜ ଓ ସ୍କୁଲକୁ ଯାତାୟାତ କରୁଛନ୍ତି । ପ୍ରତ୍ୟେକ ଦିନ ଛୋଟପିଲାଙ୍କୁ ନେଇ ସ୍କୁଲ ବସ୍ ଓ ଅଟୋ ଯାତାୟତ କରୁଛି । ଦୀର୍ଘଦିନ ହେବ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ରାସ୍ତା ପ୍ରତି ପ୍ରଶାସନର ନଜର ପଡୁନାହିଁ । ଉଚ୍ଚ ଅଧିକାରୀଙ୍କୁ ରାସ୍ତା ନିର୍ମାଣ ସଂପର୍କରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ଏହି ରାସ୍ତାଟି ପ୍ରଧାନମନ୍ତ୍ରୀ ସଡ଼କରେ ପରିଣତ ହୋଇଥିବା ବେଳେ ବର୍ତ୍ତମାନ ଆରଡ଼ି ରାସ୍ତା ନାମରେ ନାମିତ ହୋଇଛି । ପାଟପୁରରୁ ବିଜିପୁର, ପଡ଼ାଗୁଆଡିରା, କୋଟରାଙ୍ଗ, ଡ଼ଗରାସାହି, ଅରିଷଣ୍ଡ, ଚାଉଳିଆପାଟଣା, ମୂରାରୀପୁର, ବାମଝାଟିପାଟଣା, ଅଣରାଇଛାପୁର ଆଦି ପଞ୍ଚାୟତକୁ ରାସ୍ତା ସଂଯୋଗ କରୁଛି । ଏହି ଘଟଣା ପ୍ରତି ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୃଷ୍ଟି ଦେଇ ରାସ୍ତାଟିକୁ ନିର୍ମାଣ କରିବା ଦିଗରେ ନିର୍ଦ୍ଦେଶ ଦେଲେ ଲୋକମାନେ ବିଶେଷ ଉପକୃତ ହେବେ ବୋଲି ଖବର ମାଧ୍ୟମରେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ନିବେଦନ କରିଛନ୍ତି ।

## ଅନାବାଦୀ ଜାଗାରେ ରାସ୍ତା ନିର୍ମାଣ ନେଇ ଗଣ୍ଡଗୋଳ, ୨ କୋର୍ଟଚାଲାଣ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ବୋଇତି କୁଦ ଗ୍ରାମର ଅନାବାଦୀ ରାସ୍ତାକୁ ନେଇ ଗଣ୍ଡଗୋଳ ଘଟଣାରେ ଆଜି କାକଟପୁର ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଭଗବାନ ଦାସଙ୍କ ପୁଅ ଲିଟୁ ଦାସ ଏବଂ ଅଜୟ ଦାସଙ୍କ ପୁଅ ଦିପୁ ଦାସଙ୍କୁ ପୋଲିସ କାଲି ବିଳମ୍ବିତ ରାତ୍ରରେ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠେଇ ଦିଆଯାଇଛି । ଏହି ଘଟଣାରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବାବେଳେ ଗିରଫ ଭୟରେ ଫେରାର ଅଛନ୍ତି । ଏ ସଂକ୍ରାନ୍ତରେ କେଶ ନଂ ୫୪/୨୦୨୫ରେ ଏକ ମାମଲା ରୁଜୁ ହୋଇଛି ।

## ମିଲ୍ ମାଲିକ ଦଳିତ ଗ୍ରାହକକୁ ମାଡମାରିବା ମହଙ୍ଗା ପଡିଲା, ଥାନାରେ ମାମଲା ରୁଜୁ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗୋପାଳପୁରରେ ଥିବା ଅନୀ ସାହୁଙ୍କ ମିଲ୍ ଭିତରେ ଜଣେ ହରିଜନ ଯୁବକକୁ ଅନୀସାହୁ ଓ ତାଙ୍କ ନାତି ମାଡମାରି ଜାତିଆଣ ଗାଳିଗୁଲଜ [illegible] ଅଭିଯୋଗ ଦେଇଥିଲେ । ହେଲେ ତା ପରଦିନ ଅର୍ଥାତ୍ ୨୧ତାରିଖ ଦିନ ଅଭିଯୁକ୍ତମାନେ ଥାନାକୁ ଆସି ପଳାଇଥିଲେ । କିନ୍ତୁ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନନେଇ ଥାନାରୁ ଛାଡି [illegible]

## ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । [illegible]

## କୋରେଇ ବ୍ଲକ୍‌ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କୋରେଇ(ଭାସ୍କର ନ୍ୟୁଜ): ଗୁରୁବାର ପୁରୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନୂତନ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ସହ, ରାଜ୍ୟର ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇଥିଲା । ପରେ ପରେ କୋରେଇ ବ୍ଲକରେ ବିଡିଓ ଅବନୀ କାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋରେଇର ବିଭିନ୍ନ ପଞ୍ଚାୟତର [illegible] ମାନଙ୍କ ଉପସ୍ଥିତିରେ ନୂତନ କରି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ରେସନ କାର୍ଡ ବଣ୍ଟନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ କୋରେଇ ସାଂସଦ ପ୍ରତିନିଧି ପ୍ରମୋଦ ନାୟକ, ବିଜେପି ନେତା ସୀତାକାନ୍ତ କୁଂଆର, ଉଦୟ ପରିଡା, ହଳଦୀ ଗଡିଆ ସମିତି ସଭ୍ୟ ଉଦୟ ସାହୁ, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମି ରଞ୍ଜନ ପରିଡା, ଦିପ୍ତିମୟୀ କୁଆଁର, ବନ୍ଦାଲୋ ସରପଞ୍ଚ ବିଷ୍ଣୁ ରଥ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମାହାପାତ୍ର, ବିଜେପି ନେତା ଗୋକୁଳା ନନ୍ଦ ସାହୁ, ମଣ୍ଡଳ ସଭାପତି ଭାସ୍କର ସାହୁ, ରବୀନ୍ଦ୍ର ସେଠୀ, ରାଜକିଶୋର ପଟନାୟକ, ରବୀନ୍ଦ୍ର ଗହାଣ, ତପନ କୁମାର ପଟନାୟକଙ୍କ ସମେତ ଅନେକ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହି ୨୮ ଗୋଟି ପଞ୍ଚାୟତରୁ ଆସିଥିବା ନୂତନ ଖାଦ୍ୟ ସୁରକ୍ଷ୍ୟା ଯୋଜନାର ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନରେ ସହଯୋଗ କରିଥିଲେ ।

## ଦଳିତ ପରିବାରକୁ ମିଳୁନି ନ୍ୟାୟ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଦେବେ ଧାରଣା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଗରିବ ଦଳିତ ପରିବାରକୁ ମିଳୁନି ନ୍ୟାୟ । [illegible] ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ି ରହିଛନ୍ତି । ଅଭୟଙ୍କ ବିଧବା ମାଆଙ୍କ ଅଭିଯୋଗ ଆଧାରରେ ଗୋପ ଥାନା ପୋଲିସ ଢ଼ିଲା ଦଫାରେ ମାମଲା ରୁଜୁ କରିବା ସହ ଅଭିଯୋଗକାରୀଙ୍କୁ ଧମକ ଦେଇଥିବା ଅଭିଯୋଗରେ ଅଭୟଙ୍କ ପତ୍ନୀ ସୁନୀତା ନାୟକ ଦର୍ଶାଇଛନ୍ତି । ଟଙ୍କା ନେଣଦେଣକୁ ନେଇ ଏପରି ଘଟଣା ଘଟିଥିବା ବେଳେ ଗୋପ ଥାନା ପୋଲିସ କ'ଣ ପାଇଁ ଅଭିଯୁକ୍ତଙ୍କୁ [illegible] ବିଚାର ବୋଲି ଆହତଙ୍କ ପରିବାର ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ନିମାପଡ଼ା ଉପଖଣ୍ଡ ଅଧିକାରୀଙ୍କୁ ନ୍ୟାୟ ଭିକ୍ଷା କରିବା ସହ ପୋଲିସ ମହାନିର୍ଦ୍ଦେଶକ କଟକ, ଦଳିତ ସଂଘ, ଏସ୍‌ପି ସାହେବ ପୁରୀଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି । ଏକ ସପ୍ତାହ ମଧ୍ୟରେ ଆସାମୀଙ୍କୁ ଗିରଫ କରାନଗଲେ ଦଳିତ ପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ପାହାଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ପାରାଦୀପ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର କ୍ୟାଣ୍ଡେଲ ଶୋଭାଯାତ୍ରା




ପାରାଦୀପ(ଭାସ୍କର ନ୍ୟୁଜ): ଜମ୍ମୁ ଓ କାଶ୍ମୀରର ପାହଲଗାମଠାରେ ହୋଇଥିବା ଆତଙ୍କବାଦୀ ବର୍ବର ଆକ୍ରମଣକୁ ଦୃଢ଼ ନିନ୍ଦା କରି ପାରାଦୀପ ମହାବିଦ୍ୟାଳୟ ଓ ଏନସିସି ପ୍ରାକ୍ତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରତିବାଦ ସୂଚକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବନ୍ଦର ସହରର ବିଭିନ୍ନ ମୁଖ୍ୟ ରାସ୍ତା ଓ ଛକ ପରିକ୍ରମା କରି ବଡ଼ପଡ଼ିଆ ସ୍ଥିତ ମା' ଶାରଳା ମନ୍ଦିରଠାରେ ଶେଷ ହୋଇଥିଲା । ଗତ ୨୨ ତାରିଖରେ କାଶ୍ମୀରର ପହଲଗାମଠାରେ ନିରୀହ ପର୍ଯ୍ୟଟକ ମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୭ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା । ସଂସଦର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ମା' ଶାରଳାଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରାଯିବା ସହ ସରକାର ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ, ଅଧାପକ ତଥା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର, ଅଧାପକ ଗଣେଶ୍ୱର ପାତ୍ର, ଦୁଇ ପ୍ରାକ୍ତନ ଛାତ୍ର ସଂସଦର କର୍ମକର୍ତ୍ତା ସାମିଲ ହୋଇଥିଲେ । ଏଭଳି ଦୁଃଖଦ ଘଟଣାରେ ପାରାଦୀପରେ କୌଣସି ରାଜନୈତିକ ଦଳ, ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ କରାନଯିବା ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି ।

## ନିମାପଡ଼ାରେ ପାକିସ୍ତାନ ବିରୁଦ୍ଧରେ ନାରାବାଜୀ



ନିମାପଡ଼ା(ଭାସ୍କର ନ୍ୟୁଜ): ପହଲଗାମ ଆତଙ୍କି ଆକ୍ରମଣ ଘଟଣାରେ ଅନେକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ଭାରତ ପାଇଁ ଚିନ୍ତା ପ୍ରକଟ କରିଛି । ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଏହାର କଡ଼ା ଜବାବ୍ ଦେବା ପାଇଁ ସୈନ୍ୟଙ୍କୁ ସଜାଗ ରଖିଥିବା ବେଳେ ଓଡ଼ିଶା ସାରା ପ୍ରତିବାଦ ଦେଖିବାକୁ ମିଳିଛି । ନିମାପଡ଼ାରେ ମଧ ପ୍ରତିବାଦ କରାଯାଇଛି । ସଚେତନ ନାଗରିକମାନେ ନୂଆ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦ୍ଦାବାଦ, ପାକିସ୍ତାନୀ ହଟାଅ ସ୍ଲୋଗାନ ଦେଇ ଦୋଳବେଦୀ ଛକ ମୋହନ ଦାସ ମୂର୍ତି ନିକଟରେ ପହଂଚି ପାକିସ୍ତାନ ପତାକା ପୋଡ଼ିବା ସହ ଭାରତ ବଂଚାଅ ସ୍ଲୋଗାନ ଦେଇଥିଲେ । ଯାହାକୁ ନେଇ ସାରା ରାଜ୍ୟ ସମେତ ଦେଶ ଚିନ୍ତା ପ୍ରକଟ କରିଛି । ସରକାରଙ୍କ ପକ୍ଷରୁ ଅଟ୍ଟାରୀ-ୱାଘା ସୀମା ବନ୍ଦ, ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ, ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ ନିର୍ଦ୍ଦେଶ, ୧୯୬୦ ସିନ୍ଧୁ ଜଳ ବୁଝାମଣା ରଦ୍ଦ, ପାକ୍ ରାଷ୍ଟ୍ରଦୂତଙ୍କୁ ଭାରତ ଛାଡ଼ ନୋଟିସ ହୋଇଥିବା ବେଳେ ସର୍ବଦଳୀୟ ବୈଠକ କରାଯାଇଛି । ଏହାର କଡ଼ା ଜବାବ୍ ପାକିସ୍ତାନକୁ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ହାମ୍‌ଲାରେ ୨୬ ଜଣଙ୍କ ପ୍ରାଣହାନୀ ଘଟଣାକୁ ଭାରତ ସରକାର ଗମ୍ଭୀରତାର ସହ ନେଇଛନ୍ତି । ବହୁ ରାଷ୍ଟ୍ର ମଧ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ଯାହାକୁ ନେଇ ଏବେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ପାକିସ୍ତାନକୁ କଡ଼ା ଜବାବ୍ ଦେବା ପାଇଁ ସମସ୍ତ ନାଗରିକ ଦାବି କରିଛନ୍ତି ।

## ବଡ଼ଚଣା ବ୍ଲକ୍ ପରିସରରେ ୭୩ ତମ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ




ବଡ଼ଚଣା(ଭାସ୍କର ନ୍ୟୁଜ): ଗୁରୁବାର ରାଜ୍ୟ ସ୍ତରୀୟ ୭୩ ତମ ଜାତୀୟ ପଞ୍ଚାୟତିରାଜ ଦିବସ ପୁରୀ ତାଳବଣିଆଠାରେ ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଉଦ୍ଘାଟନ ହେଲା ପରେ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ଆଜି ଆୟୋଜିତ ବଡଚଣାଳ ବ୍ଲକ୍ ପରିସରରେ ୭୩ତମ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିବା ବେଳେ ବିଡିଓ ରବିନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟମନ୍ତ୍ରି ମୋହନ ମାଝୀଙ୍କ ନେତୃତ୍ୱରେ ଓଡିଶାରେ ଯେଉଁ ବିକାଶ ଧାରା ଚାଲିଛି ସେହି ବିକାଶ ଧାରରେ ବଡଚଣା ବ୍ଲକ୍‌କୁ ସାମିଲ କରିବା ସହିତ ଏକ ଶାନ୍ତ ସମୃଦ୍ଧ, ବିକଶିତ ବଡଚଣା ଗଠନ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ । ଏହି ଅବସରରେ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଉତ୍ସବ ରେ ନୂତନ ହିତାଧୀକାରୀ ମାନଙ୍କୁ ରାସନ୍ କାର୍ଡ ବଣ୍ଟନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତି ପ୍ରସ୍ତର ସ୍ଥାପନ ସମେତ ୨ଲକ୍ଷରୁ ଅଧିକ ହିତାଧୀକାରୀଙ୍କୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରିବାର ଶୁଭାରମ୍ଭ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ରାଉତଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।

## ଆଲିରେ ପଞ୍ଚାୟତିରାଜ ଦିବସ ପାଳିତ



ଆଲି(ଭାସ୍କର ନ୍ୟୁଜ): ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ଆଳି ପଞ୍ଚାୟତ ସମିତି ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ପ୍ରଦାନର ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସଭା ସମଗ୍ର ଓଡ଼ିଶାର ପ୍ରତ୍ୟକ ଜିଲ୍ଲାର ପ୍ରତ୍ୟକ ବ୍ଲକ୍, ମୁ୍ୟନିସିପାଲିଟିରେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୁରୀଠାରେ ଉପସ୍ଥିତ ରହି ତାଙ୍କର କରକମଳରେ ଭିସି ଦ୍ୱାରା ସାରା ଓଡିଶାରେ ଉଦଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଆଳି ବ୍ଲକରେ ଖାଦ୍ୟ ସୁରକ୍ଷା ଅଧିକାରୀ ଏସକେ ରିଜୱାନଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ ଦାସଙ୍କ ଉପସ୍ଥିତି ରେ ପ୍ରଥମ ପର୍ଯ୍ୟାୟରେ ମୋଟ ୧୦ଟି ନୂତନ ରାସନ କାର୍ଡ ଆବଣ୍ଟନ କରାଯାଇଥିଲା । ଆଜିର ଏହି ସଭାରେ ଆଳି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠି, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମାମିନାବାଳା ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମିନତୀ ବାରିକ, ଜିଲ୍ଲା ପରିଷଦ ଭୀଷ୍ମ ମହାନ୍ତି, ବିଜେପିର ବରାହ ଚରଣ ପଣ୍ଡା, ତପନ ପରିଡ଼ା, ଆଳି ବ୍ଲକର ସମସ୍ତ ଅଧିକାରୀଙ୍କ ସହ ୩୪ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେବା ସହିତ ଶତାଧିକ ମହିଳା ସାମିଲ ହୋଇଥିବା ଦେଖାଦେଇଛି ।

## ଆତଙ୍କବାଦୀ ଆକ୍ରମଣରେ ନିହତଙ୍କ ପ୍ରତି ଚଣ୍ଡୀଖୋଲ କୋର୍ଟ ବାର ଆସୋସିଏସନ୍‌ର ଶ୍ରଦ୍ଧାଞ୍ଜଳି



ବଡ଼ଚଣା(ଭାସ୍କର ନ୍ୟୁଜ): ଗୁରୁବାର ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଓ ଜାମ୍ମୁ କାଶ୍ମୀର ପହେଲଗାମଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ନିହତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଆସୋସିଏସନ ସଭାଗୃହରେ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ପ୍ରସ୍ତାବ କ୍ରମେ ଉକ୍ତ ଆତଙ୍କବାଦୀ ଘଟଣାକୁ ନିନ୍ଦା କରାଯାଇଛି । ପ୍ରଥମେ ଏହି ଘଟଣାରେ ନିହତ ବ୍ୟକ୍ତିମାନଙ୍କ ଆତ୍ମାର ସଦଗତୀ କାମନା ନିମନ୍ତେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାର ଆସୋସିଏସନର ପୂର୍ବତନ ସଭାପତି ସର୍ବଶ୍ରୀ ଶରତ ଷଡଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ, ଜନ ବେହେରା ଓ ଉଦୟନାଥ ସାହୁ, କୈଳାଶ ସାମଲ, ଯତୀନ୍ଦ୍ର ସାମଲ, ତୁଷାରକାନ୍ତ ନାୟକ, ବୀରେନ୍ ବିଶ୍ୱାଳ, ତରୁଣ ବିଶ୍ୱାଳ, ବିଜୟ ରାଉଳ, ଅଶୋକ ଜେନା, ପ୍ରିୟଗୋବିନ୍ଦ ଦାସ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ ।

### ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

# ୩୮ ଜଣଙ୍କୁ ନୂତନ ରାସନ୍ କାର୍ଡ ଓ ୪୧ ଜଣଙ୍କୁ ଭତ୍ତା ବଣ୍ଟନ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ପଞ୍ଚାୟତ ସମିତି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ସୁଶ୍ରୀ ଆୟୁଶି ମହାପାତ୍ରଙ୍କ ଅଧକ୍ଷତା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ପ୍ରେମାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ବିକାଶରେ ଦେଶର ବିକାଶ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଇ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରି ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେବା ଏକମାତ୍ର ଲକ୍ଷ୍ୟ ହେଉ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ସଞ୍ଜୟ ଦାସ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ଉପାଧକ୍ଷ ସରୋଜିନୀ ଦ୍ୱିବେଦୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସର୍ବ ପ୍ରଥମେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଆରମ୍ଭ କରି ରାଜନୀତିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଏଥିରେ ଆଉ ପାଦେ ଆଗକୁ ଯାଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ମା'ମାନଙ୍କୁ ଓଡ଼ିଶା ବିକାଶ ର ସାରଥୀ କରିଥିଲେ ବୋଲି କହିଥିଲେ । ଏହି ଅବସରରେ ଏନ୍‌ଏସିର ୪୧ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଦିଆଯାଇଥିଲା ଓ ବ୍ଲକ ଏବଂ ଏନ୍‌ଏସିରୁ ସମୁଦାୟ ୩୮ ଜଣଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ । ଏନ୍‌ଏସି ଏବଂ ବ୍ଲକର ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ପହଲଗାଁ ଆତଙ୍କି ହମଲାରେ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।



# ଜଗତସିଂହପୁରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତିଙ୍କ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ ତଳସ୍ତରରେ ଥିବା ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଗାଁ ର ଉନ୍ନତି ହେଲେ ଦେଶର ଉନ୍ନତି ହୋଇ ପାରିବ । ଘର ନଥିବା ପ୍ରତ୍ୟେକ ଗରିବ ଲୋକଙ୍କୁ ଦଳମତ ନିର୍ବିଶେଷରେ ଅନ୍ତୋଦ୍ୟୋୟ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଛି । ଆୟୁଷ୍ମାନ ଯୋଜନାରେ ଗରିବ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି । ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ ଆଜି ସାରା ଦେଶ ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ପଞ୍ଚାୟତିରାଜ ଦିବସ ପାଳନ କରୁଛି । ସରକାରଙ୍କ ଉତ୍ତରଦାୟିତ୍ୱ ହେଉଛି ଦେଶର ବିକାଶ କରିବା । ପଞ୍ଚାୟତକୁ ଏକ ୟୁନିଟ ଭାବେ ନେଇ ବିକାଶ କରାଯାଉଛି । ପଞ୍ଚାୟତର ବିକାଶ କହିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ବୁଝାଇଥାଏ । ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହୋଇପାରିବ । ଚାଷୀର ଆୟ ଦ୍ୱିଗୁଣିତ ହେଲେ ଦେଶର ବିକାଶ ହୋଇ ପାରିବ । ସମଗ୍ର ଓଡ଼ିଶାରେ ଅର୍ଦ୍ଧାଧିକ ମହିଳା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାମିଲ ହୋଇ ପାରିଛନ୍ତି । କେନ୍ଦ୍ର ସରକାର ପଞ୍ଚାୟତର ଉନ୍ନତି ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦେଉଛନ୍ତି । ଏହି ଉତ୍ସବରେ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ୧୯୫୯ରେ ପଞ୍ଚାୟତିରାଜ ଦିବସ ଆରମ୍ଭ ହୋଇଥିଲା । ୧୯୯୨ରେ ସମ୍ବିଧାନ ସଂଶୋଧନ କରାଯାଇ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇପାରୁଛି । ଭାରତବର୍ଷ ବିଶ୍ୱ ଅର୍ଥନୀତିରେ ୫ମ ସ୍ଥାନ ଅଧିକାର କରିପାରିଛି । ଅର୍ଥନୀତି ସୁଦୃଢ଼ କରିବାକୁ ହେଲେ ମା'ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ଼ କରାଯିବା ଉଚିତ୍ । ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ପ୍ରତି ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ମାର୍କେଟ କମ୍ପ୍ଲେକ୍ସ ଖୋଲାଯାଇ ବିକ୍ରି କରିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲାପାଳ ଜେ ସୋନାଲ ଅଧକ୍ଷତା କରି ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ଉତ୍ସବରେ ଯୋଗଦେଇ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ କହିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏବେ ଦେଶର ବିକାଶରେ ମୁଖ୍ୟ ବିନ୍ଧାଣି ସାଜିଛନ୍ତି । ବର୍ତ୍ତମାନ ଦେଶ ଧୀରେ ଧୀରେ ବିକାଶ ଆଡ଼କୁ ଅଗ୍ରଗତି କରିପାରୁଛି । ବୈଠକ ଆରମ୍ଭରେ ପହେଲ ଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୁଜଙ୍ଗ ବ୍ଲକ୍‌ର ନୂଆଗଡ ଗ୍ରାମ ପଞ୍ଚାୟତ ଓ ଏରସମା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ପ୍ରତ୍ୟେକ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କା ଆର୍ଥିକ ପୁରସ୍କାର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଜିଲ୍ଲାର ୫ଜଣ ଲକ୍ଷପତି ଦିଦିଙ୍କୁ ପୁରସ୍କାର ପ୍ରଦାନ ସହ ୫ ଜଣ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲାର ୫ଟି ପଞ୍ଚାୟତକୁ ଗୋଷ୍ଠୀ ବିନିମୟ ପାଣ୍ଠି ମାଧ୍ୟମରେ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସ୍ଥିତ ସତ୍ୟ ପ୍ୟାଲେସ ଠାରେ ମିଳିତ ମହାରଣା ଜାତିସଂଘର ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମାଜରେ ବିଭିନ୍ନ ବର୍ଗର ଲୋକ ରହିଥିବା ବେଳେ ଏଥି ମଧ୍ୟରେ ମହାରଣା କିମ୍ବା କମାର ଜାତି ଅନ୍ୟତମ ରହିଛି । ଏହି ଜାତିର ଲୋକେ ନିଜର କୌଳିକ ବୃତ୍ତିକୁ ଉଜ୍ଜୀବିତ ରଖିଥିବା ବେଳେ, ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରି ସମାଜରେ ନିଜର ପରିଚୟ ସୃଷ୍ଟି କରିଚାଲିଛନ୍ତି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ, ଅନୁଗୋଳ, ହିନ୍ଦୋଳ ଓ ତାଳଚେର ଏହି ଚାରି ଅଂଚଳର ବିଶ୍ୱକର୍ମା ଲୌହ କର୍ମକାର ମହାରଣା ମିଳିତ ଜାତିସଂଘର ୭୧ ତମ ବାର୍ଷିକ ମହା ସମ୍ମିଳନୀ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଶତାଧିକ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ସମାଜର ଉନ୍ନତି, ନିଜର କୌଳିକ ବୃତ୍ତି, ବିପଦ ସମୟରେ ପରିବାର ନିକଟରେ ସହାୟକ ହେବା,ସରକାରଙ୍କ ପ୍ରତ୍ୟେକ ମୌଳିକ ସୁବିଧାରୁ ବଞ୍ଚିତ ନହେବା, ନିଜର କୌଳିକ ବୃତ୍ତିକୁ ବଳବତ୍ତର ରଖିବା ଏହି ପରି ଅନ୍ୟ କେତେକ ଦିଗ ଉପରେ ସମାଜର କାର୍ଯ୍ୟକର୍ତ୍ତା ମାନେ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ। ଆୟୋଜିତ ସମ୍ମିଳନୀରେ ଚାରି ରାଜ୍ୟର ସଭାପତି ମଳୟ କୁମାର ମହାରଣା, ସମ୍ପାଦକ ପଞ୍ଚାନନ ମହାରଣା, ଉପସଭାପତି ଗୋବିନ୍ଦ ମହାରଣା, କାର୍ଯ୍ୟକାରୀ ସଭ୍ୟ ତ୍ରିପୁର ମହାରଣା, ପବିତ୍ର ମହାରଣା, ସର୍ବେଶ୍ୱର ମହାରଣା, ସନାତନ ମହାରଣା, ସୁରେଶ ମହାରଣା, ନରୋତ୍ତମ ଓଝା, ବିଭୂତି ମହାରଣା ସମେତ ସମାଜର ସଦସ୍ୟ ମାନଙ୍କ ସହଯୋଗରେ ସମ୍ମିଳନୀ ମହାଡମ୍ବରରେ ଅନୁଷ୍ଠିତ ହୋଇଥିଲା।

# ମୃତକଙ୍କ ସ୍ମୃତିରେ କ୍ୟାଣ୍ଡଲ ଶୋଭାଯାତ୍ରା




ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜାମ୍ମୁକାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିବର୍ଷଣରେ ପର୍ଯ୍ୟଟକ ଓ ଯବାନ ଟଳି ପଡ଼ିଥିଲେ। ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତିରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବୁଧବାର ସନ୍ଧ୍ୟାରେ ଶ୍ରୀ ଗଣେଶ ୟୁଥ୍ କ୍ଲବ୍ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୟୁଥ୍ କ୍ଲବର ସଭାପତି ବ୍ରଜ ରଞ୍ଜନ ବାରିକଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟକ ଯୁବକ ହାତରେ ବ୍ୟାନର ଓ କ୍ୟାଣ୍ଡଲ ଧରି ଆତଙ୍କବାଦୀ ବିରୋଧରେ ନାରାବାଜି କରି କଙ୍କଡ଼ାହାଡ଼ ମା' ଗଣ୍ଡୁରି ମନ୍ଦିର ନିକଟରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦଗତି କାମନା ଜଣାଇଥିଲେ। କ୍ଲବର କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପରିଡା ଓ ସମସ୍ତ ସଦସ୍ୟ, ଅଞ୍ଚଳବାସୀ ଏହି କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇ ସହଯୋଗ କରିଥିଲେ। ଆତଙ୍କବାଦୀଙ୍କ ଏପରି ହମଲା ଓ ଅମାନବୀୟ ଘଟଣାକୁ କ୍ଲବ୍ ଓ ଅଞ୍ଚଳବାସୀ ଦୃଢ଼ ନିନ୍ଦା କରିଛନ୍ତି।

# ଅସ୍ତରଙ୍ଗଙ୍କୁ ମିଳିଲା ପଞ୍ଚାୟତ ସଶକ୍ତିକରଣ ପୁରସ୍କାର

## ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କଲେ ସରପଞ୍ଚ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ଜାତୀୟ ପଂଚାୟତିରାଜ ଦିବସ ଅବସରରେ ପୁରୀ ଜିଲ୍ଲା ତାଳବଣିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତକୁ ଭଲ କାମ ପାଇଁ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୂଚନା ଅନୁସାରେ ଗୁରୁବାର ପଞ୍ଚାୟତିରାଜ ଦିବସ ଅବସରରେ ପୁରୀ ଜିଲ୍ଲା ତାଳବଣିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ମାନେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଭଲ କାମ ପାଇଁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଞ୍ଚାୟତକୁ ଭଲ କାମ କରିଥିବା ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ଭାବେ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟୁଭୂଷଣ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ୫, ୭୯, ୭୧୦(ପାଞ୍ଚ ଲକ୍ଷ ଅଣାଅଶି ହଜାର ସାତ ଶହ ଦଶ ଟଙ୍କା)ଶହ ଏକ ମାନପତ୍ର ମଞ୍ଚ ଉପରେ ପୁରସ୍କୃତ କରିଛନ୍ତି। ଅତିଥି ଭାବେ ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପ୍ରଭାତୀ ପରିଡା, ପଞ୍ଚାୟତରାଜ ମନ୍ତ୍ରୀ ରବି ନାଏକ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ଖାଉଟି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଶହ ଅନ୍ୟ ବିଧାୟକ ମାନେ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ସରପଞ୍ଚଙ୍କୁ ଶୁଭେଚ୍ଛା ଓ ପ୍ରଶଂସା କରାଯାଉଛି।

## ଆଭାସି ମାଧ୍ୟମରେ ପଞ୍ଚାୟତିରାଜ ଦିବସ ପାଳିତ

ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ନୂଆପଡ଼ା ଜିଲ୍ଲା ପୋଲିସ ପଡିଆରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଜିଲ୍ଲାରେ ଯୋଗ ଦେଇ ଆଭାସି ଜରିଆରେ ସମଗ୍ର ଜିଲ୍ଲା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ପଞ୍ଚାୟତ ଓ ଗାଆଁର ଉନ୍ନତି ହେଲେ ଓଡ଼ିଶା ବିକଶିତ ହେବ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ବିଶେଷ କରି ସରକାରୀ ଅର୍ଥକୁ ଉଚିତ୍ ମାଧ୍ୟମରେ ଖର୍ଚ୍ଚ ହେଉଥିବା ପଞ୍ଚାୟତକୁ ଗ୍ରେଡ ଏ ପ୍ରଦାନ କରି, ସେହି ପଞ୍ଚାୟତକୁ ୭ ଲକ୍ଷ ୪୨ ହଜାର ୯୪୬ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ସେହିପରି ନୂତନ ରାସନ କାର୍ଡ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ କରିଥିଲେ।

## ଗୁଣପୁର ମହାବିଦ୍ୟାଳୟର ସଫଳତା

ଗୁଣପୁର, (ଭାସ୍କର ନ୍ୟୁଜ୍ ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଦ୍ୟ ପ୍ରକାଶିତ ସ୍ନାତକ ପରିକ୍ଷା ଫଳରେ ଗୁଣପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବା ସହ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ପଦାର୍ଥବିଜ୍ଞାନରେ ସୁଶ୍ରୀ ଅର୍ପିତା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ରସାୟନ ବିଜ୍ଞାନର ଛାତ୍ରୀ ସୁଶ୍ରୀ ପ୍ରୀୟଙ୍କା ରଥ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି, ଶିକ୍ଷା ବିଭାଗର ଦୁଇ ଜଣ ଛାତ୍ର ଲୋକେଶ ଭୂପତି ଓ ନିର୍ମଳା ପାଣ୍ଡୁସାହୁ ପଞ୍ଚମ ଓ ଦଶମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଶଶିଭୂଷଣ ମହାନ୍ତି ସମସ୍ତ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇଛନ୍ତି। ଏହି ସଫଳତା ପାଇଁ ସମସ୍ତ ଛାତ୍ର ଓ ଛାତ୍ରି ମାନଙ୍କୁ ଅନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବିଭିନ୍ନ ସ୍ଥାନରେ ଜାତୀୟ ପଞ୍ଚାୟତିରାଜ୍ ଦିବସ ପାଳିତ



ଗୁଣପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌର ସହତା ଯୋଗଦେଇ ୭୩ ସମ୍ବିଧାନ ସଂଶୋଧନ ମାଧ୍ୟମରେ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ କରିବା ଓ କ୍ଷମତା ବିକେନ୍ଦ୍ରିକରଣ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଥିଲେ ସେଥିରେ ଗ୍ରାମାଞ୍ଚଳର ବିକାଶ ସହ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ୟ କ୍ଷମତାର ଭାଗିଦାରୀ କରାଯାଇପାରିଛି। ଗ୍ରାମାଞ୍ଚଳରେ ରହୁଥିବା ଶେଷ ସ୍ତରର ହିତାଧିକାରୀଙ୍କୁ ସରକାରଙ୍କ ବିକାଶମୁଳକ ଯଜନା ପହଞ୍ଚି ପାରିଲେ ହିଁ ଦେଶ ବିକାଶ ପଥରେ ଆଗେଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଡିଡିଓ ସ୍ୱସ୍ତିକ ଜମାଦାର ପରିଚାଳନା କରିଥିବା ବେଳେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର, ଉପାଧକ୍ଷ ସୁଦର୍ଶନ ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ସଂପାଦକ ବିଦ୍ୟାଧର ଶବର ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସଂପର୍କ ବିଭାଗ କର୍ମଚାରୀ ଅନନ୍ତ ପାତ୍ର ସଂଯଜନା କରିଥିବା ବେଳେ ଜିପିଓ ପି ଦିବାକର ପରିଚାଳନାରେ ସହଯୋଗ କରିଥିଲେ।

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏପ୍ରିଲ୍ ୨୪କୁ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ବ୍ଲକ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବ୍ଲକ ବିଧାୟକ ପ୍ରତିନିଧି ସତ୍ୟ ଶରଣ ପୋଲ ଓ ବିଡିଓ ତପନ କୁମାର ସେନାପତି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଜିଲ୍ଲା ସ୍ଥିତ ତାଳବଣିଆ ଠାରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସକୁ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକର ୬୪ ଏବଂ ପୌର ପରିଷଦର ୪୯ ଜଣଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି । ସେହିପରି ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୬, ମାଥିଲି ବ୍ଲକରେ ୩୬, କାଲିମେଳାରେ ୧୬୧, ଖଇରପୁଟରେ ୨୫, କୋରକୁଣ୍ଡାରେ ୫୮, ପଡିଆରେ ୩୪ ଓ



ଚିତ୍ରକୋଣ୍ଡାରେ ୨୬ ଜଣଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି। ମାଲକାନଗିରି ଜିଲ୍ଲାର ତଣ୍ଡାପାଲ୍ଲି ଗ୍ରାମ ପଞ୍ଚାୟତକୁ 'ବି' ବର୍ଗରେ ୫ ଲକ୍ଷ ୭୯ ହଜାର ୭୧୦, ପାଣ୍ଡ୍ରିପାଣିକୁ 'ସି' ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩, ତମାସାକୁ ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩, ମାଟାପାକା କୁ 'ସି' ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩ ଏବଂ ଚାଲାଣଗୁଡା କୁ 'ସି' ବର୍ଗରେ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ଏହି ପ୍ରୋତ୍ସାହନ ଅର୍ଥ ରାଶି ଜିଲ୍ଲାର ପାଞ୍ଚଟି ଗ୍ରାମ ପଞ୍ଚାୟତର ବିକାଶ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିନିଯୋଗ ହେବ। ଆଜିର ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ମାନେ ହିତାଧୀକାରୀ ମାନଙ୍କୁ ସହାୟତା ବଣ୍ଟନ କରିଥିଲେ।

ନାରାୟଣପାଟଣା ( ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ହାଇସ୍କୁଲ୍ ପୋଡ଼ିଆ ଠାରେ ଜାତୀୟ ପଞ୍ଚାୟତି ରାଜ ଦିବସ କାର୍ଯ୍ୟକ୍ରମ ବ୍ଲକ୍ ପ୍ରଶାସନ ତରଫରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ଗୋଲାଡି ତ୍ରିନାଥଙ୍କ ଅଧ୍ୟକ୍ଷତାରେ ପରିଚାଳନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ନାରାୟଣପାଟଣା ତହସିଲଦାର ଦେବବ୍ରତ ମହାରଣା, ସିଡିପିଓ ଇନ୍ଦୁମତି ପାଣିଗ୍ରାହୀ ଓ ଭାରତୀୟ ଜନତା ପାର୍ଟିର ସଭାପତି କାଶୀନାଥ ହିକକା, ସମ୍ପାଦକ ରମେଶ ଚନ୍ଦ୍ର ଦାସ, ଏବଂ ବରିଷ୍ଠ ବିଜେପି ନେତା ମଙ୍ଗଳ ମଣି ତୁରୁକ୍ ଏବଂ ୯ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଇ ସାରା ଓଡ଼ିଶାରେ ଭିଡ଼ିଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମହନ ଚରଣ ମାଝିଙ୍କ ଅଭିଭାଷଣ ରଖିଥିବା ଦେଖାଯାଇଥିଲା। ପରିକ୍ଷେଶ ରେ ନୂତନ ଭାବେ ଚାଉଳ କାର୍ଡ ପାଇଁ ଲେଖିଦେଇଥିବା ହିତାଧିକାରୀ ମାନଙ୍କୁ ରାସନ୍ କାର୍ଡ ବଣ୍ଟନ କରାଯାଇଥିଲା।



# ଚେକ୍ ଡ୍ୟାମ ନିର୍ମାଣକୁ କେନ୍ଦ୍ର କରି ଦୁଇ ଗାଁ ମଧ୍ୟରେ ଶୀତଳ ଯୁଦ୍ଧ

ଆଠଗଡ଼, (ଭାସ୍କର ନ୍ୟୁଜ୍ ) : ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ନିର୍ମାଣ ହେଉଥିବା ଚେକ୍ ଡ୍ୟାମ ଅତୁଆ ତ୍ରୁଟିବାର ନାଁ ଧରୁନି। ଆଠଗଡ଼ ବ୍ଲକ କୁଲାଇଲୋ ପଞ୍ଚାୟତର ଉଦୟପୁର ଦଳ ଇଲାକାରେ ନିର୍ମାଣ ହେବାକୁ ଥିବା ଚେକ୍ ଡ୍ୟାମ ପାଇଁ ବିଭାଗୀୟ ଅଧିକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଗଣମାଧ୍ୟମରେ ଏହାର ରିପୋର୍ଟ ପ୍ରକାଶ ପାଇବା ପରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆଠଗଡ଼ ଆସି ଘଟଣାର ସମୀକ୍ଷା କରିଥିବା ଜଣାପଡିଛି। ଅନ୍ୟପଟେ ଅଧିକ୍ଷଣ ଯନ୍ତ୍ରୀ ବସନ୍ତ କୁମାର ସୋରେନ୍ ଆଠଗଡ଼ ଆସି ଘଟଣାସ୍ଥଳକୁ ନ ଯିବା ସାଧାରଣରେ ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାପୁଆ ନଦୀର ଉପନଦୀ ଭାବରେ ପରିଚିତ କଣ୍ଟିଆ ନଦୀର ଉଦୟପୁର ଦଳ ଇଲାକାରେ ଏକ ଚେକ୍ ଡ୍ୟାମ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଥିଲା। ଏଥିପାଇଁ ପାଖାପାଖି ୬୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଠିକାଦାର ମଧ୍ୟ ନିଯୁକ୍ତି ହେଲା। ୨୦୨୩ ମସିହାରେ ଏହାର କାର୍ଯ୍ୟ ଆରମ୍ଭ ହୋଇ ତତ୍କାଳୀନ ସରକାରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମର୍ଥକ ନେତା ଓ କର୍ମୀ ଯାଇ ଶୁଭ ମଧ୍ୟ ଦେଲେ। କିନ୍ତୁ କାମ ଆରମ୍ଭ ହେଲା ବେଳକୁ ପ୍ରତିବାଦ ହେବାରୁ ଯେଉଁ ଜାଗାରେ ଚେକ୍ ଡ୍ୟାମ ନିର୍ମାଣ ହେବା କଥା ସେ ସ୍ଥାନକୁ ବଦଳାଇ ଦିଆଗଲା। ଯେଉଁ ଜାଗା ପାଇଁ ସର୍ଭେ କରାଯାଇ ନିର୍ମାଣ ପାଇଁ ପ୍ରସ୍ତାବ ଥିଲା ସେଠାରୁ ପାଖାପାଖି ପାଞ୍ଚ ଶହ ମିଟର ତଳକୁ ନିର୍ମାଣ ଯୋଗୁଁ ଟଣା ଓଟରା ଲାଗି ରହିଛି। ତାରି ମଧ୍ୟରେ କୁଲାଇଲୋ ଏବଂ ପାଟଲିଙ୍ଗା ଗ୍ରାମର ଦୁଇଟି ଉଠା ଜଳସେଚନ ପ୍ରକଳ୍ପ ରହିଥିବା ଜଣାପଡିଛି। ବର୍ତ୍ତମାନ ନିର୍ମାଣ ହେଉଥିବା ଜାଗାର ମଝିରେ ଏହି ନିର୍ମାଣ କାର୍ଯ୍ୟ ହେଉଥିବା ଯୋଗୁଁ ପାଟଲିଙ୍ଗା, ଶିଳାପାଟ, ବିରିଜିଙ୍ଗା ଗ୍ରାମର ଲୋକେ ଏଥିରେ ଆପତ୍ତି କରି ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଏହି ଗ୍ରାମ ଗୁଡ଼ିକର ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସହିତ ଗାଈଗୋରୁଙ୍କ ପାଇଁ ପାଣିର ସମସ୍ୟା ହେବା ସହିତ ଏହି ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଘଟଣା ସ୍ଥଳକୁ ନ ଯାଇ ମନ ଇଛା ସର୍ଭେ କରି ଏଭଳି ଏକ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବା ଅଭିଯୋଗ ହୋଇଛି। ଏ ବାବଦରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବସନ୍ତ କୁମାର ସୋରେନ୍ ଏବଂ ଆଠଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ। ଏହି ଚେକ୍ ଡ୍ୟାମ ନିର୍ମାଣ ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଆସିବା ପରେ ଏହାକୁ ବନ୍ଦ ପାଇଁ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ କାହାର ଚାପରେ ବା ସ୍ୱାର୍ଥରେ ପୁନର୍ବାର ଏହାର ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀ ଜିଦ୍ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ହେଲ୍ପ ଲାଇନ ଆୱାର୍ଡରେ ସମ୍ମାନିତ ହେଲେ ଗଣ ଶିକ୍ଷା ମନ୍ତ୍ରୀ




ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ନିଜ କାର୍ଯ୍ୟ ଦକ୍ଷତା ପାଇଁ ସର୍ବଦା ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ। ସଂସ୍ଥା ବର୍ଷ ତମାମ ସମାଜସେବା କାର୍ଯ୍ୟ ଜାରି ରଖିଥିବା ବେଳେ, ଆଜି ତାର ବାର୍ଷିକ ଉତ୍ସବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସଂସ୍ଥାର କାର୍ଯ୍ୟକୁ ବହୁ ପ୍ରଶଂସା କରିଥିଲେ। ସଂସ୍ଥା ପକ୍ଷରୁ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଜୋରଦାର ସ୍ୱାଗତ ଓ ସମ୍ମାନିତ କରାଯାଇଥିଲା। ସେହିପରି ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ା ସଙ୍ଘର ଉପସଭାପତି ଏମ. ବାଳକୃଷ୍ଣ ରାଓ ମୁଖ୍ୟବକ୍ତା ସାହିତ୍ୟିକ ପ୍ରଦୀପ ମିଶ୍ର, ଜିଲ୍ଲା କ୍ରିକେଟ ସମ୍ପାଦକ ଅଶୋକ କୁମାର ନାୟକ, କ୍ରୀଡା ଶିକ୍ଷକ କିଶୋର ସିଲ, ଏମ. ବିଜୟ କୁମାର, ଶିକ୍ଷକ ନରେଶ ପଟନାୟକଙ୍କୁ ମଧ୍ୟ ଉପଢୌକନ, ମାନପତ୍ର ଏବଂ ଟ୍ରଫି ଦେଇ ଓଡିଶା ସରକାରଙ୍କ ମାନ୍ୟବର କେବିନେଟ ମନ୍ତ୍ରୀ ସଂସ୍ଥା ପକ୍ଷରୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଉପ ସଭାପତି ଇଂ. ଚନ୍ଦନା ମଲ୍ଲିକ, ଉପଦେଷ୍ଟା ଶ୍ରୀନିବାସ ପଟନାୟକ, ରବି ସୁନା, ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, ବରିଷ୍ଠ ସଭ୍ୟା କୁସୁମ ନାୟକ, ଶାନ୍ତିଲତା ମହାନ୍ତି, ସାଇକୃତି ପଣ୍ଡା ଏବଂ ଶିବାନୀ ରାଜୁ ପ୍ରମୁଖ ପରିଚାଳନା କରିଥିଲେ ।

# ସଚେତନତାର ବାର୍ତ୍ତାବହ ବାବା ପ୍ରେମଚନ୍ଦ ତ୍ୟାଗୀ

**ଭୀମ ଭୋଇଙ୍କ ବାଣୀ ପ୍ରଚାର କରୁଛନ୍ତି, ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ପାଇଁ ଉଦ୍ୟମରତ**

ମୁରିବାହାଲ, (ଭାସ୍କର ନ୍ୟୁଜ୍ ) : ଖଞ୍ଜଣି ବାଦ୍ୟ ବଜାଇ ସୁମଧୁର କଣ୍ଠରେ ବିଭିନ୍ନ ସଚେତନ ଧର୍ମୀ ଗୀତ ମାଧ୍ୟମରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ଅଲେଖ ମହିମା ଧର୍ମରେ ଦିକ୍ଷୀତ ବାଲ୍ୟ ସନ୍ୟାସୀ ପ୍ରେମଚାନ୍ଦ ତ୍ୟାଗୀ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସିନାଙ୍ଗ ଗ୍ରାମରେ ଜନ୍ମିତ ପ୍ରେମଚାନ୍ଦ ତ୍ୟାଗୀ ବିଭିନ୍ନ ଅଲେଖ ମହିମା ଆଶ୍ରମରେ ରହୁଥିବା ବେଳେ କଳାପୂର୍ଣ୍ଣ ଜୀବନ ଅତିବାହିତ କରନ୍ତି। ଖଞ୍ଜଣି ବିଶାରଦ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ବଙ୍ଗୋମୁଣ୍ଡା ଅଞ୍ଚଳର ବିଭିନ୍ନ ଗ୍ରାମ ବୁଲି ଖଞ୍ଜଣି ବଜାଇ ନିଶା ନିବାରଣ, ପରିବେଶ ସୁରକ୍ଷା, ଲୁପ୍ତ କଳା, ସଂସ୍କୃତିର ସୁରକ୍ଷା, ଯୌତୁକ ପ୍ରଥା ବିରୋଧୀ ଆଦି ସଚେତନତା କରିବା ସହ ଭୀମ ଭୋଇଙ୍କ ମହତ ବାଣୀକୁ ଜନ ମୁଖରେ ଗାନ କରି ପ୍ରଚାର କରୁଛନ୍ତି। ୮ ବର୍ଷ ବୟସରୁ ଖଞ୍ଜଣି ବାଦ୍ୟ ବଜାଇବା ଆରମ୍ଭ କରିଥିବା ବେଳେ ଖଞ୍ଜଣିର ଚିତ୍ତାକର୍ଷକ ବାଦ୍ୟ ଲୋକଙ୍କୁ



ମୋହିତ କରିଥାଏ । ବାଞ୍ଜୁଝୁଲା ମଠର ଗୁରୁ ଦିଲିପ ଦାସଙ୍କ ଠାରୁ ଖଞ୍ଜଣି ଶିକ୍ଷା କରିଥିଲେ। ଭୀମ ଭୋଇଙ୍କ ଲିଖିତ ଜଣାଣ, ଭଜନକୁ ପ୍ରଚାର କରିବା ସହ ପାରମ୍ପରିକ ଗୀତ ରଚନା କରି ନିଜସ୍ୱ ଢଙ୍ଗରେ ସମାଜକୁ ସଚେତନ କରିଥାନ୍ତି। ଲୁପ୍ତପ୍ରାୟ ଲୋକ କଳା, ସଂସ୍କୃତି, ପରମ୍ପରା ଓ ଉତ୍ଥାନ ପାଇଁ ବିଭିନ୍ନ ମଞ୍ଚରେ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥାନ୍ତି। ଖଞ୍ଜଣି ବାଦ୍ୟକୁ ଆହୁରି ଜନ ମାନସରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ସହ ଲୁପ୍ତପ୍ରାୟ ଖଞ୍ଜଣି କଳାକାରଙ୍କୁ ଉଜ୍ଜୀବିତ କରିବାର ଉଦ୍ୟମ ଜାରି ରଖିଛନ୍ତି। ଆସାମ, ହରିୟାଣା, ଛତିଶଗଡ଼ରେ ଭୀମ ଭୋଇ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କଳା ପରିବେଷଣ କରିଥିବା ବେଳେ କଳାହାଣ୍ଡି ଲୋକ ମହୋତ୍ସବ, ସାହିତ୍ୟ କଳାପରିଷଦ ରେଙ୍କପୁର, ଦୂରଦର୍ଶନ, ଆକାଶବାଣୀ, ଭବାନୀପାଟଣା, ବରଗଡ଼, ମୟୁରଭଞ୍ଜ, ଯାଜପୁର, କୋରାପୁଟ ଜିଲାର ବିଭିନ୍ନ ସାଂସ୍କୃତିକ ମଞ୍ଚରେ ନିଜ କଳା ପ୍ରଦର୍ଶନ କରିବା ସହ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଖଞ୍ଜଣି ବାଦ୍ୟର ପ୍ରଚାର ପ୍ରସାର ପାଇଁ ନିରନ୍ତର ଚେଷ୍ଟା ଜାରି ରଖିଥିବା ପ୍ରକାଶ କରନ୍ତି। ଖଞ୍ଜଣି ବାଦ୍ୟର ପ୍ରଚାର ପ୍ରସାର, ସୁରକ୍ଷା, ସହ ବିଭିନ୍ନ ମହିମା ପୀଠ ଗୁଡ଼ିକରେ ଖଞ୍ଜଣି ବାଦ୍ୟର ବିକାଶ ପାଇଁ ସରକାରୀ ପ୍ରୋତ୍ସାହନ ବ୍ୟବସ୍ଥା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଲେ ହଜାର ହଜାର ବର୍ଷର ପାରମ୍ପରିକ ଖଞ୍ଜଣି ବାଦ୍ୟ ବଞ୍ଚି ରହିବା ସହ ଖଞ୍ଜଣି କଳାକାର ଉପକୃତ ହୋଇପାରିବେ ବୋଲି ପ୍ରକାଶ କରନ୍ତି।

# ସ୍ୱେଚ୍ଛାସେବୀ ସଂସ୍ଥା 'ହେଲ୍ପ ଲାଇନ'ର ବାର୍ଷିକ ଉତ୍ସବ ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ୍ ): ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନର ୩୪ ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ କେବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିନା କୌଣସି ଅନୁଦାନରେ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲ୍ପ ଲାଇନ' ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ବୃକ୍ଷ ରୋପଣ, ସଡ଼କ ସୁରକ୍ଷା, ବାଲ୍ୟ ବିବାହ ସଚେତନତା, ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ଉଚ୍ଚ ଶିକ୍ଷା ପାଇଁ ସହଯୋଗ, କିଶୋରୀ ମେଳା ନିଶା ନିବାରଣ ଆଦି କାର୍ଯ୍ୟକ୍ରମ ମାନ ଦୀର୍ଘ ୩୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଜାରି ରହିଛି। ଏଥିପାଇଁ ସଂସ୍ଥାର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଦେବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଓଡ଼ିଶାର ସୁପ୍ରସିଦ୍ଧ କବି, ଲେଖକ, ସାହିତ୍ୟିକ ଡ଼କ୍ଟର ପ୍ରଦୀପ କୁମାର ମିଶ୍ର




ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଅସ୍ତ୍ରପଚାର ଶିବିର ଆଦି କରି ସଂସ୍ଥା ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ମାନପତ୍ର ସହ ପୁରସ୍କୃତ ହୋଇଛି। ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ସଂସ୍ଥାକୁ ଫୋନ ଯୋଗେ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଗାମୀ ଦିନ ମାନଙ୍କରେ ଆହୁରି ଅଧିକରୁ ଅଧିକ ସମାଜସେବା କାର୍ଯ୍ୟ ସହ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରୀଡା ସଙ୍ଘର ଉପସଭାପତି ଏମ. ବାଳକୃଷ୍ଣ ରାଓ, ପୌର ପରିଷଦ ଉପାଧକ୍ଷ ସୁଧାଂଶୁ ଦାଶ, ଜିଲ୍ଲା କ୍ରିକେଟ ସଙ୍ଘର ସମ୍ପାଦକ ଅଶୋକ କୁମାର ନାୟକ, ଶଶାଙ୍କ ବେହେରା, ପ୍ରାକ୍ତନ ପ୍ରାଧ୍ୟପକ ଡ଼କ୍ଟର ପଙ୍କଜ ଲୋଚନ ମିଶ୍ର, ଶାନ୍ତନୁ ମହାପାତ୍ର, ପ୍ରମୁଖ ଯୋଗଦେଇ ସଂସ୍ଥାର କାର୍ଯ୍ୟକୁ ବହୁ ପ୍ରଶଂସା କରିଥିବା ବେଳେ, ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ସମାଜସେବୀ ଦୁର୍ଗା ପ୍ରସାଦ ମଲ୍ଲିକ ବିବରଣୀ ପାଠ କରିବା ସହ ସମାଜସେବା ପାଇଁ ଆପଣ ମାନଙ୍କ ସହଯୋଗ କାମନା କରୁଛୁ ବୋଲି ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମତେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ସଂସ୍ଥାର ଉପସଭାପତି ଇଂ. ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଏବଂ ମନ୍ତ୍ରୀ ଶ୍ରୀ ଗଣ୍ଡ ବସ୍ତ୍ର ବଣ୍ଟନ କରିବା ସହ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମାଜସେବା ପାଇଁ ଆଗଭର ହୋଇ ଅଶୋକ କୁମାର ପାତ୍ର, ହମିଦା ବାନୁ, ରାକେଶ କୁମାର ନାୟକ, ରାକେଶ ସରକାର, ସତ୍ୟ ସବନ ଦାସ, ଅଞ୍ଜନା ବୈଦ୍ୟ, ସ୍ୱପ୍ନା ପାଣିଗ୍ରାହୀ, ମୋନାଲିସା ପଟ୍ଟନାୟକ, ଶରତ ପ୍ରଧାନ ପ୍ରମୁଖ ନୂତନ ସଭ୍ୟ ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟା ଅବସରପ୍ରାପ୍ତ ଟୀକାକାରଣ ଅଧିକାରୀ କୁସୁମ ନାୟକ, ସାଇକୃତି ପଣ୍ଡା ସମେତ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

# ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ପ୍ରଶାସନର ସମ୍ମିଳିତ ବୈଠକ

ନୂଆପଡ଼ା, (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାବନା ସଭା ଗୃହରେ ପ୍ରବାସୀ ଶ୍ରମିକ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ବିଭାଗର ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ସମସ୍ତ ବିଭାଗର ମିଳିତ ଉଦ୍ୟମ କ୍ରମେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇପାରିବ। ବିଭିନ୍ନ ବିଭାଗର ବିଗତ ଦିନର କାର୍ଯ୍ୟାବଳୀକୁ ଦେଖି ପ୍ରବାସୀ ଶ୍ରମିକମାନଙ୍କୁ କେତେ ସହାୟତା ପ୍ରଦାନ କରାଯାଇଛି ତାର ସମୀକ୍ଷା କରାଗଲା। ଜଣାଗଲା ଯେ, ମାର୍ଚ୍ଚ ମାସରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମନରେଗା ଯୋଜନାରେ ୨୩୩୬ଟି ପରିବାରର ଶ୍ରମିକ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ମାସ ଶେଷ ସୁଦ୍ଧା ୬,୪୮,୭୦୯ ଶ୍ରମ ଦିବସ ସୃଷ୍ଟି କରି ୨୨ କୋଟି ୮୩ ଲକ୍ଷ ୪୫ ହଜାର ୫୬୮ଟଙ୍କା ମଞ୍ଜୁରି ପ୍ରଦାନ କରାଯାଇଛି। ୧୦୦ ଦିନର କାମ ୨୯୫୩ଟି ପରିବାର ୨୦୦ ଦିନର କାମ, ୧୭୦୩ଟି ପରିବାର ଓ ୩୦୦ ଦିନର କାମ ୯୭ଟି ପରିବାର କରିଛନ୍ତି। ଜଳ ବିଭାଜକା ପ୍ରକଳ୍ପ ତରଫରୁ ୮୨ଟି ପରିବାର ପାଇଁ ୬୨୭୨ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ମତ୍ସ୍ୟ ବିଭାଗ ତରଫରୁ ଗୋଟିଏ ପରିବାରକୁ ମାଛ ପୋଖରୀ ଖୋଳିବା ପାଇଁ ୭୦,୦୦୦ ଟଙ୍କା ସହାୟତା ଯୋଗାଇ ଦିଆ ଯାଇଛି। ମିଶନ ଶକ୍ତି ଓ ଜୀବିକା ମିଶନ ତରଫରୁ ୬୫୧ ଶ୍ରମିକ ପରିବାର ମାନଙ୍କୁ ୧ କୋଟି ୪୧ଲକ୍ଷ ଟଙ୍କା ବ୍ୟାଙ୍କ ସହାୟତା ଯୋଗାଇ ଦିଆଯାଇଛି। ହସ୍ତ ଶିଳ୍ପ ବିଭାଗ ତରଫରୁ ୩ଟି ପରିବାରକୁ ଭୁବନେଶ୍ୱର ତୋଷାଳୀ ମେଳାରେ ପ୍ରଦର୍ଶନ ସୁଯୋଗ ଦିଆଯାଇଛି। ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ୭ଟି ପରିବାରକୁ କାମ ଯୋଗାଇ ଦିଆଯାଇଛି। ଜିଲ୍ଲା ଶ୍ରମ ବିଭାଗ ତରଫରୁ ମନରେଗା ଯୋଜନାରେ କାମ କରିଥିବା ୭୮୦ଟି ଶ୍ରମିକ ପରିବାରଙ୍କୁ ଲେବର୍ କାର୍ଡ ପ୍ରଦାନ କରାଯାଇଛି । ପ୍ରବାସୀ ଶ୍ରମିକ ମାନଙ୍କ ହାଇସ୍କୁଲ୍‌ରେ ପଢୁଥିବା ୧୮୯୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ୬ ମାସ ପାଇଁ ଭତ୍ତା ପ୍ରଦାନ କରାଯାଇଛି। ଜିଲ୍ଲା କର୍ମ ନିୟୋଜନ ବିଭାଗ ତରଫରୁ ୩ ଜଣଙ୍କୁ ଉନ୍ନତ କୌଶଳରେ ଟ୍ରେନିଂ ସହାୟତା ଦିଆଯାଇଛି। ବିଭିନ୍ନ ତହସିଲଦାରମାନେ ଘର ଡିହ ନଥିବା ୧୪ଟି ଶ୍ରମିକ ପରିବାରଙ୍କୁ ୪ ଡିସିମିଲ କରି ଜମିପଟ୍ଟା ଯୋଗାଇ ଦେଇଛନ୍ତି। ପରିବହନ ଅଧିକାରୀ ଯୁବ ଶ୍ରମିକ ମାନଙ୍କୁ ଡ୍ରାଇଭିଂ ଟ୍ରେନିଂ ଦେଇ ସେମାନଙ୍କୁ ଚାରି ଚକିଆ ଯାନ ଋଣ ପାଇଁ ସହାୟତା କରାଯିବ। ଜିଲ୍ଲାରୁ ଅନ୍ୟ ରାଜ୍ୟକୁ ପ୍ରବାସୀ ଶ୍ରମିକ ଚାଲାଣ କରୁଥିବା ବସ୍‌ମାନଙ୍କ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ବେଆଇନ୍ ଶ୍ରମିକ ଦଲାଲ୍ ମାନଙ୍କୁ ଗିରଫ କରିବା ପାଇଁ ତହସିଲଦାର ମାନଙ୍କ ସହ ପଦକ୍ଷେପ ନେବେ। ଜିଲ୍ଲା ଶ୍ରମ ଅଧିକାରୀ ଦାଦନ ଯାଇଥିବା ଶ୍ରମିକ ମାନଙ୍କୁ ସେଇ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହାୟତାରେ ଫେରାଇ ଆଣିବା ପାଇଁ ପ୍ରଚେଷ୍ଟା କରିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସେମାନଙ୍କ ଛୁଆ ମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଦାଖଲ କରିବା ସହିତ ସେହି ପରିବାର ମହିଳା ମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେବେ। ଏସ୍ ପି, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଓ ଜିଲ୍ଲା ଶ୍ରମ ଅଧିକାରୀ ମିଳିତ ଭାବରେ ଅଚାନକ ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେସନ୍ ଗସ୍ତ କରି ଦାଦନ ଚାଲାଣ ରୋକିବେ। ସମସ୍ତ ବିଡ଼ିଓ ପ୍ରତି ବୁଧବାର ଦିନ ରୋଜଗାର ଦିବସ ସୃଷ୍ଟି କରି ଗାଁ ଶ୍ରମିକ ମାନଙ୍କୁ ମନରେଗା ପ୍ରତି ଆକୃଷ୍ଟ କରିବେ। ଆଜିର ଏହି ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମହାଦେବ ବଡାଇକ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଅତିରିକ୍ତ ଏସ୍ ପି ରଣଜିତ୍ ନାୟକ, ଏପି ଡି ଯୋଗେଶ୍ୱର ଭୋଇ, ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ମୂଳୋତ୍ପାଟନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇ ସହଯୋଗ କାମନା କରିଥିଲେ।



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ସ୍ୱାମୀ ଅରୂପାନନ୍ଦ ଜୁନିଅର କଲେଜର ୧୯୯୧ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗତ ରବିବାର ଦିନ କଲେଜ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ୧୯୯୧ ବ୍ୟାଚ୍‌ର ଛାତ୍ରଛାତ୍ରୀ ମାନେ କଲେଜର ପ୍ରଥମ ବ୍ୟାଚ୍। ସେହି ସମୟରେ ଶ୍ରେଣୀ ଗୃହର ଅଭାବ ଯୋଗୁଁ ସ୍ଥାନୀୟ ହରେକୃଷ୍ଣ ବିଦ୍ୟାପୀଠ ପାଟେଣୀଗାଁ ଠାରେ ବହୁଦିନ ଧରି କଲେଜର ପାଠପଢ଼ା ଚାଲିଲା। ପରବର୍ତ୍ତୀ ସମୟରେ ବାବା ଅରୂପାନନ୍ଦଙ୍କ ଆର୍ଥିକ ସହଯୋଗ, ପୂର୍ବତନ +୨ କଲେଜ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ଓ ବର୍ତ୍ତମାନର ଅଧକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ପ୍ରଚେଷ୍ଟା ଓ ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ କୁର୍ତ୍ତାଙ୍ଗ ଠାରେ +୨ କଲେଜଟି ଗଢିଉଠିଲା। ଛାତ୍ରଛାତ୍ରୀମାନେ ସେହି ସମୟର ସ୍ମୃତିଗୁଡ଼ିକୁ ମନେପକାଇ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ +୨ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି, ଅଧ୍ୟାପକ ସୁମନ୍ତ କୁମାର ଦାସ, କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପବିତ୍ର କୁମାର ସ୍ୱାଇଁ, ସନ୍ତୋଷ ଦାସ, କମଳାକାନ୍ତ ପରିଡ଼ା, ସୁଶାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଅମୂଲ୍ୟ ପଣ୍ଡା, ପ୍ରଦୀପ ସାହୁ, ସୁଭାଷ ଖୁଣ୍ଟିଆ, କିଶୋର ଦାସ, କୃତିବାସ ଦାସ, ବାଦଲ ଦାସ, ପ୍ରତାପ ସ୍ୱାଇଁ ବିଜୟ ରାଉଳ, ପୁଷ୍ପଲତା ମହାନ୍ତି, ସସ୍ମିତା ମହାପାତ୍ର, ସ୍ନେହାଞ୍ଜଳି ଚୌଧୁରୀ, ରାଜଲକ୍ଷ୍ମୀ ପଣ୍ଡା, ମିନାକ୍ଷୀ ବାରିକ, ସ୍ନେହାସ୍ୱିନୀ ଦାସ, ନିଶିପଦ୍ମା ମହାନ୍ତି, ଜ୍ୟୋତିର୍ମୟୀ ଜେନା ପ୍ରମୁଖ ଏହି ଉତ୍ସବକୁ ଆୟୋଜନ କରିଥିଲେ।




## ମନରେଗା ଦୁର୍ନୀତି

# ୧୪ଦଫା ଦାବି କଲେ ଗାଁ ସାଥୀ ସଂଘ




ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି କାର୍ଯ୍ୟରତ ଗାଁ ସାଥୀ (ମେଟ) ସଂଘ। ସଂଘ ପକ୍ଷରୁ ଏହାର ତଦନ୍ତ ଦାବି କରାଯିବା ସହ ସେମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ୧୪ ଦଫା ସମ୍ବଳିତ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଗାଁ ସାଥୀ (ମେଟ୍)ମାନଙ୍କୁ ପରିଚୟପତ୍ର ପ୍ରଦାନ, ସଠିକ ସର୍ବେକ୍ଷଣ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସାମିଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ବ୍ଲକର ସମସ୍ତ ଗାଁ ସାଥୀ (ମେଟ)ମାନଙ୍କୁ ସର୍ବନିମ୍ନ ୧୦ ଦିନରୁ ଅଧିକ ମନରେଗା ଯୋଜନା କାର୍ଯ୍ୟ ଯୋଗାଣ, ପଞ୍ଚାୟତ ମନରେଗା ପ୍ରକଳ୍ପରେ କାର୍ଯ୍ୟ କରିଥିବା ମେଟ୍‌ମାନଙ୍କୁ ବକେୟାପ୍ରାପ୍ୟ ପ୍ରଦାନ, ବର୍ଷକୁ ଅନୁନ୍ୟ ୨ଥର ତାଲିମ ବ୍ୟବସ୍ଥା, ପଞ୍ଚାୟତରେ ସିଏଫ୍‌ସି ଓ ଏସ୍‌ଏଫ୍‌ସି ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟ ଗୁଡିକରେ ଗାଁ ସାଥୀମାନଙ୍କୁ ନିଯୁକ୍ତି ଓ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା, ମନରେଗାର ସର୍ବସାଧାରଣ ଓ ବ୍ୟକ୍ତିଗତ ପ୍ରକଳ୍ପ ଚୟନ ବେଳେ ଗ୍ରାମସଭାରେ ଗାଁ ସାଥୀ (ମେଟ୍) ଓ ଜବକାର୍ଡଧାରୀଙ୍କ ସାମିଲ ବ୍ୟବସ୍ଥା, ଅଣକୁଶଳୀ ଶ୍ରମିକଙ୍କୁ ଅଗ୍ରାଧିକାର ଦେଇ ବ୍ୟକ୍ତିଗତ ପ୍ରକଳ୍ପ ପ୍ରଦାନ, ପିଏମ୍ ଆବାସ କିମ୍ବା ଅନ୍ତୋଦ୍ୟୋୟ ଗୃହ ଯୋଜନାରେ ଘର ଯୋଗାଣ, ପଞ୍ଚାୟତସ୍ତରୀୟ ମନରେଗା ଜନଶୁଣାଣି କାର୍ଯ୍ୟକ୍ରମରେ ସାମିଲ ବ୍ୟବସ୍ଥା ଓ ସ୍ମାର୍ଟ ଫୋନ୍ ପ୍ରଦାନ ଆଦି ପୂରଣ କରାଯିବା ନେଇ ସଂଘ ସଭାପତି କମଳାକାନ୍ତ ବେବର୍ତ୍ତା। ପଟ୍ଟନାୟକ, ସମ୍ପାଦକ ବିରୁପାକ୍ଷ ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ କୁମାର ସେନାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ୧୯ଟି ପଞ୍ଚାୟତ ଗାଁ ସାଥୀମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏହା ପୂର୍ବରୁ ଏକ ବୈଠକରେ ୨୦୦୮ ମସିହାରୁ କେନ୍ଦ୍ର ମନରେଗା ଯୋଜନାରେ ରାଜ୍ୟରେ ଗାଁ ସାଥୀ ଭାବେ ନିଯୁକ୍ତି ପାଇ ମଧ କ୍ରମାଗତ ଭାବେ ଅଣଦେଖା, ମନରେଗା ମାର୍ଗଦର୍ଶିକାକୁ ବେଖାତିରି, ପଞ୍ଚାୟତର ରାଜସ୍ୱ ଗ୍ରାମଗୁଡ଼ିକରେ ବିନା ଗ୍ରାମସଭାରେ ପ୍ରକଳ୍ପ ନିର୍ଦ୍ଧାରଣ ଓ ଅନୁମୋଦନ ପାଇଁ ଗାଁ ସାଥୀ (ମେଟ୍)ଙ୍କ ଠାରୁ ଅର୍ଥ ଆଦାୟ, କାର୍ଯ୍ୟ ନହୋଇ ମ୍ୟାଟେରିଆଲ ବିଲ୍, ବିନା ସୂଚନାଫଳକରେ ନିର୍ମାଣ କାର୍ଯ୍ୟ, ଶ୍ରମିକ ବଦଳରେ ମେସିନ ଦ୍ୱାରା କାର୍ଯ୍ୟ, ବାହାର ଭେଣ୍ଡରଙ୍କ ନାମରେ ବିଲ ଉଠାଇ ଅର୍ଥ ହରିଲୁଟ, ସୋକପିଟ ନିର୍ମାଣ ନକରି ବିଲ ଅର୍ଥ ହଡ଼ପ, ଏସ୍‌ଏଚ୍‌ଜି ନାମରେ ମୋ ବଗିଚା ପ୍ରକଳ୍ପରେ ମିଥ୍ୟା ବିଲ୍, ସ୍ୱଚ୍ଛ ଭାରତ ଯୋଜନାରେ ଗୋଷ୍ଠୀ ଆବର୍ଜନା କୁଣ୍ଡ ନିର୍ମାଣରେ ଲକ୍ଷଲକ୍ଷ ଟଙ୍କା ତୋଷାରପତ, ଗାଁ ସାଥୀଙ୍କ ବିନା ସ୍ୱାକ୍ଷରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଷ୍ଟର ରୋଲ ଚଞ୍ଚକତା କରି ପ୍ରାପ୍ୟ ପ୍ରଦାନ ଆଦି ବିଷୟରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା ବେଳେ ଏଥିନେଇ ସଂଘ ପାଖରେ ସମସ୍ତ ପ୍ରମାଣ ଉପଲବ୍ଧ ଥିବା ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ନୂଆଗଡ଼ ପଞ୍ଚାୟତକୁ 'ଶ୍ରେଷ୍ଠ ପଞ୍ଚାୟତ' ପୁରସ୍କାର ପ୍ରଦାନ




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମ ପଞ୍ଚାୟତକୁ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ନୂଆଗଡ଼ ପଞ୍ଚାୟତକୁ 'ଶ୍ରେଷ୍ଠ ପଞ୍ଚାୟତ' ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲ୍ଲା ପଡ଼ିଆରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଜେ. ସୋନାଲ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପୁରସ୍କାର ପାଇବା ପରେ ସରପଞ୍ଚ ଶ୍ରୀ ରାଉତ କହିଛନ୍ତି ପଞ୍ଚାୟତବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିଥିବାରୁ ଏହା ସମ୍ଭବ ହୋଇପାରିଛି ଏବଂ ଏହି ସମସ୍ତ ଶ୍ରେୟ ପଞ୍ଚାୟତବାସୀଙ୍କର ବୋଲି ପ୍ରକାଶ କରିବା ସହିତ କୁଜଙ୍ଗ ବ୍ଲକ ପ୍ରଶାସନକୁ ଅଶେଷ ଅଶେଷ ଧନ୍ୟବାଦ ଦେଇଛନ୍ତି।

# ଲୋକଙ୍କୁ ମିଳିଲାନି ମୌଳିକ ସୁବିଧା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପାଳନ ହୋଇଛି ଜାତୀୟ ପଞ୍ଚାୟତିରାଜ ଦିବସ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ପ୍ରତି ଗାଁରେ ସରକାର ପହଞ୍ଚାଇ ପାରିଲେନି ମୌଳିକ ସୁବିଧା। ଅସ୍ତରଙ୍ଗ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର (ଏମବିବିଏସ୍)ପଦବୀ ଖାଲି ପଡ଼ିଥିବା ବେଳେ ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ନିମନ୍ତେ କେତେକାଂଶରେ କାମରେ ଆସୁନି। ଅଧିକାଂଶ ସ୍ଥାନରେ ଡାକ୍ତର ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଡ୍ୟୁଟି କରୁନଥିବାରୁ ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଅସ୍ତରଙ୍ଗ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଛି। ପ୍ରତି ପଞ୍ଚାୟତକୁ ରାଜସ୍ୱ ବୃଦ୍ଧି ନିମନ୍ତେ ବ୍ୟବସାୟୀ ପ୍ରତିଷ୍ଠାନଙ୍କୁ ଟିକସ ଆଦାୟ ଶହ କ୍ୟାପିଟାଲ ଆସେଟ ସୃଷ୍ଟି ନିମନ୍ତେ କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ପୋଖରୀ ନିର୍ମାଣ ଇତ୍ୟାଦି ପ୍ରକଳ୍ପ ଗୁଡିକ ମଞ୍ଜୁର କରାଯାଉଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ କେଉଁଠି ଅଧାଗଢ଼ା କଲ୍ୟାଣୀ ମଣ୍ଡପ ପଡିଛି, କେଉଁଠି ଆରମ୍ଭ ହୋଇନି। କେତେକ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଛି। ଗ୍ରାମାଞ୍ଚଳରେ ପାଠପଢା ବ୍ୟତୀତ କ୍ରୀଡା କ୍ଷେତ୍ରରେ ଖେଳାଳିଙ୍କୁ ବାହାର କରିବା ନିମନ୍ତେ ସରକାର ପ୍ରତି ପଞ୍ଚାୟତକୁ ଖେଳପଡିଆ ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଅସ୍ତରଙ୍ଗ ବ୍ଲକର ଅନେକ ପଞ୍ଚାୟତରେ ଖେଳ ପଡିଆ ନିର୍ମାଣ ହୋଇ ପାରିଲା ନାହିଁ। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ପାର୍କ ନିର୍ମାଣ ଅଧା ପାନ୍ତରିଆ ହୋଇ ପଡ଼ିଥିବା ବେଳେ ଯେଉଁ କେତୋଟି ସମ୍ପୂର୍ଣ୍ଣ ହୋଇଥିଲା ତାହା ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ। ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। କୋଟି କୋଟି ଟଙ୍କା ଆରମ୍ଭ ହେବାକୁ ଥିବା ମେଗା ପାନୀୟ ଜଳପ୍ରକଳ୍ପ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିଲା ନାହିଁ, କେବଳ ରାସ୍ତା ପାର୍ଶ୍ୱରେ ଗାତ ଖୋଳା ରେ ୩ ମାସ ହେଲା ପଡ଼ି ରହିଛି। ଅନେକ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ପାଇପି ଯୋଗେ ପାନୀୟ ଜଳ ମିଳିପାରୁନାହିଁ, ଅନେକ ଅଙ୍ଗନବାଡି ଭଡ଼ା ଘରେ ଚାଲୁଛି। ଗାଁ ରାସ୍ତାଗୁଡିକ ଆଲୋକୀକରଣ କରିବା ନିମନ୍ତେ ସରକାରୀ ପାଣ୍ଠି ବାଟମାରଣା ହେଉଛି। ଅସ୍ତରଙ୍ଗ ବ୍ଲକର ଛତିଆନା ଭଳି ଅନେକ ଗାଁ ଅଛି ରାସ୍ତା ନାହିଁ। ଲୋକେ ଏବେ ବି ଅସୁବିଧାରେ ଯାତାୟାତ କରୁଛନ୍ତି। ଫଳରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶରେ ବାଧା ସୃଷ୍ଟି ହେଉଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

# ଚେୟାର ଖାଲି ଦେଖି ବିରକ୍ତ ହେଲେ ବିଧାୟକ




ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଆସିକା ଠାରେ ନୂତନ ସରକାର ଗଠନ ପରେ ପ୍ରଥମ ଥର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଲିପିନା ଦାଶଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଦୀପ ପ୍ରଜ୍ୱଳନ ଓ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିବା ବେଳେ ୬ ଜିପିଓଙ୍କୁ ସମ୍ମାନିତ କରିବା ସହ ୧୩ଜଣ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ କରାଗଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜିପିଓ, ଜେଇ ଓ ଷ୍ଟାଫ୍ ସହଯୋଗ କରିଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଆସିକା ବିଧାୟକ ସରୋଜ ପାଢୀ, ବିଡିଓ ଲିପିନା ଦାଶ ଏ.ଇ ସଂଦପ କୁମାର ବେହେରା, ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ବିଜୟ ସ୍ୱାଇଁ, ଭିକି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ପଞ୍ଚାୟତିରାଜ ଦିବସରେ ବହୁ ଚେୟାର ଖାଲି ପଡିଥିବାର ଦେଖି ବିଧାୟକ ବିରକ୍ତି ପ୍ରକାଶ କରିଥିଲେ। ପୁଣି ଗଲା ଥର ପରି ୪୦ ଡିଗ୍ରୀ ଖରାରେ ହିତାଧିକାରୀ ଓ ଲୋକ ଅସ୍ତବ୍ୟସ୍ତ ହୋଇଥିବା ସାଧାରଣରେ ଆଲୋଚନା ହୋଇଥିଲା।

# ଅଶୁଂଘାତ ସଚେତନତା ଶିବିର ଓ ଥଣ୍ଡା ପାନୀୟ ବଣ୍ଟନ କାର୍ଯ୍ୟକ୍ରମ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : କାଉନସିଲ ଅଫ୍ ହାଇୟର ସେକେଣ୍ଡାରୀ ଏଜୁକେଶନ ପକ୍ଷରୁ ରଘୁନାଥପୁର ବ୍ଲକ ସ୍ୱାମୀ ଅରୂପାନନ୍ଦ ଜୁନିଅର କଲେଜ କୁର୍ତ୍ତାଙ୍ଗ ଠାରେ ଜାତୀୟ ସେବାଯୋଜନା ପକ୍ଷରୁ କଲେଜ ମୁଖ୍ୟଫାଟକ ତଥା କଟକ-ପାରାଦୀପ ରାସ୍ତା କଡରେ ଅଶୁଂଘାତ ସଚେତନତା ଓ ଥଣ୍ଡାପାନୀୟ, ଦହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁଆଳିପୁର ସରପଞ୍ଚ ମନୋଜିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏଥିରେ କଲେଜ ଅଧକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନା ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ରାହାମା ଶାରଳା କଲେଜର ଅବସରପ୍ରାପ୍ତ ଅଧକ୍ଷ ଅଦ୍ୱୈତ କୁମାର ସାହୁ ଯୋଗଦେଇ ଏନ୍‌ଏସ୍‌ଏସ୍ ଶିକ୍ଷାର୍ଥୀମାନଙ୍କ ଏହିଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ଲତିଫ୍ ମହମ୍ମଦ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମାରକ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ପିଇଟ ଶିକ୍ଷକ ତ୍ରିଲୋଚନ ମହାପାତ୍ର, ଏଜୁକେସନ ଡେମୋଷ୍ଟ୍ରେଟର ସୌମ୍ୟ ରଞ୍ଜନ ଦାସ, ଲ୍ୟାବ ଆସିଷ୍ଟାଣ୍ଟ ସର୍ମିଷ୍ଠା ନାୟକ ଓ ମୋତିଲାଲ ପଲେଇ ସହଯୋଗ ପ୍ରଦାନ କରିଥିଲେ। ଏହି ପରିପେକ୍ଷୀରେ ଏନ୍‌ଏସ୍‌ଏସ୍ ଶିକ୍ଷାର୍ଥୀମାନେ ବାଟୋଇମାନଙ୍କୁ ଦହି, ଥଣ୍ଡା ପାଣି ବଣ୍ଟନ କରିବା ସହିତ ମୁଣ୍ଡରେ ଓଦା ଗାମୁଛା, ଛତା, ବ୍ୟବହାର ସହିତ ଅଧିକ ଟାଣଖରା କାମ ନକରିବା ପାଇଁ ସଚେତନ କରିଥିଲେ।

# ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଓ ଭାଗିରଥିପୁର ଗ୍ରାମ ନାମରେ ନାମିତ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ୪ନଂ କଲୋନୀ ଠାରେ ୩/୪ନଂ କଲୋନୀ ଉଭୟ ପଡ଼ା ଗ୍ରାମକୁ ରାଜ୍ୟ ସରକାରଙ୍କ ଆଦେଶ ମୁତାବକ ରାଜସ୍ୱ ଗ୍ରାମର ମାନ୍ୟତା ଓ ଗ୍ରାମର ନାମକରଣ ନିମନ୍ତେ ଏକ ଗ୍ରାମ ସଭା ଓ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟିଙ୍କ ନେତୃତ୍ୱ ଓ ସୌଜନ୍ୟତାରେ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗପତ୍ର ଓ ଜନଶୁଣାଣି ଶିବିର, ତତ୍‌ସହିତ ବ୍ଲକ ପ୍ରଶାସନ ସୌଜନ୍ୟତାରେ ବ୍ୟକ୍ତିଗତ ଓ ସାମୂହିକ ବିକାଶ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଦଦରାଘାଟି ପ୍ରକଳ୍ପର ବିସ୍ଥାପିତ ପ୍ରଜାମାନଙ୍କର ଦୀର୍ଘବର୍ଷର ଦାବି ଓ ସଂଘର୍ଷ ଆଜି ସଫଳ ରୂପାୟନ ହୋଇଥିବାରୁ ନିରପେକ୍ଷୀୟ ସର୍ବଦଳୀୟ ଭାବେ ଦୁଇ ଗ୍ରାମର ପ୍ରଜା ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଯୁବ ସମାଜସେବୀ ଦିଲ୍ଲୀପ କୁମାର ନାଥଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ରାଜସ୍ୱ ଗ୍ରାମ ପାଇଁ ଥିବା ବିଭିନ୍ନ ମୌଳିକ ସୁବିଧା ଏମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବାବେଳେ, ପରିବାର ପିଛା ଦୁଇଲକ୍ଷ ଲେଖାଏଁ ଆର୍ଥିକ ସହାୟତା ବ୍ୟବସ୍ଥା ଓ ରାଜସ୍ୱ ଗ୍ରାମର ନାମ ଭାଗିରଥିପୁର ନାମରେ ତହସିଲଦାର ନକ୍ସା ଦେଖାଇ ଘୋଷଣା କରିଥିଲେ। ଏହି ସଭାରେ ମଞ୍ଚାସୀନ ଭାବେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ଜିଲ୍ଲା ପରିଷଦ ସଭ୍ୟା ରୁନୁ ବର୍ମା, ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, ଆଇନ ପରାମର୍ଶଦାତା ସୁରେଶ ଚନ୍ଦ୍ର ପ୍ରଧାନ, ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଦଳବେହେରା, ପ୍ରାକ୍ତନ ସମିତି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ, ସମାଜସେବୀ ସମୀର ସାହୁ, ଜମ୍ଭେଶ୍ୱର ବର୍ମା ପ୍ରମୁଖ ଦୁଇ ଗ୍ରାମର କମିଟି ସଭାପତି ଓ ଗ୍ରାମର ବହୁ ପଦବୀଧାରୀ ଭଦ୍ରବ୍ୟକ୍ତି ଉପସ୍ଥିତ ଥିବାବେଳେ, ପୋଲିସ ବିଭାଗ, ବନ ବିଭାଗ, ରାଜସ୍ୱ ବିଭାଗ ସମେତ ଶତାଧିକ ଗ୍ରାମବାସୀ ସଭାସ୍ଥଳରେ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନାଏବ ସରପଞ୍ଚ ଅନିଲ କୁମାର ସିଂହ।

# ବାର୍ଷିକ ପାରାୟଣ ଉଦ୍‌ଯାପିତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଜଳହରୀଶାସନ ଗ୍ରାମରେ ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସନ୍ଥ ତୁଳସୀ ଦାସ ବିରଚିତ ଶ୍ରୀରାମ ଚରିତ ବାର୍ଷିକ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ନବ ଦିବସୀୟ ପାରାୟଣର ବ୍ୟାସ ଭାବେ ରଘୁନାଥ ମିଶ୍ର ଓ ଉପବ୍ୟାସ ଭାବେ ନିଶିଥ କୁମାର ପତି ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଧରଣୀଧର ଓ ଧନେଶ୍ୱରଙ୍କ ସଂଯୋଜନାରେ ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ହିମାଂଶୁ ଦାସ ମହାରାଜ, ମଙ୍ଗୁଳି ଦାସ ମହାରାଜ, ମାନସ ଦାସ, କମଳ ଲୋଚନ ଦାସ ମହାରାଜ ବିଭିନ୍ନ ଦିବସରେ ରାମାୟଣ, ମହାଭାରତ, ପୁରାଣ ଆଦି କଥାବସ୍ତୁ ଆଧାରିତ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ବିପୁଳ ସଂଖ୍ୟକ ସ୍ରୋତା ଉପଭୋଗ କରିଥିବା ଜଣାଯାଇଛି।

# ପୁରୁଷୋତ୍ତମପୁର ବ୍ଲକର ୪ଟି ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ବଣ୍ଟନ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ପୁରି ଜିଲ୍ଲା ତାଳବଣିଆ ଠାରେ ଭବ୍ୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପଞ୍ଚାୟତିରାଜ ଦିବସ ଉପରେ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ରାଜ୍ୟରେ ଥିବା ସମସ୍ତ ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନ ଲାଇନ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ ଇ-ପଞ୍ଚାୟତ ସଭା ପୋର୍ଟାଲର ଉନ୍ମୋଚନ କରିଥିଲେ। ପି.ପି.ଏମ.ଏସ ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମର ମୋବାଇଲ ପୋର୍ଟାଲ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ହିତାଧିକାରୀଙ୍କୁ ସବସିଡ୍ ଛାଡ଼, ପ୍ରତି ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ, ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ସାମିଲ, ଗ୍ରାମ ପଞ୍ଚାୟତ ଗୁଡ଼ିକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦନର ଶୁଭାରମ୍ଭ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନ୍‌ଲାଇନ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ପୁରୁଷୋତ୍ତମପୁର ବ୍ଲକ ପରିସରରେ ଆୟୋଜିତ ଭିଡିଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଓ ପଞ୍ଚାୟତିରାଜ ଦିବସ ଉତ୍ସବରେ ବ୍ଲକ ଅଧକ୍ଷା ପିଙ୍କି ବେହେରା, ଖଲ୍ଲିକୋଟ ବିଧାୟକ ପ୍ରତିନିଧି ତଥା ସମିତି ସଭ୍ୟ କୋରାନାଥ ସ୍ୱାଇଁ, ବିଜେପି ଘୁମୁସର ଜିଲ୍ଲା ସମ୍ପାଦକ ଅନିଲ କୁମାର ପଣ୍ଡା, ବିଡ଼ିଓ ଶରତ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ସରୋଜ ସାବତ, ଯୋଗାଣ ଅଧିକାରିଣୀ ନିଳୀମା ମହାନ୍ତି, ବାଘେଳା ସରପଞ୍ଚ ହିନ ଖୁଣ୍ଟିଆ, ସମିତି ସଭ୍ୟ ପ୍ରକାଶ ନାହାକ, ଆଭା ପରିଡା ଅତିଥି ଭାବେ ମଞ୍ଚରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ସହ ପୁରୁଷୋତ୍ତମପୁର ବ୍ଲକ ସ୍ତରରେ ରାସନ କାର୍ଡ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିବା ବେଳେ, ଅଛୁଳି, ଟଙ୍କାଛାଇ, ସମା ଓ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି, ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଚୟନ ହୋଇଆସିଥିବା ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ ।

# ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

## 'ପଞ୍ଚାୟତିରାଜ ବିଭାଗର ବିକାଶ ହେଲେ ଗ୍ରାମପଞ୍ଚାୟତର ବିକାଶ ହେବ'



ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବୋଲଗଡ ବ୍ଲକ ବିଡ଼ିଓ ସୁମନ ସୁଧା କୁଣ୍ଡୁଙ୍କ ଆବାହକତ୍ୱରେ ଓ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାରଦିନ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତି ରାଜ ଦିବସ ମହାଡ଼ମ୍ବର ସହକାରେ ବ୍ଲକ ପରିସରରେ ପାଳିତ ହୋଇଯାଇଅଛି କ୍ଷ ଏହି ଦିବସରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଡକ୍ଟର ରତିକାନ୍ତି ମିଶ୍ର ଓ ସମ୍ମାନିତ ଅତିଥିଭାବେ ତହସିଲଦାର ବିଜୟ କୁମାର ସେଠୀ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟ ଗୁରୁ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଫୁଲ ଚନ୍ଦନ, ଧୂପ ଦୀପ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ କ୍ଷ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଭାସୀ ମାଧ୍ୟମରେ ଦେଶାତ୍ମକ ବୋଧକ ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା କ୍ଷ ସ୍ୱର୍ଗତ ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ସମସ୍ତେ ୨ମିନିଟି ନୀରବ ପ୍ରାର୍ଥନା କରିଥିଲେ କ୍ଷ ସଭାପତି ହୁଲ୍ଲାସ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅବାହିକା ତଥା ବିଡ଼ିଓ ସୁମନ ସୁଧା କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରି ଜାତୀୟ ପଞ୍ଚାୟତି ରାଜ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକ ଅନ୍ତର୍ଗତ ୧୯ଟି ଗ୍ରାମ ପଞ୍ଚୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ / ସଭ୍ୟା ଓ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ କ୍ଷ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ସିଦ୍ଧାର୍ଥ କୁମାର ସାହୁ, ଦାଶରଥୀ ଦାସ ଓ ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ମିଳିତ ସହଯୋଗ ତଥା ସଂଯୋଜନାରେ ନୂତନ ଭାବେ ୧୯ଟି ଗ୍ରାମ ପଞ୍ଚାୟତର ୧୯ଜଣ ଗରିବ ଖଟିଖିଆ ଦିନ ମଜୁରିଆ ଲୋକମାନଙ୍କୁ ଖାଉଟି କାର୍ଡ ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ବଣ୍ଟନ କରିଥିଲେ କ୍ଷ ୧୯ଟି ଗ୍ରାମ ପଞ୍ଚାୟତର କାର୍ଯ୍ୟ ଦକ୍ଷତା କର୍ମଚାରୀମାନଙ୍କୁ ଜନ କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ଓ ବିଡ଼ିଓ ସୁମନ ସୁଧା କୁଣ୍ଡୁ ପ୍ରମୁଖ ମିଳିତ ଭାବେ ଉଚ୍ଚ ପ୍ରଶଂସା ପ୍ରମାଣ ପତ୍ର ବଣ୍ଟନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କିରାଣୀ ଆଲୋକ କୁମାର ଜେନା, କ୍ରିସନ ଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ କ୍ଷ ଜାତୀୟ ପଞ୍ଚାୟତି ରାଜ ଦିବସ ପାଳନ ଅବସରରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଲୋକମାନଙ୍କ ସୁବିଧା ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନର ସୁବିଧା, ପାନୀୟ ଜଳର ସୁବିଧା, ଜଳ ସେଚନ ସୁବିଧା, ଖାଦ୍ୟ ଓ ଖାଉଟି କଲ୍ୟାଣ କାର୍ଡ ବଣ୍ଟନ, ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଓ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଜନ କଲ୍ୟାଣ କାର୍ଯ୍ୟକ୍ରମ କରାଯିବ ବୋଲି ସମସ୍ତ ନିମନ୍ତ୍ରିତ ଅତିଥିମାନେ ମତ ପ୍ରକାଶ କରିଥିଲେ କ୍ଷ ପରିଶେଷରେ ସହକାରୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ

## ରାଶିଫଳ

**ଶୁକ୍ରବାର, ୨୫ ଏପ୍ରିଲ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।




**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।



**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରାପୁଟ(ଭାସ୍କର ନ୍ୟୁଜ୍): ପ୍ରଗତି ପକ୍ଷରୁ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ନିଶାଣିମୁଣ୍ଡାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ବିହନ ଓ ଖାଦ୍ୟ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଜିଲ୍ଲା ମୁଖ୍ୟ ଜିଲ୍ଲା ଅଧିକାରୀ ଗୋକୁଳ କୁମାର ପ୍ରଧାନ, ସହକାରୀ ପ୍ରଫେସର ସିଥୁଓ ଡ. ଦେବବ୍ରତ ପଣ୍ଡା, ରାଜ୍ୟ ସଂଯୋଜକ ଏନସିଏନ୍‌ଏଫ୍ ଡ. ମହମ୍ମଦ ଇମ୍ରାନ ଅଲି, ଡ. ଏନ୍ ମହାକୁଡ, ୱାସନର ରଶ୍ମୀ ସାହୁ, ୱାସନ ଏଡିଭିଓ(ଓଲପି) ଡ.ପ୍ରକାଶ ମହାନ୍ତି, ମସାଲ ବୋର୍ଡ ଫାର୍ମ ମ୍ୟାନେଜର ଏନ୍.ରାଣୀ ବକ୍ତା ଭାବେ ଯୋଗଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଆତ୍ମା ସହକାରୀ ନିର୍ଦ୍ଦେଶକ ତାପସ ଚନ୍ଦ୍ର ରାୟ, ଉଦ୍ୟାନକୃଷି ବିଭାଗ ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ, ବିଦ୍ୟାଧର ରାଉତ, ଜ୍ଞାନଦୀପ ପାଣ୍ଡିଆ, ଡି.ନାରାୟଣ, ହର୍ଷିତା ମହାନ୍ତି, ଡ. ପ୍ରଦୋଷ ପରିଡା, ଶିବ ପ୍ରସାଦ ସାହୁ ପ୍ରମୁଖ ବକ୍ତା ଭାବେ ଆଲୋଚନା କରିଥିଲେ । ସେଲକୋ ଫାଉଣ୍ଡେସନର ଗୌତମ ପ୍ରଧାନ ସଭାପତିତ୍ୱ କରିଥିଲେ । ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି.କ୍ରିତିଭାସନ ଯୋଗଦେଇ ପ୍ରଗତି ଅନୁଷ୍ଠାନର ପଦକ୍ଷେପକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ କୋଟସ୍ ନିର୍ଦ୍ଦେଶକ ଡ. ପି.ସି ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ନିମାଇଁ ଚରଣ ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ୨୩ଜଣ ଚାଷୀ ଏବଂ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଦେଶୀ ବିହନ ସୁରକ୍ଷା ମଂଚ ପକ୍ଷରୁ କୁମାର ହାସନଙ୍କୁ ବିକଳ୍ପ କୃଷି ସମ୍ବାଦ ତଥ୍ୟ ସମ୍ମାନ, ତାପସ ନାୟକଙ୍କୁ ଗୋଆଧାରିତ କୃଷି ସମ୍ମାନ ଓ ଜୈବିକ ଉଦ୍ୟୋଗୀ ସମ୍ମାନ, ଭବାନୀ ଦାସଙ୍କୁ ଯୁବଚାଷୀ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲୁନା ପଣ୍ଡା ପରିଚାଳନା କରିଥିଲେ ।

# ଥାନାରେ ଅଟକ ଅଭିଯୁକ୍ତର କାଠଫାଳିଆ ମାଡ଼ରେ କନେଷ୍ଟବଳ ଗୁରୁତର



ମୁରିବାହାଲ(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାରେ ଚାଞ୍ଚଲ୍ୟ । ଥାନା ଭିତରେ ଅଟକ ଅଭିଯୁକ୍ତର କାଠଫାଳିଆ ମାଡ଼ରେ ଥାନାରେ ଥିବା କନେଷ୍ଟବଳ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ତୁରେକେଲା ଥାନା ଢୋଲମାନ୍ଦଲ ଗ୍ରାମର ମଗଶିର ପରାଭୋଇ ଓ ତାଙ୍କ ସ୍ତ୍ରୀ ମୁରିବାହାଲ ଥାନା କୁମ୍ଭାରୀ ଗ୍ରାମକୁ ନିଜ ପୁଅର ବିବାହ ପାଇଁ ଝିଅ ମାଗି ଆସିଥିଲେ।କନ୍ୟା ପକ୍ଷର ଲୋକେ ଝିଅର ବୟସ ହୋଇନଥିବା ରୁ ମନା କରିଥିଲେ।ସେଠାରୁ ସ୍ୱାମୀ ସ୍ତ୍ରୀ ଝିଅକୁ ଅପହରଣ କରି ଫେରାର ମାରୁଥିବା ବେଳେ ଝିଅ ପକ୍ଷର ଅଭିଯୋଗ ପରେ ମୁରିବାହାଲ ପୋଲିସ ମୁରିବାହାଲ ପ୍ଲାଟ ଫର୍ମରୁ ଝିଅକୁ ଉଦ୍ଧାର କରିବା ସହ ୨ ଜଣ ଙ୍କୁ ଥାନାରେ ଅଟକ ରଖିଥିଲେ । ଅପହରଣ ମାମଲାରେ ଥାନାରେ ଅଟକ ଥିବା ମଗଶିର ପରାଭୋଇ ବିଳମ୍ବିତ ରାତ୍ରିରେ ଥାନା ଭିତରେ ପୋଲିସ କନେଷ୍ଟବଳ ସୁଦାମ ନାଗ ଙ୍କୁ ମାଡ଼ ମାରିବାରୁ ଗୁରୁତର ହୋଇଥିଲେ। ମାଡ଼ ମାରି ଥାନା ଭିତରୁ ଅଭିଯୁକ୍ତ ମଗଶିର ପରାଭୋଇ ଚମ୍ପଟ ମାରୁଥିବା ବେଳେ କାବୁ କରିଥିବା ବେଳେ ଗୁରୁତର କନେଷ୍ଟବଳ ସୁଦାମ ନାଗଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ ରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ କଣ୍ଟାବାଞ୍ଜି ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ ହୋଇଛି । ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

# ରାଜ୍ୟ ଷଷ୍ଠ ଅର୍ଥ କମିଶନଙ୍କ କୋରାପୁଟ ଗସ୍ତ



କୋରାପୁଟ(ଭାସ୍କର ନ୍ୟୁଜ୍): ରାଜ୍ୟ ଷଷ୍ଠ ଅର୍ଥ କମିଶନ ଅଧକ୍ଷ ଅବସରପ୍ରାପ୍ତ ଆଇଏଏସ ଡ. ଅରୁଣ କୁମାର ପଣ୍ଡା କୋରାପୁଟ ଜିଲ୍ଲା ଗସ୍ତରେ ଆସିଛନ୍ତି । ଏହି ଟିମ୍‌ରେ କମିଶନ ସଭ୍ୟ ପ୍ରଫେସର ଅସିତ ରଂଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ, ପ୍ରସାଦ ନାୟକ, ଯୁଗ୍ମ ସଚିବ ଡ. ତାରାକାନ୍ତ ଭକ୍ତ, ସହକାରୀ ସଚିବ ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଥିଲେ । କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ୫ମ ଅର୍ଥ ଓ ୧୫ତମ କମିଶନରେ ବଳକା ରହିଥିବା ଉନ୍ନୟନ କାମ ସମ୍ପର୍କରେ ସମୀକ୍ଷା କରିଥିଲେ । ତୁରନ୍ତ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅର୍ଥ କମିଶନ ଦ୍ୱାରା ମିଳିଥିବା ଅନୁଦାନର ସହରର ବସ୍ତି ଓ ଗ୍ରାମ ପଂଚାୟତର ସର୍ବାଙ୍ଗୀନ ବିକାଶରେ କିଭଳି ବ୍ୟବହାର ହେଉଛି ତାହାର ସମୀକ୍ଷା କରିଥିଲେ । ଷଷ୍ଠ ଅର୍ଥ କମିଶନ ଓ ୧୬ତମ ଅର୍ଥ କମିଶନର ଅର୍ଥ ବିନିଯୋଗ କରି ବିକାଶରେ ସହଯୋଗ କିପରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା । ଦୁଇ ଜିଲ୍ଲାର ସବୁ ପଂଚାୟତର ଆୟ, ବ୍ୟୟ, କେଉଁ ସ୍ରୋତରୁ ଆୟ ହେଉଛି ସେ ସବୁ ପଚାରି ବୁଝିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ପଂଚାୟତ ଅଧିକାରୀ ଯୁଗୋଳ କିଶୋର ନାୟକ, ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ସିଡିଓ ବିରିଂଚି ନାରାୟଣ ଦରୱାନ, ଡିପିଓ ଉପସ୍ଥିତ ଥିଲେ ।

# ପୁଣି ବିଜେଡିକୁ ଫେରିଲେ ସମିତି ସଭ୍ୟ ହରିମୋହନ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ ସ୍ଥିତ ବାସ ଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ନିର୍ମଳ ଭାବ ମୂର୍ତ୍ତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନାରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡି ବିଜେଡିରେ ମିଶୁଥିବା ଦେଖିବାକୁ ମିଳିଛି । ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭଣ୍ଡାରିଗୁଡା ପଞ୍ଚାୟତର ସମିତି ସଭ୍ୟ ହରିମୋହନ ଭତ୍ରା କିଛି ଦିନ ତଳେ ଅଭିଯୋଗ ନେଇ ଝରିଗାଁ ବିଧାୟକଙ୍କ ନିକଟକୁ ଯାଇଥିଲି କିନ୍ତୁ ସେଠାରେ ମୋତେ ବିଜେପିର ଉତ୍ତରୀୟ ଦେଇ ଫଟୋ କାଢି ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ବିଜେପିରେ ଯୋଗଦେଇଥିବା କୁହା ଯାଇଥିଲା । ପରେ ସମିତି ସଭ୍ୟ ହରିମୋହନ ଭତ୍ରା ଏହାକୁ ଖଣ୍ଡନ କରି କହିଛନ୍ତି । ମୁଁ ବିଜେଡିର ଏକ ଶୃଙ୍ଖଳିତ କର୍ମୀ ଓ ମୁଁ ବିଜୁ ପରିବାର। ମୋର ପରିବାର ଏବଂ ମୁଁ ବିଜୁ ଜନତା ଦଳରେ ରହିଥିଲି ଏବଂ ରହିବି ବୋଲି କହିଛନ୍ତି । ଏହି ମିଶ୍ରଣ ପର୍ବ ସମୟରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ, ପୋଡାଗଡ ପୂର୍ବତନ ସରପଞ୍ଚ ଉଦ୍ଧବ ନାୟକ, ଅର୍କିତ ପ୍ରଧାନ, ସରପଞ୍ଚ ଜଗଦୀଶ ଗଣ୍ଡ, ଏବଂ ବଡଭରଣ୍ଡିର ପୂର୍ବତନ ସରପଞ୍ଚ ଟଙ୍କଧର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଝରିଗାଁ ବିଧାୟକ ନରସିଙ୍ଗ ଭତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଭଣ୍ଡାରିଗୁଡା ସମିତି ସଭ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୋହନ ସରକାରଙ୍କ ଲୋକପ୍ରିୟତାକୁ ଦେଖି ସ୍ୱଇଚ୍ଛାରେ ଆମ ଦଳରେ ଯୋଗ ଦେଇଥିଲେ । ସେ ବିଜେଡିରେ କୋଣଠେସା ହୋଇ ରହିଛନ୍ତି ବୋଲି ମୋ ନିକଟରେ କହିଥିଲେ ତେଣୁ ତାଙ୍କ ନିରୀହତାକୁ ଦେଖି ଭାଜପାରେ ତାଙ୍କୁ ମିଶାଯାଇଥିଲା କିନ୍ତୁ ଆଜି ସେ ବିଜେଡିରେ ମିଶିଲେ ବୋଲି ଶୁଣିଲି ବୋଲି କହିଛନ୍ତି ଝରିଗାଁ ବିଧାୟକ ନରସିଙ୍ଗ ଭତ୍ରା।

# ପଞ୍ଚାୟତରାଜ ଦିବସ ପାଳିତ

ସଇଁତଲା (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ କରାଯାଇଛି କ୍ଷ ପ୍ରଥମେ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ କ୍ଷ ଉକ୍ତ ସଭାରେ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ସାଂସଦଙ୍କ ପ୍ରତିନିଧି ଗଦାଧର ବଗର୍ତି, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ ଉପସ୍ଥିତ ଥିଲେ କ୍ଷ ଭିସି ମାଧ୍ୟମରେ ଏହି କାର୍ଯ୍ୟକ୍ରମ କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ହିତାଧିକାରୀ ମାନଙ୍କୁ ନୂଆ ରାସନ କାର୍ଡ ବଣ୍ଟନ କରାଯାଇଥିଲା ।ଏହି ସମୟରେ ଏବିଡ଼ିଓ ଉପେନ୍ଦ୍ର ମାଝୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା, ଯନ୍ତ୍ରୀ ଗୋବିନ୍ଦ ମାଝୀ, ଜିପିଓ ସୁଷମା ମାଝୀ, ସୁଦର୍ଶନ ନନ୍ଦ, ତରୁଣକାନ୍ତ ଧରୁଆ,ଯନ୍ତ୍ରୀ ରୋଜାଲିନ ପରିଡା,ବନଜା ବାସିନୀ ଦାସ, ଭାନୁ ପ୍ରତାପ ଭୋଇ,ଇତିଶ୍ରୀ ଦେହୁରୀ, ସଂଗ୍ରାମ ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୁଦ୍ରାକ୍ଷ ଥପ୍ପା ଙ୍କ ସମେତ ସମସ୍ତ ଯୋଗାଣ ସହାୟକ ଙ୍କ ସହ ସମସ୍ତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ ।



# ଈଶାନେଶ୍ୱର ମନ୍ଦିରର ଚୋରି ଦାନବାକ୍ସ ଉଦ୍ଧାର



ଉମରକୋଟ(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୨୩ ତାରିଖ ଦିନ ଉମରକୋଟ ଡିଏନକେ ଇଶାନେଶ୍ୱର ଶିବ ମନ୍ଦିର ର ଚୋରି ହୋଇଥିବା ଦାନବାକ୍ସ ଭାସ୍କେଲ ନଦୀ ତୁଠରେ ଏକ ଘାସ ବୁଦାରୁ ଉଦ୍ଧାର କରିଛି ଉମରକୋଟ ପୋଲିସ । ଏପରି କି ୮ ମାସ ତଳେ ତ୍ରିନାଥ ମନ୍ଦିରର ମଧ୍ୟ ଏକ ଛୋଟ ଦାନବାକ୍ସ ଚୋରି ହୋଇ ଯାଇଥିଲା। ହୁଣ୍ଡିକୁ ଦେଢ଼ ବର୍ଷରେ ହେବ ଖୋଲା ଯାଇନଥିଲା । ହୁଣ୍ଡି ବାକ୍ସ ରେ ୬୦ରୁ ୭୦ ହଜାର ଟଙ୍କା ଓ ରୂପା ସୁନା ଥିବା ଅନୁମାନ କରାଯାଉଛି । ହୁଣ୍ଡି ଭିତରେ ଥିବା ଟଙ୍କା ସୁନା ରୁପା ଦୁର୍ବୃତ୍ତମାନେ ନେଇ ଯାଇ ଘାସ ବୁଦାରେ ଦାନବାକ୍ସ କୁ ଫୋପାଡି ଫେରାର ହୋଇଯାଇଥିବା ପୋଲିସ ଅନୁମାନ କରିଛି । ସୂଚନା ଥାଉକି ଡିଏନକେ ଇଶାନେଶ୍ୱର ଶିବ ମନ୍ଦିର ର ପାଚେରୀ ଡେଇଁ ସିସିଟିଭି କୁ ପଲିଥିନ ଲଗାଇ ମନ୍ଦିର ଭିତରେ ଥିବା ଦାନବାକ୍ସକୁ ଚୋରି କରି ନେଇଥିଲେ । ଭାସ୍କେଲ ନଦୀ ତୁଠରେ ହୁଣ୍ଡି ପଡ଼ିଥିବା ଦେଖି କିଛି ଚାଷୀ ମନ୍ଦିର କମିଟିକୁ ଖବର ଦେଇଥିଲେ। କମିଟିର ସଦସ୍ୟମାନେ ପହଞ୍ଚି ଦାନବାକ୍ସକୁ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ଏସଆଇ ସୌମେନ୍ଦ୍ର ସେଠ୍ ପହଞ୍ଚି ଉଦ୍ଧାର କରିଥିଲେ । ପରେ ମନ୍ଦିରର କମିଟି କୁ ହସ୍ତାନ୍ତର କରିଥିଲେ। ଏହି ଘଟଣାର ତଦନ୍ତ ଚାଲିଥିବା ପୋଲିସ ସୂଚନା ପ୍ରଦାନ କରିଛି।

## ■ ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମଦ୍ୟୋୟ ବୈଠକ

# ଦ୍ରୁତ ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ: ଜିଲ୍ଲାପାଳ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍ଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି । ବୈଠକରେ ବନଖଣ୍ଡ ଅଧିକାରୀ ଖରିଆର, ଅଜିଜ ଖାନ,ବନଖଣ୍ଡ ଅଧିକାରୀ ବନ୍ୟ ପ୍ରାଣୀ, ମହାଦେବ ବଡ଼ାଇକ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡଃ ଉମାକାନ୍ତ ମେହେରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପନିର୍ଦ୍ଦେଶକ ପ୍ଲାନିଂ, ପରିମଳ ସାମଲ ନିକଟ ଅତୀତରେ ଜିଲ୍ଲା କୁ ପରିଦର୍ଶନରେ ଆସିଥିବା ଓଡ଼ିଶା ସରକାରଙ୍କ ଶିକ୍ଷ ବିଭାଗ ନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ଗସ୍ତ ବିବରଣୀ ଓ ଅଭିମତ ଗୃହରେ ପଠନ କରିଥିଲେ। ଜିଲ୍ଲାରେ ପ୍ରବାସୀ ଶ୍ରମିକ ପଳାୟନ ରୋକିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସହିତ ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ଆବାସ ଗୃହ ପ୍ରବେଶ ଭଳି କାର୍ଯ୍ୟ କ୍ରମର ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ରେଡ୍ଡୀ । ଏହି ଅବସରରେ ବିଗତ ମାସର ବୈଠକର ବିବରଣୀ ପଠନ ହୋଇଥିଲା । ବୈଠକରେ ଜଳସେଚନ,ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି, ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ଏଥର ରବି ଋତୁରେ ସମୟୋଚିତ ପଦକ୍ଷେପ ନେଇଥିବାରୁ ବିଭିନ୍ନ ଜଳସେଚନ ପ୍ରକଳ୍ପରୁ ସୁଷମ ଜଳ ବଣ୍ଟନ ହୋଇ ପାରିଛି । ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ, ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣ, ବିଭିନ୍ନ ବିଜ୍ଞାପିତ ଅଂଚଳର ସମସ୍ୟା, ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ , ଚିକିତ୍ସାଳୟ , ପ୍ରାଣୀ ଚିକିତ୍ସାଳୟ ମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା । ଜିଲ୍ଲା ସଦର ମହକୁମାରେ ୧୪ କୋଟି ଟଙ୍କା ବ୍ୟୟରେ ଭବ୍ୟ ସଂସ୍କୃତି ଭବନ ନିର୍ମାଣ ସହ ରାଜ୍ୟ ସରକାର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪ କୋଟି ୨୯ଲକ୍ଷ ଟଙ୍କା ଅନୁଦାନ ଦେଇଥିବାରୁ ଏହି କାମ ସବୁ ଅତିଶୀଘ୍ର ଆରମ୍ଭ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ ସମସ୍ତ ଉନ୍ନତି ମୂଳକ କାମ ଠିକ୍ ସମୟରେ ସାରି ସାତଦିନ ମଧ୍ୟରେ ଉପଯୋଗ ପ୍ରମାଣପତ୍ର ଦେବା ପାଇଁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ଜିଲ୍ଲାରେ ମାଓବାଦୀ ଦମନ ପାଇଁ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କୁ ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ପ୍ରକାଶିତ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ କରିବାକୁ ଜିଲ୍ଲାପାଳ ଆଉଥରେ ଆହ୍ୱାନ ଦେଇଥିଲେ ।

# ଲକ୍ଷ୍ମୀ ରାଇସମିଲ୍‌ରେ ଫଲ୍‌ସ ଏଣ୍ଟ୍ରି ଅଭିଯୋଗ

ସଇଁତଲା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ପୀପୃଟ ଗାଁରେ ଥିବା ଲକ୍ଷ୍ମୀ ରାଇସମିଲ ପ୍ରାଇଭେଟ ଲିମିଟେଡ ରାଇସ ମିଲରେ ଫଲସ ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଛି ।ପୂର୍ବ ସମୟରେ ମିଲର୍ସଙ୍କ ମନମାନୀ ଯୋଗୁଁ କାଙ୍ଗାଳ ହେଉଥିଲେ ଚାଷୀ,ମାଲେମାଲେ ହେଉଥିଲେ ମିଲର୍ସ। ଚାଷୀଙ୍କ ଧାନ ନକିଣି ଦଲାଲ ମାଧ୍ୟମରେ ମିଲର୍ସକୁ ଯାଉଥିଲା ଧାନ। ସେତେବେଳେ ମିଲର୍ସଙ୍କ ଉପରେ ଅହେତୁକ ଅନୁକମ୍ପା ଓ ସୁରକ୍ଷା ଦେଉଥିଲା ପ୍ରଶାସନ । ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଆକ୍ସନ ମୋଡକୁ ଆସିଛି ବିଜେପି ସରକାର। ପ୍ରତିଦିନ ସମିକ୍ଷା କରୁଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ। ଶୃଙ୍ଖଳିତ ଧାନ କିଣା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି ସରକାର। ମଣ୍ଡିରେ ନୋଡାଲ ଅଫିସର ଓ ସୁପରଭାଇଜର ନିଯୁକ୍ତି କରିଥିଲେ। ତଥାପି ଅସାଧୁ ମିଲର୍ସ ସରକାରକୁ ଦେଇଛନ୍ତି ଧୋକ୍କା। ଚଳିତ ବର୍ଷ ଲକ୍ଷ୍ମୀ ରାଇସମିଲକୁ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ୯୪୩୦୦ କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଥିଲା।୨୪ଟି ପେକ୍ସରୁ ଲକ୍ଷ୍ମୀ ରାଇସମିଲ ୯୧ ହଜାର ୫୧୩.୭୯ କ୍ୱିଣ୍ଟାଲ ଧାନ ଲିଫ୍ଟିଂ କରିଛି। ସଭିଲ ସପ୍ଲାଏ ଅଫିସରୁ ମିଳିଥିବା ତଥ୍ୟ ଉପରେ ନଜର ରଖିବା ପରେ ୨୭.୧.୨୦୧୫ ୧୦.୦୨ ମିନିଟରେ ଲୋଇସିଂହା ପେକ୍ସରୁ ୩୮୩ ବସ୍ତା ଧାନ ଓଡି ୦୩ କ୍ୟୁ ୮୭୩୫ ରେ ଲୋଡ ହୋଇଛି। ଠିକ୍ ସେହି ସମାନ ତାରିଖରେ ୧୧.୫୨ ମିନିଟରେ ବଲାଙ୍ଗୀର ସଦର ବ୍ଲକ ତୁଲଣ୍ଡିରୁ ୩୯୫ ବସ୍ତା ଧାନ ଲୋର୍ଡ କରି ମିଲକୁ ନେଇଥିଲା। ଏକ ଘଣ୍ଟା ୫୪ ମିନିଟରେ ୭୦ କିଲୋମିଟର ଦୂରରେ ଥିବା ଲକ୍ଷ୍ମୀ ରାଇସମିଲରେ ଅନଲୋଡ କରି ପୁଣି ବଲାଙ୍ଗିର ସଦର ବ୍ଲକ ଯାଇ କେମିତି ଧାନ ଲୋଡ କଲେ।୨୫.୦୧.୨୦୨୫ ରେ ବି ସେହି ସମାନ ଅବସ୍ଥା ଦୁଇ ତିନି ମିନିଟ ବ୍ୟବଧାନରେ ଦୁଇ ଦୁଇଟି ପେକ୍ସରୁ ଗୋଟିଏ ଗାଡି କେମିତି ଧାନ ଲୋଡ କରିଛି। ତଥ୍ୟ ଦେଖିଲେ ଲକ୍ଷ୍ମୀ ରାଇସମିଲରେ ଫଲସ ଏଣ୍ଟ୍ରି ହୋଇଥିବା ଅଭିଯୋଗ ହେଉଛି। ଏପରିକି ଧାନକିଣାରେ ବିନା ଫିଟନେସ ଓ ପରମିଟ ନଥିବା ଗାଡିରେ ଧାନ ଉଠାଇଥିବା ତଥ୍ୟ କହୁଛି। ଦେଖନ୍ତୁ ୨୯.୧୨.୨୦୨୪ରେ ସଇଁତଲାରୁ ଲକ୍ଷ୍ମୀରାଇସ ମିଲକୁ ଧାନ ଯାଇଥିବା ଉଲ୍ଲେଖ ଅଛି। କିନ୍ତୁ ଏହି ଗାଡିର ଏମ୍‌ପି୦୬ ଏ ୩୨୫୭ର ପରମିଟ୍, ଇନସ୍ୟୁରାନସ, ଫିଟନେସ ସାର୍ଟିଫିକେଟ ନାହିଁ ଓ ଏହାର ମାଲିକ ତାଙ୍କ ଗାଡ଼ି ସେ ଦିନ ଧାନ ଉଠାଇ ନଥିବା କହିଛନ୍ତି । ଫଲସ୍ ଏଣ୍ଟ୍ରି ଓ ଧାନକିଣା ଅନିୟମିତତା ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା। ସେ କହିଛନ୍ତି ତଦନ୍ତ କରାଯିବ ଓ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ମୋହନ ସରକାରଙ୍କ କଡା ଆଭିମୁଖ୍ୟ ସତ୍ତ୍ୱେ ମିଲ ମାଲିକଙ୍କ ମନମାନୀ ଓ ଅସାଧୁ ଉପାୟରେ ଫଲସ୍ ଏଣ୍ଟି କରିଥିବା ଅଭିଯୋଗ ପରେ ଯୋଗାଣ ବିଭାଗ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଗାଁ ଛାଡି ଚାଲିଯିବାକୁ ବଙ୍ଗୀୟଙ୍କୁ ଧମକ ଦେଲେ ଗ୍ରାମବାସୀ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରକୋଣ୍ଡା ବ୍ଲକରେ ବଙ୍ଗୀୟ ଗ୍ରାମଗୁଡିକ ଉପରେ ଆଦିବାସୀ ଗାଁର ଲୋକେ ଚଢାଉ କରି ଗାଁ ଛାଡି ଚାଲିଯିବାକୁ ଧମକ ଦେବା ସହ ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ମିଳିବା ପରେ ବଙ୍ଗୀୟ ଗ୍ରାମବାସୀ କୋରକୋଣ୍ଡା ଥାନା ଘେରାଉ କରି ନ୍ୟାୟ ଭିକ୍ଷା ମାଗିଛନ୍ତି। କୋରକୋଣ୍ଡା ପୋଲିସ ଏନେଇ ଦୁଇପକ୍ଷଙ୍କୁ ଡାକି ଆପୋଷ ଆଲୋଚନା କରିଥିବା ଜଣାପଡିଛି। ଘଟଣା ଅନୁଯାୟୀ କାମ୍ୱେଡା ଓ ପୁରୁଣା ଚିମଟାପାଲୀ ପଞ୍ଚାୟତର ଏମଭି-୨୮, ଏମଭି-୨୯, ଏମଭି-୩୦, ଏମଭି-୪୯, ଏମଭି-୫୦ ଗ୍ରାମର ଲୋକମାନଙ୍କୁ ନିକଟସ୍ଥ ଗ୍ରାମ କାମବେଡା, ମାର୍କେଲଗୁଡା, କୁସ୍ତାଗୁଡା, ମୁଣ୍ଡିଗୁଡା, ତେନ୍ତୁଳିଗୁଡାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଗତ ୨୦ ତାରିଖ ଦିନ ଉପରୋକ୍ତ ବଙ୍ଗୀୟ ଗ୍ରାମଗୁଡିକକୁ ଆସି ତୁରନ୍ତ ଜାଗା, ଘର ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଧମକ ଦେଇଥିଲେ। ଏନେଇ ୫ଟି ଗ୍ରାମର ବଙ୍ଗୀୟ ଗ୍ରାମବାସୀ ମାନେ କୋରକୋଣ୍ଡା ଥାନା ଘେରାଉ କରି ନ୍ୟାୟ ପାଇଁ ଦାବି କରିଛନ୍ତି। ଏପରିକି ଉକ୍ତ ଆଦିବାସୀ ଗାଁର କିଛି ଲୋକମାନଙ୍କ ନାମରେ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଏହି ଲୋକମାନେ ହିଁ ଗାଁରେ ପଶି ଦିନ ତମାମ ସମସ୍ତ ବଙ୍ଗୀୟ ପରିବାର ଲୋକଙ୍କୁ ଭୟଭୀତ କରାଇବା ସହ ବୁଲଡୋଜର ଆଣି ଘର ଭାଙ୍ଗିବା ପାଇଁ ଧମକ ଦେବାରୁ ସମସ୍ତେ ଆତଙ୍କିତ ହୋଇଥିବା ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ଆଦିବାସୀ ଗାଁର ଲୋକମାନେ ଜବରଦସ୍ତ ଘରେ ପଶି ଜମି ଜମା ସଂକ୍ରାନ୍ତ ସମସ୍ତ କାଗଜ ପତ୍ର ନେଇଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ଆସନ୍ତା ୨ ମାସ ମଧ୍ୟରେ ଜାଗା ଖାଲି କରିବାକୁ ଧମକ ଦିଆଯାଇଥିବା ନେଇ ମଧ୍ୟ ପୋଲିସ ନିକଟରେ ଅଭିଯୋଗ କରାଯାଇଛି। ଏପରିକି ଆଜି ମଧ୍ୟ ସକାରେ ଏମଭି-୪୯ ଗାଁରେ ପଶି କିଛି ଲୋକ ସଂଜୟ ଦେବଙ୍କ ଘରେ ପଶି ଧମକାଉଥିବା ଅଭିଯୋଗ କରାଯାଇଛି। ତେବେ ଏନେଇ ପୋଲିସ ଦୁଇ ପକ୍ଷଙ୍କୁ ଥାନାକୁ ଡାକି ଆପୋଷ ଆଲୋଚନା କରିଥିବା ନେଇ ଆଇଆଇସି ହିମାଂଶୁ ବାରିକ ପ୍ରକାଶ କରିଛନ୍ତି। ଆଗକୁ ଯେମିତି ଚାପା ଉତ୍ତେଜନା ନହେବ ସେନେଇ ପୋଲିସ ତରଫରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ଜଣାପଡିଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ



କୋରାପୁଟ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ସଡକ ଦୁର୍ଘଟଣାରେ ୮୧ଜଣ ମୃତ୍ୟୁ ଘଟିଥିବାରୁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଚିନ୍ତା ପ୍ରକଟ କରିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ଦିଗରେ ପୋଲିସ ଓ ଆଂଚଳିକ ପରିବହନ ବିଭାଗ ମିଳିତ ଉଦ୍ୟମ କରିବାକୁ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ମସିହା ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୮୦ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୫ ମସିହା ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ୮୧ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ମାର୍ଚ୍ଚ ମାସରେ ଅଧିକ ୩୦ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ଗୁରୁତର ଆହାତ ହୋଇଥିବା ବେଳେ ତୁରନ୍ତ ଉପଯୁକ୍ତ ଚିକିତ୍ସା ନମିଳିବାରୁ ଗୁରୁତରଙ୍କ ମଧ୍ୟରୁ କିଛି ଜଣ ଭିନ୍ନକ୍ଷମ ସାଜି ଘରେ ବସିଛନ୍ତି । ଆଉ କିଛି ଜଣ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଦ୍ରୁତଗତିରେ ଗାଡି ଚଳାଇବା, ଟ୍ରାଫିକ ନିୟମ ନମାନିବା, ଓଭରଟେକ୍ କରିବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେବା, ହେଲମେଟ ନପିନ୍ଧିବା ଓ ସିଟ୍‌ବେଲ୍ଟ ନବାନ୍ଧିବା, ମଦ୍ୟପାନ କରି ଗାଡି ଚଳାଇବା ଯୋଗୁଁ ଦୁର୍ଘଟଣା ଘଟି ମୃତ୍ୟୁ ସଂଖ୍ୟ ବୃଦ୍ଧି ପାଉଛି । ବୋରିଗୁମା ଓ ବୈପାରିଗୁଡା ଥାନା ଅଚଂଳରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରି ରମ୍ବଲର ଆଦି ନିର୍ମାଣ କରିବାକୁ ଜିଲ୍ଲାପାଳ କହିଥିଲେ । ଏଥିସହ କୋରାପୁଟ ସୁନାବେଡା ଏନ୍‌ଏଚ୍ ପ୍ରଶସ୍ତିକରଣ କାମକୁ ନେଇ ଜିଲ୍ଲାପାଳ ଚିନ୍ତା ପ୍ରକଟ କରି ତୁରନ୍ତ କାମ ସାରିବାକୁ ଏନ୍‌ଏଚ୍ ନିର୍ବାହୀ ଯନ୍ତ୍ରୀ ଏସ୍ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବୋରିଗୁମା ଓ ବୈପାରିଗୁଡା ଥାନା ଅଚଂଳରେ ଅଧିକ ସଡକ ଦୁର୍ଘଟଣା ହେଉଥିବାରୁ ଉଭୟ ଥାନା ଅଚଂଳରେ ଯାଂଚ କଡାକଡି କରିବାକୁ ମତ ପ୍ରକାଶ ପାଇଥିଲା । ଏଥିସହ ନଷ୍ଟ ହୋଇଥିବା ରାସ୍ତା ଗୁଡିକୁ ତୁରନ୍ତ ମରାମତି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନିୟମ ନମାନି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆରଟିଓ ରାଜେଶ ମାରାଣ୍ଡି, ଏମଭିଆଇ, ଏଆରଟିଓ ତପନ କୁମାର ବେଠୀ, ଡିଏସ୍‌ପି, ଜୟପୁର ଓ ସୁନାବେଡା ଏନ୍‌ଏଚ୍ ଡିଭିଜନର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତିରାଜ ଦିବସ ପାଳିତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଆଜି ମହାସମାରୋହରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ୍ ଦିବସ ପାଳିତ ହୋଇଯାଇଛି ।ପୁରୀରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଶୁଭାରମ୍ଭ କରିଥିବାବେଳେ ପ୍ରତ୍ୟେକ ବ୍ଲକ ବାସିନ୍ଦା ଆଭାସୀ ମାଧ୍ୟମରେ ଏହାର ସିଧା ପ୍ରସାରଣ ଦେଖିବାର ସୁଯୋଗ ପାଇଥିଲେ। ଏଥି ସହ ନୂତନ ହିତାଧିକାରୀଙ୍କ ପାଇଁ ରାସନ କାର୍ଡ ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଲକ୍ଷ୍ମୀପୁର ବ୍ଲକ ସହକାରୀ ଯନ୍ତ୍ରୀ ଏମ୍.ପବନ କୁମାରଙ୍କ ନେତୃତ୍ୱରେ ବ୍ଲକ ପଡିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା ଏହାର ସଭାପତିତ୍ୱ କରିଥିବା ବେଳେ ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼,ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ କୁଲଦୀପ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସାଂସଦ ପ୍ରତିନିଧି କୈଳାସ ଖସଲା, ଜିପିଓ ସୁଧୀର ବେହେରା, ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗି, ସାଙ୍ଗାନ୍ନା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା, ବଣିକ ସଂଘ ସଭାପତି ମନୋଜ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ପିଙ୍କି ହିମେରିକାଙ୍କ ସମେତ ତେରଟି ପଞ୍ଚାୟତର ସମସ୍ତ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୁରୀରୁ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଆଭାସୀ ମାଧ୍ୟମରେ ଲକ୍ଷ୍ମୀପୁର ବ୍ଲକ ବାସିନ୍ଦା ଏହାର ସିଧା ପ୍ରସାରଣ ଦେଖିଥିଲେ ।ଏଇ କ୍ଷେତ୍ରରେ ପ୍ରଥମ ଦଶଜଣ ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି କୋର୍ଡିନେଟର ରଜତ ବିଡ଼ିକା ମଞ୍ଚ ପରିଚାଳନା କରିଥିବାବେଳେ ଯୋଗାଣ ଅଧିକାରୀ ଆଦିତ୍ୟ ବିଶ୍ୱ ପ୍ରସାଦ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବତୋଷ ସ୍ୱାଇଁ,ଟୁନା ଖଟେଇ,ପ୍ରକାଶ ସେଠୀ,ତୁଷାର କାନ୍ତ ସୂଚେନ,ଦାମୋଦର ଖଣ୍ଡପାଣି, ତ୍ରିନାଥ ବିଷୋୟୀଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।




ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଡ଼ଙ୍ଗରପଡ଼ା ଗ୍ରାମରେ ତୃତୀୟ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ସରପଂଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ଉଦଘାଟିତ ହୋଇଛି । ଏଥିରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, କୃଷି ଅଧିକାରୀ ଗଣେଶ୍ୱର ରଥ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ସମାଜସେବୀ ଭିକାରୀ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ପଣ୍ଡା,ମନୋଜ କୁମାର ପ୍ରଧାନ,ସମିତି ସଭ୍ୟ ନମିତା ସରପଞ୍ଚ କରୁଣାକର ଦଳସିଂହରାୟ, ଶିକ୍ଷାବିତ ତଥା ଉପଦେଷ୍ଟା ପବିତ୍ର ମୋହନ ଖାଡଙ୍ଗା ଓ ମଲିପଦର ଆମ ଗାଁ ମହୋତ୍ସବ କମିଟିର ସମ୍ପାଦକ ଡ଼ଃ ଶିଶିର କୁମାର ଆଚାର୍ଯ୍ୟଙ୍କ ସମେତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଇତିହାସକୁ ପୁର୍ନଜୀବନ ଦେଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିବା ସହ ବିଚକ୍ଷଣ ଶିଶୁ ପ୍ରତିଭା କୁଲସୁମ, ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ କୁଡୋ ପ୍ରତିଯୋଗିତାର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ଛାତ୍ରୀ ପ୍ରିସ୍କିଲା ନାଗଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିବା ବେଳେ ଶିକ୍ଷକ ଜମ୍ବେଶ୍ୱର ମଙ୍ଗରାଜ କାର୍ଯ୍ୟକ୍ରମକୁ ସଂଯୋଜନା ଓ ଶିକ୍ଷାବିତ ଦାଶରଥି ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଓଡ଼ିଶା ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ପକ୍ଷରୁ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା।



## ପ୍ରଶାନ୍ତଙ୍କ ପରିବାରକୁ ଅନୁଦାନ ରାଶି ପ୍ରଦାନ କଲା କେସିସି



ଭୁବନେଶ୍ୱର/ବାଲେଶ୍ୱର(ଭାସ୍କର ନ୍ୟୁଜ): ଜମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମ୍‌ରେ ଆତଙ୍କବାଦୀଙ୍କ ହମଲାରେ ପ୍ରାଣ ହରାଇଥିବା ଓଡ଼ିଆ ଯୁବକ ପ୍ରଶାନ୍ତ କୁମାର ଶତପଥୀଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛି କଳିଙ୍ଗ କମର୍ସିଆଲ କର୍ପୋରେସନ୍(କେସିସି) । କମ୍ପାନୀର ଅଧ୍ୟକ୍ଷ ଡଃ. ସୌମ୍ୟରଞ୍ଜନ ସାମଲଙ୍କ ନିର୍ଦ୍ଦେଶରେ କମ୍ପାନୀର ପ୍ରଶାସନିକ ନିର୍ଦ୍ଦେଶିକା ଅର୍ଚ୍ଚନା ସାମଲ ବାଲେଶ୍ୱରଠାରେ ସ୍ୱର୍ଗତଃ ଶତପଥୀଙ୍କ ପତ୍ନୀଙ୍କୁ ଭେଟିଥିଲେ ଓ ସମବେଦନା ଜ୍ଞାପନ କରିଥିଲେ । ସେଠାରେ ଉପସ୍ଥିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାଧ୍ୟମରେ କେସିସି ପକ୍ଷରୁ ୧୦ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଥିଲା । କମ୍ପାନୀ ତରଫରୁ ଆଗାମୀ ଦିନରେ ସ୍ୱର୍ଗତଃ ଶତପଥୀଙ୍କ ପୁତ୍ର ଯଦି ଅଧ୍ୟୟନ କରିବାକୁ ଚାହାନ୍ତି କିମ୍ବା ଚାକିରି କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । କମ୍ପାନୀ ନିର୍ଦ୍ଦେଶିକାଙ୍କ ସହ ଡିଜିଏମ୍(ଏଚ୍‌ଆର) ଅପର୍ଣ୍ଣା ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ଅରୁନ୍ଧତୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗୁରୁବାର ପୂର୍ବାହ୍ନରେ ସ୍ୱର୍ଗତଃ ଶପତଥୀଙ୍କ ମରଶରୀର ତାଙ୍କ ପୈତୃକ ଗ୍ରାମରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶେଷଦର୍ଶନ କରିବା ସହ ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ଏଥିସହ ପତ୍ନୀଙ୍କ ଚାକିରି ଓ ପୁଅର ପାଠପଢ଼ା ଦାୟିତ୍ୱ ସରକାର ନେବେ ବୋଲି ସେ ଘୋଷଣା କରିଥିଲେ ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫

# ନୂତନ ରାସନ୍ କାର୍ଡ ବିତରଣ




ନବରଙ୍ଗପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ନୂତନ ରାସନ୍ କାର୍ଡ ପ୍ରଦାନ,ଉତ୍ତମ ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ଏବଂ ଉତ୍ତମ ପୁଷ୍ଟି ପଞ୍ଚାୟତକୁ ଅର୍ଥରାଶି ପ୍ରଦାନ ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ଜିଲ୍ଲାପାଳ ଡ଼। ଶୁଭଙ୍କର ମହାପାତ୍ର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ , ଲୋକ ସଭା ସାଂସଦ ପ୍ରତିନିଧି ଜ୍ୟୋତିରଂଜନ କଂସ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ତୃଣମୂଳ ସ୍ତରରେ ଗାଁର ବିକାଶ ଗାଁଲୋକଙ୍କ ଦ୍ୱାରା ଗ୍ରାମସଭାରେ ପାରିତ ବିକାଶ କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଗ୍ରାଧିକାର ଦିଆଯାଇଛି। ୧୯୯୨ ମସିହା ଏପ୍ରିଲ ୨୪ ତାରିଖରେ ସମ୍ବିଧାନ ର ୭୩ ତମ ସଂଶୋଧନ ବଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଦେଶରେ ପ୍ରବର୍ତ୍ତନ ହୋଇଥିଲା।ଏହି ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ଗ୍ରାମ ପଂଚାୟତ,ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସ୍ତରରେ ବ୍ୟାପକ ବିକାଶ କୁ ଗୁରୁତ୍ୱ ଦେଇଛି। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ,ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଏବଂ ପଞ୍ଚାୟତ ସମିତି,ନବରଙ୍ଗପୁର ସୌଜନ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ର ବିକେନ୍ଦ୍ରୀକରଣ ଓ ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉଲ୍ଲେଖ କରି ସାରା ଦେଶରେ ପାଳିତ ହେଉଥିବା ଜାତୀୟ ପଞ୍ଚାୟତି ରାଜ ଦିବସ ପାଳନ ଅବସରରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ରାଜ୍ୟ ସରକାର 'ବିକଶିତ ଓଡ଼ିଶା ବିକଶିତ ଭାରତ ' ଲକ୍ଷ୍ୟରେ ଗ୍ରାମ ପଞ୍ଚାୟତ, ବ୍ଲକ୍, ଜିଲ୍ଲା ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି ତା ଉପରେ କହିବା ସଙ୍ଗେ ସଙ୍ଗେ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା,ସୁଭଦ୍ରା ଯୋଜନା,ଧାନ ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଏବଂ ସବସିଡି ପ୍ରଦାନ ଉପରେ କହିଥିଲେ। ମାନ୍ୟବର ବିଧାୟକ ନବରଙ୍ଗପୁର ନିଜ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସ୍ତରରୁ ବିକାଶର ଶିଡି ଆରମ୍ଭ ହୋଇଥାଏ ଏବଂ ପଞ୍ଚାୟତ ସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ ଯୋଗୁଁ ଆଜି ବିକଶିତ ଓଡ଼ିଶା ୨୦୩୬ ର ଲକ୍ଷ୍ୟଧାର୍ଯ୍ୟ କୁ ଆମେ ନିଶ୍ଚୟ ଉପଲବ୍ଧି କରିବା ବୋଲି କହିଥିଲେ। ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଏଲ ଇ ଡି ସ୍କ୍ରିନ୍ ମାଧ୍ୟମରେ ଉପସ୍ଥିତ ସମସ୍ତେ ଦେଖିଥିଲେ। ଆଜି ଖାଦ୍ୟସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନର ଶୁଭାରମ୍ଭ ହୋଇଥିଲା। ଇ - କେ ୱାଇ ସି ମାଧ୍ୟମରେ ଆବେଦନକାରୀ ପରିବାର ନୂତନ ରାସନ୍ କାର୍ଡ ପାଇପାରିବେ।ଜିଲ୍ଲାରେ ବର୍ତ୍ତମାନ ୧୦,୭୨୦ ନୂତନ ରାସନ୍ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୯୯୫ ଜଣ ଆବେଦନ କରିଥିଲେ ଏବଂ ସେଥି ମଧ୍ୟରୁ ୫୫୪ ପରିବାର ୩୪୭ ନୂତନ ରାସନ୍ କାର୍ଡ ପାଇବାକୁ ହକଦାର ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ୧୨ ଜଣ ନୂତନ ଭାବେ ରାସନ୍ କାର୍ଡ ପାଇଥିବା ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରିଥିଲେ। ସେହିଭଳି ୧୦ ଟି ଉତ୍ତମ ପଞ୍ଚାୟତ କୁରାଜେବା,କୁନ୍ଦେଇ, ମହୋଣ୍ଡ , ହାତୀଗାଁ, ଭାମନି ,ଡଙ୍ଗରିଗୁଡା , ଚୋଚୋରାଗୁଡା , ବୋରିଗାଁ , ନାକଟିଶିମୁଡ଼ା, ଚନ୍ଦାହାଣ୍ଡି ପଞ୍ଚାୟତକୁ ମୋଟ ୫୯,୯୦,୩୩୩ ଟଙ୍କା ର ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରିଥିଲେ। ଉତ୍ତମ ପୁଷ୍ଟି ପଞ୍ଚାୟତ ରୂପେ ଡଙ୍ଗରିଗୁଡା ଗ୍ରାମ ପଂଚାୟତ କୁ ୫୦,୦୦୦ ଟଙ୍କା ର ଅର୍ଥରାଶି ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଅଙ୍ଗନବାଡି କର୍ମୀ, ଏସ ଏଚ ଜି ସଭ୍ୟା,ହିତାଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ନବରଙ୍ଗପୁର ଭାରପ୍ରାପ୍ତ ବିଡିଓ କ୍ଷୀରୋଦ ସାହୁ କାର୍ଯ୍ୟକ୍ରମର ଆୟୋଜନ ଓ ସଭା ସଞ୍ଚାଳନ କରିଥିଲେ।

## କୁହୁଡ଼ି ବସଷ୍ଟାଣ୍ଡରେ ଲୁଟ୍‌ପାଟ୍,ହଣାକଟା ଓ ବୋମାମାଡ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡ ରେ ଥିବା ଏକ ରାସନ ଦୋକାନ ରୁ ଜବରଦସ୍ତ ଲୁଟପାଟ କରିବା , ଦୋକାନ ମାଲିକ ଙ୍କୁ ମରଣାନ୍ତକ ଆକ୍ରମଣ ସାଙ୍ଗକୁ ବୋମାମାଡ , ଘଟଣା ସ୍ଥଳରେ ପଇଁତରା ମାରୁଛନ୍ତି ପୋଲିସ । ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି ପୋଲିସ । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ବସଷ୍ଟାଣ୍ଡ ରେ ସ୍ଥାନୀୟ ଗ୍ରାମର ଲକ୍ଷ୍ମୀଧର ବରାଳ ଙ୍କର ରହିଛି ଏକ ରାସନ ଦୋକାନ । ହଠାତ୍ ଅନ୍ୟ ସମ୍ପ୍ରଦାୟର କେତେକ ଯୁବକ ସେହି ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ଜବରଦସ୍ତ ରାସନ ସାମଗ୍ରୀ ସହିତ ଟଙ୍କା-ପଇସା ଲୁଟପାଟ କଲେ । ଅନ୍ୟ ଲୋକମାନେ ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ମାନେ ଲୋକଙ୍କ ଉପରକୁ ବୋମାମାଡ କରି ଭୟର ବାତାବରଣ ସୃଷ୍ଟି କଲେ । ଦୁଇ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା ହୋଇଛି । ଖବର ପାଇ ପୋଲିସ ପହଞ୍ଚି ଯିବାରୁ ଆକ୍ରମଣକାରୀ ମାନେ ଚମ୍ପଟ ମାରିଲେ । ପରିସ୍ଥିତିକୁ କଣ୍ଟ୍ରୋଲ କରିବା ପାଇଁ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ପଏଁତରା ମାରିଲେ । ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ଓ ସେମାନଙ୍କୁ ସହଯୋଗ କରିବା ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 24.04.2025, I Manoranjan Bhoi, Address: At- Luna, Po- Sarakana, Ps- Balianta, Dist- Khordha, PIN-752100, declare that I have changed my son's name from Biswajit Biswaranjan Bhoi to Biswaranjan Bhoi. Henceforth, he shall be known as Biswaranjan Bhoi for all purposes.

Sd/- Manoranjan Bhoi

## ପୁରୀରେ ଜାତୀୟ ପଞ୍ଚାୟତିରାଜ ଦିବସ




ପୁରୀ (ଭାସ୍କର ନ୍ୟୁଜ) : ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି ।ମୁଖ୍ୟମନ୍ତ୍ରୀ ପ୍ରଥମେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଲିକ ପରିବର୍ତ୍ତନ ଅଣାଯାଇଥିଲା । ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ ?ପର ହୋଇ କାମ କରୁଛନ୍ତି । ବିଜୁଳି, ସଡକ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା । ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ । ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ । ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ । ସେ ପୁଣି କହିଥିଲେ ଯେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇଦେବୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣାଧିନ ଅଛି । ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବୁ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ୮ଜଣ ରାସନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ । ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି । ପୋର୍ଟାଲ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି । ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦଓ୍ୱଡା ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ କାଶ୍ମୀର ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ ।ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପହଲଗାମ ଆକ୍ରମଣକୁ ନିନ୍ଦା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଜାମ୍ମୁକାଶ୍ମୀରର ପହଲଗାମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଯେଭଳି ବୀଭତ୍ସ ଭାବେ ହତ୍ୟା କଲେ ସେହି ଆତଙ୍କବାଦୀଙ୍କୁ ତଥା ସେମାନଙ୍କୁ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ଜୀବିତ ଅବା ମୃତ ଭାବରେ କବର ଦେବାକୁ ଅଖିଳ ଭାରତ ହିନ୍ଦୁ ମହାସଭା ଦାବି କରିଛି। ସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅଶୋକ ପାଲଟାସିଂଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଅଧ୍ୟକ୍ଷା ଗୀତା ଚୈନୀଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Niali, dated: 22.04.2025, I Akshya Kumar Sahoo, Address: At- Kulashree, Po- Kulashree, Ps- Niali, Dist- Cuttack, Odisha, PIN-754105, declare that I have changed my son's name from Avijit Pradhan to Abhijeet Sahoo. Henceforth, He shall be known as Abhijeet Sahoo for all purposes.

Sd/- Akshya Kumar Sahoo

**LOST**

I SK. Khalik, S/o-SK. Tabarak about 46 aged, residing At-Quazisahi, Bali Arada, Puruna Bazar, Dist.- Bhadrak, Odisha-756100, I do hereby declare that, I have lost my original Sale Deed vide RSD No-5723 on dtd.-25.04.1974 in favour of SK. Salim of Mouza-Bhuyanmahala, PS-Bhadrak in somewhere.
If anyone finds this documents, kindly contact:- Subash Ch. Panda, Bhadrak, Mobile:- 9937605579 within 15 days from the date of publication.

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୮.୦୪.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୨୫.୦୪.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ , ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆତଙ୍କୀଙ୍କୁ ଆକ୍ରମଣ...

ସମର୍ଥକଙ୍କୁ ଚିହ୍ନଟ କରିବ ଏବଂ ଦଣ୍ଡ ଦେବ। ମାନବତାକୁ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଆମସହ ଅଛନ୍ତି। ଏହି କଷ୍ଟକର ଓ ଦୁର୍ଦ୍ଦିନ ସମୟରେ ଆମ ସହିତ ଛିଡ଼ା ହୋଇଥିବା ବିଭିନ୍ନ ରାଷ୍ଟ୍ରର ଲୋକ ଏବଂ ସେମାନଙ୍କ ନେତାଙ୍କୁ ମୋଦୀ ଧନ୍ୟବାଦ ଜଣାଇଥିଲେ। ମୋଦୀ ଆହୁରି କହିଥିଲେ ଯେ ଏହି ଆକ୍ରମଣକୁ ନେଇ କୋଟି କୋଟି ଦେଶବାସୀ ଅସନ୍ତୁଷ୍ଟ।

### ପଞ୍ଚଭୂତରେ ବିଲୀନ...

ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ସଦସ୍ୟମାନଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ଏହାପରେ ଗ୍ରାମବାସୀଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ମଶାନକୁ ଯାଇ ଶେଷଦର୍ଶନ କରିଥିଲେ। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ତାଙ୍କ ପରିବାରର ଦୁଃଖରେ ମୁଁ ଗଭୀର ମର୍ମାହତ। ଏହି ଅବସରରେ ପ୍ରଶାନ୍ତଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହ ତାଙ୍କ ପତ୍ନୀଙ୍କୁ ସରକାରୀ ଚାକିରି ଯୋଗାଇ ଦିଆଯିବ। ଏଥିସହ ପୁଅର ପାଠପଢା ବ୍ୟବସ୍ଥା ସରକାର କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆତଙ୍କବାଦୀଙ୍କ କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ ଓ କାପୁରୁଷୋଚିତ। ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ପ୍ରତିଶୋଧ ପାଇଁ...

ବାୟୁସେନା ଯବାନ। ଗୋଟିଏପଟେ ରାଫେଲ ଗର୍ଜୁଥିବାବେଳେ ଅନ୍ୟପଟେ ସୁଖୋଇ-୩୦ ମଧ୍ୟ ଗର୍ଜନ କରୁଥିବା ଦେଖିବାକୁ ମିଳିଛି। ସେହିପରି ସ୍ଥଳଭାଗରେ ଆକ୍ରମଣ ପାଇଁ ଫାଇଟର ଜେଟ୍‌ର ବ୍ୟବହାର କରାଯାଇପାରେ ବୋଲି ସୂଚନା ମିଳିଛି। ଏହି ସମରାଭ୍ୟାସର ନାମ 'ଆକ୍ରମଣ' ରଖାଯାଇଛି। ଅନ୍ୟପକ୍ଷରେ ଭାରତର ପ୍ରସ୍ତୁତି ଦେଖି ପାକିସ୍ତାନ ମଧ୍ୟ ଛାନିଆଁ ହୋଇଯାଇଛି। ଏଲଓସିରେ ସୁରକ୍ଷା ବ୍ୟବସ୍ଥାକୁ ପାକିସ୍ତାନ ବୃଦ୍ଧି କରିଛି। ଏପରିକି ସିନ୍ଧୁଜଳ ବନ୍ଦ କରିବା ଘଟଣାକୁ ଯୁଦ୍ଧ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ନିଜର ସୁରକ୍ଷା ପାଇଁ ପାକିସ୍ତାନ ମଧ୍ୟ ପ୍ରସ୍ତୁତିପର୍ବ ଆରମ୍ଭ କରି ଦେଇଛି।

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ




କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକ ଙ୍କ ସଭାପତିତ୍ୱ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବ୍ଲକ ଅଧକ୍ଷା ସୁଭଦ୍ରା ମାରାଣ୍ଡି, କେନ୍ଦୁଝର ସାଂସଦଙ୍କ କରଞ୍ଜିଆ ବ୍ଲକ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ, , ବ୍ଲକ ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ମଞ୍ଚାସୀନ ହୋଇଥିଲେ । ସାଂସଦଙ୍କ ଜିଲ୍ଲାପରିଷଦ ପ୍ରତିନିଧି ଆଶିଷ କୁମାର ମହାନ୍ତ, ଲକ୍ଷ୍ମୀ ଝା, ସୁନାମଣୀ ହୋ, ମନୋଜ ମହାନ୍ତ, କରୁଣା କର ବାରିକଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ । ସଭା ପୂର୍ବରୁ ଅତିଥିଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ ପରେ ଜାମ୍ମୁ ଓ କାଶ୍ମୀରରେ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି କାମନାକରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରଥମ ଥର ଓଡିଶା ରେ ପୂର୍ବରୁ ରାଜ୍ୟରେ ମାର୍ଚ୍ଚ ୫ ତାରିଖ ପରିବର୍ତ୍ତେ ସାରା ଦେଶ ଏଭଳି ଏପ୍ରିଲ ୨୪ ତାରିଖ ରେ ଜାତୀୟ ପଞ୍ଚାୟତିରାଜ ଦିବସ ସହିତ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ କରଞ୍ଜିଆ ବ୍ଲକ ଓ କରଞ୍ଜିଆ ଏନଏସି ଅଞ୍ଚଳର ନୂତନ ଭାବେ କିଛି ରାସନ କାର୍ଡ ହିତାଧିକାରୀଙ୍କୁ ରଙ୍ଗୀନ ରାସନ କାର୍ଡ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ଓଡିଶାର ୩୧୨ ବ୍ଲକରେ ନିର୍ମାଣ ହେବାକୁ ଥିବା ବ୍ଲକ ସ୍ତରୀୟ ଷ୍ଟାଡିଅମର ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ରଙ୍ଗୀନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିପିଓ ଦେବାଶିଷ ସାହୁ, ସହକାରୀ ଯନ୍ତ୍ରୀ ଇମ୍‌ତାଜ ଅଲ୍ଲୀ, ଦୀପ୍ତି ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍‌୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ଆପେଣ୍ଡିକ୍ସ ୫ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**


ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୧.୧୨.୨୦୨୪**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ପବିତ୍ର କୁମାର ସ୍ୱାଇଁ,୨. ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୮,୪୬,୯୬୮.୦୯/-** (ଆଠଲକ୍ଷ ଛୟାଳିଶ ହଜାର ନଅଶହ ଅଣଷଠି ଏବଂ ନଅ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୧୦.୧୨.୨୦୨୪** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୨ ଏପ୍ରିଲ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୮,୪୬,୯୬୮.୦୯/-** (ଆଠଲକ୍ଷ ଛୟାଳିଶ ହଜାର ନଅଶହ ଅଣଷଠି ଏବଂ ନଅ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।

| ବନ୍ଧକ ସମ୍ପତ୍ତିର ବିବରଣୀ |
| --- |
| ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୮୩୮/୪୦୧, ପ୍ଲଟ ନଂ ୧୧୮୫/୩୯୪୯, ଏରିଆ- ୯.୦.୦୬୦ ଡିସିମିଲ (୨୬.୧୨.୬୦ବର୍ଗଫୁଟ), ମୌଜା ଅବସ୍ଥିତି- ଅମୃତିଆ, ଏସ୍‌ଆର-ଡୋଲିପୁର, ତହସିଲ- ବ୍ୟାସନଗର, ଜିଲ୍ଲା-ଯାଜପୁର, ଓଡ଼ିଶା-୭୫୫୦୨୫, ଏବଂ ବାଉଣ୍ଡରୀ ଯଥା: ପୂର୍ବ- ପ୍ଲଟ୍ ନଂ ୧୩୪୪/୩୫୭୧, ପଶ୍ଚିମ- ରାସ୍ତା ଏବଂ ପ୍ଲଟ୍ ନଂ ୧୧୪୩, ଉତ୍ତର- ପ୍ଲଟ୍‌ର ଅବଶିଷ୍ଟ ଅଂଶ, ଦକ୍ଷିଣ- ପ୍ଲଟ୍ ନଂ ୧୧୮୬ ଏବଂ ୧୧୮୭। |

ତାରିଖ : ୨୨.୦୪.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୪୩୦୭୨୬୬୩

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



ମୁମ୍ବାଇ: ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଦେଶ ଦୁଃଖିତ। ଏହି ଆକ୍ରମଣରେ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ରିଲାଏନ୍ସ ପରିବାର ଗଭୀର ଶୋକ ପ୍ରକାଶ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ପୀଡିତଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ରିଲାଏନ୍ସ ଫାଉଣ୍ଡେସନର ସାର୍ ଏଚ୍.ଏନ୍. ହସ୍ପିଟାଲ ଆହତମାନଙ୍କୁ ମାଗଣାରେ ଚିକିତ୍ସା କରିବ। ମୁକେଶ ଅମ୍ବାନୀ ଆତଙ୍କବାଦକୁ ମାନବତାର ଶତ୍ରୁ ବୋଲି କହିଛନ୍ତି। ସେ କହିଥିଲେ, 'ଆତଙ୍କବାଦ ମାନବତାର ଶତ୍ରୁ।' ଏହାକୁ କୌଣସି ପ୍ରକାରେ କିମ୍ବା କାହା ଦ୍ୱାରା ସମର୍ଥନ କରାଯିବା ଉଚିତ୍ ନୁହେଁ।

### ସର୍ବଦଳୀୟ ବୈଠକ ପରେ ସରକାରଙ୍କୁ ବିରୋଧୀଙ୍କ ସମର୍ଥନ

# ଆକ୍ସନ ନେଲେ ଆମେ ସପୋର୍ଟ କରିବୁ : ରାହୁଲ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ସରକାର ଡକାଇଥିବା ସର୍ବଦଳୀୟ ବୈଠକ ଶେଷ ହୋଇଛି। ବୈଠକ ସରିବା ପରେ ବିରୋଧୀ ଦଳ ତୁରନ୍ତ ସରକାରଙ୍କୁ ସମର୍ଥନ ଜଣାଇଛି। ଭାରତ ସରକାର ଯେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବିରୋଧୀ ଦଳ ଏହାର ସମର୍ଥନ କରିବ ବୋଲି ଲୋକସଭାରେ ବିରୋଧୀ ଦଳ ନେତା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଏନଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ସର୍ବଦଳୀୟ ବୈଠକରେ ରାଜନାଥ ସିଂହ ଅଧ୍ୟକ୍ଷତା କରିଥିଲେ। ଅମିତ ଶାହ ଥିଲେ। ଆମେ ସମସ୍ତେ ମିଶି ପହଲଗାମରେ ହୋଇଥିବା ଆତଙ୍କବାଦୀ ଘଟଣାକୁ ନିନ୍ଦା କରିଥିଲୁ। କାଶ୍ମୀରରେ ଶାନ୍ତି ଫେରାଇ ଆଣିବାକୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଥିବା ଖଡଗେ କହିଛନ୍ତି। ସେହିପରି ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ମଧ୍ୟ ସରକାରଙ୍କୁ ସମର୍ଥନ ଜଣାଇଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ଆଜି ବୈଠକରେ ଭାରତ ଏକ ହୋଇ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବା ଉଚିତ ବୋଲି ସମସ୍ତେ ଏକମତ ହୋଇଛନ୍ତି। ଭାରତ ଅତୀତରେ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଆଗକୁ ମଧ୍ୟ କରିବ। ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକରେ ଏହା ଉପରେ ଆଲୋଚନା କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଆପ୍ ସଂସଦ ସଞ୍ଜୟ ସିଂହ ମଧ୍ୟ ବୈଠକରୁ ଫେରିବା ପରେ ଆତଙ୍କବାଦ ବିରୋଧରେ କଡ଼ା ବୟାନ ଦେଇଥିଲେ। ଆତଙ୍କବାଦ ବିରୋଧରେ ସମୂଳେ ବିନାଶ କରିବା ପାଇଁ ସମସ୍ତେ ଏକମତ ହୋଇଥିଲୁ। ଯେଉଁ ପାକିସ୍ତାନ ଆତଙ୍କବାଦ ସୃଷ୍ଟି କରୁଛି ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସମସ୍ତେ ମତ ଦେଇଥିବା ସଞ୍ଜୟ ସିଂହ କହିଛନ୍ତି। ଏଥିସହିତ ସେ ସୁରକ୍ଷା ବ୍ୟବସ୍ଥା ଉପରେ କଡା ପ୍ରଶ୍ନ ଉଠାଇଥିଲେ। ସୁରକ୍ଷାରେ ତ୍ରୁଟି ଯୋଗୁ ଏପରି ହେଲା ବୋଲି ସେ କହିଥିଲେ।

# ସମସ୍ତ ଦ୍ୱିପାକ୍ଷିକ ଚୁକ୍ତି ସମେତ ଆକାଶପଥ ବନ୍ଦ କଲା ପାକିସ୍ତାନ



ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତର କାର୍ଯ୍ୟାନୁଷ୍ଠାନର ଜବାବରେ ପାକିସ୍ତାନ ଗୁରୁବାର ଦିନ ଭାରତ ସହ ନିଜର ସମସ୍ତ ବାଣିଜ୍ୟିକ ସମ୍ପର୍କକୁ ସ୍ଥଗିତ ରଖିଛି ଏବଂ ସମସ୍ତ ଭାରତୀୟ ମାଲିକାନା କିମ୍ବା ପରିଚାଳିତ ବିମାନ ପାଇଁ ନିଜର ଆକାଶପଥ ବନ୍ଦ କରିଛି। ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ଏବଂ କୂଟନୈତିକ ସମ୍ପର୍କକୁ ହ୍ରାସ କରିବା ପାଇଁ ଭାରତର ପଦକ୍ଷେପ ଉପରେ ତାଙ୍କ ଦେଶର ପ୍ରତିକ୍ରିୟା ପ୍ରସ୍ତୁତ କରିବା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ, ପ୍ରମୁଖ ମନ୍ତ୍ରୀ ଏବଂ ତିନି ସେନା ମୁଖ୍ୟଙ୍କ ସହ ବୈଠକ କରିବା ପରେ ଏହି ନିଷ୍ପତ୍ତି ଘୋଷଣା କରାଯାଇଛି।

# ଇଣ୍ଡିଆ ଷ୍ଟିଲ୍ ୨୦୨୫ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ ବାର୍ତ୍ତା ମାଧ୍ୟମରେ ମୁମ୍ବାଇରେ ଇଣ୍ଡିଆ ଷ୍ଟିଲ୍ ୨୦୨୫ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ଆଗାମୀ ଦୁଇ ଦିନରେ, ଭାରତର ଉଦୀୟମାନ କ୍ଷେତ୍ର - ଇସ୍ପାତ ଶିଳ୍ପର ସମ୍ଭାବନା ଏବଂ ସୁଯୋଗ ଉପରେ ଆଲୋଚନା ହେବ। 'ଆଧୁନିକ ଅର୍ଥନୀତିରେ ଇସ୍ପାତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି' ବୋଲି ଉଲ୍ଲେଖ କରିବା ସହିତ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଗଗନଚୁମ୍ବୀ ଅଟ୍ଟାଳିକା, ଜାହାଜ ଚଳାଚଳ, ରାଜପଥ, ଦ୍ରୁତଗତି ସମ୍ପନ୍ନ ରେଳ, ସ୍ମାର୍ଟ ସିଟି କିମ୍ବା ଶିଳ୍ପ କରିଡର ହେଉ, ପ୍ରତ୍ୟେକ ସଫଳତାର କାହାଣୀ ପଛରେ ଇସ୍ପାତ ହେଉଛି ଶକ୍ତି। 'ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରୁଛି, ଏହି ମିଶନରେ ଇସ୍ପାତ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ମତ ଦେଇଥିଲେ। ଇସ୍ପାତ ବହୁବିଧ କ୍ଷେତ୍ରର ଅଭିବୃଦ୍ଧିକୁ ଚାଳିତ କରୁଥିବା ଏକ ପ୍ରାଥମିକ ଉପାଦାନ ବୋଲି ବୁଝାଇ ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ, ଇସ୍ପାତ ଶିଳ୍ପ ପାଇଁ ସରକାରୀ ନୀତିଗୁଡ଼ିକ ଭାରତର ଅନ୍ୟାନ୍ୟ ଅନେକ ଶିଳ୍ପକୁ ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେ ଉଲ୍ଲେଖ କରିଥିଲେ ଯେ ଭାରତୀୟ ଇସ୍ପାତ ଶିଳ୍ପରୁ ଉତ୍ପାଦନ, ନିର୍ମାଣ, ଯନ୍ତ୍ରପାତି ଏବଂ ଅଟୋମୋଟିଭ୍ ଭଳି କ୍ଷେତ୍ରଗୁଡ଼ିକ ଶକ୍ତି ଲାଭ କରୁଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ସରକାର 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ତ୍ୱରାନ୍ୱିତ କରିବା ପାଇଁ ଚଳିତ ବର୍ଷର ବଜେଟରେ ଜାତୀୟ ଉତ୍ପାଦନ ମିଶନ ଆରମ୍ଭ କରିଛନ୍ତି। ଏହି ମିଶନ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଶିଳ୍ପଗୁଡ଼ିକୁ ପୂରଣ କରେ ଏବଂ ଇସ୍ପାତ କ୍ଷେତ୍ର ପାଇଁ ଏହା ନୂତନ ସୁଯୋଗ ଖୋଲିବ ବୋଲି ସେ ମଧ୍ୟ କହିଛନ୍ତି। ପ୍ରତିରକ୍ଷା ଏବଂ ରଣନୈତିକ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଉଚ୍ଚମାନର ଇସ୍ପାତ ନିମନ୍ତେ ଭାରତ ଦୀର୍ଘ ଦିନ ଧରି ଆମଦାନୀ ଉପରେ ନିର୍ଭରଶୀଳ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ଭାରତର ପ୍ରଥମ ସ୍ୱଦେଶୀ ବିମାନ ବାହକ ଜାହାଜରେ ବ୍ୟବହୃତ ଇସ୍ପାତ ଘରୋଇ ଭାବରେ ଉତ୍ପାଦିତ ହୋଇଥିଲା ବୋଲି କହିବା ସହିତ ସେ ଗର୍ବ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଐତିହାସିକ ଚନ୍ଦ୍ରାୟଣ ମିଶନର ସଫଳତାରେ ଭାରତୀୟ ଇସ୍ପାତର ଅବଦାନ ରହିଛି, ଯାହା ଭାରତର ଦକ୍ଷତା ଏବଂ ଆତ୍ମବିଶ୍ୱାସର ପ୍ରତୀକ। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ଏହି ପରିବର୍ତ୍ତନ ପିଏଲଆଇ ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ସମ୍ଭବ ହୋଇପାରିଛି, ଯାହା ଯୋଗୁଁ ଉଚ୍ଚମାନର ଇସ୍ପାତ ଉତ୍ପାଦନକୁ ସମର୍ଥନ କରିବା ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେ ଜୋର ଦେଇ କହିଥିଲେ ଯେ ଏହା କେବଳ ଆରମ୍ଭ ଏବଂ ଆଗକୁ ଏକ ଲମ୍ବା ରାସ୍ତା ଅଛି। ଦେଶବ୍ୟାପୀ ଆରମ୍ଭ ହେଉଥିବା ମେଗା-ପ୍ରକଳ୍ପ ଯୋଗୁଁ ଉଚ୍ଚ- ଗ୍ରେଡ୍ ଇସ୍ପାତର ଚାହିଦା ବୃଦ୍ଧି ପାଉଛି ବୋଲି ସେ ସୂଚନା ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଚଳିତ ବର୍ଷର ବଜେଟରେ ଜାହାଜ ନିର୍ମାଣକୁ ଭିତ୍ତିଭୂମି ଭାବରେ ବର୍ଗୀକୃତ କରାଯାଇଛି, 'ଭାରତ ଘରୋଇ ଭାବରେ ଆଧୁନିକ ଏବଂ ବଡ଼ ଜାହାଜ ନିର୍ମାଣ କରି ଅନ୍ୟ ଦେଶକୁ ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି'। ପ୍ରଧାନମନ୍ତ୍ରୀ ଭାରତରେ ପାଇପଲାଇନ- ଗ୍ରେଡ୍ ଇସ୍ପାତ ଏବଂ କ୍ଷୟ -ପ୍ରତିରୋଧୀ ମିଶ୍ରଧାତୁର ବର୍ଦ୍ଧିତ ଚାହିଦା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଦେଶର ରେଳ ଭିତ୍ତିଭୂମି ଅଭୂତପୂର୍ବ ଗତିରେ ବିସ୍ତାର ହେଉଛି। ସେ 'ଶୂନ୍ୟ ଆମଦାନୀ' ଲକ୍ଷ୍ୟ ଏବଂ ନେଟ୍ ରପ୍ତାନି ଉପରେ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଭାରତ ବର୍ତ୍ତମାନ ୨୫ ନିୟୁତ ଟନ୍ ଇସ୍ପାତ ରପ୍ତାନି କରିବାର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛି ଏବଂ ୨୦୪୭ ସୁଦ୍ଧା ଉତ୍ପାଦନ କ୍ଷମତାକୁ ୫୦୦ ନିୟୁତ ଟନ୍ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ କୋଇଲା ଆମଦାନୀ, ବିଶେଷ କରି କୋକିଂ କୋଇଲାର ମୂଲ୍ୟ ଏବଂ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ନିର୍ଭରଶୀଳତା ହ୍ରାସ କରିବା ପାଇଁ ବିକଳ୍ପ ଅନୁସନ୍ଧାନର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ଡିଆରଆଇ ରୁଟ୍ ଭଳି ପ୍ରଯୁକ୍ତିର ଉପଲବ୍ଧତା ଉପରେ ଆଲୋକପାତ କରିଥିଲେ ଏବଂ ସେଗୁଡ଼ିକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଇସ୍ପାତ ଶିଳ୍ପର ସମସ୍ତ ହିତଧାରକଙ୍କୁ ଏହି ପ୍ରୟାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ଏହି ଦିଗରେ ଆଗକୁ ବଢ଼ିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ପହଲଗାମ୍ ଆତଙ୍କୀ ହମଲା: ସୁରକ୍ଷାରେ ତ୍ରୁଟି ନେଇ ସ୍ୱୀକାର କଲେ ସରକାର

ନୂଆଦିଲ୍ଲୀ: ପହଲଗାମ୍ ଆତଙ୍କୀ ହମଲା ନେଇ ଆସିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖବର। ସୁରକ୍ଷାରେ ତ୍ରୁଟି ନେଇ ମାନିଲେ ସରକାର। ପହେଲଗାମ୍ ହମଲା ପରେ ବିରୋଧୀ ବାରମ୍ବାର ଗୁଇନ୍ଦାର ଭୂମିକା ନେଇ ପ୍ରଶ୍ନ ଉଠାଉଥିବା ବେଳେ ଆଜି ସର୍ବଦଳୀୟ ବୈଠକରେ ରାହୁଲ ପୁଣି ଥରେ ଗୁଇନ୍ଦା କଣ କରୁଥିଲା ? ସିଆରପିଏଫ ଏବଂ ସୁରକ୍ଷା ବଳ କେଉଁଠି ଥିଲା ବୋଲି ପ୍ରଶ୍ନ କରିବା ପରେ ଶାହ ଏମିତି ଉତ୍ତର ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାଧାରଣତଃ ଜୁନ୍ ମାସରେ ଅମରନାଥ ଯାତ୍ରା ଆରମ୍ଭ ହେବା ସମୟରେ ଏହି ରାସ୍ତା ଖୋଲା ଯାଇଥାଏ। କାରଣ ଅମରନାଥ ଯାତ୍ରାର ତୀର୍ଥଯାତ୍ରୀମାନେ ଏହି ସ୍ଥାନରେ ବିଶ୍ରାମ ନିଅନ୍ତି। ମାତ୍ର ଏଥର ସ୍ଥାନୀୟ ଟୁର୍ ଅପରେଟରମାନେ ସରକାରଙ୍କୁ ନ ଜଣାଇ ସେଠାରେ ବୁକିଂ ଆରମ୍ଭ କରି ଏପ୍ରିଲ ୨୦ ତାରିଖରୁ ପର୍ଯ୍ୟଟକଙ୍କୁ ସେଠାକୁ ନେବା ଆରମ୍ଭ କରିଥିଲେ। ସ୍ଥାନୀୟ ପ୍ରଶାସନକୁ ଏ ବିଷୟରେ ଅବଗତ କରାଯାଇନଥିବାରୁ ସେଠାରେ ସେନା ନିୟୋଜିତ କରାଯାଇ ନଥିଲା। କାରଣ ଏହି ସ୍ଥାନରେ ପ୍ରତିବର୍ଷ ଜୁନ୍ ମାସରେ ସେନା ନିୟୋଜିତ ହୁଅନ୍ତି। ଆଉ ଏହାର ଫାଇଦା ନେଇ ଆତଙ୍କବାଦୀମାନେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି। ସେପଟେ ସର୍ବଦଳୀୟ ବୈଠକ ପରେ କେନ୍ଦ୍ର ଯାହା ନିଷ୍ପତ୍ତି ନେବ ସମସ୍ତେ ତାକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ବୈଠକ ପରେ ନେତା ମନ୍ତ୍ରୀମାନେ ମତ ଦେଇଛନ୍ତି।

# ଶିଳ୍ପ ଏବଂ ବ୍ୟବସାୟ ବୃଦ୍ଧି ପାଇ ଛତିଶଗଡ ଭୂମି ବିକାଶ ନିୟମରେ ପରିବର୍ତ୍ତନ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର କହିଛନ୍ତି ଯେ, ରାଜ୍ୟରେ ଶିଳ୍ପ ଏବଂ ବ୍ୟବସାୟ ବୃଦ୍ଧି ପାଇଁ ଛତିଶଗଡ ଭୂମି ବିକାଶ ନିୟମ ୧୯୮୪ରେ ପରିବର୍ତ୍ତନ କରାଯାଇଛି। ଶ୍ରୀ ସାଏ କହିଥିଲେ ଏହି ସଂଶୋଧନ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଏକ ବଡ ଭୂମିକା ଗ୍ରହଣ କରିବ। ଏ ନେଇ ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ହେଲେନ୍ ଇଣ୍ଡଷ୍ଟ୍ରି ନେଇଥିବା ଜମି ୧.୫ ଏକରକୁ ୩ଏକର ପାଇଁ ବୃଦ୍ଧି କରାଯାଇଛି। ଯାହାଫଳରେ କମ୍ପାନି ତା'ର ଶିଳ୍ପକୁ ସଂପ୍ରସାରଣ କରିବାରେ ଅଗ୍ରାଧିକାର ପାଇପାରିବ। ଏମ୍.ଏସ୍.ଏମ୍.ଇ ଏବଂ ଷ୍ଟାର୍ଟଅପ୍‌ରେ ହ୍ରାସ ପାଇ ଅଧିକ ଉପଯୋଗ ଯୋଗ୍ୟ ସ୍ଥାନର ଆବଶ୍ୟକତା ରହିଥିବାରୁ ଶିଳ୍ପ ସ୍ଥାପନ ପାଇଁ ୬୦% ରୁ ୭୦%କୁ ବୃଦ୍ଧି କରାଯାଇଛି। ଏଥିସହିତ ଷ୍ଟେଟ୍ ବ୍ୟାଙ୍କ ସହଯୋଗ କରିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛି। ସେହିପରି ନଗରପାଳିକା କ୍ଷେତ୍ର ଏବଂ ବିକାଶ ପ୍ରାଧିକରଣ କ୍ଷେତ୍ରରେ ବ୍ୟବସାୟିକ ଭବନ ନିର୍ମାଣ ପାଇଁ ଅତି କମରେ ୫ଏକର ଜମି ଯୋଗାଇ ଦେବାର ନିଷ୍ପତ୍ତି ନିଆଯାଇଛି। ଯେଉଁ ଭୂଖଣ୍ଡର କ୍ଷେତ୍ରଫଳ ୫ଏକରରୁ ଅଧିକ ରହିଥିବ ସେଠାରେ ୧୦୦ମିଟର ଚଉଡାର ଏକ ସଡ଼କ ନିର୍ମାଣ କରାଯିବ। ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ଏହି ନୀତି ଯୋଗୁ ଅତ୍ୟାଧୁନିକ ଶିଳ୍ପମାନ ସ୍ଥାପନ କରିବାରେ ଆଉ କୌଣସି ଅସୁବିଧା ରହିବ ନାହିଁ। ରାଜ୍ୟ ପାଇଁ ନିବେଶ ବୃଦ୍ଧି ହେବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ରାଜ୍ୟର ଆର୍ଥିକ ପ୍ରଗତି ମଧ୍ୟ ହୋଇପାରିବ।

## ବାଣିଜ୍ୟ



ନୂଆଦିଲ୍ଲୀ: ଏଚ୍‌ପି ପକ୍ଷରୁ ଭାରତରେ ଏହାର ସବୁଠାରୁ ଶକ୍ତିଶାଳୀ ଓ ବିସ୍ତୃତ ରେଞ୍ଜର ନେକ୍ସଟ-ଜେନ ଏଆଇ ପିସିଗୁଡିକର ଉନ୍ମୋଚନ କରାଯାଇଛି। ନୂଆ ଏଚ୍‌ପି ଏଲିଟବୁକ୍ଏ ଏଚ୍‌ପି ପ୍ରୋବୁକ ଓ ଏଚ୍‌ପି ଓମ୍ନିବୁକ ସିରିଜକୁ ବୃହତ ଉଦ୍ୟୋଗ, ଷ୍ଟାର୍ଟଅପ ଓ ରିଟେଲ ଉପଭୋକ୍ତାଙ୍କ ଭଳି ଗ୍ରାହକଙ୍କ କମ୍ପ୍ୟୁଟିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇପସିତା ଦାସଗୁପ୍ତା କହିଛନ୍ତି, 'ଏଚ୍‌ପିରେ ଆମେ ଆର୍ଥିକ ସେବା ଓ ରିଟେଲ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସାର୍ଥକ ଉଦ୍ଭାବନ ପ୍ରଦାନ କରିବା, ଉତ୍ପାଦକତାକୁ ଆଗକୁ ବଢାଇବା ଓ ଆର୍ଥିକ ସୁଯୋଗଗୁଡିକୁ ସକ୍ଷମ କରିବା ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଭାବେ ଦେଖୁଛୁ, ଯାହା ଭବିଷ୍ୟତର କାର୍ଯ୍ୟକୁ ପୁନଃପରିଭାଷିତ କରିବ।' ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବିନିତ ଗେହାନି କହିଛନ୍ତି, 'ଏଚ୍‌ପିର ନେକ୍ସଟ-ଜେନେରେଶନ ଏଆଇ ପିସିଗୁଡିକ ଏକାଧିକ ମୂଲ୍ୟ ବର୍ଗରେ କାର୍ଯ୍ୟଦକ୍ଷତା, ସୁରକ୍ଷା ଓ ପ୍ରାଇଭେସି ଫିଚର ଏବଂ ବ୍ୟାଟେରୀ ଲାଇଫକୁ ବହୁ ମାତ୍ରାରେ ଉନ୍ନତ କରୁଛନ୍ତି ଯାହା ଭାରତୀୟ ଉପଭୋକ୍ତା ଓ ବ୍ୟବସାୟଗୁଡିକ ପାଇଁ କାର୍ଯ୍ୟ କରିଥାଏ ଆମେ ଏଆଇ କମ୍ପ୍ୟୁଟିଂର ଭବିଷ୍ୟତକୁ ଭାରତ ପାଇଁ ଅଧିକ ସମାବେଶୀ ଓ ପ୍ରାସଙ୍ଗିକ କରି ଗର୍ବିତ ଅନୁଭବ କରୁଛୁ।'

# ଜିନ୍ଦଲ ଷ୍ଟେନ୍‌ଲେସକୁ ଆଇଏମ୍‌ସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ୟୁନିଟ୍ ଉତ୍ପାଦନ ବର୍ଗରେ ପ୍ରତିଷ୍ଠିତ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତା ପୁରସ୍କାର ୨୦୨୪ରେ ପ୍ରଦର୍ଶନ ଉତ୍କର୍ଷତା କ୍ଷେତ୍ରରେ ସମ୍ମାନିତ ହୋଇଛି। ୨୩ ଏପ୍ରିଲ, ୨୦୨୫ରେ ମୁମ୍ବାଇର ଆଇଏମସିଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ଗୁଣବତା, ନବସୃଜନ, ଗ୍ରାହକ-କେନ୍ଦ୍ରିକତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି। ବିଶ୍ୱସ୍ତରୀୟ ପ୍ରସିଦ୍ଧ ମାଲକମ୍ ବାଲଡ୍ରିଜ୍ ଜାତୀୟ ଗୁଣବତା ପୁରସ୍କାର ଢାଂଚା ଉପରେ ଆଧାରିତ, ଏହି ମାନ୍ୟତା ଭାରତୀୟ ଉତ୍ପାଦନରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ଭାବରେ କମ୍ପାନୀର ସ୍ଥିତିକୁ ସୁଦୃଢ଼ କରୁଛି। ଏହି ସଫଳତା ଉପରେ ମତ ଦେଇ, ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, 'ଆମେ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତା ପ୍ରଦର୍ଶନ ଉତ୍କର୍ଷତା ପୁରସ୍କାରପାଇଧନ୍ୟ ମନେ କରୁଛୁ। ଏହି ମାନ୍ୟତା ଆମ ଦଳର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଗ୍ରାହକ ମୂଲ୍ୟ ପାଇଁ ନିର'ର ପ୍ରୟାସର ଏକ ପ୍ରମାଣ। ଏହା ଷ୍ଟେନଲେସ ଷ୍ଟିଲ୍ ଶିଳ୍ପକ୍ଷେତ୍ରରେ ଉଦାହରଣ ଦେଇ ନେତୃତ୍ୱ ନେବା ଏବଂ ଗୁଣବତା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ ଆମର ଲକ୍ଷ୍ୟକୁ ସୁଦୃଢ଼ କରୁଛି। ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍, ଭିତିଭୂମିରୁ ରେଳବାଇ ପର୍ଯ୍ୟନ୍ତ କ୍ଷେତ୍ରରେ ବ୍ୟବହୃତ ଷ୍ଟେନଲେସ ଷ୍ଟିଲ୍ ଉତ୍ପାଦ ପାଇଁ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଅଟେ। ଏହି ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି କାରଣ କମ୍ପାନୀ ଡେମିଂ ପୁରସ୍କାର ଏବଂ ବ୍ୟବସାୟ ଉତ୍କର୍ଷତା ପାଇଁ CII-EXIM ବ୍ୟାଙ୍କ ପୁରସ୍କାର ପରି ବିଶ୍ୱସ୍ତରୀୟ ଗୁଣବତା ସମ୍ମାନ ଉପରେ ଦୃଷ୍ଟି ରଖିଛି - ଏହା ଉତ୍କର୍ଷତା ପାଇଁ ଏହାର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଆହୁରି ସମନ୍ୱିତ ହେଉଛି।

# ସହଭାଗିତା ସଂପର୍କରେ ଘୋଷଣା କଲା ଉତ୍କଳ ହସ୍ପିଟାଲ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବିଶ୍ୱର ଏକ ନମ୍ବର ଏଆଇ ସିଆର୍‌ଏମ, ସେଲ୍‌ସଫୋର୍ସ ଓଡିଶାର ଘରୋଇ କ୍ଷେତ୍ରର ସର୍ବବୃହତ ସ୍ୱତନ୍ତ୍ର ହସ୍ପିଟାଲ ଉତ୍କଳ ହସ୍ପିଟାଲ ସହ ସହଭାଗିତା ସମ୍ପର୍କରେ ଘୋଷଣା କରିଛି। ଏହି ସହଭାଗିତା ସହିତ ଉତ୍କଳ ହସ୍ପିଟାଲ ସେଲ୍‌ସଫୋର୍ସ ଏଜେଂଟଫୋର୍ସକୁ ଗ୍ରହଣ କରିଥିବା ପୂର୍ବ ଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ ହୋଇଛି। ଉତ୍କଳ ହସ୍ପିଟାଲ ରୋଗୀଙ୍କ ଯୋଗଦାନକୁ ଉନ୍ନତ କରିବା ଓ ପରିଚାଳନାଗୁଡିକୁ ଶୃଙ୍ଖଳିତ କରିବା ପାଇଁ ଏଜେଂଟଫୋର୍ସ, ସେଲ୍‌ସଫୋର୍ସ ସେଡ୍ୟୁଲର ଓ ଏଆଇ ପରିଚାଳିତ ଚାଟ୍‌ବଟ ସମେତ ସେଲ୍‌ସଫୋର୍ସ ଟୁଲଗୁଡିକର ଏକ ରେଞ୍ଜର ବ୍ୟବହାର କରିବ। ୧୫୦ଟି ଡେଡିକେଟେଡ କ୍ରିଟିକାଲ କେୟାର ବେଡ ସମେତ ୪୫୦ଟି ବେଡ୍‌ର କ୍ଷମତା ସହିତ ଉତ୍କଳ ହସ୍ପିଟାଲ ରୋଗୀଙ୍କ ସେବାକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକୁ ଗ୍ରହଣ କରିବା କ୍ଷେତ୍ରରେ ଅଗ୍ରଗାମୀ ରହିଆସିଛି। ଏହି କାର୍ଯ୍ୟକାରିତାକୁ ସେଲ୍‌ସଫୋର୍ସ କନ୍‌ସଲ୍ଟିଂ ପାର୍ଟନର, କୋସର୍ଭ ସଫ୍ଟୱେୟାର ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ ସହ ସହଭାଗିତାରେ ଆଗକୁ ପରିଚାଳନା କରାଯିବ ଏବଂ ଏହା ଶକ୍ତିଶାଳୀ ଡିଜିଟାଲ ଇଂଟରାକ୍ସନକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସାୟ ବିଶ୍ଳେଷଣ ପାଇଁ ଟାବ୍‌ଲ୍ୟୁର ଏକତ୍ରିକରଣ, ହାଇପର-ପର୍ସନାଲାଇଜଡ ରୋଗୀ ଅନ୍ତର୍ଭୁକ୍ତୀକରଣ ଯାତ୍ରା ଓ ମଜବୁତ କଷ୍ଟମର ପୋର୍ଟାଲଗୁଡିକ ସମେତ ଭବିଷ୍ୟତର ଉଦ୍ଭାବନ ପାଇଁ ବାଟ ଫିଟାଇବ। ଏ ସମ୍ପର୍କରେ ସେଲ୍‌ସଫୋର୍ସ ଇଣ୍ଡିଆର ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କମଲ କାନ୍ତ କହିଛନ୍ତି, 'ଉତ୍କଳ ହସ୍ପିଟାଲ ସହ ଏହି ସହଭାଗିତା, ଟେକ୍ନୋଲୋଜି କିଭଳି ସହାନୁଭୂତିଶୀଳ, ସଂଯୋଜିତ ସ୍ୱାସ୍ଥ୍ୟସେବାର ଏକ ଶକ୍ତିଶାଳୀ ସକ୍ଷମକାରୀ ହୋଇପାରିବ ତାହାକୁ ପ୍ରଦର୍ଶିତ କରୁଛି। ହେଲଥ୍ କ୍ଲାଉଡ ଓ ଏଜେଂଟଫୋର୍ସକୁ ଏକତ୍ରିତ କରି ଆମେ ଉତ୍କଳ ହସ୍ପିଟାଲକୁ ରୋଗୀଙ୍କ ତଥ୍ୟ ସଂଗ୍ରହ କରିବା, ଜଟିଳ ପ୍ରକ୍ରିୟାଗୁଡିକୁ ଅଟୋମେଟ କରିବା ଏବଂ ଅଧିକ ବ୍ୟକ୍ତିଗତ ଓ ଦକ୍ଷ ସେବା ପ୍ରଦାନ କରିବାରେ ସାହାଯ୍ୟ କରୁଛୁ। ଉତ୍କଳ ହସ୍ପିଟାଲର ସିଇଓ ବି.କେ. ସୁବୋଧ ସିଂହ କହିଛନ୍ତି, 'ଉତ୍କଳ ହସ୍ପିଟାଲରେ ଆମର ଲକ୍ଷ୍ୟ ହେଉଛି ଉଦ୍ଭାବନ ଓ ଟେକ୍ନୋଲୋଜି ମାଧ୍ୟମରେ ଉତ୍କୃଷ୍ଟ ରୋଗୀ ସେବା ପ୍ରଦାନ କରିବା। କୋସର୍ଭ ସଫ୍ଟୱେୟାର ସଲ୍ୟୁଶନ୍ସର ପାର୍ଟନର ଅରୁଣ ପରିଜା କହିଛନ୍ତି, 'ଉତ୍କଳ ହସ୍ପିଟାଲକୁ ଏହାର ଡିଜିଟାଲ ରୂପାନ୍ତରଣ ଯାତ୍ରାରେ ସହଯୋଗ କରି ଓ ମାର୍ଗଦର୍ଶନ ପ୍ରଦାନ କରି କୋସର୍ଭ ସ୍ୱାସ୍ଥ୍ୟସେବା ପରିଦୃଶ୍ୟ ଉପରେ ଗଭୀର ସୂଚନା ଏବଂ ସେଲ୍‌ସଫୋର୍ସକୁ ପ୍ରଭାବୀ ରୂପେ ଉପଯୋଗ କରିବା ପାଇଁ ଆବଶ୍ୟକ ରଣନୈତିକ ଦୃଷ୍ଟିକୋଣ ଆଣିଛି।

# ପୂର୍ବତନ ଅଲିମ୍ପିଆନଙ୍କ ସହ ବେଦାନ୍ତର ସହଭାଗିତା



ଲାଞ୍ଜିଗଡ଼ (ଭାସ୍କରନ ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟ ମତୃଣମୂଳସ୍ତରର କ୍ରୀଡ଼ାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଚାମ୍ପିଅନ ମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶାର କଳାହାଣ୍ଡିଠାରେ ଏହାର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରସିଦ୍ଧ ଅଲିମ୍ପିଆନ୍ ତଥା ରାଜ୍ୟ ଗୋଷ୍ଠୀ ସ୍ୱର୍ଣ୍ଣପଦକବିଜେତା ରାହୁଲ ବାନାର୍ଜୀଙ୍କ ସହ ସହଭାଗିତା ଘୋଷଣା କରିଛନ୍ତି। ଏହି ସହଯୋଗର ଉଦ୍ଦେଶ୍ୟ ହେଉଛି ୮୦ଜଣ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା। ରାହୁଲ ବାନାର୍ଜୀ ଅଲିମ୍ପିକ୍ସ, ରାଜ୍ୟ ଗୋଷ୍ଠୀକ୍ରୀଡ଼ା ଏବଂ ଏସୀୟ ଚାମ୍ପିଅନସି ସମେତ ୫୦ରୁ ଅଧିକ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ଭାରତୀୟ ତୀରନ୍ଦାଜ ଯିଏକି ରାଜ୍ୟଗୋଷ୍ଠି କ୍ରୀଡାରେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଏବଂ ୨୦୦୯-୧୦ରେ ଏସୀୟ ଗ୍ରାଣ୍ଡପ୍ରିକ୍ସ ହାସଲ କରିଛନ୍ତି ଏବଂ ଆଠଥର ଜାତୀୟ ଚାମ୍ପିଅନ୍ ହୋଇଛନ୍ତି। ତାଙ୍କର ମାର୍ଗଦର୍ଶନ ତୀରନ୍ଦାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣଭାବେ ସୁଦୃଢ଼ କରିବ ଏବଂ କଳାହାଣ୍ଡିର ପ୍ରତିଭାବାନ କ୍ରୀଡ଼ାବିତ ମାନଙ୍କ ପାଇଁ ଏକ ପ୍ରେରଣାଭାବେ କାର୍ଯ୍ୟ କରିବ। ସହଭାଗିତା ବିଷୟରେ ରାହୁଲ ବାନାର୍ଜୀ କହିଥିଲେ, 'ଆଗାମୀ ପିଢ଼ିର ଭାରତୀୟ ତୀରନ୍ଦାଜମାନଙ୍କୁ ଗଢ଼ିବାରେ ବେଦାନ୍ତ ସହିତ କାର୍ଯ୍ୟ କରିବା ଏକ ସମ୍ମାନର ବିଷୟ। କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛି ଏବଂ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ଏହି ଯୁବକ୍ରୀଡ଼ାବିତମାନଙ୍କ ପାଖରେ ବିଶ୍ୱ ମଞ୍ଚରେ ଚମକିବାର କ୍ଷମତା ରହିଛି। ଏହି ଅବସରରେ ଉଦବୋଧନ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ 'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସକରୁ ଯେ କ୍ରୀଡ଼ା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତପ୍ରେରକ ହୋଇପାରେ। ରାହୁଲ ବାନାର୍ଜୀଙ୍କ ସହ ଆମର ଭାଗିଦାରୀ ଗୋଷ୍ଠୀଗତ ବିକାଶ ଏବଂ କ୍ରୀଡ଼ାଉତ୍କର୍ଷତା ପ୍ରତି ଆମର ଗଭୀର ପ୍ରତିବଦ୍ଧତାର ପ୍ରତିଫଳନ। ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ୧୦୦ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଥିବା ବେଳେ ୪୦ରୁ ଅଧିକ ପଦକ କେବଳ ଗତବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ଜିତିଥିଲେ। ଆଜି କଳାହାଣ୍ଡି ଏହି ଅଞ୍ଚଳର ସବୁଠାରୁ ବ୍ୟାପକ ସିଏସ୍‌ଆର୍ ଇକୋସିଷ୍ଟମ୍ ମଧ୍ୟରୁ ଅନ୍ୟତମ। ବେଦାନ୍ତ ହସ୍ପିଟାଲ ଭଳି ଆଧୁନିକ ସ୍ୱାସ୍ଥ୍ୟ ସୁବିଧା, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ଭଳି ଶିକ୍ଷାନୁଷ୍ଠାନ ଏବଂ ମହିଳା ଓ ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତର ଗୋଷ୍ଠୀଗତ ପଦକ୍ଷେପ ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚିଛି। 'ସଖୀ' ଭଳି ପଦକ୍ଷେପ ସାକ୍ଷରତାର ଉନ୍ନତି, ଅପପୁଷ୍ଟି ହ୍ରାସ ଏବଂ ସ୍ଥାୟୀ ଆୟ ଉତ୍ସ ସହିତ ମହିଳା ଏବଂ କୃଷକମାନଙ୍କୁ ସଶକ୍ତ କରିବାରେ ସାହାଯ୍ୟ କରିଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଚିତ୍ରାଙ୍କନ କର୍ମଶାଳା




ବୁର୍ଲା (ଭାସ୍କର ନ୍ୟୁଜ୍) : ଅଟିଜିମ୍ସ ଚେତନତା ମାସର ଅଂଶ ଭାବେ ତଥା ଟାଟା ପାୱାରର ଫ୍ଲାଗସିପ୍ପ୍ରୋଗ୍ରାମ୍ "ପେ' ଅଟେନସନ୍" ଅଧୀନରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଅଟିଜିମ୍ସ ଚେତନତାକୁ ନେଇ ଏକ ସ୍ୱତନ୍ତ୍ର ଚିତ୍ରାଙ୍କନ କର୍ମଶାଳାର ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ଦେଇଥିଲେ କେରଳରୁ ଆସିଥିବା ପ୍ରତିଭାଶାଳୀ ଏବଂ ନ୍ୟୁରୋଡାଇଭର୍ଜେଣ୍ଟ ଶିଳ୍ପୀ ଅଜୟ ଜୟପ୍ରକାଶ। ତାଙ୍କ ନେତୃତ୍ୱରେ କମ୍ପାନୀର ଅନେକ କର୍ମଚାରୀ ତଥା ବିଭାଗୀୟ ମୁଖ୍ୟମାନେ ଏହି ପ୍ରେରଣାଦାୟକ ଚିତ୍ରାଙ୍କନ କର୍ମଶାଳାରେ ଏକାଠି ହୋଇଥିଲେ। ଅଜୟ ଅଂଶଗ୍ରହଣକାରୀମାନଙ୍କୁ ଜେଣ୍ଟ୍ୟାଙ୍ଗଲ ଆର୍ଟ ସହିତ ପରିଚିତ କରାଇଥିଲେ। ଉଲ୍ଲେଖଯୋଗ୍ୟଯେ, ଜେଣ୍ଟ୍ୟାଙ୍ଗଲ୍ ଆର୍ଟ ଫର୍ମ ହେଉଛି ଏକ ଶାନ୍ତ ଏବଂ ସଂରଚିତ ଚିତ୍ରକଳା ପଦ୍ଧତି ଯାହା ଲୋକମାନଙ୍କୁ, ବିଶେଷ କରି ଅଟିଜିମ୍ପି ବା ବ୍ୟକ୍ତିବିଶେଷମାନଙ୍କୁ ନିଜକୁ ପ୍ରକାଶ କରିବାରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟକରେ। ଏହିକର୍ମଶାଳା କେବଳ ଏକ ଚିତ୍ରକଳା ଅଧିବେଶନ ନଥିଲା ବରଂ ଏହା ଏକ ମହତ୍ୱପୂର୍ଣ୍ଣ ଅଭିଜ୍ଞତାଥିଲା। ଯାହାଏହିକର୍ମଶାଳାର ଅଂଶ ଗ୍ରହଣକାରୀମାନଙ୍କୁ ସୃଜନଶୀଳ ଏବଂ ସହାନୁଭୂତିଶୀଳ ଉପାୟରେ ଅଟିଜିମ୍ ଦୁନିଆ ସହିତ ସଂଯୋଗ କରିବାକୁ ଅନୁମତି ଦେଇଥିଲା। ଏହି କର୍ମଶାଳାରେ ଟିପିଡବ୍ଲ୍ୟୁଓଡିଏଲର ଦୁଇଜଣ କର୍ମଚାରୀ, ଯାହାଙ୍କ ପିଲାମାନେ ଏହି ଅଟିଜିମ୍ ଦ୍ୱାରା ପ୍ରଭାବିତ ହୋଇଛନ୍ତି, ସେମାନଙ୍କ ସନ୍ତାନଙ୍କ ସହ ଭାବାବେଗକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ। ସେମାନଙ୍କର ହୃଦୟସ୍ପର୍ଶୀ ଅଭିଜ୍ଞତା ସମସ୍ତଙ୍କୁ ଅଟିଜିମ୍ ଦ୍ୱାରା ପ୍ରଭାବିତ ପିଲାମାନଙ୍କ ପାଇଁ ସାମାଜରେ ଥିବା ଚ୍ୟାଲେଞ୍ଜ ବିଷୟରେ ଅବଗତ କରାଇଥିଲା। ଏହି କର୍ମଶାଳା ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ସାମାଜିକ ଦାୟିତ୍ୱବୋଧର ପ୍ରତିବଦ୍ଧତାକୁ ପୁନଃ ସ୍ଥାପିତ କରିଅଛି। ଏହି କର୍ମଶାଳା ମାଧ୍ୟମରେ କମ୍ପାନୀ ତରଫରୁ ସ୍ପଷ୍ଟବାର୍ତ୍ତା ରଖିବାକୁ ପ୍ରୟାସ କରିଥିଲା ଯେ, ଅଟିଜିମ୍ପି ବା ବ୍ୟକ୍ତିମାନେ ବୋଝ ନୁହଁନ୍ତି, ବରଂ ସେମାନେ ଅନ୍ତର୍ଦୃଷ୍ଟି, ଶକ୍ତି, ଜ୍ଞାନ ଓ ଅଦ୍ୱିତୀୟ ପ୍ରତିଭାରଏକ ଉଦାହରଣ ହୋଇପାରନ୍ତି। ଟିପିଡବ୍ଲ୍ୟୁଓଡିଏଲ୍ ଆଗାମୀ ଦିନରେ ମଧ୍ୟ ଏହି ପ୍ରକାର ସଚେତନତା ସମାବେଶ କାର୍ଯ୍ୟକାରୀ କରିବାରେ ପ୍ରତିବଦ୍ଧ ରହିବ।

# ଅକ୍ଷୟ ତୃତୀୟା ପାଇଁ ଫୋନ୍‌ପେର କ୍ୟାଶବ୍ୟାକ୍ ଅଫର

ନୂଆଦିଲ୍ଲୀ: ଅକ୍ଷୟ ତୃତୀୟା ଅବସରରେ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣା ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ପ୍ରଦାନ କରିବାକୁ ଘୋଷଣା କରିଛି ଫୋନପେ। ଫୋନପେ ପ୍ଲାଟଫର୍ମରେ ସର୍ବନିମ୍ନ ୨୦୦୦ ଟଙ୍କାର ଡିଜିଟାଲ ଗୋଲ୍ଡ କିଣି ୟୁଜରମାନେ ଫ୍ଲାଟ ୧% କ୍ୟାଶବ୍ୟାକ (୨୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇପାରିବେ। ଏହି ଅଫର କେବଳ ଏପ୍ରିଲ ୩୦ ତାରିଖର ଏକକାଳୀନ କାରବାର ପାଇଁ ପ୍ରଯୁଜ୍ୟ (ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ) ଅଟେ। ୟୁଜରମାନେ ପେମେଂଟ କରିବାକୁ ୟୁପିଆଇ, ୟୁପିଆଇ ଲାଇଟ, କ୍ରେଡିଟ ଓ ଡେବିଟ କାର୍ଡ, ୱାଲେଟ ଏବଂ ଗିଫ୍ଟ କାର୍ଡ ପରି ବିଭିନ୍ନ ପ୍ରକାରର ପେମେଂଟ ମାଧ୍ୟମ ବାଛି ପାରିବେ। ଏକକାଳୀନ କ୍ରୟ ବ୍ୟତୀତ ଦୈନିକ କିମ୍ବା ମାସିକ ଏସଆଇପି ଜରିଆରେ ଡିଜିଟାଲ ପଦ୍ଧତିରେ ସୁନାରେ ପଞ୍ଜି ବିନିଯୋଗ କରିବା ପାଇଁ ୟୁଜରମାନଙ୍କୁ ଫୋନପେ ସୁଯୋଗ ପ୍ରଦାନ କରୁଛି ଏବଂ ଗ୍ରାହକମାନଙ୍କୁ ଦୀର୍ଘକାଳୀନ ଓ ବ୍ୟବସ୍ଥିତ ଭାବରେ ବିନିଯୋଗ କରିବାରେ ସାହାଯ୍ୟ କରୁଛି। ଗ୍ରାହକମାନେ ମଧ୍ୟ ଯେକୌଣସି ପରିମାଣର ରାଶି (ସର୍ବନିମ୍ନ ୫ ଟଙ୍କାରୁ ଆରମ୍ଭ କରି) ବିନିଯୋଗ କରିପାରିବାର ସୁଯୋଗ ପାଇବେ ଏବଂ ସୁନାର ବିକ୍ରିଲବ୍ଧ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ଜମା ହେବାର ସୁବିଧା ସହିତ ସେମାନଙ୍କର ଜମା ହୋଇଥିବା ସୁନାକୁ ଯେକୌଣସି ସମୟରେ ବିକ୍ରୟ କରିପାରିବେ। ଅଫରଟି ୩୦ ଏପ୍ରିଲ ୨୦୨୫ ମଧ୍ୟରାତି ୦୦:୦୦ଟାଠାରୁ ୩୦ ଏପ୍ରିଲ ୨୦୨୫ ରାତି ୧୧:୫୯ଟା ପର୍ଯ୍ୟନ୍ତ କେବଳ ଏକକାଳୀନ କାରବାର ପାଇଁ ବୈଧ ଅଟେ। ଏସଆଇପି କାରବାର ପାଇଁ ବୈଧ ନୁହେଁ। ପ୍ରତି ୟୁଜରଙ୍କ ପାଇଁ ମାତ୍ର ଗୋଟିଏ ଥର ବୈଧ। ଏହି ସ୍ୱତନ୍ତ୍ର କ୍ୟାଶବ୍ୟାକ ଅଫରର ସୁଯୋଗ ନେବା ପାଇଁ ଆପଣଙ୍କ ଫୋନପେ ଆପର ହୋମପେଜରେ 'ସେଭିଂସ' ଉପରେ କ୍ଲିକ୍ କରି ଆଗକୁ ବଢ଼ିବାକୁ କୁହାଯାଇଛି।କ୍ଲିକ କରି ଅଫରର ସୁଯୋଗ ନିଅନ୍ତୁ।



ଲିମା (ପେରୁ) : ପୃଥ୍ୱୀରାଜ ଟୋଣ୍ଡାଇମାନ ଓ ପ୍ରଗତି ଦୁବେ ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟର ମେଡାଲ ରାଉଣ୍ଡକୁ ଉନ୍ନୀତ ହେବାରେ ବିଫଳ ହେବାରୁ ଭାରତୀୟ ଶୁଟରମାନେ ଏଠାରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଶିମରନପ୍ରୀତ୍ କୌର ଭାରତ ପାଇଁ ଶେଷ ପଦକ ଜିତିଥିଲେ। ଏହାଦ୍ୱାରା ଭାରତର ପଦକ ସଂଖ୍ୟା ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ୭ରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ମଧ୍ୟ ୭ ପଦକ ଲାଭ କରିଛି। ମାତ୍ର ଅଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦୃଷ୍ଟିରୁ ଭାରତକୁ ଅତିକ୍ରମ କରି ଏହି ଦେଶ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛି। ଚାଇନାର ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ତରଫରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୮ ବର୍ଷୀୟ ସୁରୁଚି ଇନ୍ଦର ସିଂ ଦେଶ ପାଇଁ ଉଭୟ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି। ସେ ପ୍ୟାରିସ ଅଲିମ୍ପିକ୍ସ ଡବଲ ପଦକ ବିଜେତା ମନୁ ଭାକରଙ୍କୁ ପଛରେ ପକାଇ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଥିଲେ। ଏହାଛଡ଼ା ସେ ସୌରଭ ଚୌଧାରୀଙ୍କୁ ସାଥୀ କରି ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆରଏଆଇ)ର ସାଧାରଣ ସମ୍ପାଦକ କେ. ସୁଲ୍ତାନ ସିଂ ଯୁବ ଭାରତୀୟ ଶୁଟରଙ୍କ ପ୍ରଦର୍ଶନ ନେଇ ଆନନ୍ଦ ପ୍ରକାଶ କରିଛନ୍ତି।

**୪୨ତମ ମ୍ୟାଚ୍ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ରାଜସ୍ଥାନ ରୟାଲ୍ସ**

# ଆର୍‌ସିବି ୧୧ରନ୍‌ରେ ବିଜୟୀ



ବେଙ୍ଗାଲୁରୁ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ୪୨ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଆର୍‌ସିବି ୧୧ରନ୍‌ରେ ଜିତି ନେଇଛି। ରାଜସ୍ଥାନ ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟିମ୍ ବ୍ୟାଟିଂ କରିଥିଲା। ବେଙ୍ଗାଲୁରୁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୦୫ ରନ୍ ସଂଗ୍ରହ କରିଥିଲା। ବେଙ୍ଗାଲୁରୁ ପାଇଁ ଫିଲିପ୍ ସଲ୍ଟ ଓ ବିରାଟ କୋହଲି ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୬୧ ରନ୍ ଭାଗିଦାରି କରିପାରିଥିଲେ। ଫିଲିପ୍ ଆଉଟ୍ ହେବା ପୂର୍ବରୁ ୨୩ଟି ବଲ୍ ଖେଳିଥିଲେ। ସେ ୪ଟି ଚୌକା ବଳରେ ୨୬ ରନ୍ ସଂଗ୍ରହ କରି ୱାନେନ୍ଦୁ ହସରଙ୍ଗାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବିରାଟ କୋହଲି ଏବଂ ପଡ୍ଡିକଲ ଦ୍ୱିତୀୟ ୱିକେଟ୍ ପାଇଁ ୯୫ ରନ୍‌ର ଭାଗିଦାରୀ କରିଥିଲେ। ବିରାଟ କୋହଲି ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୭୦ ରନ୍ ସଂଗ୍ରହ କରିଥିଲେ। ସେ ୪୨ଟି ବଲ୍ ସାମ୍ନା କରି ୮ଟି ଚୌକା ଓ ୨ଟି ଛକା ମାରି ଜୋଫ୍ରା ଆର୍ଚରଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ପଡ୍ଡିକଲ ବ୍ୟକ୍ତିଗତ ଭାବେ ୫୦ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୨୭ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରେ ତାଙ୍କର ୪ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ସନ୍ଦୀପ ଶର୍ମାଙ୍କ ଦ୍ୱାରା ପଡ୍ଡିକଲ ଆଉଟ୍ ହୋଇଥିଲେ। ସିମରନ୍ ହେଟ୍ମେୟର ୧୫ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ୨୩ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ପାଟିଦାର ବିଫଳ ହୋଇଥିଲେ। ସେ ୩ଟି ବଲ୍ ଖେଳି ମାତ୍ର ଗୋଟିଏ ରନ୍ ସଂଗ୍ରହ କରିଥିଲେ ଏବଂ ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଜିତେଶ ଶର୍ମା ଅପରାଜିତ ୨୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ। ୨୦୬ରନ୍ ଟାର୍ଗେଟ ନେଇ ରାଜସ୍ଥାନ ରୟାଲସ୍ ମୈଦାନକୁ ଓହ୍ଲାଇଥିଲା। ଜୟସ୍ୱାଲ ଭାଇରାଲ ବଏ ସୂର୍ଯ୍ୟବଂଶୀ ଓପନିଂ କରିଥିଲେ। ଜୟସ୍ୱାଲ ୧୯ଟି ବଲ ଖେଳି ୩ଛକା ଓ ୭ଚୌକା ସହାୟତାରେ ୪୯ ରନ୍ କରିଥିଲେ। ସୂର୍ଯ୍ୟବଂଶୀ ୨ଛକା ସହାୟତାରେ ୧୨ବଲରୁ ୧୬ରନ୍ କରିଥିଲେ। ସେହିପରି ନିତେଶ ରାଣା ୨୮, ଅଧିନାୟକ ରିଆନ ପରାଗ ୨୨, ଧ୍ରୁବ ଜୁରେଲ ୪୭, ଶୁଭମ ଦୁବେ ୧୨ ରନ୍ କରିଥିଲେ। କିନ୍ତୁ ଶେଷ ବ୍ୟାଟ୍ସମ୍ୟାନଙ୍କ ଅସଫଳ ଯୋଗୁଁ ରାଜସ୍ଥାନ ଏହି ମ୍ୟାଚ୍ ହାରି ଯାଇଥିଲା। ଆର୍‌ସିବି ପକ୍ଷରୁ ଯୋଶ ହାଜଲଉଡ୍ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର କୁମାର, ୟାସ ଦୟାଲ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସେହିପରି କ୍ରୁଣାଲ ପାଣ୍ଡ୍ୟା ୨ଟି ୱିକେଟ ଅକ୍ତିଆର କରିଥିଲେ।

# ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍‌ଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ବିଜେପି ସାଂସଦ ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ ଦିଆଯାଇଛି। 'ଆଇଏସଆଇଏସ କାଶ୍ମୀର' ସଂଗଠନ ପକ୍ଷରୁ ଏହି ହତ୍ୟା ଧମକ ମିଳିଥିବା ନେଇ ବୁଧବାର ଗମ୍ଭୀରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଥିନେଇ ମୁମ୍ବାଇ ପୋଲିସରେ ଅଭିଯୋଗ କରିଛନ୍ତି ଗମ୍ଭୀର। ଖବର ମୁତାବକ, ଏପ୍ରିଲ ୨୨ରେ ଦୁଇଟି ଇମେଲ ମାଧ୍ୟମରେ ତାଙ୍କୁ ଆଇ କିଲ୍ ୟୁ ମେସେଜ ପଠାଯାଇଥିଲା। ଏହି ଘଟଣା ପରେ ଗମ୍ଭୀର ଦିଲ୍ଲୀ ପୋଲିସରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଏଫଆଇଆର ରୁଜୁ କରିବା ସହ ନିଜ ପରିବାର ପାଇଁ ସୁରକ୍ଷା ମାଗିଛନ୍ତି। ତେବେ ଏହା ପୂର୍ବରୁ ୨୦୨୧ ମସିହା ନଭେମ୍ବରରେ ମଧ୍ୟ ତାଙ୍କୁ ଏହି ପ୍ରକାର ସମାନ ଧମକ ଇମେଲ ମିଳିଥିଲା। ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି ଏବଂ ଗମ୍ଭୀରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ମଙ୍ଗଳବାର ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର କଡା ନିନ୍ଦା କରିଥିଲେ ଗୌତମ ଗମ୍ଭୀର। ଯେଉଁଥିରେ ୨୯ ଜଣ ନାଗରିକ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ଗୌତମ ଗମ୍ଭୀର ଆଇପିଏଲ୍ ଯୋଗୁଁ ଟିମ୍ ଇଣ୍ଡିଆରୁ ବିରତି ନେଇଛନ୍ତି। କିନ୍ତୁ ପହଲଗାମ ଆକ୍ରମଣର ମାତ୍ର ଗୋଟିଏ ଦିନ ପରେ ତାଙ୍କୁ ମିଳିଥିବା ହତ୍ୟା ଧମକ ସମସ୍ତଙ୍କୁ ଦୋହଲାଇ ଦେଇଛି। ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଇମେଲ୍ ପଠାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ଏଥିପାଇଁ, ସାଇବର ସେଲ୍ ଟିମ୍ ଇମେଲକୁ ଟ୍ରାକ୍ କରିବାକୁ ଚେଷ୍ଟା କରୁଛି । ଏହି ଇମେଲ୍ କିଏ ଓ କେଉଁଠାରୁ ପଠାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ପହଲଗାମ ଆକ୍ରମଣ ଘଟଣା: ଡ୍ରିମ-୧୧ ପ୍ଲାଟଫର୍ମରୁ ହଟିଲା ପିଏସ୍ଏଲ୍ ମ୍ୟାଚ୍



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ପରେ, ସମଗ୍ର ଦେଶରେ ଶୋକ ଏବଂ କ୍ରୋଧର ବାତାବରଣ ରହିଛି। ଆତଙ୍କବାଦୀଙ୍କୁ ଧରିବା ପାଇଁ ସୁରକ୍ଷା ବାହିନୀ ନିରନ୍ତର ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଆତଙ୍କବାଦୀ ଆକ୍ରମଣ ପରେ କେନ୍ଦ୍ର ସରକାର ମଧ୍ୟ ଆକ୍ସନ ମୋଡରେ ଅଛନ୍ତି ଏବଂ ପଡ଼ୋଶୀ ଦେଶ ବିରୋଧରେ ବଡ଼ ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖିବା, ଅଟାରୀ-ୱାଘା ଚେକ୍‌ପୋଷ୍ଟ ତୁରନ୍ତ ବନ୍ଦ କରିବା, ଯେଉଁମାନେ ବୈଧ ଅନୁମୋଦନ ସହିତ ସୀମା ଅତିକ୍ରମ କରିଛନ୍ତି ସେମାନେ ମେ ୧, ୨୦୨୫ ପୂର୍ବରୁ ସେହି ମାର୍ଗ ଦେଇ ଫେରିବା ଏବଂ ପାକିସ୍ତାନୀ ନାଗରିକଙ୍କୁ ଭାରତରେ ପ୍ରବେଶ ଉପରେ ରୋକ ଲଗାଇବା ଭଳି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ମଧ୍ୟରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିଏସ୍ଏଲ୍) ଉପରେ ଭାରତ ପକ୍ଷରୁ ଏକ 'କ୍ରିକେଟିଂ ଷ୍ଟ୍ରାଇକ୍' କରାଯାଇଛି। କ୍ରୀଡା ପ୍ରସାରଣ ପ୍ଲାଟଫର୍ମ ଫ୍ୟାନକୋଡ୍ ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ର ଷ୍ଟ୍ରିମିଂ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ୨୪ ଏପ୍ରିଲଠାରୁ ଫ୍ୟାନକୋଡରେ ପିଏସଏଲ ମ୍ୟାଚ୍ ଷ୍ଟ୍ରିମିଂ ଉପଲବ୍ଧ ହେବ ନାହିଁ। ଏହି ନିଷ୍ପତ୍ତି ପରେ, ପିଏସଏଲର ଡିଜିଟାଲ ଦର୍ଶକଙ୍କ ସଂଖ୍ୟାରେ ଏକ ବଡ଼ ହ୍ରାସ ହେବାର ସମ୍ଭାବନା ରହିଛି, ଯାହା ସିଧାସଳଖ ପାକିସ୍ତାନ କ୍ରିକେଟ ବୋର୍ଡର ରାଜସ୍ୱକୁ ପ୍ରଭାବିତ କରିବ। ଏହା ସହିତ, କ୍ରିକେଟ୍ ଫ୍ୟାଣ୍ଟାସି ଆପ୍ ଡ୍ରିମ୍-୧୧ ମଧ୍ୟ ପାକିସ୍ତାନ ସୁପର ଲିଗ୍ ୨୦୨୫କୁ ନେଇ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏବେ ଡ୍ରିମ୍-୧୧ ବ୍ୟବହାରକାରୀମାନେ ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ମ୍ୟାଚ୍ ପାଇଁ ଏହି ଆପରେ ସେମାନଙ୍କର ପ୍ରିୟ ଦଳ ତିଆରି କରିପାରିବେ ନାହିଁ। ଡ୍ରିମ-୧୧ ତା'ର ପ୍ଲାଟଫର୍ମରୁ ସମସ୍ତ ପିଏସଏଲ ମ୍ୟାଚ୍ ହଟାଇ ଦେଇଛି।

# ୫୨ ବର୍ଷରେ ପାଦ ଥାପିଲେ ସଚିନ



ମୁମ୍ବାଇ : ଭାରତ କିମ୍ବଦନ୍ତୀ କ୍ରିକେଟର ମାଷ୍ଟର ବ୍ଲାଷ୍ଟର ସଚିନ ୫୨ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କର ଏହି ଜନ୍ମଦିନକୁ କେବଳ ଦେଶ ନୁହେଁ ସାରା ବିଶ୍ୱ ପାଳନ କରେ। ଭାରତର ପ୍ରତ୍ୟେକ ଗଳିରେ କ୍ରିକେଟକୁ ପହଞ୍ଚାଇବାରେ ମହାନ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକରଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତାଙ୍କରି ପାଇଁ ଲକ୍ଷ ଲକ୍ଷ ଯୁବକ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ଯୋଗୁଁ ହିଁ ଆଜି ଭାରତରେ କ୍ରିକେଟକୁ ଧର୍ମର ମାନ୍ୟତା ଦିଆଯାଇଛି। କ୍ରିକେଟକୁ ଏତେ ପ୍ରସିଦ୍ଧ କରିଥିବା ଏବଂ ଭାରତରେ ଏହି ଖେଳର ଭଗବାନ କୁହାଯାଉଥିବା ସଚିନ ଆଜି ଅର୍ଥାତ୍ ୨୪ ଏପ୍ରିଲ ୨୦୨୫ ରେ ୫୨ ବର୍ଷ ବୟସରେ ପାଦ ଦେଇଛନ୍ତି। ମରାଠି ପରିବାରରେ ସଚିନଙ୍କ ଜନ୍ମ । ବେଶେ ଭଲ ପରିବାରରେ ତାଙ୍କ ଲାଳନପାଳନ । ବାପା ଜଣେ ଲେଖକ ଏବଂ କବି। ଭାଇ ମଧ୍ୟ ଜଣେ ଚିତ୍ରକର। ଫେମସ ସଂଗୀତଜ୍ଞ ସଚିନ୍ ଦେବ ବର୍ମନଙ୍କ ନାମ ଅନୁସାରେ ସଚିନଙ୍କ ନାମକରଣ। ଏହି ଆଶାରେ କି ସଚିନ ଜଣେ ସଂଗୀତଜ୍ଞ ହେବେ। ମାତ୍ର ପିଲାଟି ଦିନରୁ ହିଁ ସଂଗୀତ ପ୍ରତି ଦୁର୍ବଳତା ନଥିଲା ସଚିନଙ୍କର। ସ୍କୁଲ ସମୟରେ, ସେ ତାଙ୍କ କେଶକୁ ଲମ୍ବା କରୁଥିଲେ ଓ ତା' ଚାରିପାଖରେ ଏକ ବ୍ୟାଣ୍ଡ ବାନ୍ଧିଥିଲେ । ୧୪ ବର୍ଷ ବୟସରେ ୧୯୮୭ ମସିହାରେ ଭାରତ-ଜିମ୍ବାୱେରେ ମଧ୍ୟରେ ହେଉଥିବା ବିଶ୍ୱ କପରେ ସଚିନ ବଲ୍-ବଏ ଥିଲେ। ୧୯୯୭, ୧୯୯୯, ୨୦୦୧, ୨୦୦୨, ୨୦୦୮, ୨୦୧୦ ମସିହାରେ ୧୦୦୦ ଲେଖାଏଁ ଟେଷ୍ଟ ରନ୍ କରିଥିବା ସଚିନଙ୍କୁ ପରବର୍ତ୍ତୀ ମୁହୂର୍ତ୍ତରେ 'ରନ୍ ମେସିନ୍' ନାମରେ ଲୋକେ ଜାଣିଲେ। ସଚିନ ତେନ୍ଦୁଲକର ପ୍ରଥମ ଥର ପାଇଁ 'ଷ୍ଟମ୍ପଡ୍' ଚଳଚ୍ଚିତ୍ର ଜରିଆରେ ବଲିଉଡ୍‌ରେ ନଜର ଆସିଥିଲେ। ୨୦୧୦ ମସିହାରେ ସଚିନଙ୍କୁ ଏକ ମଦ କମ୍ପାନିର ବିଜ୍ଞାପନ କରିବାକୁ ୨୦ କୋଟି ଟଙ୍କାର ଅଫର ଆସିଥିଲା। ମାତ୍ର ସେ ଏହାକୁ ଏଡାଇ ଦେଇ ଦେଇଥିଲେ।

# ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନ



ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ (୧୬ ଓ ୧୯ ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ମ୍ୟାଚରେ ଡିଆରକେ କ୍ଲବ ମୟୁରଭଞ୍ଜ ୟୋଲ କ୍ଲବକୁ ୮୧ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଡିଆର୍‌କେ କ୍ଲବ ୨୯. ୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଗଣେଶ୍ୱର ସିଂ ୬୧ ରନ କରିଥିବା ବେଳେ ବିପକ୍ଷ ଦଳର ଶମ୍ଭୁନାଥ ମୁଣ୍ଡା ଓ ସରୋଜ ରୁଗୁ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ମୟୁରଭଞ୍ଜ ୟୋଲ ୧୭. ୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୯ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଦେବାଶିଷ ଜେନା ୧୩ ରନ କରିଥିବା ବେଳେ ବିପକ୍ଷ ଦଳର ସନ୍ଦୀପ ଶିବ ହାଁସଦା ଓ ଜ୍ଞାନଦୀପ ବସା ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଗଣେଶ୍ୱର ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ସଞ୍ଜୟ ମାଇତି, ଜିଲ୍ଲା ସ୍ତରୀୟ ଖେଳାଳି ସୁନୀଲ କୁମାର ନାୟକ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ଅମ୍ବିକା ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ବିସିଏ କ୍ଲବ ଓ ମୟୁରଭଞ୍ଜ ରେଡ ମଧ୍ୟରେ ଖେଳ ହେବ। ପ୍ରକାଶ ଥାଉକି ଏହି ଟୁର୍ଣ୍ଣାମେଣ୍ଟରେ ୭ଟି କ୍ଲବ ଅଂଶଗ୍ରହଣ କରିଥିବା ବେଳେ ମେ ୧ ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବ।

# ପ୍ରେମିକାକୁ ଧୋକା: ଅନ୍ୟ ଯୁବତୀ ସହ ବୁଲୁଛନ୍ତି ପୃଥ୍ୱୀ ଶ



ନୂଆଦିଲ୍ଲୀ: କ୍ରିକେଟର ପୃଥ୍ୱୀ ଶ ତାଙ୍କ ପୂର୍ବତନ ବାନ୍ଧବୀ ତଥା ମଡେଲ ନିଧୀ ତପାଡିଆଙ୍କ ସହ ବିଶ୍ୱାସଘାତକତା କରୁଛନ୍ତି ବୋଲି ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଛି । ନିକଟରେ ପୃଥ୍ୱୀଙ୍କ ସହ ଏକ ନୂତନ ଯୁବତୀ ଦେଖିବାକୁ ମିଳିଛି । ସେମାନେ କାରରେ ଯାଉଥିବା ବେଳେ ଯୁବତୀଜଣଙ୍କ ନିଜ ମୁହଁ ଲୁଚାଉଥିଲେ ଏବଂ ପୃଥ୍ୱୀ ଫଟୋ ନ ଉଠାଇବାକୁ ଅନୁରୋଧ କରିଥିଲେ। କେବଳ ଏତିକି ନୁହେଁ ପ୍ରଥମ ପ୍ରେମିକା ନିଧି ତପାଡ଼ିଆ ମଧ୍ୟ ସୋସିଆଲ ମିଡିଆରେ ଏକ ଧୋକା ସମ୍ପର୍କିତ ପୋଷ୍ଟ କରିଛନ୍ତି। ଯୁବତୀଜଣଙ୍କ କିଏ ତାହା ଏ ପର୍ଯ୍ୟନ୍ତ ଜଣାପଡି ନାହିଁ । ବିନୋଦ କାମ୍ବଲୀଙ୍କ ପରି ପୃଥ୍ୱୀ ତାଙ୍କ କ୍ରିକେଟ କ୍ୟାରିୟର ନେଇ ବେଶ ଯତ୍ନବାନ ନାହାନ୍ତି ବୋଲି ପୂର୍ବରୁ ଖବରମାନ ପ୍ରକାଶ ପାଇଛି । ପୃଥ୍ୱୀ ଜଣେ ଭଲ ବ୍ୟାଟ୍ସମ୍ୟାନ ହେବା ସତ୍ତ୍ୱେ ନିଜ ଗୋଡରେ କୁରାଢ଼ୀ ମାରିଛନ୍ତି । ଆନ୍ତର୍ଜାତୀୟ କ୍ରିକେଟକୁ ତାଙ୍କର ଫେରିବା ସମ୍ଭାବନା ପ୍ରାୟତଃ କ୍ଷୀଣ ମନେ କରାଯାଉଛି । ସେ ମଧ୍ୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ପରି ଅନୁମାନ ହେଉଛି । ନିଧୀ ମଧ୍ୟ ସୋସିଆଲ ମିଡିଆରେ ଏ ନେଇ ଏକ ଭାବପ୍ରବଣ ପୋଷ୍ଟ ମଧ୍ୟ କରିଛନ୍ତି ।

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

# କ୍ୱାର୍ଟରରେ ଇଷ୍ଟର କାଶୀ ଓ ମୁମ୍ବାଇ ସିଟି ଏଫ୍‌ସି



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କଳିଙ୍ଗ ଷ୍ଟାଡ଼ିୟମରେ ଚାଲିଥିବା କଳିଙ୍ଗ ସୁପରକପ ଫୁଟବଲ ଚମ୍ପିଆନସିପ୍-୨୦୨୫ର କ୍ୱାର୍ଟର ଫାଇନାଲରେ ଇଷ୍ଟର କାଶୀ ଓ ମୁମ୍ବାଇ ସିଟି ଏଫ୍‌ସି ପ୍ରବେଶ କରିଛନ୍ତି। ବୁଧବାର ୫ମ ଓ ୬ଷ୍ଠ ପ୍ରି କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ଏଥିରେ ଇଷ୍ଟରକାଶୀ ଓ ମୁମ୍ବଇ ସିଟି ଏଫ୍‌ସି ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାୟିଇନ୍ ଏଫ୍‌ସି ବିଦାୟ ନେଇଛି। ପଞ୍ଚମ ପ୍ରି କ୍ୱାର୍ଟର ଫାଇନାଲରେ ଇଷ୍ଟରକାଶୀ ପେନାଲ୍ଟି ୧-୧(୫-୩) ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ ବରାବର ରହିବାରୁ ପେନାଲ୍ଟିର ଆଶ୍ରୟ ନିଆଯାଇଥିଲା। ଏଥିରେ ଇଷ୍ଟରକାଶୀ ୫-୩ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ତଥା ଖେଳର ୧୪ ମିନିଟ୍‌ରେ ମାତିଜା ବାଭୋଭିକ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ୬୨ ମିନିଟ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଗୋଲ ବରାବର କରି ନେଇଥିଲା। ଦଳ ପକ୍ଷରୁ ରିୟାନ ୱିଲିୟମ ଗୋଲ ଦେଇ ମ୍ୟାଚକୁ ୧-୧ ବରାବର କରିଥିଲେ। ଷଷ୍ଠ କ୍ୱାର୍ଟର ଫାଇନାଲରେ ମୁମ୍ବଇ ସିଟି ଏଫ୍‌ସି ୪-୦ ଗୋଲରେ ଚେନ୍ନାଇୟିନ୍ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ୪୩ ମିନିଟ୍‌ରେ ଏନ୍ କାରଲିସ୍, ୬୪ ମିନିଟ୍‌ରେ ଲାଲରିନଜୁଆଲା ଚେଙ୍ଗେଟ୍ ଦ୍ୱିତୀୟ ଓ ୮୬ ମିନିଟ୍‌ରେ ତୃତୀୟ ଗୋଲ୍ ଦେଇଥିଲେ। ୯୦ ମିନିଟ୍‌ରେ ବିପିନ ସିଂହ ଚତୁର୍ଥ ଗୋଲ ଦେଇ ମୁମ୍ବଇ ସିଟି ଏଫ୍‌ସିକୁ ୪-୦ରେ ବିଜୟୀ କରାଇଥିଲେ।

# ଯୋଗରାଜ ସିଂଙ୍କ ଦାବି ଯୁବିଙ୍କ ଠାରୁ ପ୍ରଶିକ୍ଷଣ ନେଲେ ଅର୍ଜୁନ ଅଭିଷେକ ପରି ଖେଳିବେ

ମୁମ୍ବାଇ: ଅର୍ଜୁନ ତେନ୍ଦୁଲକର ୨୦୨୫ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଟିମରେ ଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ ଖେଳିବାକୁ ସୁଯୋଗ ପାଇ ନାହାନ୍ତି । ଇତି ମଧ୍ୟରେ ଯୁବରାଜ ସିଂଙ୍କ ବାପା ଯୋଗରାଜ ସିଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁଅକୁ ନେଇ ଏକ ବଡ କଥା କହିଛନ୍ତି। ସେ କହିଛନ୍ତି ଅର୍ଜୁନ ଯଦି ଯୁବରାଜଙ୍କ ନିକଟରୁ ପ୍ରଶିକ୍ଷଣ ନେବେ ତାହାହେଲେ ଖୁବ କମ ଦିନରେ କ୍ରିସ ଗେଲଙ୍କ ପରି ବିସ୍ଫୋରକ ବ୍ୟାଟ୍ସମ୍ୟାନ ପାଲଟିଯିବେ। ଯୁଗରାଜ କହିଛନ୍ତି ମୁଁ ଅର୍ଜୁନଙ୍କୁ ବୋଲିଂ ବଦଳରେ ବ୍ୟାଟିଂ ଉପରେ ଅଧିକ ମନ ଦେବାକୁ କହିଛି । ଯୁବରାଜଙ୍କ ନିକଟରୁ ପ୍ରଶିକ୍ଷଣ ନେଇ ଶୁଭମନ ଗିଲ ଓ ଅଭିଷେକ ଶର୍ମା ଚଳିତ ଆଇପିଏଲରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ ଜାରୀ ରଖିଛନ୍ତି। ଗତ ବର୍ଷ ଆଇପିଏଲରେ ଅର୍ଜୁନ କେତୋଟି ମ୍ୟାଚରେ ଖେଳିବା ପାଇଁ ସୁଯୋଗ ପାଇଥିଲେ ମଧ୍ୟ ସେ ଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ୨୦୨୫ ମେଗା ନିଲାମରେ ଅର୍ଜୁନଙ୍କୁ ପ୍ରଥମେ କେହି କିଣି ନ ଥିଲେ । ପରେ ମୁମ୍ବାଇ ୩୦ ଲକ୍ଷରେ ତାଙ୍କୁ ନେଇଥିଲା।




**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा लड़की नदा फातमा, उम्र–करीब 22 वर्ष।

सर्व साधारण को सूचित किया जाता है कि आवेदिका इसरत फातमा के द्वारा अपनी गुमशुदा पुत्री नदा फातमा, उम्र–करीब 22 वर्ष के गुमशुदगी के संबंध में संबंधित थाना आजादनगर में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा लड़की नदा फातमा, उम्र– करीब 22 वर्ष, पिता–स्व0 सबिउद्दिन, सा0–अलिफ लाम मीन, क्वार्टर नं0–403, फ्लोर नं0–04, अलिफ बिल्डिंग आजादनगर, थाना–आजादनगर, जिला–पूर्वी सिंहभूम, जमशेदपुर जो दिनांक–14.04.2025 को शाम 06:30 बजे अपने घर से ओल्ड पुरूलिया रोड स्थित दुकान से घरेलू समान लाने के लिए निकली थी लेकिन अभी तक घर वापस नहीं लौटी है। आवेदिका तथा इनके परिवार के द्वारा अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा लड़की का हुलिया निम्न प्रकार है:–उम्र 22 वर्ष, रंग–उजला गोरा, बाल–काला, पहनावा–ग्रीन रंग का कुर्ती–पायजामा, चप्पल–उजला कलर का, भाषा–हिन्दी, अंग्रेजी, उर्दू।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, पटमदा : 9431706496
थाना प्रभारी, आजादनगर : 9431706502

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 350998 Police (25-26)_D



**GOVERNMENT OF JHARKHAND**
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Short e-Tender Notice**

Tender Notice No:- ICDP/RANCHI/01/2025-26 DATE:- 22.04.2025

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District WEST SINGHBHUM (CHAIBASA). | 42 | 15,64,79,400.00 | 10,000.00 | 15,65,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps Of District KHUNTI. | 42 | 15,64,79,400.00 | 10,000.00 | 15,65,000.00 | |
| | (C) | Construction of 100 MT Capacity Godown with Marketing Centre in Different Pacs Of District HAZARIBAGH. | 42 | 15,64,79,400.00 | 10,000.00 | 15,65,000.00 | |
| | (D) | Construction of 100 MT Capacity Godown with Marketing Centre in Different Pacs Of District CHATRA. | 40 | 14,90,28,000.00 | 10,000.00 | 14,91,000.00 | |
| | (E) | Construction of 100 MT Capacity Godown with Marketing Centre in Different Lamps/Pacs Of District GARHWA. | 40 | 14,90,28,000.00 | 10,000.00 | 14,91,000.00 | |
| | (F) | Construction of 100 MT Capacity Godown with Marketing Centre in Different Lamp/Pacs Of Districts DEOGHAR AND JAMTARA. | 42 | 15,64,79,400.00 | 10,000.00 | 15,65,000.00 | |
| 02. | | Date Of Publication of on Website | 02.05.2025 AT 11:00 AM | | | | |
| 03. | | Last Date & Time of Submission of bids | 15.05.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 9431782508, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 02.05.2025 at 11:00 AM to 15.05.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 15.05.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 16.05.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 350974 (Co-opretive) 25-26 (D)



**GOVERNMENT OF JHARKHAND**
Agriculture, Animal Husbandry & Co-operative Department
(Co-Operative Division)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Short e-Tender Notice**

Tender Notice No:- ICDP/RANCHI/02/2025-26 DATE:- 22.04.2025

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 42 | 15,64,79,400.00 | 10,000.00 | 15,65,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Pacs Of District PALAMU. | 42 | 15,64,79,400.00 | 10,000.00 | 15,65,000.00 | |
| | (C) | Construction of 100 MT Capacity Godown with Marketing Centre in Different Pacs Of Districts RAMGARH AND KODERMA. | 46 | 17,13,82,200.00 | 10,000.00 | 17,14,000.00 | |
| | (D) | Construction of 100 MT Capacity Godown with Marketing Centre in Different Lamps/Pacs Of District GODDA. | 40 | 14,90,28,000.00 | 10,000.00 | 14,91,000.00 | |
| | (E) | Construction of 100 MT Capacity Godown with Marketing Centre in Different Pacs Of District GIRIDIH. | 42 | 15,64,79,400.00 | 10,000.00 | 15,65,000.00 | |
| | (F) | Construction of 100 MT Capacity Godown with Marketing Centre in Different Pacs Of District BOKARO. | 42 | 15,64,79,400.00 | 10,000.00 | 15,65,000.00 | |
| 02. | | Date Of Publication of on Website | 05.05.2025 AT 11:00 AM | | | | |
| 03. | | Last Date & Time of Submission of bids | 17.05.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 9431782508, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 05.05.2025 at 11:00 AM to 17.05.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 17.05.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 19.05.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 350975 Co-opretive (25-26)_D



ଆଜିକାଲି ସମୟରେ ସୁନ୍ଦର ତ୍ୱଚା ପାଇବା ପାଇଁ କିଏ କେତେ ପ୍ରକାର ଉପାୟ ଅବଲମ୍ବନ କରୁଛି । ବଜାରରେ ମଧ୍ୟ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ମିଳୁଛି । ଯାହା ତ୍ୱଚାକୁ କ୍ଷତି ପହଞ୍ଚାଇବାର ଆଶଙ୍କା ବି ରହୁଛି । ଆସନ୍ତୁ ଜାଣିବା ଘରୋଇ ଉପାୟରେ କିପରି ସୁନ୍ଦର ତ୍ୱଚା ପାଇ ପାରିବା, ତାହା ପୁଣି ଆଳୁକୁ ବ୍ୟବହାର କରି । ସାଧାରଣତଃ ଆମେ ଆଳୁକୁ ରୋଷେଇରେ ବ୍ୟବହାର କରୁ । କିନ୍ତୁ ଏହା ଆମ ତ୍ୱଚା ପାଇଁ ବି ବହୁତ୍ ଲାଭକାରୀ । ସୁନ୍ଦର ଏବଂ ସୁସ୍ଥ ତ୍ୱଚା ପାଇବାକୁ ହେଲେ ଫାଳେ ଆଳୁର ରସ ଓ ଗୋଟେ ଅଣ୍ଡାର ଧଳା ଅଂଶକୁ ଏକାଠି କରି ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ମୁହଁ ଓ ବେକରେ ଲଗାଇ ୨୦ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚା ଉଜ୍ଜ୍ୱଳ କରେ । ଗୋଟେ ବଡ଼ ଚାମଚ ଆଳୁ ପେଷ୍ଟ ନିଅନ୍ତୁ, ସେହି ଚାମଚରେ ଗୋଟେ ଚାମଚ ଦହି ନେଇ ମିଶାଇ ଦିଅନ୍ତୁ । ଏବେ ପେଷ୍ଟକୁ ମୁହଁରେ ଲଗାଇ ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ । ଆଳୁରୁ ପ୍ରସ୍ତୁତ ପେଷ୍ଟରେ ଆପଣ ହଳଦୀ ମିଶାଇ ମଧ୍ୟ ଲଗାଇପାରିବେ । ସପ୍ତାହକୁ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାନ୍ତୁ । ଦେଖିବେ ଆପଣଙ୍କ ତ୍ୱଚାରେ କିପରି ଚମକ ଆସିବ । ଫାଳେ ଆଳୁ ରସରେ ଦୁଇ ଚାମଚ କଞ୍ଚା କ୍ଷୀରରେ ମିଶାଇ ତୁଳା ସାହାଯ୍ୟରେ ମୁହଁରେ ଲଗାଇବାର ୨୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ । ଏହାଦ୍ୱାରା ତ୍ୱଚାରେ ଚମକ ଆସେ ।

## ଚର୍ଚ୍ଚାରେ ସାରା

ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଜଣେ ସୋସିଆଲ ମିଡିଆ ଷ୍ଟାର୍ । ସିଏ ପ୍ରାୟତଃ ତାଙ୍କ ସୌନ୍ଦର୍ଯ୍ୟ ପାଇଁ ଖବରରେ ଥାଆନ୍ତି । ଆଜିକାଲି ସେ କ୍ରିକେଟର ଶୁଭମନ ଗିଲ୍‌ଙ୍କ ସହ ବ୍ରେକଅପ୍ ଯୋଗୁଁ ଖବରର ଶିରୋନାମାରେ ଅଛନ୍ତି । ଏହି ସମୟରେ, ପାପାରାଜୀମାନେ ସାରାଙ୍କୁ ସେମାନଙ୍କ କ୍ୟାମେରାରେ କଏଦ କରିଛନ୍ତି । ଏହି ସମୟରେ ସାରା ତେନ୍ଦୁଲକରଙ୍କୁ ଏକ କାଜୁଆଲ୍ ଲୁକ୍‌ରେ ଦେଖିବାକୁ ମିଳିଥିଲା । ସେ ଧଳା ରଙ୍ଗର କ୍ରପ୍ ଟପ୍ ପିନ୍ଧିଥିଲେ । ସେ ତାଙ୍କ ସାର୍ଟଟିକୁ ହାତରେ ଧରିଲେ । ସାରା ଏହି ଟପ୍‌କୁ ନୀଳ ଜିନ୍ସ ସହିତ ପିନ୍ଧିଥିଲେ । ସାରା ହାଲୁକା ମେକ୍‌ଅପ୍ ସହିତ ତାଙ୍କ ଚୁଟିକୁ ଖୋସା କରି ବହୁତ ସୁନ୍ଦର ଦେଖାଯାଉଛନ୍ତି । ପାପାରାଜୀଙ୍କୁ ଦେଖିବା ପରେ ସାରା ତାଙ୍କର କୌତୁକିଆ ହସ ଦେଇଥିଲେ । ସାରାଙ୍କ ଏହି ଫଟୋଗୁଡ଼ିକ ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍‌ହେବାରେ ଲାଗିଛି । ଏଥିରେ ସମସ୍ତେ ତାଙ୍କ ସୌନ୍ଦର୍ଯ୍ୟର ପ୍ରଶଂସା କରୁଥିବାର ଦେଖାଯାଉଛି । ସାରା ବଲିଉଡରେ ସକ୍ରିୟ ନାହାଁନ୍ତି । କିନ୍ତୁ ସେ ସୋସିଆଲ ମିଡିଆରେ ବହୁତ ଲୋକପ୍ରିୟ । ତାଙ୍କର ଫ୍ୟାନ୍ ଫଲୋଇଂ ମଧ୍ୟ ବହୁତ ଶକ୍ତିଶାଳୀ ।





## ଗ୍ରୀଷ୍ମ ଋତୁରେ ବହୁତ ଉପଯୋଗୀ ପୁଦିନା

*ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ରଖିବା ତଥା ସତେଜତା ବଜାୟ ରଖିବା ପାଇଁ ଆମେ ଅନେକ ପଦକ୍ଷେପ ନେଇଥାଉ । ଏହା ମଧ୍ୟରେ ପୁଦିନା ମଧ୍ୟ ସାମିଲ ଅଛି, ଯାହା ଆପଣଙ୍କ ରୋଷେଇ ଘର କିମ୍ବା ବଗିଚାରେ ସହଜରେ ଉପଲବ୍ଧ ହୋଇଯାଏ । ପୁଦିନା କେବଳ ସ୍ୱାଦ ବୃଦ୍ଧି କରୁଥିବା ଏକ ଗଛ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଏହା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ । ପୁଦିନା ଏକ ଗ୍ରୀଷ୍ମକାଳୀନ ସୁପରଫୁଡ୍ ଯାହା କେବଳ ଡିହାଇଡ୍ରେସନ୍ ନୁହେଁ ବରଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାର ଶକ୍ତି ରଖେ । ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରି ଆପଣ ଗ୍ରୀଷ୍ମ ଋତୁରେ ନିଜକୁ ସୁସ୍ଥ ଏବଂ ଥଣ୍ଡା କରିପାରିବେ । ତେବେ ଆସନ୍ତୁ ଜାଣିବା ପୁଦିନା ଖାଇବାର ଲାଭ...*



### ଡିହାଇଡ୍ରେସନ୍ ଦୂର ହେବ

ପୁଦିନା ପାଣି କିମ୍ବା ପୁଦିନା ଚଟଣି ଶରୀରକୁ ଥଣ୍ଡା କରିଥାଏ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ । ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ଶରୀରକୁ ହାଇଡ୍ରେଟ୍ ରଖିଥାଏ ।

### ପାଚନ ତନ୍ତ୍ରକୁ ସୁସ୍ଥ ରଖେ

ପୁଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମେନ୍ଥଲ ରହିଥାଏ ଯାହା ଗ୍ୟାସ, ଏସିଡିଟି ଏବଂ ବଦହଜମୀ ଭଳି ଅନେକ ରୋଗରୁ ମୁକ୍ତି ଦିଏ । ପେଟ ଯନ୍ତ୍ରଣା ପାଇଁ ପୁଦିନା ଚା' ମଧ୍ୟ ଖୁବ ପ୍ରଭାବଶାଳୀ ହୋଇଥାଏ ।

### ଶ୍ୱାସକ୍ରିୟା ସମସ୍ୟାରେ ଆରାମ

ସାଇନସ୍, କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ୟାରେ ମଧ୍ୟ ପୁଦିନା ଲାଭଦାୟକ । ଏହାର ସୁଗନ୍ଧ ଏବଂ ମେନ୍ଥଲ୍ କଫରୁ ମୁକ୍ତ କରିବାରେ ସାହାଯ୍ୟ କରେ, ଯାହା ଶ୍ୱାସକ୍ରିୟାକୁ ସହଜ କରିଥାଏ । ପୁଦିନା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଅନେକ ସମସ୍ୟାକୁ ଦୂରେଇ ରଖିବାରେ ସାହାଯ୍ୟ କରେ ।

### ଚର୍ମ ପାଇଁ ମଧ୍ୟ ଲାଭଦାୟକ

ଗ୍ରୀଷ୍ମ ଋତୁରେ ଚର୍ମରେ ରାସେସ୍, ସନବର୍ଣ୍ଣ କିମ୍ବା ବ୍ରଣ ହେବା ସ୍ୱାଭାବିକ । ଏଥିରୁ ରକ୍ଷା ପାଇବା ପାଇଁ ପୁଦିନା ବହୁତ ଉପଯୋଗୀ ହୋଇଥାଏ । ପୁଦିନା ପେଷ୍ଟ ଲଗାଇବା ଦ୍ୱାରା ଚର୍ମ ଥଣ୍ଡା ରହିଥାଏ ଏବଂ ସଂକ୍ରମଣରୁ ମଧ୍ୟ ମୁକ୍ତି ମିଳିଥାଏ ।

### ପାଟିର ଦୁର୍ଗନ୍ଧ ଏବଂ ଓରାଲ୍ ହେଲ୍‌ଥ

ପୁଦିନା ଏକ ନ୍ୟାଚୁରାଲ୍ ମାଉଥ୍ ଫ୍ରେସନର୍ ଭାବରେ କାମ କରେ । ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଅଛି ଯାହା ମୁଖର ଜୀବାଣୁକୁ ମାରିଦିଏ ଏବଂ ଶ୍ୱାସକୁ ସତେଜ ରଖେ । ଏହା ପାଟିର ଦୁର୍ଗନ୍ଧ ଦୂର କରେ ଏବଂ ଓରାଲ୍ ହେଲ୍ଥରେ ମଧ୍ୟ ଉନ୍ନତି ଆଣେ ।

### ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭ

ପୁଦିନାର ବାସ୍ନା ମନକୁ ଥଣ୍ଡା କରିଥାଏ ଏବଂ ଷ୍ଟ୍ରେସ କମ କରିଥାଏ । ଏହା ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍ ଭାବରେ କାମ କରେ । ଏକ କପ୍ ପୁଦିନା ଚା' କିମ୍ବା ସରବତ ଆପଣଙ୍କ ସାରା ଦିନର ଥକାପଣ ଦୂର କରିପାରିବ ।

### ଆସନ୍ତୁ ଜାଣିବା କିପରି ସେବନ କରିବେ ପୁଦିନା:

ପୁଦିନା ପାଣି କିମ୍ବା ସରବତ ତିଆରି କରି ପିଅନ୍ତୁ । ଦହିରେ ପୁଦିନା ଚଟଣି ମିଶାନ୍ତୁ । ସାଲାଡରେ ପୁଦିନା ପତ୍ର ମିଶେଇପାରିବେ । ପୁଦିନା ଚା'ରୁ ଆପଣଙ୍କ ଦିନର ଆରମ୍ଭ କରନ୍ତୁ । ପୁଦିନା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତା' ନୁହେଁ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଖୁବ ଲାଭକାରୀ ହୋଇଥାଏ । ତେଣୁ ଆପଣ ନିଜ ତ୍ୱଚାରେ ମଧ୍ୟ ପୁଦିନା ପେଷ୍ଟ ଲଗାଇପାରିବେ ଯାହାଦ୍ୱାରା ଆପଣଙ୍କ ଚର୍ମ ଥଣ୍ଡା ରହିଥାଏ ।

## ଭାରତରେ ମୁକ୍ତିଲାଭ କରିବନି 'ଅବୀର ଗୁଲାଲ'

ପାକିସ୍ତାନୀ ଅଭିନେତା ଫୱାଦ ଖାନଙ୍କ ଆଗାମୀ ଫିଲ୍ମ 'ଅବୀର ଗୁଲାଲ' ଭାରତରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ନାହିଁ ବୋଲି ଖବର ମିଳିଛି । ଏହି ଫିଲ୍ମଟି ପାକିସ୍ତାନରେ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ ଭାବେ ନିର୍ମିତ ହୋଇଛି, କିନ୍ତୁ ଭାରତୀୟ ବଜାରରେ ଏହାର ରିଲିଜ ସମ୍ଭବ ହେବ ନାହିଁ । ସୂତ୍ର ଅନୁସାରେ, ପହଲଗାମର ଆତଙ୍କୀ ଆକ୍ରମଣ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ତିକ୍ତତା ଏହାର ମୁଖ୍ୟ କାରଣ । ଫୱାଦ ଖାନ, ଯିଏ ବଲିଉଡ ଫିଲ୍ମ ଯଥା 'ଖୁବସୁରତ', 'କପୁର ଆଣ୍ଡ ସନ୍ସ' ଏବଂ 'ଏ ଦିଲ ହୈ ମୁସକିଲ' ପାଇଁ ଭାରତରେ ଜଣାଶୁଣା, ତାଙ୍କ ପାଇଁ ଏହା ଏକ ବଡ଼ ଧକ୍କା । 'ଅବୀର ଗୁଲାଲ' ଏକ ଅନନ୍ୟ କାହାଣୀ ଉପରେ ଆଧାରିତ ଏବଂ ଏହା ପାକିସ୍ତାନୀ ସିନେମାରେ ଫୱାଦଙ୍କ ନୂଆ ପ୍ରୟାସ ବୋଲି କୁହାଯାଉଛି ।



## ବିଶ୍ୱ ମାଲେରିଆ ଦିବସ

୨୫ ଏପ୍ରିଲକୁ ସାରା ବିଶ୍ୱରେ ମାଲେରିଆ ଦିବସ ଭାବେ ପାଳନ କରାଯାଏ । ଏମିତି ବି କହିଲେ ଅଧେ ବିଶ୍ୱବାସୀଙ୍କ ପାଇଁ ପ୍ରତିଦିନ ହିଁ ମାଲେରିଆ ଦିବସ ହୋଇଥାଏ । ମଶା କାମୁଡ଼ା ଯୋଗୁଁ ହେଉଥିବା ଏହି ମାରାତ୍ମକ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ । ୨୦୧୫ରେ ପୁରା ବିଶ୍ୱରେ ୨୧୪ ନିୟୁତ ଜଣ ମାଲେରିଆ ଆକ୍ରାନ୍ତ ହୋଇଥିଲାବେଳେ ୪୩୮,୦୦୦ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ମଧ୍ୟରେ ସବୁଠୁ ଅଧିକ ସଂଖ୍ୟା ହେଉଛି ଆଫ୍ରିକୀୟ ଶିଶୁଙ୍କର । ୨୦୦୭ରେ ବିଶ୍ୱ ସ୍ୱାସ୍ଥ୍ୟ ମହାସଭାର ୬୦ତମ ଅଧିବେଶନରେ ଏହି ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଚଳିତ ବର୍ଷର ବାର୍ତ୍ତା 'ଅଧିକ ସମାନ ବିଶ୍ୱ ପାଇଁ ମ୍ୟାଲେରିଆ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରନ୍ତୁ ।' । ମାଲେରିଆ ବିରୋଧରେ ବିଭିନ୍ନ ପ୍ରକାର ପଦକ୍ଷେପ ଯୋଗୁଁ ଏହାକୁ ନିୟନ୍ତ୍ରଣାଧୀନ କରାଯାଇପାରିଛି । ୨୦୦୦-୨୦୨୫ ଭିତରେ ବିଶ୍ୱରେ ମାଲେରିଆ ଜନିତ ମୃତ୍ୟୁସଂଖ୍ୟା ୬୦% ପ୍ରତିଶତ କମ୍ କରାଯାଇପାରିଛି ।

## ଘର ଛାଡ଼ିବେ ଅମୀର ଖାନ

କିଛି ମାସ ପୂର୍ବରୁ ବଲିଉଡ ଜଗତର ସୁପରଷ୍ଟାର ଶାହାରୁଖ ଖାନ ତାଙ୍କ ଘର 'ମନ୍ନତ'ରୁ ସ୍ଥାନାନ୍ତରିତ ହୋଇଛନ୍ତି । ଏବେ ଅମୀର ଖାନଙ୍କୁ ତାଙ୍କ ଘର ଛାଡିବାକୁ ପଡିବ । ହଁ ଆଜ୍ଞା ପାଲି ହିଲ୍ ଘର ଛାଡିବେ ଆମିର କାରଣ ସେହି କୋଠାଟି ଏବେ ପୁଣିଥରେ ତିଆରି କରାଯିବ । ସେଥିପାଇଁ ଅମୀର ଖାନ ଘର ଛାଡିବେ ବୋଲି ପ୍ରସ୍ତୁତ ହେଉଛନ୍ତି । ଏକ ରିପୋର୍ଟ ଅନୁସାରେ ମ୍ୟାନ୍ ଇନଫ୍ରାକନଷ୍ଟ୍ରକସନ୍ ଲିମିଟେଡ୍ ନାମକ ଏକ ରିଅଲ୍ ଇଷ୍ଟେଟ୍ କମ୍ପାନୀ ଏହି ବର୍ଷ ଶେଷ ଭାଗରେ ମୁମ୍ବାଇର ପାଲି ହିଲରେ ଏକ ବିଳାସପୂର୍ଣ୍ଣ ପ୍ରଜେକ୍ଟ ଆରମ୍ଭ କରିବାକୁ ଯାଉଛି । ଏହି ପ୍ରକଳ୍ପଟି ଆମିର ଯେଉଁ କୋଠାରେ ରୁହନ୍ତି ସେହି କୋଠାରେ ତିଆରି କରାଯିବ ଏବଂ ସେଠାରେ ଅନେକ ଫ୍ଲାଟ୍ ଅଛି । ଏହି କୋଠାରେ ଆମିରଙ୍କର ପ୍ରାୟ ୧୨ଟି ଫ୍ଲାଟ୍ ଅଛି । ଯେବେ ଏହି କୋଠା ପୁନଃନିର୍ମାଣ କରାଯିବ ସେହିସମୟରେ ତାଙ୍କୁ ଏବଂ ଅନ୍ୟମାନଙ୍କୁ ନୂତନ ଫ୍ଲାଟ ଦିଆଯିବ । ଏହା ବ୍ୟତୀତ ଆମିର ପାଲି ହିଲରେ ଆଉ ଏକ ସମ୍ପତ୍ତି କିଣିଛନ୍ତି । ଏହି ଘରଟି ୧,୦୨୭ ବର୍ଗଫୁଟ ଏବଂ ଏହାର ମୂଲ୍ୟ ୯ କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡିଛି । ଏହି ସମ୍ପତ୍ତିର ପଞ୍ଜୀକରଣ ଜୁନ୍ ୨୦୨୪ ରେ କରାଯାଇଥିଲା, ଯେଉଁଥିରେ ୫୮.୫ ଲକ୍ଷ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଏବଂ ୩୦,୦୦୦ ଟଙ୍କାର ରେଜିଷ୍ଟ୍ରେସନ ଫି ଦିଆଯାଇଥିଲା ।

## ରଥଯାତ୍ରାରେ ରିଲିଜ ହେବ ଓଡ଼ିଆ ଫିଲ୍ମ 'ଦ ମିଲେଟ୍ ଡାଏରୀ'

ମାଣ୍ଡିଆ ଆମର ଆଦିଶସ୍ୟ । ଆମ ପୂର୍ବ ପୁରୁଷ କାହିଁ କେଉଁ କାଳରୁ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଖାଇ ସୁସ୍ଥ ସବଳ ଜୀବନ ଜୀଉଁଥିଲେ । ସେମାନଙ୍କ ଜୀବନଚକ୍ରକୁ ସୁରୁଖୁରୁ ଭାବରେ ପରିଚାଳିତ କରିଆସୁଥିଲା ମାଣ୍ଡିଆ । ହେଲେ ଏବେ ପରିସ୍ଥିତି ଓଲଟା । ମାଣ୍ଡିଆ ବଦଳରେ ଆମଥାଳିରେ ଏବେ ସାରଦିଆ, କୀଟନାଶକ ମିଶା ନାନା ପ୍ରକାର ଚଟ୍‌ପଟା, ପାଟି ସୁଆଦିଆ ଖାଦ୍ୟ । ଫଳରେ ବର୍ତ୍ତମାନର ପିଢ଼ି ନାନା ପ୍ରକାର ରୋଗ ଯନ୍ତ୍ରଣା ଭୋଗୁଛନ୍ତି । ମାଣ୍ଡିଆକୁ ନେଇ ଏମିତି କେତେ କଥା ଓ କାହାଣୀ ଦେଖିବାକୁ ମିଳିବ ରଥଯାତ୍ରାରେ ରିଲିଜ ହେବାକୁ ଥିବା ଚଳଚ୍ଚିତ୍ର 'ଦ ମିଲେଟ୍ ଡାଏରୀ'ରେ । ଇନ୍‌ଫିଜନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏ ଫିଲ୍ମର ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତ । ଫିଲ୍ମର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିଷେକ ପଣ୍ଡା, ଶିବାନୀ ସଂଗୀତା । ଅନ୍ୟାନ୍ୟ ଚରିତ୍ରରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, କୁନା ତ୍ରିପାଠୀ, ଶକ୍ତି ବରାଳ, ସନ୍ତୁ ନିଜେ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି । ବିଶ୍ୱନାଥ ଶତପଥୀ ଓ ବାପୁ ଗୋସ୍ୱାମୀ ଲେଖିଥିବା ଚାରିଟି ଗୀତ ସ୍ଥାନିତ ହୋଇଛି ଫିଲ୍ମରେ, ଯାହାକୁ ସଂଗୀତରେ ସଜାଇଛନ୍ତି ପ୍ରେମ ଆନନ୍ଦ । କଟକ, ଭୁବନେଶ୍ୱର, ଚିଲିକା, କୋରାପୁଟ ଓ ମୁମ୍ବାଇରେ ଫିଲ୍ମର ବିଭିନ୍ନ ଦୃଶ୍ୟ ସୁଟିଂ ହୋଇଛି । ଫିଲ୍ମର କାହାଣୀ ଲେଖିବା ସହିତ ପ୍ରଯୋଜନା କରିଛନ୍ତି ଜେଆରଏମ୍ । ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଦିଲ୍ଲୀପ ବିଶୋଇ ଓ ଉତ୍ତମ କୁମାର । ସମ୍ପାଦନା କରିଛନ୍ତି ରାଜେଶ ଦାଶ, ଡିଓପିରେ ଅଛନ୍ତି ବିଶ୍ୱଜିତ କୁଲ୍‌ଡି । ରୀତିଶ ପରିଡ଼ା କ୍ରିଏଟିଭ ହେଡ୍ ଥିବାବେଳେ ପବ୍ଲିସିଟି ଡିଜାଇନ୍ କରିଛନ୍ତି ବ୍ଲାଙ୍କ କାନ୍‌ଭାସ ଆର୍‌ଜିଏଫ୍ ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଖଇରପୁଟ ପଞ୍ଚାୟତ ସମିତି କର୍ଯ୍ୟାଳୟଠରେ ପଞ୍ଚାୟତ ରାଜ ଦିବସ ପାଳନ କରାଯିବା ସହିତ ୨୫ଜଣ ନୂତନ ହିତାଧିକାରୀମାନଙ୍କୁ ରାସନ୍ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇ ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଆଭିମୁଖ୍ୟ ବିଷୟରେ ବୁଝା ଯାଇଥିଲା। ସମିତିର ବିଡିଓ ସହକାରୀ ଯନ୍ତ୍ରୀ ଦୁସମନ୍ତ ବେହେରା, ବ୍ଲକ ଅଧକ୍ଷ ବିଘ୍ନ କିର୍ଶନୀ, ବିଧାୟକ ପ୍ରତିନିଧି ମଙ୍ଗୁ ଖିଲ, ସାଂସଦ ପ୍ରତିନିଧି ସିଦ୍ଧାର୍ଥଶଙ୍କର ରଥ, ଜିଲ୍ଲା ପରିଷଦ ବଳି ମାଝୀ, ସମାଜସେବୀ ଓ କାର୍ଯ୍ୟରତ ଅନେକ କର୍ମଚାରୀଙ୍କ ଉପସ୍ଥିତିରେ ଦିବସଟି ପାଳନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସ୍ତରର ପ୍ରତ୍ୟେକ ଯୋଜନା ଯେପରି ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତକୁ କ୍ଷମତା ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ନାଗରିକ ଏଗୁଡ଼ିକର ଲାଭ ଉଠାଇବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ।



## କମ୍ୟୁନିଟି ଓ କଲଚରାଲ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ ଅଧୀନ ଭିକାରିପଲୀ ପଞ୍ଚାୟତ ଲଣ୍ଡା ବାଉଁଶ ଗ୍ରାମରେ ଥିବା କାଳୀମନ୍ଦିର ପ୍ରାଙ୍ଗଣରେ ନୂତନ କମ୍ୟୁନିଟି ଓ କଲଚୁରାଲ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବିକଶିତ ଗାଁ' ବିକଶିତ ଓଡ଼ିଶା ଆନୁକୂଲ୍ୟରେ ୬ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ ହେବ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି



ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ସହକାରୀ ଯନ୍ତ୍ରି ଲଗ୍ନଜିତ ସାହୁ, ସରପଞ୍ଚ ମମତା ସୁବୁଦ୍ଧି, ସମିତିସଭ୍ୟ ଏନ କାନ୍ତକ୍ଷମା, ମଥୁରା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଇଞ୍ଜାର 'ନୋ ୱାର୍କ ନୋ ପେ' ନୋଟିସ

## ଆନ୍ଦୋଳନ କରିବ ଏସଆରସିକେଏମ୍ଏସ୍




କାଳିଆପାଣି, (ଭାସ୍କର ନ୍ୟୁଜ୍): କାଳିଆପାଣି ଖଣି ଅଞ୍ଚଳରେ କ୍ରୋମ ଉତ୍ତୋଳନ କରୁଥିବା ଇଞ୍ଜା କମ୍ପାନିରେ ଲୋଡିଂ ଶ୍ରମିକଙ୍କୁ ମାସିକ ୨୬ଦିନ କାମ ଯୋଗାଣ ନିମନ୍ତେ ଚଳିତ ମାସ ୧୭ତାରିଖରୁ ଓଡ଼ିଶା ମାଇନିଂ ୱାର୍କସ ୟୁନିଅନ ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିବା ବେଳେ କମ୍ପାନି ଦାବି ପୂରଣ କରିବା ପରିବର୍ତ୍ତେ 'ନୋ ୱାର୍କ ନୋ ପେ' ନୋଟିସ ଖଣିରେ ନିୟୋଜିତ ସମସ୍ତ ଶ୍ରମିକଙ୍କ ପାଇଁ ଲାଗୁ କରିଛି। ଫଳରେ କାର୍ଯ୍ୟରତ ୧୪୦୦ ଶ୍ରମିଙ୍କ ଉପରେ ପ୍ରଭାବ ପଡ଼ିଛି। ଖଣିରେ ୨୫୦ ଜଣ ଲୋଡିଂ ଶ୍ରମିକ ତାଙ୍କ ଦାବି ପାଇଁ ଆନ୍ଦୋଳନ କରିଥିବା ବେଳେ ଅନ୍ୟ ଶ୍ରମିକମାନେ ଖଣି ମଧ୍ୟରେ ପ୍ରବେଶ ନକରି ପ୍ରତିଦିନ ଫେରିଆସୁଛନ୍ତି ଏବଂ କାଳିଆପାଣି ଥାନା, ଇଞ୍ଜା କର୍ତ୍ତୃପକ୍ଷଙ୍କୁ ୧୭ ଓ ୨୨ତାରିଖରେ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନ ଥିଲା। ଫଳରେ ଗୁରୁବାର ଦିନ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଟାଉନସିପ ସ୍ଥିତ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନି କରି ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ କମ୍ପାନି କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସରକାର, ଜିଲ୍ଲା ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ତୁରନ୍ତ ସମାଧାନ କରିବା ସହ କମ୍ପାନି ଲଗାଇଥିବା 'ନୋ ୱାର୍କ ନୋ ପେ'କୁ ଉଚ୍ଛେଦ କରି ଶ୍ରମିକମାନଙ୍କୁ ତାଙ୍କ ମଜୁରି ପ୍ରଦାନ କରାଯିବାକୁ ଦାବି କରିଛନ୍ତି। ଯଦି କମ୍ପାନି ନମାନେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ସମ୍ମିଳନିରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତ ଚେତାବନି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ଆଶିଷ କୁମାର ଜେନା, ସନ୍ୟାସି ସାମଲ, ସରୋଜ ମହାନ୍ତ (ଗୁଲୁ), ଦେବରାଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଇତିହାସ ବିଭାଗର ଜାତୀୟ ଆଲୋଚନାଚକ୍ର




ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି। 'ଉତ୍ତର ଓଡ଼ିଶା ଜନଜାତିଙ୍କ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ରୂପରେଖ: ଯୁଗ ଯୁଗ ଧରି ପରିବର୍ତ୍ତନ' ଶୀର୍ଷକ ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଅଧକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଉତ୍ତର ଓଡ଼ିଶାର ସ୍ଥାନୀୟ ଜନଜାତିମାନଙ୍କର ସଂସ୍କୃତି କିପରି ଭାବରେ ବଜାୟ ରହିବ ସେ ଦିଗରେ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ବକ୍ତବ୍ୟରେ ଜନଜାତିମାନେ ନିଜ ସଂସ୍କୃତିକୁ ବଜାୟ ରଖିବା ପାଇଁ ସମ୍ମୁଖୀନ ହେଉଥିବା ବିଭିନ୍ନ ଆନ୍ଦୋଳନ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଶ୍ୟାମସୁନ୍ଦର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଜନଜାତିମାନେ ସମାଜର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ନିଜର ଅଭିଭାଷଣ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଜନଜାତିଙ୍କ ବିକଶିତ ପରିଚୟକୁ ବୁଝିବା ଏବଂ ସମର୍ଥନ କରିବା ଦିଗରେ ଏହି ଆଲୋଚନାଚକ୍ର ଏକ ସମୟୋଚିତ ପଦକ୍ଷେପ ବୋଲି କହିଥିଲେ। ବି.ବି ମହାବିଦ୍ୟାଳୟ, ବାଇଗଣବାଡ଼ିଆର ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଜେଏସଡିଏନ ସଚନ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ଥାନୀୟ ଜନଜାତି ମାନଙ୍କର ଉତ୍ପତ୍ତି ଓ ବିକାଶଧାରା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଏହି ଆଲୋଚନାଚକ୍ରର ଆବାହକ ତଥା ବିଭାଗୀୟ ସଂଯୋଜିକା ଡକ୍ଟର ମୋନାଲି ଗୋସ୍ୱାମୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରର କାର୍ଯ୍ୟକାରୀ ସମ୍ପାଦିକା ଡକ୍ଟର ତୃପ୍ତିରେଖା ସାହୁ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ରଖିଥିଲେ ଓ ଅନ୍ୟତମ କାର୍ଯ୍ୟକାରୀ ସମ୍ପାଦକ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରର ଅନ୍ୟତମ କାର୍ଯ୍ୟକାରୀ ସମ୍ପାଦିକା ଭାଲେଣ୍ଟିନା ହାଁସଦା ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ମୋଟ ୫ ଜଣ ନିମନ୍ତ୍ରିତ ବକ୍ତା ଓ ୬୯ ଜଣ ଗବେଷକ/ ଗବେଷିକା ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ଚଣ୍ଡିଖୋଲ ବଜାରରେ ଯାଞ୍ଚ ହେଉନି ଫାଷ୍ଟଫୁଡ୍ ଓ ଠେଲା ଦୋକାନ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକରେ ଥିବା ବଡ଼ବଡ଼ ଛକମାନଙ୍କରେ ବିଭିନ୍ନ ସ୍ଥାନରେ ଫାଷ୍ଟଫୁଡ଼ ଏବଂ ଠେଲା ଗାଡ଼ିରେ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ ବିକ୍ରି କରାଯାଉଛି। ଗୁପଚୁପ୍ ହେଉ ବା ଫାଷ୍ଟଫୁଡ଼ ଦୈନିକ ବିକ୍ରି କରୁଥିବା ବ୍ୟବସାୟୀ ବିଭିନ୍ନ ପ୍ରକାର ଅପମିଶ୍ରିତ ସାମଗ୍ରୀ ପକାଇ ଏହାକୁ ପ୍ରସ୍ତୁତ କରୁଛନ୍ତି। ଯାହାଫଳରେ ଲୋକେ ଏହାକୁ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଖର୍ଜାନ୍ତ ହେଉଛନ୍ତି। ଖାଦ୍ୟର ମାନ ପରୀକ୍ଷା ହେଉନାହିଁ କି ଏହି ଦୋକାନୀମାନଙ୍କର ଲାଇସେନ୍ସ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ ହେଉନାହିଁ। ଫଳରେ ସମ୍ପୃକ୍ତ ଦୋକାନୀମାନେ ବେଫିକର ହୋଇ ଖାଦ୍ୟର ମାନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏହାର କୁପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଚଣ୍ଡିଖୋଲ ଛକ, ଛତିଆ ବଜାର, ବାଲିଚନ୍ଦ୍ରପୁର ବଜାର, ବଡ଼ଚଣା ବଜାର, ଧାନମଣ୍ଡଳ ଆଦି ସ୍ଥାନରେ ମାଳମାଳ ଫାଷ୍ଟଫୁଡ଼ ଷ୍ଟଲ ଦେଖିବାକୁ ମିଳୁଛି। ସକାଳୁ ସନ୍ଧ୍ୟା ଯାଏ ଏହିସବୁ ସ୍ଥାନରେ ବିଶେଷକରି ଯୁବବର୍ଗଙ୍କ ଭିଡ଼ ଲାଗୁଛି। ଗ୍ରାହକଙ୍କୁ ବୋକା ବନାଇ ଅଧିକ ଲାଭ ପାଇଁ ଦୋକାନୀମାନେ ପୋଡ଼ା ନିମ୍ନମାନର ତେଲ, ବିଷାକ୍ତ ରଙ୍ଗ, ଭିନେଗାର ଭଳି କ୍ଷତିକାରକ ସାମଗ୍ରୀ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଗ୍ରାହକମାନେ ମଧ୍ୟ ଏ ସମ୍ପର୍କରେ ଜାଣିବା ମୁସ୍କିଲ ହୋଇପଡୁଛି। ସେମାନେ ଟଙ୍କା ଦେଇ କେବଳ ରୋଗ କିଣୁଛନ୍ତି। ଯୁଗ ବଦଳିବା ସହିତ ଆଜିର ଯୁବପୀଢ଼ୀଙ୍କ ଖାଦ୍ୟ ଶୈଳୀରେ ପରିବର୍ତ୍ତନ ଆସିଛି। ଫାଷ୍ଟ ଫୁଡ଼ ଖାଇବା ଏକ ଧାରା ପାଲଟି ଯାଇଛି। ଛକ, ବଜାର ଓ ଗଳିକନ୍ଦିରେ ଯେଉଁଠି ଦେଖିବ ମାଳମାଳ ଫାଷ୍ଟଫୁଡ଼, ଷ୍ଟଲ, ବିରିଆନୀ, ଚାଓମିନ୍, ମଥୁରାକେକ୍, ଚାଟ ବ୍ୟତୀତ ଅନ୍ୟାନ୍ୟ ଜିନିଷ ଏଠାରେ ବିକ୍ରି ହେଉଛି। ଏହା ସହ ଦୋକାନୀମାନେ ଲାଇସେନ୍ସ ନେବାରେ ନିୟମ ଥିବାବେଳେ ଷାଠିଏ ଭାଗ ଦୋକାନର ଲାଇସେନ୍ସ ନଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୋଲ ପ୍ଲେଟ ବ୍ୟବହାର କରିବା ଉପରେ କଟକଣା କରାଯାଇଛି। ମାତ୍ର ଦୋକାନୀମାନେ ଏହାକୁ ବେଖାତିର ସୋଲ କରୁଛନ୍ତି। କିନ୍ତୁ ଖାଦ୍ୟ ନିରାପତ୍ତା ବିଭାଗର ପଦକ୍ଷେପ କେବଳ ସଚେତନା କାର୍ଯ୍ୟକ୍ରମରେ ଅଟକି ରହିଛି। ଏହି ବିଭାଗଟି ଥାଇ ନ ଥାପରି କାର୍ଯ୍ୟ କରୁଛି ବେଳେବେଳେ ଲୋକ ଦେଖାଣିଆ ଚଢ଼ଉ କରି ବିଭାଗ ନିଜର ଦାୟିତ୍ୱ ଶେଷ କରିଦେଉଛି। ଅନ୍ୟପଟେ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି ଯେ ଅଧିକାଂଶ ସମୟରେ ସହରର ସମସ୍ତ ଫାଷ୍ଟ ଫୁଡ଼ ଓ ଠେଲା ଦୋକାନ ଉପରେ ଚଢ଼ଉ କରାଯାଇଛି। ଧାନମଣ୍ଡଳ ଓ ବୈରି ରେଳଷ୍ଟେସନ ଠାରୁ ଆରମ୍ଭ କରି ଅନେକ ସ୍ଥାନରେ ଚଢ଼ଉ ହେଉଥିବା ବିଭାଗ ବାହାଦୁରୀ ମାରୁଛି। ଚଢ଼ଉ ସମୟରେ ସେମାନଙ୍କ ଉପରେ ଜୋରିମାନା କରାଯାଇ ସଚେତନ କରାଯାଇଛି। ତେବେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ତୁରନ୍ତ ଏସବୁ ଅଞ୍ଚଳରେ ଚଢ଼ଉ କରାଯାଇ ସେମାନଙ୍କ ଉପରେ ଆଇନ ଅନୁଯାୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମହିୟସୀ ସଂସ୍କୃତ ଶିକ୍ଷୟିତ୍ରୀ ସୁମଲତା ମିଶ୍ରଙ୍କ ପରଲୋକ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଢେଙ୍କାନାଳ ନଗରର ବରିଷ୍ଠ ସ୍ୱୟଂ ସେବକ ଶରତ କମାର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସୁମଲତା ମିଶ୍ରଙ୍କ ୬୬ବର୍ଷରେ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି। ସେ ସଦର ବ୍ଲକ୍ ଚାଉଳିଆ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଥିଲେ। ସେ ଜଣେ ଛାତ୍ରଛାତ୍ରୀ ବତ୍ସଳା, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା। ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀର ସ୍ଥାନୀୟ ଗାୟତ୍ରୀନଗରର ସ୍ଥିତ ବାସଭବନରେ ପହଞ୍ଚିବା ମାତ୍ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ, ଜିଲ୍ଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ବାବାଜୀ ସାହୁ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ପଡୋଶୀ ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ମେସର୍ସ ରୁଂଟା ମାଇନ୍ସ ଲିମିଟେଡ଼ କେମସରା ଖଣିର ପରିବେଶ ସମ୍ବନ୍ଧିତ ଜନଶୁଣାଣୀ




କୋଇଡା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୋଇଡା ଓ ଲହୁଣୀପଡ଼ା ତହସିଲ ଅନ୍ତର୍ଗତ କେନସରା ଓ ଜଳଡିହି ଗ୍ରାମରେ ଅବସ୍ଥିତ ୧୦୦.୪୩୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେଡେସାଲା ନର୍ଥ ଇଷ୍ଟ ଲୌହ ଖଣିଜ ବ୍ଲକରୁ ବାର୍ଷିକ ୧.୨୧ ଏମଟିପିଏ ଆରଓଏମ ଲୌହ ଖଣିଜ ଉତ୍ତୋଳନ ନିମନ୍ତେ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ କେନସରା ଗ୍ରାମର ଫୁଟବଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀରେ ୬୪ଜଣ ମୌଖିକ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲିଖିତ ଆକାରରେ ମେସର୍ସ ରୁଂଟା ମାଇନ୍ସ ଲିମିଟେଡ଼ ସପକ୍ଷରେ ମତବ୍ୟକ୍ତ କରିବା ସହିତ କିଛି ଦାବି ମଧ୍ୟ ଉପସ୍ଥାପନା କରିଥିଲେ। ଏହି ଦାବିଗୁଡିକ ହେଲା ଖଣି କାର୍ଯ୍ୟକ୍ଷମ ହେଲେ ଗଛ କଟା ହେବା ସହିତ ଶବ୍ଦ, ବାୟୁ ଓ ଜଳ ପ୍ରଦୂଷଣ ଭଳି ବହୁ ସମସ୍ୟାର ଅଞ୍ଚଳବାସୀ ସମ୍ମୁଖିନ ହେବେ। ଏହାର ପ୍ରତିବଦଳରେ ଅଞ୍ଚଳ ବାସୀଙ୍କ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟବାସୀଙ୍କୁ ଯୋଗ୍ୟତା ଅନୁଯାୟୀ ଖଣିରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଗମନାଗମନ ପାଇଁ ରାସ୍ତାର ମରାମତି ଓ ଉନ୍ନତି କରଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନା, ଆମ୍ବୁଲାନ୍ସ ସେବା ପ୍ରଦାନ, ସ୍କୁଲ ଗୁଡିକରେ ପିଡିସି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ ଯୋଗାଣ ଓ ବୃକ୍ଷରୋପଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓଡିଶା ଓ ଜିଲ୍ଲା ପ୍ରଶାସନ ସୁନ୍ଦରଗଡ଼ ପକ୍ଷରୁ ଆୟୋଜିତ ଏହି ଜନ ଶୁଣାଣରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ବିଜୟ କୁମାର ଭୋଇ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଡେପୁଟି ଏନଭାର୍ଣ୍ଣମେଣ୍ଟାଲ ଇଞ୍ଜିନିଅର ଚନ୍ଦ୍ରଶେଖର ଚୌହାନ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, କୋଇଡ଼ା ଜିଲ୍ଲା ପରିଷଦ ଅଶୋକ ନାଏକ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜନାର୍ଦ୍ଦନ ଦେହୁରୀ, ଆନନ୍ଦ ବାରିକ ପ୍ରମୁଖ ଯୋଗଦେଇ ନିଜ ମତାମତ ପ୍ରଦାନ କରିବା ସହିତ ମେସର୍ସ ରୁଂଟା ମାଇନ୍ସ ଲିମିଟେଡ଼ ଖଣିର ଏହି ଜନଶୁଣାଣିକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ରୁଂଟା ମାଇନ୍ସ ଲିମିଟେଡ଼ ପକ୍ଷରୁ ରାମୁ ଅଗ୍ରୱାଲ ଓ ଅଭିଷେକ ସିଂଙ୍କ ସମେତ ସମସ୍ତ ଖଣି ଅଧିକାରୀ ଏହି ଜନଶୁଣାଣୀକୁ ସଫଳ କରାଇବାରେ ପ୍ରମୁଖ ଯୋଗଦାନ କରିଥିଲେ। ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଓ ଜ୍ୟୋତି ରଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ପହଲଗାମ୍‌ରେ ଆତଙ୍କି ହମଲାରେ ନିହତଙ୍କ ପାଇଁ ମହମବତୀ ଶୋଭାଯାତ୍ରା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜାମ୍ମୁକାଶ୍ମିରୀର ପହଲଗାମ୍ ଠାରେ ଆତଙ୍କି ହମଲାରେ ନିହତ ବ୍ୟକ୍ତିବିଶେଷମାନଙ୍କ ପାଇଁ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡରେ ଏକ ମହମବତୀ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମୃତକମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଆଳିର ବିଧାୟିକା ପ୍ରାର୍ଥିନୀ ଡା. ଦେବସ୍ମିତା ଶର୍ମା, ମହାକାଳପଡ଼ାର ବିଭ୍ରାଂଶୁଶେଖର ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ମହମ୍ମଦ ଆକବର ଅଲ୍ଲୀ, ଯୁବନେତା ସତ୍ୟପ୍ରିୟ ସାମଲ, ଆଶିଷ ଲେଙ୍କା, ହିମାଂଶୁ ନନ୍ଦ, ଉମେଶ ପାଢ଼ୀ, ସନ୍ତୋଷ ବେହେରା, ସେକ ସମସେର, ସେକ ମୀରଉଦ୍ଦିନ, ଜ୍ୟୋତିରଞ୍ଜନ ପରିଡା, ରବି ନାରାୟଣ ବେହେରା, ମାନଗୋବିନ୍ଦ ଦାସ, ରାଜକିଶୋର ମିଶ୍ର, ଅସ୍ମତ ଅଲ୍ଲୀ, ହବିଉଲ୍ଲା, ଅଜମତ ଅଲ୍ଲୀ, ଶୈଳେନ୍ଦ୍ର ମଳିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପଞ୍ଚାୟତ ସମିତି ସଭାଗୃହ ପରିସର ପାଳିତ ହୋଇଯାଇଛି। ଏହି ଅବସରରେ ବିଡିଓ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତା ଓ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଦିବସକୁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଉଦ୍‌ଘାଟନ କରି ସରକାରଙ୍କ ଜନହିତକର ଯୋଜନା ସଠିକ୍ ବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସରପଞ୍ଚ ପ୍ରଦୀପ ବଳ, ନିହାରିକା ବିଶ୍ୱାଳ, ସମିତିସଭ୍ୟ ଶୁକଦେବ ମଳିକ, ବରିଷ୍ଠ ବିଜେପି ନେତା ସୀତାକାନ୍ତ ନାୟକ, ଉମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ୫୨ଜଣ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରଭାବ ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଦହି ସର୍ବତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି ଓ ତନୁଜା ମିଶ୍ର, ଜିପିଇଓ ପ୍ଲାବନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ସମୀର ରଂଜନ ରାଉତ, ଯୋଗାଣ ନିରୀକ୍ଷକ ପ୍ରିତୀଶ କୁମାର ସାମଲ, ଏପିଇଓ କାମିନୀଲତା ଓଝା, ବିଏଲସି ସ୍ନିଗ୍ଧା ନାୟକ, ନନ୍ଦିନୀ ନାୟକ, ସିପି ମୌସୁମୀ ବେହେରା, ଆରଇ ସତ୍ୟସୁନ୍ଦର ରାଉତ, ସାହାଡ଼ାସୁନ୍ଦରୀ ମଣ୍ଡଳ ସଭାପତି କେଶବ ବେହେରା, ଐଶାନ୍ୟଚଣ୍ଡି ମଣ୍ଡଳ ସଭାପତି ସାଇଶରଣ ବେହେରା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଯଶୋଦା ମଲ୍ଲିକ, ସମିତସଭ୍ୟ ଦେବେନ୍ଦ୍ର ଦାସ, ପ୍ରିୟବନ୍ଧୁ ମାଝୀ, ଉଷାକାନ୍ତ ନାୟକ, ଭରତ ଚନ୍ଦ୍ର ସାହୁ, ରାଜାରାମ ମହାକୁଡ଼, ରବିନ୍ଦ୍ର ଶତପଥି, ରଂଜିତ୍ ଜେନା, ସରୋଜ ନାୟକ, ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ରାୟଗଡ଼, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷ୍ୟାଳୟ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟ୍ଟାଓରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗ୍ରାମ ପଞ୍ଚାୟତଗୁଡ଼ିକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ସ୍ଥାନୀୟକରଣ ନିମନ୍ତେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ସୁଦୃଢ଼ କରିବା ସବୁ ଗ୍ରାମ ପଞ୍ଚାୟତର ଲକ୍ଷ୍ୟ ହେବା ଉଚିତ ବୋଲି ଜିଲ୍ଲାପାଳ କହିଛନ୍ତି। ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଜିଲ୍ଲାରେ ଉତ୍ତମ ବିକାଶୋନ୍ମୁଖୀ କାର୍ଯ୍ୟ ନିମନ୍ତେ ବିଭିନ୍ନ ଗ୍ରାମ ପଞ୍ଚାୟତ ଓ ସମିତିର ନାମ ଘୋଷଣା କରିଥିଲେ। ରାମନାଗୁଡା ପଞ୍ଚାୟତ ସମିତି ଓ ରାୟଗଡ଼ ବ୍ଲକର ତାଡ଼ମା ଗ୍ରାମ ପଞ୍ଚାୟତକୁ ଉତ୍ତମ ନାଗରୀକ ସେବା, ଦୈର୍ଘ୍ୟ ମିଆଦି ବିକାଶ ଲକ୍ଷର ସ୍ଥାନୀୟକରଣ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪-୨୫ ବର୍ଷରେ ଆବାସ ଯୋଜନାର ସଫଳ ରୂପାୟନ ଲକ୍ଷ୍ୟ ହାସଲ କ୍ଷେତ୍ରରେ ରାଜ୍ୟରେ ସର୍ବୋତ୍ତମ ସ୍ଥାନ ହାସଲ କରିଥିବାରୁ ରାୟଗଡ଼ ଜିଲ୍ଲା ଆବାସ ଯୋଜନା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାର ଗ୍ରାମୀଣ କ୍ଷେତ୍ରରେ ସଫଳ ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁନିଗୁଡା ବ୍ଲକର ନିର୍ବାହୀ ଅଧିକାରୀ ଗଦାଧର ମିଶ୍ର, କୋଲନରା ବ୍ଲକର ଏଡିଇଓ ଶିବାନୀ ପଟ୍ଟନାୟକ ଓ ଗୁଣୁପୁର ବ୍ଲକର ଗ୍ରାମ ରୋଜଗାର ସେବକ ଦୁଶନ୍ତ ରାଇକାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ଆଠଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ମୋଟ ୩୪ ଲକ୍ଷ ୭୮ ହଜାର ୨୫୮ ଟଙ୍କାର ପ୍ରୋସାହନ ରାଶି ବିତରଣ କରାଯାଇଥିଲା। ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ 'ଭାରତର ଭବିଷ୍ୟତ ଗଠନରେ ପଞ୍ଚାୟତିରାଜ ଅନୁଷ୍ଠାନର ଭୂମିକା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜେଶ୍ୱରୀ ଭଟ୍ଟରାୟ ପ୍ରଥମ, ଶୁଭେନ୍ଦୁକୁମାର ପାତ୍ର ଦ୍ୱିତୀୟ ଓ ବି ମୋନିକା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା। ବିହାରର ମଧୁବନୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ ସହ ପୁରୀର ତାଳବଣିଆ ଠାରୁ ରାଜ୍ୟ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ କରାଯାଇଥିଲା। ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସତ୍ୟ ନାରାୟଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦୀଶା ଶତପଥି ଏହାର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କିଡନୀ ଅଚଳ ହେତୁ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ଗ୍ରାମର ଜଣେ ଯୁବକଙ୍କର କିଡନୀ ଜନିତ ରୋଗରେ ଅକାଳ ବିୟୋଗ ଘଟିଥିବାରୁ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ତିଳକଣା ଗ୍ରାମର ଅଜୟ କୁମାର ମଳିକ (୫୪) ଗତ କିଛି ଦିନ ହେଲା କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ଅକାଳ ବିୟୋଗ ଘଟିଛି। ତାଙ୍କ ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଦାହ କରାଯାଇଥିଲା। ତାଙ୍କର ଭଣଜା ରାଧା ମାଧବ ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ଆତଙ୍କବାଦୀଙ୍କ ନରସଂହାର ବିରୁଦ୍ଧରେ ବଜରଙ୍ଗ ଦଳର ବିକ୍ଷୋଭ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ଗତ ୨୨ ତାରିଖ ଦିବାଲୋକରେ କାଶ୍ମିରୀ ଉପତ୍ୟାକାର ପହଲଗାଁରେ ପାକିସ୍ତାନୀ ସମର୍ଥିତ ଆତଙ୍କବାଦୀଙ୍କ ଦ୍ୱାରା ନିରପରାଧୀ ହିନ୍ଦୁମାନଙ୍କୁ ହିନ୍ଦୁ ପରିଚୟ ପଚାରି ଅତିନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରିବା ଦ୍ୱାରା ୨୮ଜଣହିନ୍ଦୁ ପର୍ଯ୍ୟଟକଙ୍କ ଜୀବନ ହାନି ଘଟିଛି। ଆତଙ୍କବାଦୀମାନେ ପ୍ରଥମେ ହିନ୍ଦୁ ମୁସଲିମ୍ ଅଲଗା ଅଲଗା ଠିଆ କରାଇ ତୁମର ଧର୍ମ କ'ଣ ପଚାରିବା ସହିତ ହିନ୍ଦୁ ଏବଂ ମୁସଲମାନଙ୍କୁ ଅଲଗା କରି କଲମା ପଢି ଜାଣୁନଥିବା ଲୋକଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେମାନେ କେବଳ ହିନ୍ଦୁମାନଙ୍କୁ ଖୋଜି ଖୋଜି ହତ୍ୟା କରିବା ଏବଂ ହିନ୍ଦୁ ଧର୍ମପ୍ରତି ଥିବା ସେମାନଙ୍କ ଘୃଣାକୁ ଜାହିର କରିଥିଲେ। ଏହି ଘୃଣ୍ୟ କାର୍ଯ୍ୟର ପ୍ରତିବାଦରେ ଗୁରୁବାର ବୋଲଗଡ ବଜରଙ୍ଗ ଦଳ ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବା ସହିତ ଦିବଙ୍ଗତ ଆତ୍ମାମାନଙ୍କର ସଦ୍‌ଗତି ନିମନ୍ତେ ଏକ ଦୀପଦାନ କରାଯାଇଥିଲେ।

## ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ



ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଆଜି ପାଳିତ ହୋଇଯାଇଛି। ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କ ସଂଯୋଜନା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ଉପାଧକ୍ଷ ଦେବଦତ୍ତ ତିଆଡ଼ି, ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡ଼ା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ଯୁବ ସଂଗଠକ ଶାନ୍ତନୁ ପଣ୍ଡା , ଚନ୍ଦ୍ର ଶେଖର ବେରା, ବିକାଶ ଦାସ, କେଶବ ନାଥ, ସଞ୍ଜୀବ ଜେନା, ମନୋଜ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅତିଥି ଅଧିକାରୀଗଣ ଯୋଗ ଦେଇଥିଲେ। ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉପରେ ମଞ୍ଚାସିନ ଅତିଥି ଅଧିକାରୀଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ପଞ୍ଚାୟତିରାଜ ବିଧିବ୍ୟବସ୍ଥାରେ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପାଇଁ ବେତନଟୀବ୍ଲକର ସଠିଲୋ, ବୈଶିଙ୍ଗା, ଆଗ୍ରିଆ, ରଘୁପୁର, ପୁରୁଣିଆ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ମନରେଗା ଯୋଜନାରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ମଧ୍ୟ ପଞ୍ଚାୟତ ଏବଂ ପଞ୍ଚାୟତସ୍ତରୀୟ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ନୂଆକରି ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀ ମାନଙ୍କୁ ରାସନକାର୍ଡ ପ୍ରଦାନ କରାଯାଇ ଥିବାବେଳେ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀ ମାନଙ୍କୁ ମଧ୍ୟ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ, ସମିତିସଭ୍ୟାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଦସ୍ୟା ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ। ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

## ଅଭିଯୁକ୍ତଙ୍କ କାଠ ପାଳିଆ ମାଡ଼ରେ କନେଷ୍ଟବଳ ଗୁରୁତର

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାରେ ଚାଞ୍ଚଲ୍ୟ। ଥାନା ଭିତରେ ଅଟକ ଅଭିଯୁକ୍ତର କାଠ ଫାଳିଆ ମାଡ଼ରେ ଥାନାରେ ଥିବା କନେଷ୍ଟବଳ ଗୁରୁତର ହୋଇ ବଲାଙ୍ଗିର ଭୀମ ଭୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତୁରେକେଲା ଥାନା ଢୋଲମାନ୍ଦଲ ଗ୍ରାମର ମଗଶିର ପରାଭୋଇ ଓ ତାଙ୍କ ସ୍ତ୍ରୀ ମୁରିବାହାଲ ଥାନା କୁମ୍ଭାରୀ ଗ୍ରାମକୁ ନିଜ ପୁଅର ବିବାହ ପାଇଁ ଝିଅ ମାଗି ଆସିଥିଲେ। କନ୍ୟାପକ୍ଷର ଲୋକେ ଝିଅର ବୟସ ହୋଇନଥିବାରୁ ମନା କରିଥିଲେ। ସେଠାରୁ ସ୍ୱାମୀ, ସ୍ତ୍ରୀ' ଝିଅକୁ ଅପହରଣ କରି ଫେରାର ମାରୁଥିବା ବେଳେ ଝିଅ ପକ୍ଷର ଅଭିଯୋଗ ପରେ ମୁରିବାହାଲ ପୋଲିସ ମୁରିବାହାଲ ପ୍ଲାଟଫର୍ମରୁ ଝିଅକୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖିଥିଲେ। ଅପହରଣ ମାମଲାରେ ଥାନାରେ ଅଟକ ଥିବା ମଗଶିର ପରାଭୋଇ ବିଳମ୍ବିତ ରାତ୍ରିରେ ଥାନା ଭିତରେ ପୋଲିସ କନେଷ୍ଟବଳ ସୁଦାମ ନାଗ ଙ୍କୁ ମାଡ଼ ମାରିବାରୁ ଗୁରୁତର ହୋଇଥିଲେ। ମାଡ଼ ମାରି ଥାନା ଭିତରୁ ଅଭିଯୁକ୍ତ ମଗଶିର ପରାଭୋଇ ଚମ୍ପଟ ମାରୁଥିବା ବେଳେ କାବୁ କରିଥିବା ବେଳେ ଗୁରୁତର କନେଷ୍ଟବଳ ସୁଦାମ ନାଗଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ କଣ୍ଟାବାଞ୍ଜି



ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ ହୋଇଛି। ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ।



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଖଇରପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ପଞ୍ଚାୟତ ରାଜ ଦିବସ ପାଳନ କରାଯିବା ସହିତ ୨୫ ଜଣ ନୂତନ ହିତାଧିକାରୀ ମାନଙ୍କୁ ରାସନ୍ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇ ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଆଭିମୁଖ୍ୟ ବିଷୟରେ ବୁଝାଯାଇଥିଲା। ସମିତିର ବିଡିଓ, ଅଧ୍ୟକ୍ଷ, ବିଧାୟକ ପ୍ରତିନିଧି, ସାଂସଦ ପ୍ରତିନିଧି, ଲୋକ ପ୍ରତିନିଧି, ସମାଜସେବୀ ଓ କାର୍ଯ୍ୟରତ ଅନେକ କର୍ମଚାରୀଙ୍କ ଉପସ୍ଥିତିରେ ଦିବସଟି ପାଳନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସ୍ତରର ପ୍ରତ୍ୟେକ ଯୋଜନା ଯେପରି ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତକୁ କ୍ଷମତା ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହୋଇ ଲାଭ ଉଠାଇବା ଆବଶ୍ୟକ ବୋଲି ଅତିଥି ମାନେ କହିଥିଲେ। ପ୍ରକାଶ ଥାଉ କି ଗୁରୁବାର ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ରାଜ ଦିବସ ପାଳନ କରାଯାଇଛି।



# ଅମର ସହିଦ ବାସୁ-ବିଶୁନିଙ୍କ ୧୦୩ ତମ ଆତ୍ମୋତ୍ସର୍ଗ ଦିବସ



ଆଳି, (ଭାସ୍କର ନ୍ୟୁଜ୍): ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ଅଞ୍ଚଳର ଅତ୍ୟାଚାରୀ ରାଜଶାସନରେ ଅତିଷ୍ଠ କନିକାର ପ୍ରଜାକୁଳଙ୍କୁ ମୁକ୍ତିର ମନ୍ତ୍ର ଦେଇ କ୍ରାନ୍ତିର ଆହ୍ୱାନ ଦେଇ ପ୍ରଜାମେଳିର ନେତୃତ୍ୱ ନେଇ ବ୍ରିଟିଶ ପୁଲିସ ଗୁଳିରେ ପ୍ରାଣବଳୀ ଦେଇଥିବା ଅମର ସହିଦ ବାସୁ ବିଶୁନିଙ୍କ ୧୦୩ତମ ଆତ୍ମୋତ୍ସର୍ଗ ଦିବସରେ ଆଜି କନିକାବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶା ଅସହଯୋଗ ଆନ୍ଦୋଳନର ପ୍ରଥମ ସହିଦ ଭାବେ ଖ୍ୟାତ କନିକାର ଦୁଇ ବରପୁତ୍ରଙ୍କ ଆତ୍ମ ବଳିଦାନ ଦିବସରେ ରକ୍ତସ୍ନାତା କନିକାର ସେହି ଅମା ଅନ୍ଧକାର ଯୁଗର ରକ୍ତିମ ଇତିହାସକୁ ମନେ ପକାଇ ଗୁରୁବାର କନିକା ସହିଦ ସ୍ମୃତି ସଂସଦ ବେଦର୍ଦ୍ଦୀ ସହିଦ ସରୋବର ତଟରେ କନିକା ପ୍ରଜା ଆନ୍ଦୋଳନର ଅତୀତର ପୃଷ୍ଠାକୁ ରୋମନ୍ଥନ କରିଛନ୍ତି। ବୀର ପ୍ରସବିନୀ କନିକାର ଦୁଇ ଯୋଗଜନ୍ମା ସନ୍ତାନଙ୍କ ଆତ୍ମ ବଳିଦାନ ସ୍ମରଣରେ ଉଦ୍ଦୀପିତାଙ୍କୁ ପ୍ରେରଣା ଦେଇ ନିଜ ବିପ୍ଳବୀ ମାନସିକତାକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଏକ ପର୍ଯ୍ୟଟନ ସ୍ଥଳ ଭାବେ ଜାତୀୟ ମାନ୍ୟତା ପାଇଁ ଦାବୀ କରାଯାଇଛି। ୧୯୮୦ ମସିହା ଠାରୁ ସ୍ମୃତି ସଂସଦ ପକ୍ଷରୁ ପାଳନ କରା ଯାଇ ଆସୁଥିବା କନିକାବାସୀଙ୍କ ବୀରତ୍ୱକୁ ସାବାସୀ ଜଣାଇ ଆଜି ରାଜକନିକା ବ୍ଲକର ବିଡ଼ିଓ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ମହାଳିକ ବିପ୍ଳବୀ ସହିଦ ସ୍ତମ୍ଭରେ ସହିଦଙ୍କ ସ୍ମୃତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରି ସହିଦ ପୀଠର ବିକାଶ କାମନା କରିଥିଲେ। କନିକାର ଏହି ମହାନ ଯୋଦ୍ଧାଙ୍କ ବଳିଦାନକୁ ମନେ ପକାଇ ବେଦର୍ଦ୍ଦୀ ସହିଦ ସରୋବର ତଟରେ ଥିବା ସ୍ମୃତି ସ୍ତମ୍ଭରେ ଆଜି ପ୍ରତ୍ୟୁଷରୁ ତିଳତର୍ପଣ, ରାମଧୁନ କରାଯିବା ପରେ ପ୍ରଭାତଫେରୀ କରାଯାଇଥିଲା। କନିକା ସହିଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଆଜିର ସ୍ମୃତି ଦିବସରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଗୁରୁଚରଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜକନିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗ୍ରାମୀ କନିକାର ଅସ୍ମିତାକୁ ସାବାସୀ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଥାନାଧିକାରୀ ସଞ୍ଜୟ କୁମାର ମଲିକ, ସମ୍ମାନିତ ବକ୍ତା ଭାବେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ସଂସଦର ସଦସ୍ୟ କାଳିପ୍ରସାଦ ନାୟକ, କୈଳାସ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ମିଶ୍ର, ଧନେଶ୍ୱର ରାଉତ, ନବକିଶୋର ସୁତାର, ଗୁରୁଚରଣ ବେହେରା ପ୍ରମୁଖ ସ୍ମୃତି ଚାରଣ କରି କନିକାର ବିପ୍ଳବୀ ବୁନିୟାଦର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଟସାହି ସରପଞ୍ଚ ସୀତା ଦାସ, ବୈରାଗୀ ସାହୁ, ବିଧାନ ଦାସ, ସବିତା ବରଜ, ଯୋଗେଶ୍ୱର ପ୍ରଧାନ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ଶରତ ସେଠି, ଗୁରୁଚରଣ ଭୂୟାଁ, ରମାକାନ୍ତ ବେହେରା,ଶୁଭ୍ରଜିତ ବିଶ୍ୱାଳ, ରଜତ ଦାଶ, ମଦନ ମୋହନ ସେଠି, ସ୍ୱରାଜ ଦାସ ହରେକୃଷ୍ଣ ନାୟକ, ମହେଶ୍ୱର ସାହୁ, ବିବେକାନନ୍ଦ ବେହେରା, ବିଜୟ କୁମାର ବେହେରା ଓ ପ୍ରହଲ୍ଲାଦ ସାହୁଙ୍କ ସହ କନିକା ଅଞ୍ଚଳର ବିଭିନ୍ନ ସଂଗଠନ ସଦସ୍ୟ ଓ ଜନଗଣ ଯୋଗ ଦେଇ ମାଟିର ଏହି ଅସ୍ମିତାକୁ ସାବାସୀ ଦେଇଥିଲେ। ସଂସଦର ସମ୍ପାଦକ ସୁକାନ୍ତ ଦାଶଙ୍କ ସଂଯୋଜନାରେ ବହୁ ଅନୁଷ୍ଠାନର ସଦସ୍ୟଙ୍କ ସହଯୋଗରେ ଅନୁଷ୍ଠିତ ଏହି ଦିବସରେ କନିକାବାସୀ ଅତୀତର ବୀର ସହିଦଙ୍କ ସ୍ମୃତି ଚାରଣରେ ନିଜ ଅଞ୍ଚଳର ଗାରିମା ଉଦବୁଦ୍ଧ ହୋଇଥିଲେ।

## ପଇସା ପାଇଁ ଛାତ୍ରଙ୍କୁ ମାନସିକ ଯନ୍ତ୍ରଣା

# କଳିଙ୍ଗ ଆଇ.ଟି.ଆଇ ଅଧ୍ୟକ୍ଷଙ୍କ ନାମରେ ସଂଘାତିକ ଅଭିଯୋଗ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ସହରରେ ସରକାରୀ ଜାଗାରେ ଗଢିଉଠିଥିବା ବେସରକାରୀ ଅନୁଷ୍ଠାନ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ପରିସରରେ ଅବସ୍ଥିତ କଳିଙ୍ଗ ଆଇ.ଟି.ଆଇ ଅନୁଷ୍ଠାନ ବିରୁଦ୍ଧରେ ସାଂଘାତିକ ଅଭିଯୋଗ ଆସିଛି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା କମ୍ ବେପାର ଅଧିକ ଚାଲିଛି ଯାହାକି ପଇସା ଦିଅ ସାର୍ଟିଫିକେଟ ନିଅ, ଯଦି କେହି ଦେଉନାହାନ୍ତି ତେବେ ତାହାର ଟିସି ଓରଜିନଲ ଡକ୍ୟୁମେଣ୍ଟ ବାବଦରେ ମାନସିକ ନିର୍ଯାତନା ଦିଆଯାଉଛି। କଳିଙ୍ଗଆଇ.ଟି.ଆଇର ଜଣେ ଛାତ୍ର ଏକ ସଂଘାତିକ ଅଭିଯୋଗ ନେଇ ଛତ୍ରପୁର ଉପଜିଲ୍ଲାପାଳଙ୍କ ପାଖକୁ ଦ୍ୱାରସ୍ଥ ହୋଇଛନ୍ତି। ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାଟିପଦର ଗ୍ରାମର ଶେଷଦେବ ପଲେଇ ନାମକ ଜଣେ ଛାତ୍ର ୨୦୨୦ ମସିହାରେ କଳିଙ୍ଗ ଆଇ.ଟି.ଆଇ ର ଫିଟର୍ ପାଠ୍ୟକ୍ରମରେ ତିନି ହଜାର ଟଙ୍କା ପୈଠ କରି ନାମ ଲେଖାଇଥିଲେ ଏବଂ ଆଇ.ଟି.ଆଇ କର୍ତ୍ତୃପକ୍ଷ ତାଙ୍କୁ ସାର୍ଟିଫିକେଟ ଚେକିଂ ନିମନ୍ତେ ସମସ୍ତ ଅସଲି ସାର୍ଟିଫିକେଟ ମାଗିଥିଲେ ପରେ ଫେରାଇ ଦେବେ ବୋଲି କହିଥିଲେ। କିନ୍ତୁ ଉକ୍ତ ଛାତ୍ର ପାରିବାରିକ ଅସୁବିଧା ହେତୁ ଛାତ୍ର ଜଣକ ପାଠ ପଢି ନପାରି ବାହାରକୁ କାମ କରିବାକୁ ଚାଲି ଯାଇଥିଲେ ଏବଂ ଗୋଟିଏ ମଧ୍ୟ କ୍ଲାସ କିମ୍ବା ପରୀକ୍ଷାରେ ଯୋଗ ଦେଇପାରି ନଥିଲେ। ବର୍ତ୍ତମାନ ଯେତେବେଳେ ଦୀର୍ଘ ପାଞ୍ଚବର୍ଷ ପରେ ଛାତ୍ର ଜଣଙ୍କ ନିଜ ଓରଜିନଲ ବୋର୍ଡ଼ ସାର୍ଟିଫିକେଟ କଲେଜକୁ ମାଗିବାକୁ ଆସିବାରୁ ତାଙ୍କୁ ସମସ୍ତ ଟଙ୍କା ପୈଠ କରିବାକୁ ବାଧ କରିଥିଲେ। ତାହା ନ କଲେ ସାର୍ଟିଫିକେଟ ଫେରାଯିବ ନାହିଁ ବୋଲି କହିଥିଲେ ଏବଂ ବାରମ୍ବାର ଛାତ୍ର ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ସାର୍ଟିଫିକେଟ ଫେରାଇ ବାକୁ ନେହୁରା ହୋଇ ନିବେଦନ କଲେ ମଧ ଉକ୍ତ ଛାତ୍ରଜଣଙ୍କ କଥା କର୍ଣ୍ଣପାତ ନକରି ପଇସା ଦେବା ପାଇଁ ମାନସିକ ନିର୍ଯ୍ୟାତନା ଦେଉଛନ୍ତି ବୋଲି ଗୁରୁବାର ଛାତ୍ର ଜଣଙ୍କ ଉପଜିଲ୍ଲାପାଳଙ୍କ ପାଖେ ଅଭିଯୋଗ କରିବା ସହ ସାର୍ଟିଫିକେଟ ପାଇଁ ଗୁହାରି ଜଣାଇଛନ୍ତି।

## ବିଶିଷ୍ଟ ପାଲା କଳାକାର ବଂଶୀଧର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ହରସିଂହପୁର ଗ୍ରାମର ବରିଷ୍ଠ ପାଲା କଳାକାର ବଂଶୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଗୁରୁବାର ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପାଲା ଗାୟକ ଗଣେଶ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ କଳାକାର ସଂଘର ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପାଲା କଳାକାର ପ୍ରାଣବନ୍ଧୁ ପରିଡ଼ା ଓ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କଳାକାରମାନେ ସମାଜ ପରିବର୍ତ୍ତନ ପାଇଁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲା କଳାକାର ବାବାଜୀ ବେହେରା, ବିଷ୍ଣୁମୋହନ ବଳ, କଳାକାର ଅମର ସେଠୀ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଭଣଜା ସୁଶାନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଭଣଜା ଶରତ ପଣ୍ଡା, ରାଜେନ୍ଦ୍ର ଖଟୁଆ, ବୋହୂ ପ୍ରଣତି ପଣ୍ଡା, ଝିଅ ସତ୍ୟଭାମା ମିଶ୍ର, ମନୋରମା ପଣ୍ଡା, ମାଳତୀ ପଣ୍ଡା, ଭଉଣୀ ବାସନ୍ତୀ ପଣ୍ଡା, ଜ୍ୱାଇଁ ପ୍ରମୋଦ ମିଶ୍ର, ରାମକୃଷ୍ଣ ପଣ୍ଡା, ନାତି ପ୍ରଦ୍ୟୁମ୍ନ ମିଶ୍ର ଓ ପ୍ରସନ୍ନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଆଜି ପୁରୀର ତାଳବଣିଆ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଏହି ଦିବସ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲ, ପି ଏମ ଏସ ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମ ପୋର୍ଟାଲ ଓ ମୋବାଇଲ ଆପର ଶୁଭାରମ୍ଭ କରିବା ସହିତ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ ୧,୩୮, ୦୦୦ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ, ୩୧୪ ଟି ବ୍ଲକସ୍ତରୀୟ ଷ୍ଟାଡିଅମର ଭିତ୍ତିପ୍ରସ୍ତର ସ୍ଥାପନ ଓ ୨ ଲକ୍ଷରୁ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ଗୁରୁବାର ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ-୨୦୨୫ ପାଳିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଏପିଡି (ପ୍ରଶାସନ) ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଗତ ୨୨ ତାରିଖ କାଶ୍ମିର ର ପହଲଗାମ ଠାରେ ଆତଙ୍କବାଦୀଙ୍କ ବର୍ବରତାର ଶିକାର ହୋଇ ଗୁଳିରେ ନିହତ ହୋଇଥିବା ଲୋକମାନଙ୍କ ଅମର ଆତ୍ମାର ସଦଗତି ପାଇଁ ୧ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାରତୀ ହାଁସଦା ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ ହେତୁ ଏହାର ଉପକାରିତା ଉପଲବ୍ଧି ଉପରେ ଆଲୋକପାତ କରି କହିଥିଲେ ଗ୍ରାମ ସଶକ୍ତ ହେଲେ ସେଇ ଅନୁସାରେ ଜିଲ୍ଲା, ରାଜ୍ୟ ଓ ଦେଶ ସଶକ୍ତ ହେବ। ଏହି ଅବସରରେ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଯୋଜନାରେ ଉତ୍ତମ ପ୍ରଦର୍ଶନ କରିଥିବା କିଛି ବ୍ଲକ ଓ ଗ୍ରାମ ପଞ୍ଚାୟତକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ କିଛି ହିତାଧିକାରୀଙ୍କୁ ନୂତନ ରାସନକାର୍ଡ଼ ବଣ୍ଟନ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜନ ପ୍ରତିନିଧି, ପଞ୍ଚାୟତ ସମିତିର ନିର୍ବାଚିତ ସଦସ୍ୟ-ସଦସ୍ୟା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀ ଶ୍ରୀ ମଉଡମଣି ପୂଜା ପ୍ରତିଷ୍ଠାନର ଜଳଛତ୍ର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ମଉଡମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନା ବଜାରର ପ୍ରତିବର୍ଷ ପରି ଚଳିତ ବର୍ଷ ଜଳଛତ୍ରର ଶୁଭାରମ୍ଭ ହୋଇଯାଇଅଛି । ଟ୍ରଷ୍ଟର ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ ଓ ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି ଫିତା କାଟି ଏହାର ଶୁଭାରମ୍ଭ କରିଛନ୍ତି। ଟ୍ରଷ୍ଟର ଉପାଧ୍ୟକ୍ଷ ବିରଂଚି ନାରାୟଣ ସାହୁ, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ପୂଜା କମିଟିର ସଂପାଦକ ପୀତବାସ ସାହୁ, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ଉପସଭାପତି ଉଦୟନାଥ ବେହେରା, କୋଷାଧ୍ୟକ୍ଷ ଦୟାନିଧି ବେହେରା, ବଦନ ପାତ୍ର, ଯଶୋବନ୍ତ ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ଚିଲା ସାହୁ, ଦାମୋଦର ରଣାଙ୍କ ସମେତ ଟ୍ରଷ୍ଟ ସଭ୍ୟ ଓ କମିଟି ସଭ୍ୟମାନେ ସହଯୋଗ କରିଥିଲେ। ଗ୍ରୀଷ୍ମ ପ୍ରବାହରୁ ଯାତ୍ରୀମାନଙ୍କୁ ଏହି ପଦକ୍ଷେପ ସହାୟକ ହେବ ବୋଲି ଆଶା କରିଛନ୍ତି।

## ଶାସକ ଓ ବିରୋଧୀଙ୍କ ତୁତୁ ମେମେ ଅଭିଭାଷଣରେ ଦର୍ଶକ ଅବାକ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅଭାସୀ ମାଧ୍ୟମରେ ୨୪ଏପ୍ରିଲରେ ଜାତୀୟ ପଞ୍ଚାୟତ ରାଜ ଦିବସରେ ସରକାରଙ୍କ ଦ୍ୱାରା ୬ଲକ୍ଷ ହିତଧୀକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ, ୪,୧୧୪କୋଟି ଟଙ୍କା ମୂଲ୍ୟର ବ୍ଲକସ୍ତରୀୟ ଷ୍ଟାଡ଼ିୟମ ଭିତ୍ତି ପ୍ରସ୍ତର ସ୍ଥାପନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ ୧,୩୮୦୦ ଟଙ୍କା ପର୍ଯ୍ୟନ୍ତ ସବସିଡ଼ି ପ୍ରଦାନ, ଫୁଟବଲ/କ୍ରିକେଟ ପଡିଆ, ଆଥଲେଟିକ ଟ୍ରାକ ଏବଂ ଜୋମ୍ପ ଏରିୟା, ଭଲିବଲ, ଖୋ ଖୋ, କବାଡ଼ି କୋର୍ଟ, ଓ୍ୱଣ୍ଡୋର ହଲ, ସୁବିଧା କେନ୍ଦ୍ର ଭଳି ବିଭିନ୍ନ ଯୋଜନାକୁ ଅଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ତେବେ କୋଷାଗୁମୁଡ଼ା ବିଡ଼ିଓ ଆଶିଷ ତ୍ରିପାଠୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଞ୍ଚ ପରିଚାଳନା ଦିଲ୍ଲୁ ଜଗଦେବ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶାସକ ଦଳର ସଦସ୍ୟଙ୍କ ମନ୍ତବ୍ୟକୁ ବିରୋଧୀ ଦଳର ସଦସ୍ୟ ସର୍ବସାଧାରଣରେ ଶାଳୀନତା ଓ ନମ୍ରତା ରଖିବା ସହ ବାରମ୍ବାର ପୂର୍ବ ସରକାରଙ୍କ କାର୍ଯ୍ୟକଳାପ ଉପରେ ବାରମ୍ବାର ନିନ୍ଦା ନକରିବା ଉପରେ ବର୍ଷି ଥିବାର ଦୃଶ୍ୟ ସାଧାରଣରେ ଉପସ୍ଥିତ ଲୋକେ ଅବାକ ହୋଇଥିବା ସାଧାରଣରେ ଦେଖିବାକୁ ମିଳିଛି। ବିଜୁବାବୁଙ୍କ ଦ୍ୱାରା ଆରୋମ୍ଭ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ରାଜ ଦିବସକୁ ଚଳିତ ମାସ ୫ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସରକାର ବନ୍ଦ କରିବାକୁ ନେଇ ବିଜେଡ଼ି ଦୋଳର ପକ୍ଷରୁ ଦୃଢ଼ ନିନ୍ଦା କରୁଛୁ ବୋଲି ବିରୋଧୀ ଦଳର ନେତା ଯୋଗେନ୍ଦ୍ର ସ୍ୱାଇଁ ଓ ବଦ୍ରିନାରାୟଣ ସିଂ କହିଛନ୍ତି। ସେଭଳି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଆଭାସି କାର୍ଯ୍ୟକ୍ରମ ସମୟରେ ଡାବୁଗାଁ ବିଧାୟକଙ୍କ ଦ୍ୱାରା ନୂତନ ରାସନ କାର୍ଡ ପ୍ରଦାନ, ସାଢ଼େ ୧୧ଟାରେ ଅଭାସୀ ଭିଡିଓ ପେନେଲ ଲଗାଇବା, ଭାଇସ ଚେୟାରମ୍ୟାନ ଓ ଅନ୍ୟାନ୍ୟ ସଦସ୍ୟ, ସିଆର୍ପି, ଏମ୍ବିକେ, ଏସଏଚଜି ମହିଳାମାନେ ଶୋଭାସ୍ଥଳରୁ ଚାଲିଯିବା ଭଳି ଘଟଣା ଉପରେ କୋଷାଗୁମୁଡ଼ା ବିଜେପି ସଭାପତି ଧନେଶ୍ୱର ଭତ୍ରା ଓ ଦୟାସିନ୍ଧୁ ଭତ୍ରା ଦୃଢ଼ ନିନ୍ଦା କରିବା ସହ ଆଜିର କାର୍ଯ୍ୟକ୍ରମ ଏକ ନିମ୍ନତର, ବିପର୍ଯ୍ୟସ୍ତ ଭାବରେ ଅନୁଷ୍ଠିତ ହୋଇଥିଲା ବୋଲି ଅଭିଯୋଗ ସହ ନିନ୍ଦା କରିଛନ୍ତି। ତେବେ ଏହି ଜାତୀୟ ପଞ୍ଚାୟତ ରାଜ କାର୍ଯ୍ୟକ୍ରମ କୋଷାଗୁମୁଡ଼ାରେ ଦୁଇ ଦଳଙ୍କ ତୁତୁ ମେମେରେ ଶେଷ ହୋଇଥିବା ସାଧାରଣରେ ଦେଖିବାକୁ ମିଳିଥିଲା।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ୨୦୨୫ ପାଳିତ ହୋଇଯାଇଛି। ପୁରୀ, ତାଳବଣିଆଠାରେ ଆୟୋଜିତ ହୋଇଥିବା 'ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫' ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଏ ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ ସହିତ ଇ-ପଞ୍ଚାୟତ ସଭା ପୋର୍ଟାଲର ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ପ୍ରକଳ୍ପର ରେକର୍ଡ ପ୍ରସ୍ତୁତି, ମଞ୍ଜୁରୀ ଓ ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ପାଇଁ 'ପି.ପି.ଏମ୍.ଏସ୍' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଥିଲେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଇସ୍ତରୀୟ ପଞ୍ଚାୟତିରାଜ ଦିବସ ଅବସରରେ କାର୍ଯ୍ୟ ଦକ୍ଷତାରେ ଶ୍ରେଷ୍ଠତମ ପ୍ରତିପାଦନ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକର ଦେଉଳି ପଞ୍ଚାୟତକୁ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ଶୁଳିଆପଦା ବିଡ଼ିଓ ଅନୁପମା ଘୋଷ, ଦେଉଳି ପଞ୍ଚାୟତ ନିର୍ବାହୀ ଯନ୍ତ୍ରୀ ଅଲିଭ ରଞ୍ଜନ ମହାନ୍ତ ଏବଂ ସରପଞ୍ଚଙ୍କୁ ଏକ ମାନପତ୍ର ଓ ସିଲ ପ୍ରଦାନ କରିଥିଲେ। ଶୁଳିଆପଦା ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ଅବସରରେ ନିର୍ବାଚିତ ପ୍ରତିନିଧି ସହ ଶତାଧିକ ଜନସାଧାରଣ ଉପସ୍ଥିତ ଥାଇ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଭିଡିଓ କନଫାରେନ୍ସ ମଧ୍ୟରେ ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ପାନମଣି ମାରାଣ୍ଡି, ଭାଇସ ଚେୟାରମ୍ୟାନ ଜ୍ୟୋତିଲାଲ ବାରିକ, ଜିଲ୍ଲାପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ,ବିଜେପି ମଣ୍ଡଳ ସଭାପତି ପ୍ରଭାତୀ ସେଠୀ, ମନୋଜ କୁମାର ଦାନ ଉପସ୍ଥିତ ଥିବାବେଳେ ସହକାରୀ ଯନ୍ତ୍ରୀ ନନ୍ଦକିଶୋର ସୋରେନ ମଞ୍ଚ ପରିଚାଳନା କରିଥିଲେ।


# ଅଘୋଷିତ ବିଦ୍ୟୁତକାଟ ଯୋଗୁଁ ଲୋକେ ହନ୍ତସନ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଟାଟା ପାୱାରର ଦବଙ୍ଗଗିରି ଜାରି ରହିଛି। ଟାଟା ପାୱାର ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛି। ଟାଟା ପାୱାର ଘନ ଘନ ଅଘୋଷିତ ବିଦ୍ୟୁତକାଟ କରୁଥିବାରୁ ସାଧାରଣ ଜନତା ତ୍ରାହି ତ୍ରାହି ଡାକୁଛନ୍ତି। ଏପରିକି ଆଗାମୀ ଦିନରେ ଲୋକେ ଗଣ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ଟାଟା ପାୱର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଅସୁରେଶ୍ୱର ନିଶ୍ଚିନ୍ତକୋଇଲି, ଓରିକଣ୍ଟା ଆଦି ୩ଟି ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ଟାଟା ପାୱାର ଲୋକଙ୍କୁ ଆର୍ଥୀକ ଶୋଷଣ କରି କଡାଗଣ୍ଡା ବିଦ୍ୟୁତଦେୟ ଆଦାୟ କରୁଥିଲା ବେଳେ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏପରିକି ଦୈନନ୍ଦିନ ସ୍ଥାନୀୟ ଅଂଚଳରେ ବିଦ୍ୟୁତଖୁଣ୍ଟ ଓ ତାରର ମରାମତି ତଥା ରକ୍ଷଣାବେକ୍ଷଣ ଆଳ ଦେଖାଇ ଘନ ଘନ ବିଦ୍ୟୁତକାଟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଅଞ୍ଚଳର ବିଦ୍ୟୁତଖୁଣ୍ଟ ତାରର ମରାମତି ଓ ରକ୍ଷଣା ବେକ୍ଷଣା ନିମନ୍ତେ ସରକାର ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ତାହାର ଦୂରୁପଯୋଗ କରାଯାଉଥିବାର ଅଭିଯୋଗ ହୋଇଛି। ବହୁ ସ୍ଥାନରେ ବିଦ୍ୟୁତଖୁଣ୍ଟ ଓ ତାର ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା କାରଣରୁ ବହୁ ସମୟରେ ଲୋକେ ମୃତ୍ୟୁମୁଖରେ ପଡିଥିବାର ନଜିର ରହିଛି। ସେହିପରି ଭବେ ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଇଛି। ଝାଞ୍ଜିପବନ ବହିବା କାରଣରୁ ସକାଳ ୮ଟା ବାଜିଲା ମାତ୍ରେ ଘରୁ ପଦାକୁ ବାହାରି ହେଉନାହିଁ। ଦେହରୁ ଗମ ଗମ ଝାଳ ବହୁଛି। ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଏପରିସ୍ଥଳେ ଟାଟା ପାୱାର ତରଫରୁ ଘନଘନ ଅଘୋଷିତ ବିଦ୍ୟୁତକାଟ କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ବିଦ୍ୟୁତକାଟ ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନକରିବା ନିମନ୍ତେ ସରକାର ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଟାଟାପାୱାର କର୍ମଚାରୀ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦିଆଯାଉଛି। ଟାଟାପାୱାରର କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କୁ ନାଲିଆଖି ଦେଖାଇ ଜୋର ଜବରଦସ୍ତ ବିଦ୍ୟୁତବିଲ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ବିଦ୍ୟୁତ ବିଲ ନଦେଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଥିବାର ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ଅଂଚଳବାସୀ ସର୍ବୋପରି ଗର୍ଭବତୀ ପ୍ରସୂତି ମହିଳା ରୋଗାଗ୍ରସ୍ତ ଲୋକେ ସର୍ବୋପରି କୋମଳମତି ଶିଶୁମାନେ ଅସହ୍ୟ ଗରମରେ ଉହଳବିକଳ ହେଉଥିଲା ବେଳେ ଟାଟା ପାୱାର ଘନ ଘନ ବିଦ୍ୟୁତକାଟ ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ନଚେତ ଆଗାମୀ ଦିନରେ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇପାରେ ବୋଲି ମତପ୍ରକାଶ ପାଇଛି।

## କାଶ୍ମୀରରେ ମୃତ ପର୍ଯ୍ୟଟକଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କାଶ୍ମୀରର ପହଲଗାଁଓ ପର୍ଯ୍ୟଟନ ସ୍ଥଳରେ ଜେହାଦୀ ମାନେ ଯେପରି ହିନ୍ଦୁ ପର୍ଯ୍ୟଟକମାନଙ୍କୁ ବାଛି ବାଛି ନୃଶଂସ ଭାବେ ହତ୍ୟା କଲେ ତାହାକୁ କେନ୍ଦ୍ରାପଡା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ଦୃଢ ନିନ୍ଦା କରିଛି। ଗୁରୁବାର ସନ୍ଧ୍ୟାରେ ମହାସଙ୍ଘର ସଭାପତି ଶରତ କୁମାର ବେହୁରାଙ୍କ ଆହ୍ୱାନରେ ମହାସଙ୍ଘର କାର୍ଯ୍ୟାଳୟରେଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଦେଶପାଇଁ ଜେହାଦୀ ମାନଙ୍କ ଏପରି ବର୍ବରକାଣ୍ଡ ଏକ କଠୋର ଆହ୍ୱାନ ବୋଲି ଦର୍ଶାଇ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଗୁଡିକ ନିଜକୁ କେବଳ ମହାନ ଭାରତବର୍ଷର ସନ୍ତାନ ବୋଲି ମନେକରି ଜେହାଦୀ ନିପାତ ପାଇଁ ଦେଶବାସୀ ସମ୍ପୂର୍ଣ୍ଣ ଏକଜୁଟ ହେବାକୁ ଶୋକସଭାରେ ମତବ୍ୟକ୍ତ କରାଯାଇଥିଲା। ଏହି ଦୁଃଖଦ ଘଟଣାରେ ନିହତମାନଙ୍କ ଅମରଆତ୍ମାର ସଦଗତି କାମନା ପୂର୍ବକ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଢିଆରୀ, ସଂଯୋଜକ ଚନ୍ଦନ କୁମାର ପରିଡା, ଉପଦେଷ୍ଟା ଗଙ୍ଗାଧର ପରିଡା, ଭାଗିରଥି ଜେନା, ତରୁଣ ପ୍ରଧାନ, ଡ. ଚୈତନ୍ୟ ଚରଣ ପରିଡା, ଅମରବର ବିଶ୍ୱାଳ, ଗୋଲଖ ପରିଡା, ଉମାକାନ୍ତ ବଳ, ସୁମନ୍ତ ରାଉତ, ସଂଗ୍ରାମ ଜେନା, ଅକ୍ଷୟ କୁମାର ମେକାପ, ଶାନ୍ତିସ୍ୱରୂପ ଭୂୟାଁ, ଚିତ୍ତରଞ୍ଜନ ବଳ ପ୍ରମୁଖ ସାମିଲ ଥିଲେ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ଆସିକା କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ଆସିକା, (ଭାସ୍କର ନ୍ୟୁଜ୍): କାଶ୍ମୀର ଅନନ୍ତନାଗ ଜିଲ୍ଲାର ପହଲଗାମ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଘଟଣାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆଖିବୁଜା ଗୁଳିକାଣ୍ଡ ଘଟଣାରେ ୨୬ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ପ୍ରାଣ ହରାଇବା ଓ ଅନେକ ଆହତ ହେବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନୀରିହ ବ୍ୟକ୍ତିଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ସହ ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବୀ କରି ଗୁରୁବାର ସନ୍ଧ୍ୟାରେ ପଶ୍ଚିମ ଭାଗ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ନେତୃତ୍ୱରେ ଆସିକା ବିଜୁପଟ୍ଟନାୟକ ଛକଠାରୁ ଏକ ବିରାଟ କେଣ୍ଡେଲ ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦ୍ଦାବାଦରେ ପ୍ରକମ୍ପିତ ହୋଇଥିଲା। ଏହି ଶୋଭାଯାତ୍ରା କଳିଙ୍ଗରୋଡ ଦେଇ ଲକ୍ଷ୍ମୀ ବଜାର ଦେଇ ହାଟପଦା ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆସିକା ଟାଉନହଲ ଠାରେ ଏକ ସଭାର ଆୟୋଜନ କରାଯାଇ ପାକିସ୍ତାନର ବର୍ବରତା ଉପରେ ବର୍ଷି ଥିଲେ ଉପସ୍ଥିତ କଂଗ୍ରେସ କର୍ମୀ। ଆତଙ୍କବାଦୀଙ୍କ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହି ଘଟଣା ଅତ୍ୟନ୍ତ ଅମାନବୀୟ ଓ ଅକ୍ଷମଣୀୟ ହୋଇଥିଲା ବେଳେ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ଲକ୍ଷ୍ୟ କରାଯାଇଥିଲା। ଏହି ପ୍ରତିବାଦ ଶୋଭାଯାତ୍ରାରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପଶ୍ଚିମ ଭାଗ ସଭାପତି ରବୀନ୍ଦ୍ର ନାଥ ଶର୍ମା, ଆସିକା ସାଂସଦ ପାର୍ଥି ଦେବକାନ୍ତ ଶର୍ମା, ଆସିକା ବିଧାୟକ ପାର୍ଥି ସୁରଭି ବିଷୋଇ, ନାରୀ ନେତ୍ରୀ ସୂଦୀପ୍ତା ଦାସ, ଦାମୋଦର ପଲ୍ଲୀ କମଳ ରେଡ୍ଡୀ, ସୋରଡ଼ା ବିଧାୟକ ହରେକୃଷ୍ଣ ରଥଙ୍କ ସମେତ ବହୁ ଯୁବ ଓ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

# ପଞ୍ଚାୟତିରାଜ ଦିବସ ପାଳିତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଆଜି ରାଷ୍ଟ୍ରୀୟ ପଞ୍ଚାୟତରାଜ ଦିବସ। ୭୩ତମ ସମ୍ବିଧାନ ସଂଶୋଧନ ସହ ତୃଣମୂଳ ସ୍ତରରେ ଗଣତନ୍ତ୍ରର ବିଜୟ ଦିବସ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡି ପଞ୍ଚାୟତରେ ବହୁ ଆଡମ୍ବର ସହିତ ପାଳନ ହୋଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କୁହୁଡିର ପୂର୍ବତନ ଦିବଂଗତ ସରପଞ୍ଚ ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। କାଶୀନାଥ ପଳାଇ, ଗୋପାଳ ଇନ୍ଦ୍ରଜିତ, ଭ୍ରମରବର ସାମନ୍ତସିଂହାର ଓ କାଶୀନାଥ ମାନସିଂହଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଧାୟକ କୁହୁଡି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଲୋକଙ୍କ ଦାବି ମୁତାବକ ରେଳ ଷ୍ଟେସନରେ ହୀରାଖଣ୍ଡ ଏକ୍ସପ୍ରେସ୍ ରହଣି, ପୁରୀ ତିରୁପତି ଏକ୍ସପ୍ରେସ୍ ରହଣି ବ୍ୟବସ୍ଥା, କୁହୁଡି ଡାକ୍ତରଖାନାକୁ ଉନ୍ନତୀକରଣ ଓ ବିଭିନ୍ନ ରାସ୍ତାର ଉନ୍ନତିକରଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କୁହୁଡି ଗ୍ରାମର ଏକ୍ସ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, କୁହୁଡି ଗ୍ରାମର ସରପଞ୍ଚ ପ୍ରୀୟମ୍ବଦା ବେହେରା, ଜନନେତା ଜୟରାମ ବେହେରା, ତାରା ଶାସମଲ, ଚୈତନ୍ୟ ପରିଡ଼ା, ଶ୍ରୀନିବାସ ବିଶ୍ୱାଳ ଓ ରାମଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦକ୍ଷତା ସମ୍ପନ୍ନ ଛାତ୍ରଛାତ୍ରୀ, କୃଷକ, ଶିକ୍ଷାବିତ୍, କ୍ରୀଡ଼ାବିତ୍, କଳାକାର, ସମାଜସେବୀ ଓ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ନିରଞ୍ଜନ ବଳବନ୍ତରାୟ, ସନ୍ତୋଷ ସାହୁ ଓ ନିରଞ୍ଜନ ତରାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ।

## ଅଜଣା ଗାଡି ଧକ୍କାରେ ମୃତ୍ୟୁ ସନ୍ଦେହ

ଗରଦପୁର,(ଭାସ୍କର ନ୍ୟୁଜ୍): ଗୁରୁବାର ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତ ନୟନପୁର ପୋଲ ନିକଟରେ ନେମାଳ ଥାନା ଅଧିନ ନାହାଳପୁର ଗ୍ରାମର ପୁରଷ୍ତମ ମଳିକ ନାମକ ଜନୈକ ୬୦ ବର୍ଷୀୟ ବ୍ୟକ୍ତି ଦିବା ସାଢେ ୩ ଘଟିକା ସମୟରେ ମରି ପଡିଥିବାର ଦେଖିବାକୁ ମିଳିଥିଲା। ମୃତ ପୁରଷ୍ତମ ଜଣେ ବ୍ୟବସାୟୀ ହୋଇଥିବା ବେଳେ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଶୁଣିବାକୁ ମିଳୁଛି। ଖବର ପାଇ କୁଦାନଗରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ବ୍ୟକ୍ତିଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି କୁଦାନଗରୀ ପୋଲିସ କହିଛି।

## ଆତଙ୍କୀ ଆକ୍ରମଣ ବିରୋଧରେ ବଣିକ ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା

ରାଜନଗର, (ଭାସ୍କର ନ୍ୟୁଜ୍): କାଶ୍ମୀର ପହଲଗାମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଲକ୍ଷ୍ୟ କରି ପାକିସ୍ତାନୀ ଆତଙ୍କୀଙ୍କ ଆକ୍ରମଣରେ ୨୮ ଜଣ ପର୍ଯ୍ୟଟକ ସହିଦ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୨ ଜଣେ ଓଡ଼ିଆ ପର୍ଯ୍ୟଟକ ଥିଲେ। ଆତଙ୍କବାଦୀ ମାନେ ହିନ୍ଦୁ ମାନଙ୍କୁ ନାମ, ଧର୍ମ ପଚାରି ପରିବାରଙ୍କ ସାମ୍ନାରେ ଗୁଳି କରିବା ଅତ୍ୟନ୍ତ ଦୁଃଖ ଦାୟକ ଓ ହୃଦୟ ବିଦାରକ ଦୃଶ୍ୟ ଥିଲା। ଏହା ଏକ ଜଘନ୍ୟ ନରସଂହାର ଓ ଧାର୍ମିକ ଉତ୍ପୀଡ଼ନ, ଏହି ଅପରାଧ ଦେଶର ସାମ୍ପ୍ରଦାୟିକ ଏକତାକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ଏହି ଆକ୍ରମଣକୁ ନେଇ ରାଜ୍ୟ ସାରା ପ୍ରତିବାଦ ଶୋଭାଯାତ୍ରା କରାଯାଉ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ସଭାପତି ବାଇଧର ସେଠି ଓ ସମ୍ପାଦକ ସତ୍ୟବାନ ସେଠିଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସଂଧ୍ୟା ୭ଟାରୁ ଜଗନ୍ନାଥ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ତାରିଣୀ ମନ୍ଦିରରେ ସମାପନ୍ନ କରିଥିଲେ। ଶୋଭାଯାତ୍ରା କାରୀ ପାକିସ୍ତାନ ମୁର୍ଦ୍ଦାବାଦ ନାରାରେ ବଜାର କମ୍ପୁଥିଲା। ଏହି କାର୍ଯ୍ୟକ୍ରମରେ ବଣିକ ସଂଘର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର

ପୃଷ୍ଠା-୧୧
Page-11
ଭୁବନେଶ୍ୱର
Bhubaneswar
୨୫.୦୪.୨୦୨୫
25.04.2025



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିନକୁ ଦିନ ରାଜଧାନୀ ଭୁବନେଶ୍ୱରରେ ବଢ଼ିଚାଲିଛି ମଶାଙ୍କ ଉତ୍ପାତ । ଦିନ ହେଉ ଅବା ସନ୍ଧ୍ୟା ହେଉ ମଶାଙ୍କ ଦାଉରେ ଜଳବଲ ସହରବାସୀ, ସତେ ଯେପରି ମଶାଙ୍କ କବ୍ଜାରେ ରାଜଧାନୀ ଭୁବନେଶ୍ୱର । ଟିକେ ବସିଲେ ମଶା, ଗୋଡ଼, ହାତ ସବୁକୁ ଫୁଣି ପକାଉଛନ୍ତି । ଦେହ ହାତ ନାଲି ପଡ଼ି ଫୁଲି ଯାଉଛି । ମଶା ବସେଇ ଉଠେ ଦେଉନି । ପାଠ ପଢ଼ି ବି ହେଉନି । ଦିନରେ ପ୍ରଶ୍ନ ଉଠେ ରାତିରେ ମଶାଙ୍କ ଦୌରାତ୍ମ୍ୟ ନିଦ ହେଲେ ଦେଉଛି । ଏ ନେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗିର ଷଷ୍ଠ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସଙ୍କୁ ପତ୍ର ଲେଖି ଭୁବନେଶ୍ୱର କୁ ମଶା ମୁକ୍ତ କରିବା ଲାଗି ନିବେଦନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ଅପ୍ରେଲ ମାସ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । କିନ୍ତୁ ଏଠାରେ ଏହି ଦିବସ ପାଳନ କେବଳ ସ୍ଲୋଗାନରେ ସୀମିତ ରହିଲା ପରି ମନେହୁଏ । ସାଧାରଣରେ ପ୍ରଶ୍ନ ଉଠେ, ମଶା ଦମନ ପାଇଁ ସରକାର ବହୁଳ କୋଟି କୋଟି ଖର୍ଚ୍ଚ କରୁଛି ଭୁବନେଶ୍ୱର ମହାନଗର ନିଗମ ପ୍ରଶାସନ । କିନ୍ତୁ ନିଗମ କର୍ତ୍ତୃପକ୍ଷ ଏଥିରେ ସମ୍ପୂର୍ଣ୍ଣ ବିଫଳ ଯାହା ସ୍ମାର୍ଟ ସିଟିର ମଶା ପ୍ରମାଣିତ କରିଥାଏ ।

# ପୂର୍ବ ଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଉତ୍କଳ ହସ୍ପିଟାଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱର ଏକ ନମ୍ବର ଏଆଇ ସିଆରଏମନ୍ତ, ସେଲ୍ସଫୋର୍ସ ଆଜି ଓଡିଶାର ଘରୋଇ କ୍ଷେତ୍ରରସର୍ବବୃହତ ସ୍ୱତନ୍ତ୍ର ହସ୍ପିଟାଲ ଉତ୍କଳ ହସ୍ପିଟାଲ ସହୁ ସହଭାଗିତା ସମ୍ପର୍କରେ ଘୋଷଣା କରିଛି । ଏହି ସହଭାଗିତା ସହିତ ଉତ୍କଳ ହସ୍ପିଟାର ସେଲ୍ସଫୋର୍ସ ଏବଂ ଡଫୋସିକୁ ଗ୍ରହଣ କରିଥିବା ପୂର୍ବ ଭାରତର ପ୍ରଥମ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ପରିଣତ ହୋଇଛି । ଏକେଟଫୋର୍ସ ଓ ସେଲ୍ସଫୋର୍ସ ହେଲଥ ସୁଭତର କାର୍ଯ୍ୟକାରିତା ମାଧ୍ୟମରେ ଏହି ରଣନୈତିକ ସହଭାଗିତା ରୋଗୀଙ୍କ ତଥ୍ୟକୁ ଏକତ୍ରିତ କରି, ପରିଚାଳନାକୁ ଶୃଙ୍ଖଳିତ କରି ଏବଂ ସେଲ୍ଫ-ସର୍ଭିସ କ୍ଷମତାଗୁଡିକ ସହ ରୋଗୀଙ୍କୁ ସଶକ୍ତ କରି ଡିଜିଟାଲ ରୂପାନ୍ତରଣକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖୁଛି, ଯାହା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଉଦ୍ଭାବନ ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ଉତ୍କଳ ହସ୍ପିଟାଲ ରୋଗୀଙ୍କ ଯୋଗଦାନକୁ ଉନ୍ନତ କରିବା ଓ ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ଏକେଟଫୋର୍ସ, ସେଲ୍ସଫୋର୍ସ ସେଣ୍ଟ୍ରାଲର ଓ ଏଆଇ ପରିଚାଳିତ ଚାଟବଟ ସମେତ ସେଲ୍ସଫୋର୍ସ ଟୁଲଗୁଡିକର ଏକ ରେଞ୍ଜର ବ୍ୟବହାର କରିବ । ହସ୍ପିଟାଲ ଇନ୍ଫର୍ମେଶନ ମ୍ୟାନେଜମେଣ୍ଟ ସିଷ୍ଟମ, ଇଲେକ୍ଟ୍ରୋନିକ ମେଡିକାଲ ରେକର୍ଡ (ଇଏମଆର) ଓ ଏଡ୍ଲେଲ ଭଳି ଭିନ୍ନ ଭିନ୍ନ ସିଷ୍ଟମରୁ ରୋଗୀଙ୍କ ତଥ୍ୟକୁ ଏକ ସିଙ୍ଗଲ ୩୬୦ ଡିଗ୍ରୀ ଭୂରେ ଏକତ୍ରିତ କରି ହସ୍ପିଟାଲ ଏହାର ଭଲ ସଂଟର, ମେଡିସିନ ଅର୍ଡର ଓ ସେଲ୍ଫ-ସର୍ଭିସ ପୋର୍ଟାଲରେ ସୁଗମ ସହଯୋଗିତା ସୁନିଶ୍ଚିତ କରିପାରିବ । ଉତ୍କଳର କମ୍ପ୍ୟୁଟର ଟେଲିଫୋନି ଇଂଟିଗ୍ରେଶନ ଟେଲିଫୋନି ସିଷ୍ଟମରେ ଗଭୀର ଏକତ୍ରୀକରଣ ସହିତ ସେଲ୍ସଫୋର୍ସ ଭିଅଲ-ଟାଇମ, ଅଟୋମେଟେଡ ସପୋର୍ଟକୁ ସକ୍ଷମ କରିବ, ମାନୁଆଲ ପ୍ରୋସେସ ଉପରେ ନିର୍ଭରଶୀଳତାକୁ ବହୁମାତ୍ରାରେ ହ୍ରାସ କରିବ ଏବଂ ସାମଗ୍ରିକ ରୋଗୀ ଅନୁଭୂତିକୁ ଉନ୍ନତ କରିବ । ୧୫୦ଟି ଡେଡିକେଟେଡ କ୍ରିଟିକାଲ କେୟାର ବେଡ ସମେତ ୪୫୦ଟି ବେଡ୍ ?ର କ୍ଷମତା ସହିତ ଉତ୍କଳ ହସ୍ପିଟାଲ ରୋଗୀଙ୍କ ସେବାକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକୁ ଗ୍ରହଣ କରିବା କ୍ଷେତ୍ରରେ ଅଗ୍ରଗାମୀ ରହିଆସିଛି । ଷ୍ଟେଟ-ଅଫ-ଦ-ଆର୍ଟ କ୍ୟାଥ ଲ୍ୟାବ ଓ କାର୍ଡିଆକ କ୍ରିଟିକାଲ କେୟାର ୟୁନିଟଗୁଡିକ ସହ ସୁସଜ୍ଜିତ ହସ୍ପିଟାଲର ଡିପାର୍ଟମେଟ ଅଫ କାର୍ଡିଆକ ସାଇନ୍ସେସ ଟେକ୍ନୋଲୋଜି ଭିତିଭୂମିର ଅଗ୍ରଗତି ପାଇଁ ଏହାର ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଏଜେଟଫୋର୍ସ ଦ୍ୱାରା ପରିଚାଳିତ ସେଲ୍ସଫୋର୍ସର ଆଡଭାନ୍ସ ଏଆଇ ଓ ଆନାଲିଟିକ୍ସ କ୍ଷମତାଗୁଡିକ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଆନୁମାନିକ ତଥ୍ୟ ଓ ଅଟୋମେଶନ ପ୍ରଦାନ କରିବ । ଏହି କାର୍ଯ୍ୟକାରିତାକୁ ସେଲ୍ସଫୋର୍ସ କନ୍ସଲ୍ଟିଙ୍ଗ ପାର୍ଟନର, କୋସର୍ଭ ସଫ୍ଟୱେୟାର ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ ସହ ସହଭାଗିତାରେ ଆଗକୁ ପରିଚାଳନା କରାଯିବ ଏବଂ ଏହା ଶକ୍ତିଶାଳୀ ଡିଜିଟାଲ ଇଂଟରାକ୍ସନକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସାୟ ବିଶ୍ଲେଷଣ ପାଇଁବାଡବ୍ଲୁର ଏକତ୍ରିକରଣ, ହାଇପର-ପର୍ସନାଲାଇଜଡ ରୋଗୀ ଅନ୍ତର୍ଭୁକ୍ତୀକରଣ ଯାତ୍ରା ଓ ମଜବୁତ କଷ୍ଟମର ପୋର୍ଟାଲଗୁଡିକ ସମେତ ଭବିଷ୍ୟତର ଉଦ୍ଭାବନ ପାଇଁ ବାଟ ଫିଟାଇବ । ଏସମ୍ପର୍କରେ ସେଲ୍ସଫୋର୍ସ ଇଣ୍ଡିଆର ସେଲ୍ସ ବିଭାଗର ଉପାଧ୍ୟକ୍ଷ କମର କାର ରହିଛନ୍ତି । ଉତ୍କଳ ହସ୍ପିଟାଲର ସିଇଓ ବି.କେ. ସୁବୋଧ ସିଂହ କହିଛନ୍ତି, ଉତ୍କଳ ହସ୍ପିଟାଲରେ ଆମର ଲକ୍ଷ୍ୟ ହେଉଛି ଉଦ୍ଭାବନ ଓ ଟେକ୍ନୋଲୋଜି ମାଧ୍ୟମରେ ଉତ୍କୃଷ୍ଟ ରୋଗୀ ସେବା ପ୍ରଦାନ କରିବା । ସେଲ୍ସଫୋର୍ସ ସହ ସହଭାଗିତା ଆମକୁ ଏକ ଡିଜିଟାଲ ପ୍ରଥମ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଅନୁମତି ଦେଉଛି ଯାହା ଆମର ପରିଚାଳନାକୁ ଏକୀକୃତ କରିବା ସହ ଆମର ରୋଗୀଙ୍କୁ ସଶକ୍ତ କରୁଛି । କୋସର୍ଭ ସଫ୍ଟୱେୟାର ସଲ୍ୟୁଶନ୍ସର ପାର୍ଟନର ଅରୁଣ ପରିକା କହିଛନ୍ତି, ଉତ୍କଳ ହସ୍ପିଟାଲକୁ ଏହାର ଡିଜିଟାଲ ରୂପାନ୍ତରଣ ଯାହାରେ ସହଯୋଗ କଳି ଓ ମାର୍ଗଦର୍ଶନ ପ୍ରଦାନ କରି କୋସର୍ଭ ସ୍ୱାସ୍ଥ୍ୟସେବା ପରିଦୃଶ୍ୟ ଉପରେ ପରୀର ସୂଚନା ଏବଂ ସେଲ୍ ?ସଫୋର୍ସକୁ ପ୍ରଭାବୀ ରୂପେ ଉପଯୋଗ କରିବା ପାଇଁ ଆବଶ୍ୟକ ରଣନୈତିକ ଦୃଷ୍ଟିକୋଣ ଆଣିଛି, ଯାହା ଏହାକୁ ଉଭୟ ଅନ୍ତର୍ଦୃଷ୍ଟି ଓ ସହଯୋଗିତା କ୍ଷେତ୍ରରେ ଏକ ବ୍ୟବସାୟିକ ବିଜୟରେ ପରିଣତ କରୁଛି ।

# ସୁଲଭ ଆବାସ ବସ୍ତିମୁକ୍ତ ସହରର ଚାବିକାଠି: ମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବସ୍ତି ଉଚ୍ଛେଦ ଓ ସମସ୍ତ ନାଗରିକଙ୍କ ପାଇଁ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବାରେ ସୁଲଭ ଆବାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତାରୋପ କରିଛନ୍ତି । କ୍ରେଡାଇ ଓଡ଼ିଶା ପକ୍ଷରୁ ଆୟୋଜିତ ଏକ ପ୍ରମୁଖ ରିଅଲ ଇଷ୍ଟେଟ୍ ଓ ହାଉସିଂ ଏକ୍ସପୋର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ବସ୍ତିବାସିନ୍ଦାଙ୍କ ପାଇଁ ଆବାସକୁ ଅଧିକ ସୁଲଭ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ସକ୍ରିୟ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ବସ୍ତିମୁକ୍ତ ଭୁବନେଶ୍ୱର ନିର୍ମାଣ ପାଇଁ ସୁଲଭ ଘର ହିଁ ଚାବିକାଠି । ପ୍ରତ୍ୟେକ ନାଗରିକ ଯେପରି ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟ ପାଇପାରିବେ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମହାପାତ୍ର କହିଛନ୍ତି, ସରକାରୀ ପଦକ୍ଷେପ ଗୁଡ଼ିକ ଅନ୍ତର୍ଭୁକ୍ତ ସହରାଞ୍ଚଳ ବିକାଶ ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି । ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ କଟକ ବିଧାୟକ ସୋଫିଆ ଫିରଦୌସ ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ କ୍ରେଡାଇ ଓଡ଼ିଶାକୁ ପ୍ରଶଂସା କରିଥିଲେ । ଏହି ଏକ୍ସପୋ ସ୍ଥାନୀୟ ଲୋକଙ୍କ ପାଇଁ ମୂଲ୍ୟବାନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଅର୍ଥନୀତିରେ ଉଲ୍ଲେଖନୀୟ ଯୋଗଦାନ ଦେବ ବୋଲି ସେ କହିଛନ୍ତି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ । ଏପ୍ରିଲ ୨୦ରୁ ୨୯, ୨୦୨୫ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୯ଦିନିଆ ଏକ୍ସପୋ ଏକ ଗତିଶୀଳ ପ୍ଲାଟଫର୍ମ ଯାହା ଅଗ୍ରଣୀ ବିଲ୍ଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଫାର୍ମ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାଙ୍କ ସମେତ ଅନେକ ଅଂଶୀଦାରଙ୍କୁ ଏକାଠି କରିଥାଏ । ଆଶାୟୀ ଘର ମାଲିକ, ରିଅଲ୍ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନ୍ ପ୍ରଫେସନାଲମାନଙ୍କୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଅଂଶଗ୍ରହଣକାରୀ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଜୀବନଶୈଳୀ ଉଦ୍ଭାବନରେ ଅତ୍ୟାଧୁନିକ ଅନୁସନ୍ଧାନ କରିପାରିବେ । ଏକ୍ସପୋରେ ଇଣ୍ଟରଆକ୍ଟିଭ ସେସନ, ଏକ୍ସପର୍ଟ ପ୍ୟାନେଲ ଏବଂ ସହରାଞ୍ଚଳ ଗୃହ ନିର୍ମାଣ, ଡିଜାଇନ ଏବଂ ଭିତିଭୂମିର ସାମ୍ପ୍ରତିକ ଧାରା ଉପରେ ଆଲୋଚନା କରାଯିବ । ଅନ୍ୟମାନଙ୍କ ମଧ୍ୟରେ କ୍ରେଡାଇ ଓଡ଼ିଶାର ଅଧ୍ୟକ୍ଷ ଡିଏସ୍ ତ୍ରିପାଠୀ, ଉପାଧ୍ୟକ୍ଷ ବିନୟ କୃଷ୍ଣ ଦାସ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନୀଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟ ସେକ୍ ମାଇରାଜୁଲ ହକ୍, କାର୍ଯ୍ୟକାରୀ ସଦସ୍ୟ କଳିଙ୍ଗ କେଶରୀ ରଥ, କାର୍ଯ୍ୟନିର୍ବାହୀ ସଦସ୍ୟ ଶଶିକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗ୍ରାମ୍ୟୋଦୟରୁ ରାଷ୍ଟ୍ରୋଦୟର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟରତ ଦେଶର ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ତଥା ପଞ୍ଚାୟତ କର୍ମୀଙ୍କୁ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗ୍ରାମ ଦେଶର ଆଧାର, ପଞ୍ଚାୟତିରାଜ ହେଉଛି ଲୋକତନ୍ତ୍ରର ଆଧାର । ଏହି ଅବସରରେ ଆସନ୍ତୁ, ଆମେ ସମସ୍ତେ ଏକ ନୂଆ ଦୃଷ୍ଟିକୋଣ ଏବଂ ନିଶ୍ଚିତ ପଦକ୍ଷେପ ସହ ଗ୍ରାମ୍ୟ ସଶକ୍ତିକରଣ, ମହିଳା ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଲାଗି ନୂଆ ଦିଗରେ ଅଗ୍ରସର ହୋଇ ଏକ ସଶକ୍ତ, ସ୍ୱାବଲମ୍ବୀ ଓ ନୂତନ ଓଡ଼ିଶା ଗଢ଼ିବା ପାଇଁ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।



ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଭାବେ ଦେବ ପ୍ରସାଦ ଦାଶ ଦାୟିତ୍ୱ ଗ୍ରହଣ କରୁଛନ୍ତି ।

## ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ, ସଶକ୍ତ ଓ କ୍ରିୟାଶୀଳ କରିବା ପାଇଁ ବ୍ୟବସ୍ଥା କରାଯାଉଛି: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଞ୍ଚାୟତରାଜ ଦିବସ କେବଳ ପାଳନର କଥା ନୁହେଁ । ପାଳନ ସହିତ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ସହ କ୍ରିୟାଶୀଳ କରିବା ପାଇଁ ଯେଉଁ ବ୍ୟବସ୍ଥା ତାକୁ ଆମେ ସାଙ୍ଗରେ ନେଇ ଚାଲିଛୁ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସାଧାରଣ ଲୋକର ଆବଶ୍ୟକତା ଭଳି ରାସନ୍ କାର୍ଡ ଆଜି ଠାରୁ ଆମେ ଦେଲୁ । ଗଲା ସରକାର ଗତ ଛଅବର୍ଷ ଧରି ରାସନ୍ କାର୍ଡ ଦେବା ପ୍ରକ୍ରିୟା କରିନଥିଲେ । ଗଲା ଦିନ ଗୁଡ଼ିକରେ ନିର୍ବାଚନ କେନ୍ଦ୍ରିକ ସରକାର ଥିଲା ଆଜିକା ଦିନରେ ବିକାଶ କେନ୍ଦ୍ର ସରକାର ଅଛି । ଏହା ହିଁ ପାର୍ଥକ୍ୟ । ପଞ୍ଚାୟତରାଜ ବ୍ୟବସ୍ଥା ସଶକ୍ତ ହେଲେ ଗ୍ରାମାଞ୍ଚଳର ବିକାଶ ହେବ । ଛୁଟି ବିରୋଧୀଙ୍କୁ ଯଦି ଏତେ ଦରକାର ତେବେ ତାଙ୍କ ନେତାଙ୍କଠୁ ଛୁଟି ନେଇ ଗଙ୍ଗାକୂଳେ ତପସ୍ୟା କରନ୍ତୁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

## ରାସନକାର୍ଡ ଆବେଦନକାରୀଙ୍କ ଆବେଦନର କ୍ଷେତ୍ରସ୍ତରୀୟ ଯାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଅଧୀନରେ ବର୍ତ୍ତମାନ ନୂତନ ରାସନ କାର୍ଡ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଦରଖାସ୍ତ ଗୁଡିକର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କ୍ଷେତ୍ରସ୍ତରରେ ମଣ୍ଡଳ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସମ୍ପୃକ୍ତ ଆବେଦନ ପତ୍ରର ଯାଞ୍ଚ କରାଯାଉଛି । ଆବେଦନକାରୀଙ୍କ ପ୍ରଦତ ତଥ୍ୟ କ୍ଷେତ୍ର ସ୍ତରରେ ଅନୁସନ୍ଧାନ କରାଯାଇ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି । ଅନୁସନ୍ଧାନ ପରେ ଆବେଦନ କରିଥିବା ଯୋଗ୍ୟ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କର ତାଲିକା ସମ୍ପୃକ୍ତ ବ୍ଲକ, ପୌରାଞ୍ଚଳ, ଗ୍ରାମପଞ୍ଚାୟତ ଓ ୱାର୍ଡ ସ୍ତରୀୟ କାର୍ଯ୍ୟାଳୟରେ ଜନ ସାଧାରଣଙ୍କର ସୂଚନା ନିମନ୍ତେ ପ୍ରକାଶ କରାଯିବ । ଯେଉଁ ଯୋଗ୍ୟ ବ୍ୟକ୍ତିମାନେ ତାଲିକାରେ ସ୍ଥାନ ପାଇବେ ସେମାନଙ୍କ ରାସନ କାର୍ଡ ପ୍ରସ୍ତୁତ ପାଇଁ ସମସ୍ତ ସଦସ୍ୟଙ୍କ ଇ-କେୱାଇସି ମଧ୍ୟ ପ୍ରସ୍ତୁତି ନିହାତି ଆବଶ୍ୟକ ଅଟେ । ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଗ୍ରହଣ କରାଯିବ ଓ ତଦନୁସାରେ ରାସନ କାର୍ଡ ବଂଟନ କରାଯିବ । ଏହି ସମସ୍ତ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କରାଯାଉଥିବା ଦୃଷ୍ଟିରୁ ଏଥିନିମନ୍ତେ ବ୍ୟସ୍ତତା ପ୍ରକାଶ ନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଉଛି । ରାସନକାର୍ଡ ବଣ୍ଟନ ପ୍ରକ୍ରିୟା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି ।

## ପଳାଶୁଣିରୁ ୧୧ ବର୍ଷର ନାବାଳକ ନିଖୋଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ଭୁବନେଶ୍ୱର ପଳାଶୁଣି ଅଞ୍ଚଳରୁ ଜଣେ ୧୧ ବର୍ଷର ନାବାଳକ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ନାବାଳକ ଜଣକ ପଳାଶୁଣି ଅଞ୍ଚଳରେ ପରିବାର ସହ ରହୁଥିଲେ । ନିଖୋଜ ହୋଇଥିବା ନେଇ ପରିବାର ଲୋକେ ମଞ୍ଚେଶ୍ୱର ଥାନାରେ ଗତ ୧୯ ତାରିଖରେ ଏତଲା ଦେଇଥିଲେ । ଏତଲା ଆଧାରରେ ନାବାଳକଙ୍କୁ ଉଦ୍ଧାର ପାଇଁ ଛାନ୍‌ଭିନ୍ ଜାରି ରଖିଛି ପୋଲିସ୍ ।

## ଆସନ୍ତା ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ମଇ ତାରିଖ ପୂର୍ବାହ୍ନ ୯ ଘଟିକା ସମୟରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକା ଆଇନ ସେବା କମିଟି ପରିସରରେ ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି, ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଏବଂ ଅମଲଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।

## ଖରାଛୁଟିକୁ ବେଖାତିର: ଡମିସ୍କୁଲ ଓ କୋଚିଂ ସେଣ୍ଟରର ବେଆଇନ୍ କ୍ଲାସ ବିରୁଦ୍ଧରେ ମୁଖ୍ୟ ସଚିବଙ୍କୁ ଫେରାଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ସରକାର ଅଙ୍ଗନବାଡିରୁ ଦ୍ୱାଦଶ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି । ହେଲେ ଡମି ସ୍କୁଲ ଓ କୋଚିଂ ସେଣ୍ଟର ନିୟମକୁ ବେଖାତିର କରି ତୁ ତୁ ଖରାରେ ମଧ୍ୟ କ୍ଲାସ କରୁଛନ୍ତି । ସରକାରୀ ନିୟମକୁ ସତେ ଯେମିତି ଫୁ କରିଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥା ଥାଉ ନଥାଉ, ଗୋଟେ ଗୋଟେ କ୍ୟାମ୍ପସରେ ୪୦୦୦ ଓ ୫୦୦୦ ପର୍ଯ୍ୟନ୍ତ ପିଲାଙ୍କୁ ନେଇ ସକାଳୁ ରାତି ପର୍ଯ୍ୟନ୍ତ କ୍ଲାସ ଚାଲିଛି । ଏପରି ବେଧଡ଼କ ଭାବେ ପୁରା ଦିନ ଦ୍ୱିପ୍ରହରେ ପାଠ ପଢ଼ାକୁ ଏକ ପଣ୍ୟ ଦ୍ରବ୍ୟ ସଦୃଶ କିଣା ବିକା ଚାଲିଛି । ରାଜ୍ୟରେ କୋଚିଂ ସେଣ୍ଟର ମାନଙ୍କ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ନିୟମ ନାହିଁ । ୨୦୨୪ ରେ ଏଥିପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ନିୟମ କରିଛନ୍ତି ବହୁ ବାର ଅଭିଯୋଗ କଲା ପରେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟରେ ତାହା ଲାଗୁ ହୋଇପାରିଲା ନାହିଁ । ପିଲାଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଭଲ ନମ୍ବର ରଖାଇଦେବାର ଏକ ସୁନେଲି ସ୍ୱପ୍ନ ଦେଖାଇ ହଜାର ହଜାର ପିଲାଙ୍କୁ ଆକାଶ, ଆଲେନ, ବଣିକ ଭଳି କିଛି ପ୍ରଚାର ସର୍ବସ୍ୱ ନାମକରା କୋଚିଂ ସେଣ୍ଟର ଲୁଟି ଚାଲିଛନ୍ତି । ର୍‍ୟାଙ୍କ ରଖିଥିବା ଗୋଟିଏ ପିଲାର ଫଟୋକୁ ବିଭିନ୍ନ ଖବରକାଗଜ ଓ ଟିଭିରେ ଦେଖାଇ ଏକାଧିକ ଅନୁଷ୍ଠାନ ପକ୍ଷରୁ ଶୋଷଣର ଶିକାର ହେଉଥିବା ମାଳ ମାଳ ଅଭିଯୋଗ ଆସୁଛି କ୍ଷ କୋଚିଂ ସେଣ୍ଟର ପିଲା ବସିବା ପାଇଁ ପର୍ଯ୍ୟାପ୍ତ ସୁବିଧା ଅଛି ନା ନାହିଁ, ପରିମଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ସୁବିଧା ଅଛି କି ନାହିଁ, ଦୁର୍ଘଟଣା ବା ବିପତ୍ତି ସମୟରେ ଯିବା ଆସିବା ପାଇଁ ସିଡ଼ି ଗୁଡିକ ପର୍ଯ୍ୟାପ୍ତ ହେବ କି ନାହିଁ ତାର କିଛି ଠିକ ଠିକଣା ନାହିଁ । ବିଶେଷ କରି ଆକାଶ ଇନ୍‌ଷ୍ଟିଚ୍ୟୁଟର ଏହି ବେନିୟମ କାର୍ଯ୍ୟ ବିରୁଦ୍ଧରେ ତଥ୍ୟ ପ୍ରମାଣ ସହ ଓଡିଶା ଅଭିଭାବକ ମହାସଂଘ ହଜାର ହଜାର ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମାନବାଧିକାର କ୍ଷୁଣ୍ଣ ଆଧାରରେ ଜାତୀୟ ମାନବାଧିକାର କମିଶନଙ୍କ ଭୁବନେଶ୍ୱରରେ କରାଯାଇଥିବା ସଭାରେ ଦୃଷ୍ଟି ଆକର୍ଷଣ କରିଥିଲା । ମହାସଂଘ ସଭାପତି ଏକ ଲିଖିତ ଅଭିଯୋଗ ଆଧାରରେ କମିଶନ ରାଜ୍ୟ ଶିକ୍ଷା ସଚିବ ଶାଳିନୀ ପଣ୍ଡିତଙ୍କୁ ଏ ସଂକ୍ରାନ୍ତରେ କଣ ପଦକ୍ଷେପ ନେଇଛନ୍ତି ବୋଲି ୧୫ ଦିନ ଭିତରେ ରିପୋର୍ଟ ତଲବ କରିଛନ୍ତି । ସେପଟେ କୋଚିଂ ସେଣ୍ଟରର ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଓଡିଶା ଅଭିଭାବକ ମହାସଂଘର ୨୦୧୮ରେ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ ଆଧାରରେ କେନ୍ଦ୍ର ସରକାର ୨୦୨୪ରେ ଏକ ଗାଇଡ଼ଲାଇନ ଜାରି କରିଛନ୍ତି । ଏନଏଚଆର.ସି ମଧ୍ୟ ସେତେବେଳେ ମାନବ ସମ୍ବଳ ବିକାଶ ବିଭାଗକୁ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ । ଓଡିଶା ଅଭିଭାବକ ମହାସଂଘର ଏକ କମିଟି, ଆକାଶ କୋଚିଂ ସେଣ୍ଟରକୁ ଅଭିଭାବକ ଭାବେ ସରପ୍ରାଇଜ ଗ୍ରସ୍ତରେ ବର୍ତମାନ ମଧ୍ୟ ଖରାରେ କ୍ଲାସ ହେଉଥିବା ଜାଣିବାକୁ ପାଇଲା । ପଚାରିବାରୁ ଆକାଶ କହୁଛି ସେମାନେ ସିବିଏସଇ ଅଧୀନରେ ଅଛନ୍ତି, ସରକାର କେବଳ ଓଡ଼ିଆ ସ୍କୁଲ ବନ୍ଦ କରିଛନ୍ତି ଏହା କହି ଆମେ ଖୋଲୁଛୁ । ଏପରିକି ୧୬ ବର୍ଷ ତଳର ପିଲାଙ୍କୁ କୌଣସି କୋଚିଂ ବେଆଇନ ଥିବା ବେଳେ ଏହି କୋଚିଂ ସେଣ୍ଟର ମାନେ ୬ଷ୍ଠ ଶ୍ରେଣୀ ପିଲାଙ୍କୁ ମଧ୍ୟ କୋଚିଂ ଦେଉଛନ୍ତି । ଏହାକୁ ନେଇ ଓଡିଶା ଅଭିଭାବକ ମହାଶଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟସଚିବଙ୍କୁ ଫେରାଦ ହୋଇ କୋଚିଂ ସେଣ୍ଟର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସ୍ୱତନ୍ତ୍ର ନିୟମ ଆଣିବାକୁ ଦାବୀ କରିଛନ୍ତି । ବର୍ତ୍ତମାନ ଡମି ସ୍କୁଲ ଭଳି ସାଙ୍ଘାତିକ ବ୍ୟବସ୍ଥା ଯୋଗୁ ତୁ ତୁ ଖରାରେ କ୍ଲାସ ଚାଲିଛି । ଅଭିଭାବକଙ୍କୁ ପ୍ରଲୋଭନ ଦେଖାଇ ଫେକ ସ୍କୁଲ ଜରିଆରେ କ୍ଲାସ କରୁଛନ୍ତି ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବୀ କରିଛନ୍ତି । ସରକାର ଅତର୍କିତ ଭାବେ କୋଚିଂ ସେଣ୍ଟର ଉପରେ ଚଢ଼ାଉ କଲେ ସବୁ ଗୋଲକ ଧନ୍ଦାର ପର୍ଦ୍ଦାଫାସ୍ ସହ ଅଭିଭାବକ ଉଚିତ ନ୍ୟାୟ ପାଇପାରିବେ ବୋଲି ମହାସଚିବ ଅଶୋକ ପାଇକରାୟ କହିଛନ୍ତି ।

## ସାଇ ଆରାଧନା ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସାଇଜନନୀଠାରେ ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ମହାସମାଧି ଦିବସ ତଥା ଆରାଧନା ଦିବସ ପାଳିତ ହୋଇଯାଇଛି । ଭୁବନେଶ୍ୱର ସାଇ ଜିଲା ଅନ୍ତର୍ଗତ ୬ଟି ସାଇ ସମିତିର ସାଇ ଆଶ୍ରିତ ଭାଇଭଉଣୀମାନଙ୍କ ଦ୍ୱାରା ପ୍ରାତଃ ଓଁକାର, ନଗର ସଂକୀର୍ତ୍ତନ, ଧ୍ୟାନ, ଷୋଡ଼ଶ ଉପଚାର ପୂଜା, ବେଦପାଠ ଆଦି କରାଯାଇଥିଲା । ଏହି ଅବସରରେ ଭୁବନେଶ୍ୱର ସାଇ ଜିଲା ପକ୍ଷରୁ ବିଭିନ୍ନ ଡାକ୍ତରଖାନା, ଅନାଥ ଆଶ୍ରମ ଓ ଜରାଶ୍ରମ ମାନଙ୍କରେ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ପ୍ରତ୍ୟେକ ସମିତିରେ ଏକ ଘଣ୍ଟା ଯାଏଁ ଲିଖିତ ଜପ ପାରାୟଣ ଲେଖା ଯାଇଥିଲା । ସେହିପରି ସନ୍ଧ୍ୟା ଅଧିବେଶନରେ ସାମୂହିକ ଦୀପଦାନ ସହିତ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଓ ବାଳବିକାସ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା କରାଯାଇଥିଲା । ଭଜନ ଓ ସତ୍‌ସଙ୍ଗରେ ବହୁସଂଖ୍ୟାରେ ସାଇ ଆଶ୍ରିତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସୁପରିଚାଳନା କରିଥିଲେ ।

## ରଞ୍ଜିତ ପାତ୍ର ଯୁବ କଂଗ୍ରେସ ସଭାପତି ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଯୁବ କଂଗ୍ରେସର ନୂଆ କମିଟି ଘୋଷଣା କରିଛି ପ୍ରଦେଶ କଂଗ୍ରେସ । ଓଡ଼ିଶା ଯୁବ କଂଗ୍ରେସର ସଭାପତି ଭାବେ ରଞ୍ଜିତ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ରଞ୍ଜିତଙ୍କୁ ଆଉ ଥରେ ଯୁବ କଂଗ୍ରେସ ଦାୟିତ୍ୱ ମିଳିଛି । ସେହିପରି କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି । କମିଟିରେ ଦୁଇ ଉପସଭାପତିଙ୍କ ସମେତ ୨୮ ସାଧାରଣ ସମ୍ପାଦକଙ୍କୁ ମଧ୍ୟ ନିଯୁକ୍ତି ମିଳିଛି ।

## ଶାସ୍ତ୍ରୀୟ ସଂଗୀତ ସନ୍ଧ୍ୟା ଓ ପୁସ୍ତକ ଉନ୍ମୋଚନ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ଜୟଦେବ ଭବନଠାରେ ଅଗ୍ରଣୀ ଶାସ୍ତ୍ରୀୟ ସଂଗୀତ ଅନୁଷ୍ଠାନ ସ୍ୱରାଞ୍ଜଳୀ ଗୁରୁକୂଳ ଓ ହିନ୍ଦୁସ୍ଥାନୀ ସଂଗୀତ ସଭାର ମିଳିତ ସହଯୋଗରେ ଏକ ମନୋଜ୍ଞ ଶାସ୍ତ୍ରୀୟ ସଂଗୀତ ସଂଧ୍ୟା ଏବଂ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ସୌମ୍ୟରଂଜନ ପଟ୍ଟନାୟକ, ମୁଖ୍ୟବକ୍ତା ଡ଼. ନରେନ୍ଦ୍ର ପ୍ରସାଦ ଦାସ ତଥା ସମ୍ମାନୀୟ ଅତିଥି ନୃସିଂହ ଚରଣ ସାହୁ ଓ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ ପ୍ରମୁଖ ନିଜର ମତବ୍ୟକ୍ତ ମାଧ୍ୟମରେ ପୁସ୍ତକର ଭୂୟସୀ ପ୍ରଶଂସା କରିଥିଲେ । ଉଭୟ ଅନୁଷ୍ଠାନର ସଂପାଦକ ଡ଼. ରଘୁନାଥ ସାହୁ ପୁସ୍ତକର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସଭାପତି ଏସ୍.କେ. ଟାମୋଟିଆ ଉତ୍ସବରେ ପୌରହିତ୍ୟରେ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଗୁରୁ କୃଷ୍ଣଚନ୍ଦ୍ର ଦାଶ । କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସ୍ୱରାଞ୍ଜଳୀ ଗୁରୁକୁଳର ଶିଷ୍ୟଶିଷ୍ୟା ଓ ହିନ୍ଦୁସ୍ଥାନୀ ସଂଗୀତ ସଭା ଅନୁଷ୍ଠାନର ପ୍ରତିଷ୍ଠିତ ସ୍ୱନାମଧନ୍ୟ ଶିଳ୍ପୀମାନଙ୍କର ଏକକ, ଯୁଗଳବନ୍ଦି ତଥା ସମବେତ ଶାସ୍ତ୍ରୀୟ ସଂଗୀତ ଗାୟନ । ପ୍ରାରମ୍ଭରେ ସମବେତ ଗାୟନରେ ସରସ୍ୱତୀ ବନ୍ଦନା ରାଗ-ବାଗେଶ୍ରୀରେ ପରିବେଷିତ ହୋଇଥିଲା ଯାହା ପଣ୍ଡିତ ଡ଼. ଦାମୋଦର ହୋତାଙ୍କ ସ୍ୱରଚିତ ଓ ସଂଯୋଜିତ । ଅକ୍ଷରା ସାହୁ ଓ କୌଶକି ଶତପଥୀଙ୍କର ଯୁଗଳବନ୍ଦିରେ ରାଗ-ଦୁର୍ଗା, ଏକକ ଗାୟନରେ ସଂଜୀବନି ନାଥ ରାଗ-କଲ୍ୟାଣ, ଶୁଭ୍ରମୟୀ ଶ୍ୱେତପଦ୍ମାଙ୍କର ରାଗ-ବିହାଗ, ଯୁଗଳବନ୍ଦିରେ ଗୁରୁ ଅମିତ କୁମାର ରଥ ଓ ଗୁରୁ ଶଶିକାନ୍ତ ସାହୁ ରାଗ-ଯୋଗ, ଗୁରୁ ଡ଼. ରଘୁନାଥ ସାହୁ ରାଗ-ଆଡାନା ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ଶେଷ ଆକର୍ଷଣ ଥିଲା ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କର ରାଗ-ରାଗେଶ୍ରୀରେ ଗାୟନ । ସମସ୍ତ କାର୍ଯ୍ୟକ୍ରମରେ ତବଲାରେ ଗୁରୁ ସୀତାଂଶୁ ଶେଖର ଷଡଙ୍ଗୀ, ଗୁରୁ ସୁଶାନ୍ତ କୁମାର ଜେନା, ହାରମୋନିୟମରେ ଗୁରୁ ଜୀବନ ପ୍ରକାଶ ଦାସ ଏବଂ ତାନପୁରାରେ ସୁଶ୍ରୀ ଶୁଭାଲିନ୍ ସହଯୋଗୀ ଶିଳ୍ପୀ ଭାବେ ଯୋଗଦାନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ସାଗର କୁମାର । କଳାକାରମାନଙ୍କ ଶାସ୍ତ୍ରୀୟ ସଂଗୀତ ପରିବେଷଣ ପ୍ରେକ୍ଷାଳୟରେ ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କଟକ(ଭାସ୍କର ନ୍ୟୁଜ୍): କଟକରେ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତରାଜ ଦିବସ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ପଂଚାୟତିରାଜ ଦିବସର ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଆଜି ସମଗ୍ର ଦେଶରେ ଜାତୀୟ ପଂଚାୟତିରାଜ ଦିବସ ପାଳନ କରାଯାଉଛି । ସମସ୍ତ ଗ୍ରାମାଂଚଳର ବିକାଶ ହେବାସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି । ଗାଁ କୁ ସ୍ୱାୟତତା ପ୍ରଦାନ ଦିଗରେ ଏହି ଦିନର ମହତ୍ୱ ରହିଛି । ଗାଁ ର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାହାକୁ ପୂରଣ କରିବା ପଥରେ ଆଗେଇ ଚାଲିଛନ୍ତି ବୋଲି ସମ୍ବୋଧନ କରି ସମଗ୍ର ଭାରତ ବର୍ଷ ଓ ଓଡିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସରକାରଙ୍କ ଉପଲବ୍ଧି ସମ୍ବନ୍ଧରେ ସୂଚନା ପ୍ରଦାନ କରି ଗାଁ ଗାଁ ରେ ପାନୀୟ ଜଳ ଯୋଗାଣ , ରାସ୍ତା ନିର୍ମାଣ, ଅନ୍ତୋଦୟ ଗୃହ ତଥା ସୁଭଦ୍ରା ଯୋଜନା ଜରିଆରେ କିପରି ବିକାଶ ହୋଇପାରୁଛି ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନ ପ୍ରତିନିଧୀମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ ଯେ ଗ୍ରାମାଂଚଳର ବିକାଶ ଦାୟିତ୍ୱ ନିମନ୍ତେ ରାଜ୍ୟ ସରକାର ଏବେ ସ୍ଥାନୀୟ ଗ୍ରାମର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ଓ ଯୋଜନା ଅନୁଯାଇ ସେମାନେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ମୁର କରୁଛନ୍ତି । ଜିଲ୍ଲାସ୍ତରୀୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଦତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ପଂଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି କହିଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ବୈଠକର ପ୍ରାରମ୍ଭରେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମହାନଗର ନିଗମ ଓ କଟକ ସଦର ଅଂଚଳର ୨୫ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା । ଏଥିସହ ଗ୍ରାମ ପଂଚାୟତ ମାନଙ୍କରେ ଉଲ୍ଲେଖନୀୟ ସେବା ନିମନ୍ତେ ସରପଂଚ ଓ ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମର ପରିଶେଷରେ କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ୱତିରନ ଦେଓ, କଟକ ସଦର ମଣ୍ଡଳ ଉନ୍ନୟନ ଅଧିକାରୀ, ପ୍ରତୀକ କୁମାର ସାହୁ ପ୍ରମୁଖ ମଂଚାସୀନ ଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସମେତ ଏବଂ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଞ୍ଚାୟତର ସଦସ୍ୟ ସଦସ୍ୟା ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତି ରାଜ ଦିବସ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଟାଉନ ହଲ୍ ଠାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଭବାନୀପାଟଣା ବ୍ଲକର ମିଳିତ ଉଦ୍ୟମରେ ୧୬ ତମ ଜାତୀୟ ପଞ୍ଚାୟତିରାଜ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ କିଭଳି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଇପାରିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ ପରିଡା, ଭବାନୀପାଟଣା ତହସିଲଦାର ସୁଚିସ୍ମିତା ମିଶ୍ର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମର ଅନ୍ୟତମ ଆୟୋଜକ ଚନ୍ଦନ କୁମାର ଭୋଇ, ଭବାନୀପାଟଣା ବ୍ଲକ୍ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ, ଭବାନୀପାଟଣାର ବିଧାୟକ ପ୍ରତିନିଧି ଧନୁର୍ଜ୍ଜୟ ଗହୀର, ଧର୍ମଗଡ ବିଧାୟକ ପ୍ରତିନିଧି ଜଗବନ୍ଧୁ ସାହୁ ମଞ୍ଚରେ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରକାଶ ତାଙ୍କ ବକ୍ତବ୍ୟରେ ଆଜିର ଦିବସର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେସଙ୍ଗେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ତୃଣମୂଳ ସ୍ତରରୁ ସମସ୍ତଙ୍କ ସହ ଯୋଡୁ କାମନା କରିଥିଲେ। ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିବା ସହ ଆଜି ଦିବସର ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଚମତ୍କାର ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ ଓ ଅଭିଭାଷଣର ସିଧାପ୍ରସାରଣକୁ ଉପସ୍ଥିତ ଜନସାଧାରଣ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟଅଧିକାରୀ, ନିମନ୍ତ୍ରିତ ଅତିଥି,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍ ଓ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଗଙ୍ଗାଧର ମାଝୀ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାୟକ, ଏପିଓ ସଞ୍ଜିତ ପରିଡ଼ା, ବ୍ଲକ ଯୋଗାଣ ନିରୀକ୍ଷକ ଦିଲୀପ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରଦୀପ କୁମାର ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଚାରିଶହରୁ ଊର୍ଦ୍ଧ୍ୱ ମହିଳା ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁମୁରା ଧାନ ମଣ୍ଡିରେ ଗୋଲାମୁଣ୍ଡା ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, କେଗାଁ ମଣ୍ଡଳ ପୂର୍ବତନ ସଭାପତି ଦୁର୍ବାକ୍ଷ ପଟେଲ,ନାରୀ ନେତ୍ରୀ ଦ୍ୱିମାରାଣୀ ସାହୁ,ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ପୂର୍ବତନ ଜିଲ୍ଲା ପରିଷଦ ବୃଷଭ ନାଏକ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, କଳାହାଣ୍ଡି ସାଂସଦଙ୍କ ଗୋଲାମୁଣ୍ଡା ବ୍ଲକ ପ୍ରତିନିଧିତ୍ୱକାରୀ ପ୍ରସନ୍ନ ରାଉତ, ମାନଝରୀ ସରପଞ୍ଚ ଜଗୁଜିବନ ଅଗ୍ରିଆ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସର୍ବ ପ୍ରଥମେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରି କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। କଳାହାଣ୍ଡି ଜିଲ୍ଲାରେ ମନେରେଗା ଯୋଜନାରେ ଗୋଲାମୁଣ୍ଡା ବ୍ଲକ ଏକ ନମ୍ବର ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ଗର୍ବରର ବିଷୟ ବୋଲି ଶ୍ରୀଧର ପଣ୍ଡା ମତବ୍ୟକ୍ତ କରିଥିଲେ। ଜାତୀୟ ପଞ୍ଚାୟତ ରାଜ ଦିବସ ଅବସରରେ ନୂତନ ରାସନ୍ କାର୍ଡ ୪୦ ଜଣଙ୍କୁ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଶହ ଶହ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।



## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

### ମଇ ୨୦ରୁ ଜିଲ୍ଲାର ୧୪୫ ମଣ୍ଡିରେ ଧାନ କିଣା ଆରମ୍ଭ ହେବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ରବି ଋତୁର ଧାନ କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ନିଷ୍ପତ୍ତି କ୍ରମେ ଆସନ୍ତା ମେ ୨୦ ତାରିଖରୁ ଜିଲ୍ଲାର ୧୪୫ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିପାଇଁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିଛନ୍ତି। ୬୪ ଟି ପେକ୍ସ ଏବଂ ୨୫ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୮୮ ଗୋଟି ମିଲର୍ସ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ କରାଯାଇଛି। ମିଲର୍ସ ଚାଷୀଙ୍କୁ ଆବଶ୍ୟକ ଗନିବ୍ୟାଗ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । କମନ ଏଫ.ଏ.କ୍ୟୁ. ଧାନ କ୍ୱିଣ୍ଟାଲ ପିଛା ଟ. ୨,୩୦୦ ଏବଂ ଗ୍ରେଡ ଏ ଏଫ.ଏ.କ୍ୟୁ. ଧାନ କ୍ୱିଣ୍ଟାଲ ପିଛା ଟ. ୨,୩୨୦ ସହିତ ଏମ.ଏସ.ପି. ୮୦୦ ଟଙ୍କା ସର୍ବମୋଟ କ୍ୱିଣ୍ଟାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ଚାଷୀ ପାଇବେ । ୮୮ ଟି ମିଲର୍ସଙ୍କ ମଧ୍ୟରୁ ଉଷୁନା ଚାଉଳ ଯୋଗାଣ ପାଇଁ ୭୦ଟି ଥିବାବେଳେ ଅରୁଆ ଚାଉଳ ଯୋଗାଣ ପାଇଁ ୧୮ ଟି ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓ.ଆର.ଏସ. ପ୍ୟାକେଟ୍, ଜରୁରୀକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର୍‌ର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଠିକ ସମୟରେ ମଣ୍ଡିରୁ ଚାଷୀଙ୍କ ଧାନ ଉଠାଣ କରିବା ପାଇଁ ସମସ୍ତ ମିଲର୍ସ ଅଧିକ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଅନିଲ କୁମାର ନନ୍ଦ, ବିଧାୟକ ସଦରଙ୍କ ପ୍ରତିନିଧି ଧନୁର୍ଜ୍ୟ ଗହିର, ଉପଜିଲ୍ଲାପାଳ ଧର୍ମଗଡ଼ ଧ୍ୱମାନ ଚାକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଡି. ଆର. ସି. ଏସ. ପ୍ରମୋଦ କୁମାର ସାହୁ, ଜିଲ୍ଲା କୃଷକ ସଂଗଠନର ପ୍ରତିନିଧି, ଭାରତ ଖାଦ୍ୟ ଯୋଗାଣ ନିଗମ ଅଧିକାରୀ, ସମସ୍ତ ମିଲର୍ସ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଦବ ଭବନ ପ୍ରତିଷ୍ଠା ଉତ୍ସବ



ନର୍ଲା/ଭବାନୀପାଟଣା (ଭାସ୍କର ନ୍ୟୁଜ୍) : ଭବାନୀପାଟଣାର ସଂକ୍ରିଗୁଡା ଠାରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଯାଦବ ଭବନର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ ଓ ସାଧାରଣ ସମ୍ପାଦକ ଡ଼. ସଞ୍ଜୟ କୁମାର ଧଙ୍ଗଡାମାଝୀଙ୍କ ନେତୃତ୍ୱରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତବର୍ଷୀୟ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ କୁମାର ବେହେରା, ବିଶିଷ୍ଟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଭବନର ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ବୋଦର ନିଆଲ, ପୂର୍ବତନ ବିଧାୟକ ମୌଷଧି ବାଗ, ଉତ୍କଳ ଯାଦବ ମହାସଭାର ମହିଳା ଶାଖା ସଭାନେତ୍ରୀ ତଥା ଭବାନୀପାଟଣା ପୌର ପାଳିକାର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ମୁଖ୍ୟ ଉପଦେଷ୍ଟା ସକିତ ରତେ, ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁବ ସଭାପତି ଅମର ବେହେରା, ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଲ କିଶୋର ପୋଢ, ଉତ୍କଳ ଯାଦବ ମହାସଭାର ସଂପାଦକ ନନ୍ଦଲାଲ ସିଂ ଯାଦବ, ଛତିଶଗଡ଼ ରାଜ୍ୟ ଚାରଗଡ଼ ଯାଦବ ସମାଜ ମହାସଭା ସଭାପତି କେନୁରାମ ଯାଦବ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ମନୋଜ ହାତୀ, ଗୋବିନ୍ଦ ବନଛୋର ଓ ଅମିତ ନାଏକ, ନୂଆପଡ଼ା ଜିଲ୍ଲା ସଭାପତି ଭରତଲାଲ ରାଉତ, ରାଜ୍ୟ ଯୁବ ସମ୍ପାଦକ କପିଳେନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟ ବିଶିଷ୍ଟ କାର୍ଯ୍ୟକର୍ତ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଦୁଲ୍ଲଭ ମାହାର, ଅରୁପାନନ୍ଦ ନାଗ ଓ ନରେନ୍ଦ୍ର ବାଗ, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ବାଗ, କୋଷାଧ୍ୟକ୍ଷ ତୁଳମଣି ନାଗ, ଜିଲ୍ଲା ମିଡ଼ିଆ ସେଲ ମୁଖ୍ୟ ଡ଼. ସୁନୀଲ କୁମାର ଧଙ୍ଗଡାମାଝୀ, ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ରଶ୍ମୀରେଖା ରାଉତ, କର୍ମଚାରୀ ଶାଖା ସଭାପତି ଲକ୍ଷ୍ମଣ ବଛା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କେସିଙ୍ଗାରୁ ଭବାନୀପାଟଣା ପର୍ଯ୍ୟନ୍ତ ଏକ ବିଶାଳ କାର୍ ଶୋଭାଯାତ୍ରାରେ ହାଜାର ହଜାର ସଂଖ୍ୟାରେ ଯାଦବମାନେ ଯାଇଥିଲେ। ସଂକ୍ରିଗୁଡା ସ୍ଥିତ ନବ ନିର୍ମିତ ଜିଲ୍ଲା ଯାଦବ ଭବନରେ ହୋମଯଜ୍ଞ, ଭବନ ଉଦ୍‌ଘାଟନ ସହ ଏକ ସଭା ଆୟୋଜିତ ହୋଇଥିଲା। ସଭା ପ୍ରାରମ୍ଭରେ ବିଶିଷ୍ଟ ଯାଦବ ସଂଗଠକ ତଥା ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲଙ୍କ ଦେହାନ୍ତରେ ନିରବ ପ୍ରାର୍ଥନା ଓ ଶୋକ ପ୍ରକାଶ କରାଯାଇଥିଲା। ଏହି ଅବସରରେ ଯାଦବ ଭବନ ନିର୍ମାଣ ପାଇଁ ଜମିଦାତା ସୁଦର୍ଶନ ବେହେରା, ଇଂ ଶୁଶିଲ ଶବରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଯାଦବ ନେତୃବୃନ୍ଦ। ଏଥିରେ ୧୩ ଗୋଟି ବ୍ଲକ ଓ ୪ଟି ଏନଏସିର ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ଶହଶ୍ରାଧିକ ଯାଦବ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଶେଷରେ ଯୁବ ସଂଗଠକ ପିତବାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଯାଦବ ନେତୃତ୍ୱ ନଳିନୀ କାନ୍ତ ରାଉତ, ସତ୍ୟ ନାରାୟଣ ବିଶି, ଅନିରୁଦ୍ଧ ଲହଜଲ, ଆଇନଜୀବୀ ରବିନ୍ଦ୍ର ଲାଲ ଯାଦବ, ଭବାନୀପାଟଣା ସହର ଯାଦବ ସମିତି ଓ ଅନେକ ଯାଦବ ବିଶେଷ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାଂସଦଙ୍କ ପ୍ରତିନିଧି ଭାବେ ଦୁର୍ଗାପ୍ରସାଦ ପ୍ରଧାନୀ ଓ ବିଧାୟକଙ୍କ ପ୍ରତିନିଧି ଭାବେ ତ୍ରିନାଥ ଶବର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ବିଡିଓ ଡ଼. ମାଝୀ ପଞ୍ଚାୟତରାଜ ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ବିଷୟରେ ସମ୍ବୋଧିତ କରିଥିବାବେଳେ ଏହାର ସିଧା ପ୍ରଶାରଣ ଏଲଇଡି ମଧ୍ୟରେ ଉପସ୍ଥିତ ଜନ ସାଧାରଣ ଦେଖିଥିଲେ। ଏହି କ୍ରମରେ କୃଷି ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଓଡିଶା ଜୀବିକା ମିଶନ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏବଂ ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କୁ ସମସ୍ତ ଯୋଜନା ଗୁଡିକର ସୁଫଳ ପାଇବା ଲାଗି ସଚେତନ କରିଥିଲେ। ଏହି ଅବସରରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ୫୯ ଜଣ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ଲକ ଯୋଗାଣ ଅଧିକାରୀ, ଜଗାରାମ ମୁର୍ମୁ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ସମସ୍ତ ଯନ୍ତ୍ରୀ ଓ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି, ସଂସହାୟିକା ଗୋଷ୍ଠୀ ମହିଳା, ଏମବିକେ, ସିଆରପି ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ।

## ଜନକଲ୍ୟାଣ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲିମସେର ଠାରେ ଜନକଲ୍ୟାଣ ସାମ୍ବାଦିକ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଲବଜି ପଟେଲଙ୍କ ଅଧ୍ୟକ୍ଷତାରେ କରିଥିଲେ। ସଂଘର ସଭାପତି ରାମକୁମାର ସେନାପତି ଗତ କିଛି ମାସ ତଳେ ନିଜ ମନମୁତାବକ ଆମ୍ବେଦକର ଏସଟିଏସସି ସଂଘ କରି ସେଥରେ ସଭାପତି ହୋଇଥିଲେ। ସେହିଭଳି କିଛିଦିନ ତଳେ ସଂଘର ପ୍ରତିଷ୍ଠାତା ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟଙ୍କୁ ନ ଜଣାଇ କିଛି ନୂଆ ୮ ଜଣ ସଦସ୍ୟଙ୍କୁ ନେଇ ଜନକଲ୍ୟାଣ ସଂଘ ନାମରେ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଯାହା କି ସଙ୍ଘ ବିରୋଧୀ କାର୍ଯ୍ୟ ଥିଲା। ସଙ୍ଘର ସଭାପତି ହୋଇ ଏଭଳି ସଂଘ ବିରୋଧୀ କାର୍ଯ୍ୟ କରୁଥିବା ନେଇ ସଙ୍ଘ ପକ୍ଷରୁ ନିନ୍ଦା କରାଯିବା ସହିତ ରାମ କୁମାର ସେନାପତିଙ୍କୁ ସଭାପତି ପଦରୁ ବିଚ୍ୟୁତ କରିବା ସହ ଜନକଲ୍ୟାଣ ସାମ୍ବାଦିକ ସଂଘରୁ ବହିଷ୍କାର କରାଯାଇଥିଲା। ସେହିଭଳି ସଙ୍ଘ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ସଙ୍ଘର ୧୫ ଜଣ ସଦସ୍ୟଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଲବଜୀ ପଟେଲ, ଉପସଭାପତି ଭାବେ କୁମାରମଣି ଦୁର୍ଗା, ସମ୍ପାଦକ ଈଶ୍ୱରୀ ପୁଟେଲ, ସହ ସମ୍ପାଦକ ବ୍ରହ୍ମାପ୍ରସାଦ କାଣ୍ଡ, କୋଷାଧ୍ୟକ୍ଷ ଭାବେ ରବିନ୍ଦ୍ର କୁମାର ରାଉତ ପ୍ରମୁଖ ମନୋନୀତ ହୋଇଥିଲେ। ପରେ ସଂଘ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା। ଆଗାମୀ ଦିନରେ ଅତିରିକ୍ତ ଜିଲ୍ଲାପାଳ, ଧର୍ମଗଡ଼ ଏଡିପିଆଇଆରଓ ଏବଂ ସମସ୍ତ ବ୍ଲକ ମୁଖ୍ୟାଳୟ ମାନଙ୍କୁ ଯାଇ ଚିଠି ପ୍ରେରଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ଈଶ୍ୱରୀ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କ୍ଷୀରସିନ୍ଧୁ ପଟେଲ, ମହେନ୍ଦ୍ର ଦାସ, ବିଷ୍ଣୁକେଶନ ଜ୍ୟୋତିଷ, ପ୍ରିୟକୃଷ୍ଣ ପଟେଲ, ରବିଶନ ସେନାପତି, କୃଷ୍ଣଚନ୍ଦ୍ର ମହାନନ୍ଦ, ଭୋଜରାଜବିନାୟକ ସାହୁ, ଧନେଶ୍ୱର ଭାଟି, ଲୋକନାଥ ଟୋଲଟିଆ, ଉପେନ୍ଦ୍ର ବରର୍ଡ୍ଡି ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ମଶାରୀ ବଣ୍ଟନ



ନର୍ଲା (ଭାସ୍କର ନ୍ୟୁଜ୍ ) : ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ଯୁକ୍ତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମ୍ୟାଲେରିଆ ରୋଗର ନିରାକରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଡାକ୍ତରଖାନା ମୁଖ୍ୟ ଡ଼ାକ୍ତର ଅକ୍ଷୟ କୁମାର ଗୋଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ୍ ବିଡ଼ିଓ ବିପିନ୍ ବିହାରୀ ଦୀପ୍ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ତନୁଜା ହର୍ ପାଲ୍, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବର୍ଦ୍ଧନ ମାଝୀ, ପିଏଚଇଓ ବିମଲ୍ ଚନ୍ଦ୍ର ଦୀପ୍, ଦେବାଶିଷ ଭୋସ୍ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପାଖା ପାଖି ୮୦ ହଜାର୍ ମଶାରୀ ବଣ୍ଟନ କରିବାର ଲକ୍ଷ୍ୟ ଥିବାବେଳେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ୧୦ ଜଣ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏଏନଏମ, ଆଶା କର୍ମୀଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ସହଯୋଗରେ ଘର ଘର ଯାଇ ମଶାରୀ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ମଶାରୀ ବଣ୍ଟନ ସହିତ ତାର ଉଚିତ୍ ବ୍ୟବହାର କରିବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଥିଲେ। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ସୁଧୀର କୁମାର କମ୍ପା, ଡାକ୍ତରଖାନାର ପ୍ରତ୍ୟେକ କର୍ମଚାରୀ ଓ ଆଶାକର୍ମୀ ଚନ୍ଦ୍ରାବତି ଝାଙ୍କରଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା।

## ବହୁମୁଖି ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ଓଆରଭି ଆକ୍ଟ ଉଲଂଘନ ଅଭିଯୋଗ


ଧର୍ମଗଡ଼,(ଭାସ୍କର ନ୍ୟୁଜ୍ ) : ଜିଲ୍ଲାରେ ଜାଲ ସାର୍ଟିଫିକେଟ ଓ ଜାଲ ଜାତିଗତ ପ୍ରମାଣପତ୍ର ବଳରେ ଅନେକ ବ୍ୟକ୍ତି ସରକାରୀ ପଦ ପଦବୀରେ ନିଯୁକ୍ତି ପାଇଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ବିଶେଷତଃ ଶିକ୍ଷା ବିଭାଗରେ ଏଭଳି ଜାଲିଆତି ଅଭିଯୋଗ ଶୁଣିବାକୁ ମିଳୁଥିଲା। ଏବେ ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ଏଭଳି ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଓଡ଼ିଶା ରିଜର୍ଭେସନ ଆକ୍ଟ ବା ଓଡ଼ିଶା ସଂରକ୍ଷଣ ନିୟମର ଖୋଲାଖୋଲି ଉଲଂଘନ କରି ପ୍ରାୟ ୬୫ ଜଣ ? ଯୁବକଙ୍କୁ ସ୍ୱାସ୍ଥ୍ୟ ବିଭାଗ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଭାବେ ନିଯୁକ୍ତି ଦେଇଛି। ସରକାର ଯେତେବେଳେ ବି କୌଣସି ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରନ୍ତି ସେଥିରେ ନିୟମ ଅନୁଯାୟୀ ଅନୁସୂଚିତ ଜାତି ପାଇଁ ୧୬.୫୦ପ୍ରତିଶତ ଏବଂ ଅନୁସୂଚିତ ଜନଜାତି ପାଇଁ ୨୨.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥାନ୍ତି। ଏହା ସାମ୍ବିଧାନିକ ବିଧି ବ୍ୟବସ୍ଥା ଅଟେ। କଳାହାଣ୍ଡି ଜିଲ୍ଲାରେ କିନ୍ତୁ ଏହାର ଖୋଲାଖୋଲି ଉଲଂଘନ କରାଯାଇ ଗତ ୨୦୧୨ରେ ହୋଇଥିବା ନିଯୁକ୍ତିରେ ଏହାର ଉଲଂଘନ ହୋଇଛି। ସ୍ୱାସ୍ଥ୍ୟ କର୍ମୀଙ୍କ ପଦୋନ୍ନତି ତାଲିକା ବାହାରିବା ଏହା ଜଣାପଡ଼ିଛି। ୨୦୧୧ର ବିଜ୍ଞପ୍ତି ସଂଖ୍ୟା ୧୨୧୮ ତା ୩/୮/୨୦୧୧ ଆଧାରରେ ୨୦୧୨ରେ ୫୨ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ସେଇ ସମାନ ବିଜ୍ଞପ୍ତିରେ ୨୦୧୧ରେ ୧୦ଜଣଙ୍କୁ ନିଯୁକ୍ତି କରାଯାଇଛି। ଯେଉଁଥିରେ ଏସସି -୨,ଏସଟି -୨,ଏସଇବିସି-୪ ଏବଂ ଅଣସଂରକ୍ଷିତ ବର୍ଗର ୨ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଅଥଚ ୨୦୧୨ରେ ହୋଇଥିବା ନିଯୁକ୍ତିରେ ୫୨ଜଣଙ୍କ ମଧ୍ୟରୁ କେବଳ ୩ଜଣ ଅନୁସୁଚିତ ଜାତିର ହୋଇଥିବାବେଳେ ବାକି ୪୯ଟି ପଦବୀ ଏସଇବିସି ଓ ଅଣ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଦିଆଯାଇଛି। ସେଇ ସମାନ ବିଜ୍ଞପ୍ତିରେ ପୂର୍ବ ବର୍ଷ ଅର୍ଥାତ୍ ୨୦୧୧ ନିଯୁକ୍ତିରେ ଓଡ଼ିଶା ସଂରକ୍ଷଣ ନିୟମ ଲାଗୁ ହୋଇଥିବାବେଳେ ୨୦୧୨ ହୋଇଥିବା ନିଯୁକ୍ତିରେ ତାହା କିପରି ଲାଗୁ ହେଲା ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଚର୍ଚ୍ଚା ହେଉଛି ସେହି ବିଜ୍ଞପ୍ତିରେ ମାତ୍ର ୧୨ଗୋଟି ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା ଏବଂ ମାତ୍ର ୧୦ଜଣଙ୍କ ନିଯୁକ୍ତି ହେବା ସହ ଦୁଇଟି ପଦବୀ ଖାଲି ରହିଥିଲା । ତେବେ କିଏ ସେଇ କରିତକର୍ମା ଗୋଟିଏ ପଦୋନ୍ନତି କେବଳ ଅଣସଂରକ୍ଷିତ ବର୍ଗର ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଯିଏ ଦୁଇଟି ଶୂନ୍ୟ ପଦବୀ ପୂରଣ ବଦଳରେ ୫୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛି ? ପ୍ରଶ୍ନ ଉଠୁଛି ସେ ସମୟରେ ଅନୁସୁଚିତ ଜାତି/ଜନଜାତିର କେହି ଉପଯୁକ୍ତ ଶିକ୍ଷିତ ପ୍ରାର୍ଥୀ ନଥିଲେ କି ?ଖାଲି ପଦବୀ ପୂରଣ କରିବାକୁ ହେଲେ ନୂତନ ବିଜ୍ଞାପନର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ କିନ୍ତୁ ତା’ର ଖୋଲାଖୋଲି ଉଲଂଘନ ହୋଇଛି।

## ରାଶିଫଳ

**ଶୁକ୍ରବାର, ୨୫ ଏପ୍ରିଲ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ। ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବ ଚାକିରି କ୍ଷେତ୍ରରେ ପଡିବ। ପାରିବାରିକ ସୁଖ ଏବଂ ଶାନ୍ତି ରହିବ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ଟଙ୍କା ମିଳିବା ସହଜ ହେବ। ଆଘାତ ଏବଂ ରୋଗ ହେତୁ ବାଧା ହେବାର ସମ୍ଭାବନା ଅଛି।



**ମିଥୁନ:** ଯେ କୈଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଭାଗ୍ୟ ଆପଣଙ୍କ ସହିତ ରହିବ।



**କର୍କଟ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ। ଚିନ୍ତିତ ହେବେ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ। ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।




**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ। ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ। ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ।




**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଚିନ୍ତିତ ହେବେ।



**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯